ORISSA STATE ARCHIVES
Accn. No.
Date

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

[illegible] } ... ଖଣ୍ଡ ... ୧୯୦୧ ଖ୍ରୀଷ୍ଟାବ୍ଦ । ... ପୌଷ ... ସାଲ ଶନିବାର { ଅଗ୍ରିମ ... ପଶ୍ଚାଦେୟ ...

ORISSA ART WARES.



The automatic OTTORDAN with GOLABPAS and PANDAN combined is a patent. The plate is meant for pan the roses are receptacles of OTTER and the peacock throws out the rose water automatically when a button is pressed. The roses and the peacock have gold stars. The plate and the roses can be removed and the plate can be used for other purposes.

Price Rs. 40
Apply to Manager
Orissa Art Wares Mission Road Cuttack.

"ଓଡ଼ିଶା ଶିଳ୍ପାଗାର"

ଜଳଦ୍ୱାରା ଗୁଳିତ ରୂପାର ଖୋଦିତ ବହିରେ ପାନଦାନ, ଅତରଦାନ ଓ ଗୋଲାପପାଶ ଏହାଧାରରେ ରହିଅଛି, କୋଟିଏ ନୂତନ ସଉଦାଗରି ସକଳ ଗ୍ରାହ୍ୟ ପଦାର୍ଥ ଅଟେ । ଏହାର ଥାଳିଟି ପାନଦାନ, ଗୋଲାପ ଫୁଲମାନ, ଅତରର ଆଧାର ଓ ସର୍ବୋପରି ଗୋଟିଏ ସୁନ୍ଦର ମୟୂର ବହିଅଛି ଯେଉଁ ଚକ୍ଷୁ ଚଳେ ଏକ ସ୍ଥାନରେ ଲାଗିଥିବା ଯନ୍ତ୍ରଟି ଚିପିଲେ ମୟୂର ମୁଖରୁ ଗୋଲାପଜଳ ସ୍ୱତଃ ବୃଷ୍ଟିଏ, ମୟୂର ପୁଚ୍ଛରେ ଓ ଗୋଲାପ ଫୁଲ ପାଖୁଡ଼ାମାନଙ୍କରେ ସୁନାର ଚାରମାନ ଲଗା ହୋଇଅଛି । ଇଚ୍ଛାମତେ ଥାଳୀ ଓ ଅତରଦାନ ସବୁ ଅଲଗା କରିହେବ ଧାରେ ଏବଂ ଥାଳର ଅନ୍ୟ ବ୍ୟବହାର ହୋଇ ପାରେ ।

ମୂଲ୍ୟ ଟ ୪୦ ଙ୍କା

ଗ୍ରାହକମାନେ ଓଡ଼ିଶା ଶିଳ୍ପାଗାରର ମାନେଜର । ସା । ଟେଶନ ରୋଡ଼ କଟକଙ୍କ ନିକଟରେ ଚିଠି ଲେଖିଲେ ପାଇ ପାରିବେ ।

## ବିଜ୍ଞାପନ ।

### ନୂତନ ପଞ୍ଜିକା

ଶକାବ୍ଦ ୧୮୨୩ ସନ ୧୩୦୮ ଓ ୧୩୦୯ ଇଂରାଜୀ ସନ ୧୯୦୧ ଓ ୧୯୦୨ ପ୍ରତ୍ୟେକ କଟକ ପ୍ରିଣ୍ଟିଂ କମ୍ପାନୀଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
|---|---|
| ବହି | ଟ ୦। |
| ସିଟ | ଟ ୦।୬ |

ମୋଫସଲ ଲୋକଙ୍କ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

---

୧୯୦୦ ସାଲ ଓ ଊନବିଂଶ ଶତାବ୍ଦୀ ଗତ ସୋମବାର ବିଦାୟ ଗ୍ରହଣ କରିଗଲା । ଗତ ମଙ୍ଗଳବାର ଦିବସ ୧୯୦୧ ଓ ବିଂଶ ଶତାବ୍ଦୀ ଜଗତର ରଙ୍ଗଭୂମିରେ ପ୍ରବେଶ କଲା । ଦୟାମୟ ଜଗଦୀଶ୍ୱର ପରମେଶ୍ୱରଙ୍କ କୃପାରୁ ଉତ୍କଳଦୀପିକାର ବୟସ ୩୫ ବର୍ଷ ପୂର୍ଣ୍ଣ ହୋଇ ୩୬ ବର୍ଷ ଆରମ୍ଭ ହେଲା । ଯାହାଙ୍କ କୃପାରେ ଆମ୍ଭେମାନେ ଏହି ନବବର୍ଷରେ ଉପନୀତ ହେଲୁଁ, ତାହାଙ୍କୁ ବିଶେଷ ଧନ୍ୟବାଦ ପ୍ରଦାନ କରି ଆମ୍ଭେମାନେ ଆମ୍ଭମାନଙ୍କର ଗ୍ରାହକ ଅନୁଗ୍ରାହକ, ପାଠକ ଓ ବନ୍ଧୁମାନଙ୍କ ସାଦରେ ମଙ୍ଗଳବାଦ ପ୍ରଦାନ କରୁଅଛୁଁ

Digitized by srujanika@gmail.com

Split by PDF Splitter



ଏତେ ଦୀର୍ଘକାଳ ଅସ୍ମମାନଙ୍କର ଉତ୍କଳଦୀପିକା ଉତ୍କଳମାତାଙ୍କ ଚରଣସେବାରେ ନିଯୁକ୍ତ ଥାଇ ବିଶେଷ ଆଶାନୁରୂପ କାର୍ଯ୍ୟ କରି ନ ଥିଲେହେଁ, ଯେଉଁମାନଙ୍କର ସାହାଯ୍ୟ ଓ ସହାନୁଭୂତିରେ ଯଥାଶକ୍ତି ସେବା କରୁଅଛି ଓ ସେବା କରିବାକୁ ସକ୍ଷମ ଓ ଅଗ୍ରସର ହେଉଅଛି, ଆମ୍ଭେମାନେ ସେମାନଙ୍କଠାରେ ଆନ୍ତରିକ କୃତଜ୍ଞତା ପ୍ରକାଶ କରୁଅଛୁଁ ଓ ଆଶାକରୁଁ ଅସ୍ମମାନଙ୍କ ପ୍ରତି ସେମାନଙ୍କର ଦୃଢ଼ଭାବ ରହିଥିବ ।

---

ମାନ୍ଦ୍ରାଜର ନୂତନ ଗବର୍ଣ୍ଣର ଲର୍ଡ ଆମ୍ପ୍‌ହିଲ ସହଧର୍ମ୍ମିଣୀସହ ଗତ ବୃହସ୍ପତିବାର ଖାସ ରେଲ ଗାଡିରେ ମାନ୍ଦ୍ରଜଠାରେ ଉପସ୍ଥିତ ହେଲେ । ଅତ୍ୟନ୍ତ ସମାରୋହସହିତ ଅଭ୍ୟର୍ଥନା ପ୍ରଦତ୍ତ ହୋଇଥିଲା । ସାର୍ ଆର୍ଥର ହେଭଲକ୍ ନୂତନ-ଗବର୍ଣ୍ଣରଙ୍କୁ ଚାର୍ଜ ପ୍ରଦାନ କରି ସନ୍ଧ୍ୟାସମୟରୁ ବୋମ୍ବାଇ ଯାତ୍ରା କଲେ, ସେଠାରୁ ସେ ଇଉରୋପ ଯାତ୍ରା କରିବେ ।

---

ଗତମାସ ତା ୨୨ ରିଖରେ ଶେଷହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟବ୍ୟକ୍ତିଙ୍କ ସଂଖ୍ୟା ପୂର୍ବ ସପ୍ତାହରେ ୬୯୨୬ ଊଣା ହୋଇ ୬ ଲକ୍ଷ ୬୫ ହଜାରରେ ରହିଅଛି । ଏଥିମଧ୍ୟରୁ କେବଳ ବୋମ୍ବାଇ ପ୍ରଦେଶରେ ଏକଲକ୍ଷ ୮୭ ହଜାର ଓ ତଦନ୍ତର୍ଗତ ଦେଶୀୟ ରାଜ୍ୟରେ ୧୬ ହଜାର ୫ ଶତ । ମଧ୍ୟପ୍ରଦେଶର ସଂଖ୍ୟା ପୂର୍ବସପ୍ତାହରେ ୪୫୩୬ ଥିଲା ଏ ସପ୍ତାହରେ ୪୮୩୪ ହୋଇଅଛି ଅର୍ଥାତ୍ ୩୦୭ ବଢ଼ିଅଛି । ବୃଦ୍ଧି ଅତି ସାମାନ୍ୟ ସୁତରାଂ କୌଣସି କାରଣ ନିର୍ଦ୍ଦେଶ କରିବ ହୋଇ ନାହିଁ ।

---

ମାନନୀୟ କମିଶ୍ନର ଶ୍ରୀଯୁକ୍ତ ହାଉସ ଗତ ବୃହସ୍ପତିବାର ପ୍ରାତଃକାଳରେ କଲିକତା ନଗରରୁ ପ୍ରତ୍ୟାଗମନ କରି ଗତ କଲ୍ୟ ଗଡ଼ଜାତ ରାଜ୍ୟରେ ଗମନ କରିଅଛନ୍ତି । ଏ ଯାତ୍ରା ପ୍ରାୟ ଏକମାସରୁ ଊର୍ଦ୍ଧ୍ୱ ସ୍ଥାୟୀ ଓ ବହୁଦୂରବ୍ୟାପୀ ହେବ । ଶୁଣାଯାଉଅଛି ଅନୁଗୁଳ ବାଟେ କନ୍ଧମାଳ ଗମନ କରିବେ ସେଠା ମଧ୍ୟବର୍ତ୍ତୀ ସ୍ଥାନମାନ ପରିଦର୍ଶନ କରି ପ୍ରତ୍ୟାଗମନ ସମୟରେ ବୌଦ୍ଧ ଓ ଆଠମଲ୍ଲିକ ପରିଦର୍ଶନ କରି ଅନୁଗୁଳକୁ ପୁନରାଗମନ କରିବେ, ସେଠାରୁ ତାଳଚେର ଗମନ କରିବେ । ତାଳଚେର ରାଜ୍ୟ ପରିଦର୍ଶନ ସମାପ୍ତି ହେଲାରୁ କଟକାଭିମୁଖେ ପ୍ରତ୍ୟାଗମନ କରିବେ ।

---

ରାଜପୁତ ମହାସଭାର ୪ର୍ଥ ଅଧିବେଶନ ଗତ ଡିସେମ୍ବର ମାସ ତା ୨୬ ଓ ୨୭ ରିଖରେ ଆଗ୍ରାଠାରେ ହୋଇଥିଲା । ସଭାରେ ୧୫ ଗୋଟି ପ୍ରସ୍ତାବ ଧାର୍ଯ୍ୟ ହୋଇଥିଲା । ଭାରତର ଭିନ୍ନ ଅଂଶରୁ [illegible] ଜଣ ରାଜପୁତ ଭଦ୍ର ବ୍ୟକ୍ତିମାନେ ଏହି ପ୍ରସ୍ତାବମାନଙ୍କୁ ସ୍ୱ ସ୍ୱ ସ୍ଥାନରେ କାର୍ଯ୍ୟରେ ପରିଣତ କରିବାପାଇଁ ପ୍ରତିଜ୍ଞା କରିଅଛନ୍ତି । ରାଜପୁତମାନଙ୍କ ବର୍ତ୍ତମାନ ଅବସ୍ଥା ଉନ୍ନତ କରିବାନିମନ୍ତେ, ମହାସଭାର କାର୍ଯ୍ୟ ବିସ୍ତାର ନିମନ୍ତେ ସ୍ଥାନୀୟ ରାଜପୁତ ସଭା ହେବାର ସ୍ଥିର ହୋଇ ଅଛି । ବର୍ତ୍ତମାନ ଅନ୍ତତଃ ଭିନ୍ନ ଜାତିମାନେ ସ୍ୱ ସ୍ୱ ଜାତିର ଉନ୍ନତିର ଚେଷ୍ଟା କଲେ ଅବଶ୍ୟ ଭାରତର ଉନ୍ନତି ହେବ ସନ୍ଦେହ ନାହିଁ ।

---

ଭାରତର ବଳାଗ ବ୍ୟୟ ପ୍ରାୟ ଅଠରକୋଟୀ ଟଙ୍କା ଏବଂ କ୍ରମେ ବଢ଼ିବାରେ ଅଛି । ଏହି ବ୍ୟୟ ମଧ୍ୟରୁ ନ୍ୟାଯ୍ୟ ବିଚାର କଲେ ଅନେକ ଊଣା ହୋଇ ପାରେ ଏପରି ଆପତ୍ତି ହେବାରୁ ଭାରତରେ ଗୋଟିଏ କମିଶନ ବସି ଦୀର୍ଘକାଳ ଅନୁସନ୍ଧାନ କରି ଯାହା ରିପୋର୍ଟ କରିଅଛନ୍ତି ତାହା ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଅଛି । ଏଥିମଧ୍ୟରେ ବିଲାତରୁ ସମ୍ବାଦ ଆସିଅଛି ଯେ ଆସନ୍ତା ବର୍ଷଠାରୁ ଭାରତର ବଳାଗ ବ୍ୟୟ ମଧ୍ୟରୁ ବାର୍ଷିକ ପ୍ରାୟ ୩୪ ଲକ୍ଷ ଟଙ୍କା ଘଟି ଯିବ ବୋଲି ବିଲାତର ଭାରତ ସେକ୍ରେଟେରୀ ଘୋଷଣା କରିଅଛନ୍ତି । ଏହା ସମୁଦ୍ରକୁ ଶଙ୍ଖେ ପାଣି ହେଲେହେଁ ଗରିବ ଭାରତବର୍ଷବାସୀଙ୍କର ଉପକାର ଭିନ୍ନ ଅନ୍ୟ ନୁହେଁ ସୁତରାଂ ବଡ଼ ଆନନ୍ଦର ବିଷୟ ।

---

ଓକାଲତି ପରୀକ୍ଷା ଆଗାମୀ ଫେବୃୟାରୀ ମାସ ତା ୨୫, ୨୬ ଓ ୨୭ ରିଖରେ କଲିକତା ବିଶ୍ୱବିଦ୍ୟାଳୟର ସିନେଟ ଗୃହରେ ଓ ମୋକ୍ତାରୀ ପରୀକ୍ଷା ତା ୨୫ ଓ ୨୬ ରିଖରେ କଲିକତା, ଗୌହାଟି ଓ ପାଟନା ସ୍ଥାନମାନଙ୍କରେ ଗୃହୀତ ହେବ । ତା ୨୫ ରିଖ ଦିବସ ଓକାଲତି ପରୀକ୍ଷାର୍ଥୀଙ୍କ ମୌଖିକ ପରୀକ୍ଷା ଓ ଅନ୍ୟ ଦିବସ ଲିଖିତ ପରୀକ୍ଷା ଏବଂ ମୋକ୍ତାର ପରୀକ୍ଷାର୍ଥୀଙ୍କ ଲିଖିତ ପରୀକ୍ଷା ତା ୨୫ ରିଖ ଓ ମୌଖିକ ପରୀକ୍ଷା ତା ୨୬ ରିଖ ଦିବସ ଗୃହୀତ ହେବ । ପରୀକ୍ଷା ପ୍ରତିଦିବସ ପ୍ରାତଃ ଘ ୧୦ଂଟାଠାରୁ ଆରମ୍ଭ ହୋଇ ଅପରାହ୍ନ ଘ ୨ ଟା ସମୟରେ ଶେଷ ହେବ । ପରୀକ୍ଷାର୍ଥୀମାନଙ୍କୁ ରେଜିଷ୍ଟ୍ରାରଙ୍କ ନିକଟରୁ ପ୍ରାପ୍ତ ପତ୍ର ପରୀକ୍ଷା ସ୍ଥଳରେ ଦେଖାଇବାକୁ ହେବ ।

---

ବଙ୍ଗପ୍ରଦେଶର ଚଳିତ ଶାରଦ ଫସଲର ଶେଷ ଲିଖିତ ବଙ୍ଗୀୟ କୃଷିମନ୍ତବ୍ୟମାନ ବାହାରି ଅଛି । ଡାଇରେକ୍ଟର ସାହେବଙ୍କ ମନ୍ତବ୍ୟରେ ଏଥର କ ୧୪ ଜିଲ୍ଲାରେ ୩/ ରୁ ଷୋଳପଣ ପର୍ଯ୍ୟନ୍ତ, କ ୬୦ ଜିଲ୍ଲାରେ ୧ ଠାରୁ ୬/ ପର୍ଯ୍ୟନ୍ତ ଏବଂ କେବଳ ଦୁଇଜିଲ୍ଲା (୨୪ ପରଗନା ଓ ପାଟନା) ରେ ୧ ରୁ ଊଣା ଫସଲ ହୋଇଅଛି । ସାହେବ ମହୋଦୟଙ୍କ ମନ୍ତବ୍ୟରେ ସମସ୍ତ ପ୍ରଦେଶର ଉତ୍ପନ୍ନ ହାରାହାରି ଚୌଦପଣ ହେବ ଓଡ଼ିଶାମଧ୍ୟରେ କଟକ ଓ ବାଲେଶ୍ୱର ଜିଲ୍ଲାରେ ବାରପଣ ଏବଂ ପୁରୀ ଓ ଅନୁଗୁଳରେ ଚୌଦ ଓ ପନ୍ଦରପଣ ଫସଲ ଉତ୍ପନ୍ନ ହେବାର ଲିଖି ହୋଇଅଛି । ମାଘ ପୌଷମାସରେ ଜୁଟିଲର ହର ଓଡ଼ିଶାର ଦେଶି ଫସଲ ନଷ୍ଟ ହେବାର ଜଣା ଯାଉଅଛି ।

---

ଡେପୁଟି କଲେକ୍ଟର ଓ ମାଜିଷ୍ଟ୍ରେଟ ଓ ସବ୍‌ଡେପୁଟି କଲେକ୍ଟରମାନଙ୍କ ପ୍ରତିଯୋଗି ପରୀକ୍ଷା ଆଗାମୀ ଅପ୍ରେଲ ମାସରେ ହେବାର ବିଜ୍ଞାପନ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ତାହାର ପଶ୍ଚାତ୍ ପ୍ରକାଶ ହେବ । ଗୋ ୫ ଟି ଡେପୁଟି କଲେକ୍ଟର ଓ ଗୋ ୩ ଟି ସବ୍‌ଡେପୁଟି କଲେକ୍ଟର ନିଯୁକ୍ତ ହେବେ ପାରଦର୍ଶିତାନୁସାରେ ପ୍ରଥମ ତିନି ଜଣ ପରୀକ୍ଷା ନବୀଶ ଡେପୁଟି କଲେକ୍ଟର ନିଯୁକ୍ତ ହେବେ, ଯେଉଁମାନେ ପରୀକ୍ଷାରେ ଏକ ତୃତୀୟାଂଶ ନମ୍ବର ରଖିଥିବେ ସେମାନଙ୍କ ମଧ୍ୟରୁ ବାଛି ଦୁଇଜଣଙ୍କୁ ଡେପୁଟି କଲେକ୍ଟର ଓ ଜ ୩ ଜଣଙ୍କୁ ସବ୍‌ଡେପୁଟି କଲେକ୍ଟର କାର୍ଯ୍ୟ ନିମନ୍ତେ ଲେଫ୍ଟେଣ୍ଟ ବାହାଦୁର ମନୋନୀତ କରିବେ ।

---

ପୁରୀ ନଗରରେ ପ୍ରାୟ ଏକବର୍ଷ ହେଲା " ବ୍ରାହ୍ମଣସମିତି " ନାମ୍ନୀ ଗୋଟିଏ ସଭା ସ୍ଥାପିତ ହୋଇଅଛି, ଏହାର ଉଦ୍ଦେଶ୍ୟ ଯେ "ଗରିବ ବ୍ରାହ୍ମଣ ସନ୍ତାନମାନଙ୍କ, ସକଳପ୍ରକାର ଶିକ୍ଷାଦାନରେ ସାହାଯ୍ୟ କରିବା" । ସେଥିପାଇଁ କିଛି ଅର୍ଥ ସଂଗ୍ରହ କରାଯାଉଅଛି ଏବଂ ସଂଗୃହୀତ ଅର୍ଥ ମଧ୍ୟ ସେଭିଂସବ୍ୟାଙ୍କରେ ଗଚ୍ଛିତ ଅଛି । ଶୁଣୁଅଛୁଁ ଯେ ଉତ୍କଳ ସନ୍ତାନମାନଙ୍କ ମଧ୍ୟରେ ବଙ୍ଗଳା

Digitized by srujanika@gmail.com

Split by PDF Splitter



ଓ ନାଗେରୀ ଅକ୍ଷର ଉତ୍ତମରୂପେ ଲେଖିବାର ଏବଂ ପଢ଼ିବାର ଅଭାବ ଦେଖି ଏହାର ସଭ୍ୟମଣ୍ଡଳ ପ୍ରଥମ କାର୍ଯ୍ୟସ୍ୱରୂପ ଗତ ଅଧିବେଶନରେ ସ୍ଥିର କରିଅଛନ୍ତି ଯେ ପୁରୀରେ ଯେ କୌଣସି ଉତ୍କଳସନ୍ତାନ ( ଛାତ୍ର ) ଉକ୍ତ ଦୁଇଭାଷାରେ ଲେଖିବା ଏବଂ ପଢ଼ିବାରେ ବିଶେଷ ପାରଦର୍ଶିତା ଦେଖାଇ ପାରିବ ତେବେ ସେମାନଙ୍କର ପାରଦର୍ଶିତାନୁସାରେ ପ୍ରଥମ ଦୁଇଜଣଙ୍କୁ ଟ ୩୧ ଙ୍କା ଲେଖାଏଁ ଦୁଇଗୋଟି ପୁରସ୍କାର ଦିଆଯିବ । ଏହି ପରୀକ୍ଷା ସନ ୧୯୦୧ ସାଲ ଫେବୃୟାରୀ ତା ୯ ରଖରେ ପୁରୀ ସଂସ୍କୃତ ସ୍କୁଲରେ ଗୃହୀତ ହେବ । ବୋଧ କରୁଁ ଏହାଦ୍ୱାରା ଉତ୍କଳୀୟ ବ୍ରାହ୍ମଣ, କରଣ, କ୍ଷତ୍ରୀୟମାନଙ୍କର ମନ ଆକୃଷ୍ଟ ହୋଇ ଯତ୍ନଶୀଳ ହେବ ।

---

ବଙ୍ଗପ୍ରଦେଶର ଜିଲ୍ଲା ବୋର୍ଡମାନଙ୍କର ଗତ ମାର୍ଚ୍ଚମାସରେ ଶେଷହେବା ବର୍ଷର ବାର୍ଷିକ ବିବରଣ ବାହାରିଅଛି । ଓଡ଼ିଶା ବିଭାଗ ସମ୍ବନ୍ଧରେ ଉକ୍ତ ବିଭାଗର କମିଶନର ଶ୍ରୀଯୁକ୍ତ ହାଉସ ସାହେବ ନିମ୍ନଲିଖିତ ମନ୍ତବ୍ୟ ପ୍ରକାଶ କରିଅଛନ୍ତି । ଯଥା ୫—

"ଏ ବିଭାଗର ଜିଲ୍ଲା ବୋର୍ଡମାନେ ସନ୍ତୋଷଜନକରୂପେ ଏବଂ କର୍ତ୍ତ୍ୱରେ କାର୍ଯ୍ୟ କରିବାର ଜଣାଯାଏ । ବାଲେଶ୍ୱର ଜିଲ୍ଲା ବୋର୍ଡର ଚେଅରମାନ ଲେଖିଅଛନ୍ତି କି ଲୋକାଲ ବା ଗ୍ରାମ୍ୟ କମିଟିମାନ କୌଣସି କାର୍ଯ୍ୟର ନୁହନ୍ତି ଏବଂ ସେସବୁ ଉଠିଯିବାର ଭଲ । ଏ ମତସମ୍ବନ୍ଧରେ ଅମ୍ଭେ ଐକ୍ୟ ଅଛୁଁ ଏବଂ ଅମ୍ଭେ ଲୋକାଲ ବୋର୍ଡ ସମ୍ବନ୍ଧରେ ମଧ୍ୟ ସେହି କଥା କହିପାରୁଁ ।"

ଅଦ୍ୟାନ୍ୟବିଭାଗୀୟ କମିଶନରମାନେ ଜିଲ୍ଲା ବୋର୍ଡର କାର୍ଯ୍ୟ ସାଧାରଣତଃ ଉତ୍ତମରୂପେ ସମ୍ପାଦ ହେବାର କହି କେହି୨ ଲୋକାଲ ବୋର୍ଡ ଓ ଗ୍ରାମ୍ୟସମିତି ବିରୁଦ୍ଧରେ ମତ ଦେଇଅଛନ୍ତି ।

ମାନ୍ୟବର ବଙ୍ଗେଶ୍ୱରଙ୍କର ମନ୍ତବ୍ୟ ଏହି କି ବିଭାଗୀୟ କମିଶନରମାନେ ଏକମତରେ ଜିଲ୍ଲା ବୋର୍ଡ ସମୂହର କାର୍ଯ୍ୟ ସନ୍ତୋଷଜନକରୂପେ ସମ୍ପନ୍ନ ହେବାର ପ୍ରକାଶ କରିବାରେ ସେ ଆନନ୍ଦିତ ହୋଇଅଛନ୍ତି । ଜିଲ୍ଲା ବୋର୍ଡମାନଙ୍କର ଉନ୍ନତିର ବାଧା ଦୁଇଟି କାରଣରୁ ଘଟିବାର ସେ କେତେକବର୍ଷହେଲା ଦେଖି ଆସୁଅଛନ୍ତି । ଗୋଟିଏ ଏହି ଯେ ଜିଲ୍ଲା ବୋର୍ଡ଼ଙ୍କରେ ନାନାପ୍ରକାର କାର୍ଯ୍ୟ ଏବଂ ସେ ସବୁ କ୍ରମାଗତ ବିସ୍ତାର ହେଉଅଛି ଅଥଚ ଆୟ ସୀମାବଦ୍ଧ ଏବଂ ବର୍ଦ୍ଧନଶୀଳ ନୁହେ । ଦ୍ୱିତୀୟଟି ଏହି କି ସଡ଼କ ପୁଲ, ପକ୍କା କୋଠିଇତ୍ୟାଦି କାର୍ଯ୍ୟ ଉପରେ ଉପଯୁକ୍ତରୂପେ କର୍ତ୍ତୃତ୍ୱ କରିବାର ଯୋଗ୍ୟବ୍ୟକ୍ତି ଜିଲ୍ଲା ବୋର୍ଡର ସଭ୍ୟମାନଙ୍କ ମଧ୍ୟରେ ପ୍ରାୟ ନାହାନ୍ତି ଏବଂ ଶୀଘ୍ର ମିଳିବାର ଆଶା କରାଯାଇ ନ ପାରେ । ଯାହାହେଉ ଗବର୍ଣ୍ଣମେଣ୍ଟ ଆଶା କରନ୍ତି କି ସେହି ଦୁଇକାରଣ ବା ଦୋଷ ଗବର୍ଣ୍ଣମେଣ୍ଟ ଶୀଘ୍ର ବ୍ୟବସ୍ଥା କରିବେ ଏବଂ ତଦ୍ୱାରା ସେହି ଦୋଷସବୁର ସଂସ୍କାର ହେବ । ଜିଲ୍ଲା ବୋର୍ଡମାନଙ୍କୁ ଗୋଟିଏ ନୂତନ ଓ ବର୍ଦ୍ଧନଶୀଳ ଆୟର ହାତ ଦେଖାଇ ଦିଆଯିବ ଯେ ତଦ୍ୱାରା ପ୍ରଥମ କାରଣଟି ଦୂରୀଭୂତ ହେବ ଏବଂ ପୂର୍ତ୍ତକାର୍ଯ୍ୟର କର୍ତ୍ତୃତ୍ୱ କରିବା କାରଣ ସୁଦକ୍ଷ ବ୍ୟକ୍ତିଙ୍କର ସାହାଯ୍ୟ ଦିଆଯିବ ଯେ ତଦ୍ୱାରା ଶେଷଲିଖିତ ତ୍ରୁଟିଟି ଅଦୃଶ୍ୟ ହେବ । ନୂତନ ବ୍ୟବସ୍ଥାର ମର୍ମ ଜାଣିବାକୁ ସମସ୍ତେ ବ୍ୟସ୍ତ ହେବେ ସନ୍ଦେହ ନାହିଁ । ଭରସାକରୁଁ ଗବର୍ଣ୍ଣମେଣ୍ଟ କୌଣସି ନୂତନ ଟିକସର କଳ୍ପନା କରୁନାହାନ୍ତି । ଯେ ସମସ୍ତ ଟିକସ ବର୍ତ୍ତମାନ ଗ୍ରହଣ କରୁଅଛନ୍ତି ତହିଁମଧ୍ୟରୁ ଆଉ ଗୋଟିଏ ଜିଲ୍ଲା ବୋର୍ଡଙ୍କୁ ପ୍ରଦାନ କରିବେ ଏବଂ ତହିଁରେ କାହାରି ଆପତ୍ତି ହେବ ନାହିଁ ।

---

ସାଧାରଣ ହିତକାର୍ଯ୍ୟରେ ଦାନ ।

ବଙ୍ଗପ୍ରଦେଶର ନାନା ଲୋକ ଆପଣା୨ ବ୍ୟୟ ଓ ତତ୍ତ୍ୱାବଧାନରେ ସାଧାରଣ ହିତାର୍ଥେ ସନ ୧୮୯୯ ସାଲରେ ସାଧାରଣ ଉପକାରାର୍ଥେ ଯେ ସମସ୍ତ ହିତକାର୍ଯ୍ୟ କରିଅଛନ୍ତି ତହିଁର ତାଲିକା ପ୍ରକାଶିତ ହୋଇଅଛି । ତହିଁ ମଧ୍ୟରୁ ଓଡ଼ିଶା ବିଭାଗର ବିବରଣ ନିମ୍ନେ ପ୍ରକାଶିତ ହେଲା ଯଥା;

କଟକ ଜିଲ୍ଲା ।

ଜଳବ୍ୟବସ୍ଥା

| | |
|---|---|
| କନିକାର ରାଜା ଗଡ଼ାଠାରୁ ରେଲ ଷ୍ଟେସନକୁ | ଟ ୨୨୫୭ |
| " ଅଷ୍ଟୀଙ୍ଗଠାରୁ କରଡ଼ା ଗଡ଼କୁ | ଟ ୯୧୧ |
| " ରାଜନଗରଠାରୁ ସମୁଦ୍ରକୂଳକୁ | ଟ ୨୦୪୧ |
| " ସନପଦ୍ରା ଗ୍ରାମରେ | ଟ ୫୨୪ |
| ଯାନ୍ନା ବାବୁ ଜଗବନ୍ଧୁର ଯୋବରାଠାରେ | |
| ଯାତ୍ରୀମାନଙ୍କ ନିମିତ୍ତ ଗୋଟିଏ ପକ୍କା ଧର୍ମଶାଳା | ଟ ୧୦୦୦ |
| ଯେଉଁ୨ କାର୍ଯ୍ୟର ଖର୍ଚ୍ଚ ଟ ୫୦୦ ଙ୍କାରୁ ନ୍ୟୂନ | ଟ ୭୨୫୮ |
| ମୋଟ | ଟ ୧୦୪୯୧ |

ବାଲେଶ୍ୱର ଜିଲ୍ଲା ।

| | |
|---|---|
| କନକଚନ୍ଦ୍ର ପ୍ରସାଦ ଦାସ ଘୋଷେ ପୁଲିସଥାନା | |
| ଅନ୍ତର୍ଗତ ଗଡ଼କେନ୍ଦା ମଙ୍ଗଳପୁରଠାରେ ପୁଷ୍କରିଣୀ | ଟ ୨୦୦ |
| ବୃନ୍ଦାବନ ଘୋଷେ ପୁଲିସଥାନା ଅନ୍ତର୍ଗତ | |
| ଜଣ୍ଟାଠାରେ ପୁଷ୍କରିଣୀ | ଟ ୨୦୦ |
| ମୂକନ ଚରଣ ଦାନ୍ଦରେ ସୋରେ ପୁଲିସଥାନା | |
| ଅନ୍ତର୍ଗତ ଅନ୍ତରଠରେ ପୁଷ୍କରିଣୀ | ଟ ୨୦୦ |
| ନନ୍ଦେଇ ମହାନ୍ତି ଭଦ୍ରକ ପୁଲିସଥାନା | |
| ଅନ୍ତର୍ଗତ ବଣ୍ଟିପୁର ଓ ଗଣେଶ୍ୱରପୁରଠାରେ ଏକନ | ଟ ୨୦୦ |
| କନକା ରାଜା ପଳାଶପୁରଠାରେ ଏକନ | ଟ ୫୦ |
| ଯେଉଁ୨ କାର୍ଯ୍ୟର ଖରଚ ଟ ୫୦୦ ଙ୍କାରୁ ନ୍ୟୂନ | ଟ ୭୫୫୦ |
| ମୋଟ | ଟ ୧୫୫୦ |

ପୁରୀ ଜିଲ୍ଲା ।

| | |
|---|---|
| ଫକୀର ପଧାନ ସଦର ପୁଲିସଥାନା ଅନ୍ତର୍ଗତ | |
| ଅଲଣ୍ଡାଠାରେ ପୁଷ୍କରିଣୀ | ଟ ୫୦୦ |
| ଯେଉଁ୨ କାର୍ଯ୍ୟର ଖର୍ଚ୍ଚ ଟ ୫୦୦ ଙ୍କାରୁ ନ୍ୟୂନ | ଟ ୧୫୭୧ |
| ମୋଟ | ଟ ୨୦୭୧ |

ଏଥି ପୂର୍ବ ବର୍ଷ କଟକ ପୁରୀ ଓ ବାଲେଶ୍ୱର ଜିଲ୍ଲାର ହିତକର କାର୍ଯ୍ୟର ମୋଟ ବ୍ୟୟ ଯଥାକ୍ରମେ ଟ ୧୦୭୫୦ ଙ୍କା, ଟ ୧୮୫୭୫ ଙ୍କା ଏବଂ ଟ ୩୧୨୪ ଙ୍କା ଥିଲା । ଅତଏବ ଦେଖାଯାଏ ଯେ ଗତବର୍ଷଠାରୁ ଏ ବର୍ଷ ସମସ୍ତ ଜିଲ୍ଲାରେ ସାଧାରଣ ଦାନ ଊଣା ପଡ଼ିଅଛି ଏବଂ କଟକ ଜିଲ୍ଲାର ଦାନ ଗତ ବର୍ଷ ପରି କେବଳ କନିକା ମାହାଲର ଜନହିତକର କାର୍ଯ୍ୟ ହେତୁ ଅଧିକ ଦିଶୁଅଛି ।

---

ଯୁଦ୍ଧ ସମ୍ବାଦ ।

ବୁଅର ଯୁଦ୍ଧର ଅବସାନ ନାହିଁ । ଦୈନିକ ସମ୍ବାଦ ଭିନ୍ନ୨ ପ୍ରକାରର ଆସୁଅଛି । ବୁଅରମାନେ କେପକଲନୀଠାରେ ତୋପ ପ୍ରଭୃତି ଭୂମିରେ ପୋତି ରଖିଥିଲେ ବର୍ତ୍ତମାନ୍ କେପକଲନୀରେ ଉପସ୍ଥିତ ହୋଇ ଯୁଦ୍ଧ ସାମଗ୍ରୀମାନ ହସ୍ତଗତ କରି ଯୁଦ୍ଧାନଳ ପ୍ରଜ୍ୱଳିତ କରୁଅଛନ୍ତି । ବ୍ରିଟିସ ସୈନ୍ୟ ମଧ୍ୟ ସେମାନଙ୍କ ଗତି ଦମନ କରିବାରେ ଯଥୋଚିତ ଚେଷ୍ଟାରେ ଅଛନ୍ତି ଓ ସ୍ଥାନେ୨ ସେମାନଙ୍କ ଗତିରୋଧ ହୋଇଅଛି । ବୁଅର ସେନାପତି ଡିବେଟଙ୍କ ପଶ୍ଚାଦଗମନରେ ବ୍ରିଟିସ ସୈନ୍ୟ ପଶ୍ଚାତ୍‌ପଦ ହେଉ ନାହାନ୍ତି ମାତ୍ର ତାହାଙ୍କୁ ଧରିବାର କୌଣସି କୌଶଳ କରୁ ନାହିଁ ତଥାପି ଚେଷ୍ଟାର ବିରାମ ନାହିଁ ଓ ଏକାଧିକ୍ରମେ ଚେଷ୍ଟା, ଯେ ଫଳଦାୟକ ହେବ, ଏଥିରେ ସନ୍ଦେହ ନାହିଁ । ବୁଅରମାନେ ବେଶୀ ମାତିଉଠିବାରୁ ଆମେରିକାଠାରୁ ଦକ୍ଷିଣଆଫ୍ରିକା ନିମନ୍ତେ ୫୦,୦୦୦ ଅଶ୍ୱ କ୍ରୟ ହେଉଅଛି ଓ ମଧ୍ୟ ସୈନ୍ୟ ପ୍ରେରିତ ହେବାର ଆୟୋଜନ ଲାଗିଅଛି । ବୁଅର ସେନାପତି ଡିବେଟ ଦକ୍ଷିଣ ଦିଗକୁ ଗତି କରୁଥିଲେ କିନ୍ତୁ ବ୍ରିଟିସ ସେନାପତି ନକ୍ସ ଓ ନୟସ ଗତିରୋଧ କରିଅଛନ୍ତି । କେପକଲନୀର ସ୍ଥାନେ୨ ଯୁଦ୍ଧ

Digitized by srujanika@gmail.com

ଲାଗିଅଛି । ମଡ଼ର ଫଣ୍ଟେନଠାରେ ୫୦୦ ବୁଅର ୨୪ ଜଣ ବ୍ରିଟିସ ସୈନ୍ୟଙ୍କୁ ଆକ୍ରମଣ କରିଥିଲେ । ଅତି ଅଳ୍ପ ସୈନ୍ୟ ମଧ୍ୟ ସାହସ ପୂର୍ବକ ଅନେକକ୍ଷଣ ବାଧା ଦେଇଥିଲେ, ପରିଶେଷରେ ବ୍ରିଟିସଙ୍କ ସାହାଯ୍ୟ ସୈନ୍ୟ ଉପସ୍ଥିତ ହେବାରୁ ବୁଅରମାନେ ରଣଭଙ୍ଗ ଦେଲେ । ହେଲ୍‌ବେଟ୍‌ଠାରେ ଏକ ଯୁଦ୍ଧ ଲାଗିଥିଲା ସେଥିରେ ବ୍ରିଟିସ ସୈନ୍ୟ ୫୦ ହତ ଓ ଆହତ ଓ ୨୦୦ ବନ୍ଦୀ ହୋଇଥିଲେ, ବୁଅରମାନେ ହେଲବେଟ୍‌କୁ ହସ୍ତଗତ କରିଅଛନ୍ତି ।

ଲର୍ଡ କିଚନାର ଆଉ ସ୍ଥିର ହୋଇ ନ ପାରି ସ୍ୱୟଂ ରଣଭୂମିରେ ଉପସ୍ଥିତ । ବୁଅରମାନେ ଯେଉଁ ସ୍ଥାନ ସମୂହରେ ଲୁକ୍କାୟିତ ଭାବରେ ଥିଲେ ଲର୍ଡ କିଚନରଙ୍କ ଗତି ସେହି ଦିଗକୁ ହେଉଅଛି, ସେନାପତି ଫ୍ରେଞ୍ଚ ବୁଅରଙ୍କର ଏକ ପ୍ରଧାନ ସ୍ଥାନ ଅଧିକାର କରିଅଛନ୍ତି । ବୁଅରମାନେ ଭେରେଣିଙ୍ଗବର୍ଗକୁ ଖାଦ୍ୟସମ୍ଭାର ପଠାଇବାର ଚେଷ୍ଟା କରୁଥିଲେ । ଫ୍ରେଞ୍ଚ ଏହି ସ୍ଥାନକୁ ହସ୍ତଗତ କରିଅଛନ୍ତି । କମ୍ବର୍ଲିଠାରେ ଦୁର୍ଭିକ୍ଷ ଉପସ୍ଥିତ ହୋଇଅଛି । ସେନାପତି ନକ୍ସ ଡିବେଟ୍‌ଙ୍କ ପଛ ଘାଟି ନାହାନ୍ତି, ତାଙ୍କର ପାଞ୍ଚଗୋଟି ଯୁଦ୍ଧସାମଗ୍ରୀର ଗାଡି ଓ ୬ ସହସ୍ର ଗୋଳା ହସ୍ତଗତ କରିଅଛନ୍ତି ।

— ※ —

## ଜାତୀୟ ମହାସମିତି ।

ମହାସମିତି ନିମନ୍ତେ ନିର୍ମିତ ଲାହୋରର ନୂତନ ଅଟ୍ଟାଳିକାରେ ଜାତୀୟ ମହାସମିତିର ବୈଠକ ଗତ ତା ୨୭ ଈଖ ବୃହସ୍ପତିବାର ଅପରାହ୍ଣରେ ଆରମ୍ଭ ହୋଇଥିଲା । ଅଭ୍ୟର୍ଥନା କମିଟିର ସ୍ଥାନୀୟ ଚେୟାରମାନ ମହାସମିତିର ପ୍ରତିନିଧିମାନଙ୍କୁ ଯଥାବିଧି ସମ୍ମାନପୂର୍ବକ ଅଭ୍ୟର୍ଥନା କରି ଆହ୍ୱାନ କଲେ । ସେ କହିଲେ ଯେ ମହାସମିତି ମଣ୍ଡଳ ନିମନ୍ତେ ଉପଯୋଗୀ ଜମି ଖଣ୍ଡେ ପ୍ରାପ୍ତ ହେବାରେ ଯେଉଁ କଷ୍ଟ ତାହା କାହାରିକୁ ଅବିଦିତ ନାହିଁ । ଅଭ୍ୟର୍ଥନାସମିତି ଉକ୍ତ କଷ୍ଟ ଚିରକାଳ ନିମନ୍ତେ ଦୂରୀକରଣାର୍ଥେ ଏକଖଣ୍ଡ ଜମି କ୍ରୟ କରି ବହୁ କଷ୍ଟସ୍ୱୀକାରପୂର୍ବକ ଓ ବହୁ ବ୍ୟୟରେ ଭବିଷ୍ୟତ ମହାସମିତି ନିମନ୍ତେ ଏହି ଅଟ୍ଟାଳିକା ନିର୍ମାଣ କରିଅଛନ୍ତି । ଏହା ମହାସମିତି ଇତିହାସରେ ଏକ ନୂତନ ପର୍ବ । କେବଳ ସରକାରୀ କର୍ମଚାରୀଙ୍କ ଛଡ଼ା ଆଉ ସମସ୍ତ ଶ୍ରେଣୀର ଲୋକ ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ ଯଥାସାଧ୍ୟ ଆର୍ଥିକ ସାହାଯ୍ୟ ପ୍ରଦାନ କରିଅଛନ୍ତି ସୁତରାଂ ଏହା ସାଧାରଣଙ୍କର ଅଟ୍ଟାଳିକା ବୋଲି କହିବାକୁ ହେବ । ଆଉ ଏକ କଥା; ଏ ପର୍ଯ୍ୟନ୍ତ ମୁସଲମାନ ସମ୍ପ୍ରଦାୟ ମହାସମିତି ବିରୋଧୀ ଥିଲେ କିନ୍ତୁ ସେ ତାଙ୍କର ସରକାରୀ ସମ୍ପାଦକ ମିଃ ଏ, ନନ୍ଦଙ୍କଠାରୁ ଅବଗତ ହୋଇ ଅଛନ୍ତି ଯେ ମୁସଲମାନମାନେ ବିଶେଷତଃ ଉତ୍ତରପଶ୍ଚିମ ପ୍ରଦେଶ ଓ ଅଯୋଧ୍ୟାସ୍ଥ ମୁସଲମାନ ମହାସମିତିର କାର୍ଯ୍ୟରେ ଏଣିକି ଯୋଗ ଦେବା ଉଚିତ ଜ୍ଞାନ କରିଅଛନ୍ତି । ମିଃ ନନ୍ଦ ଭାରତର ଉତ୍ତରାଂଶମାନରେ ଭ୍ରମଣ କରିଥିଲେ ଓ ସର୍ବତ୍ରରେ ମୁସଲମାନମାନଙ୍କଠାରୁ ସହାନୁଭୂତି ପ୍ରାପ୍ତ ହୋଇଥିଲେ । କାର୍ଯ୍ୟ ସମ୍ବନ୍ଧରେ କହିଥିଲେ ଭିନ୍ନ ୨ ସବ୍‌କମିଟିଦ୍ୱାରା ବିଷୟମାନ ବିଚାର ହୋଇ ମହାସମିତିଙ୍କ ଶେଷ ବିଚାର ନିମନ୍ତେ ଉପସ୍ଥିତ କରାଗଲେ ଉତ୍ତମ ହେବ । ଏହିପରି ଭାବରେ ଅଭ୍ୟର୍ଥନା କମିଟିର ସଭାପତି ମହାସମିତିର ଉଦ୍‌ବୋଧନର ପ୍ରାରମ୍ଭ କାର୍ଯ୍ୟ ଶେଷ କଲେ । ତଦନନ୍ତର ମାନ୍ୟବର ବାବୁ ସୁରେନ୍ଦ୍ରନାଥ ବାନର୍ଜ୍ୟାଙ୍କ ପ୍ରସ୍ତାବମତେ ବୋମ୍ବାଇର ଓକିଲ ମାନ୍ୟବର ମିଃ ଚନ୍ଦାବରଙ୍କର ମହାସମିତିର ପ୍ରେସିଡେଣ୍ଟ ପଦରେ ବରିତ ହେଲେ । ମିଃ ଚନ୍ଦାବରଙ୍କର ମହାସମିତିର ଉଦ୍‌ବୋଧନ ବକ୍ତୃତା ପ୍ରଦାନ ନିମନ୍ତେ ଦଣ୍ଡାୟମାନ ହୁଅନ୍ତେ କରତଳଧ୍ୱନିଦ୍ୱାରା ସଭାମଣ୍ଡପ କମ୍ପିତ ହୋଇଥିଲା । ସମସ୍ତ ପ୍ରତିନିଧି ଓ ଦର୍ଶକବୃନ୍ଦ ନିସ୍ତବ୍ଧ ଭାବରେ ବକ୍ତୃତା ପ୍ରତି କର୍ଣ୍ଣ ଡେରିଥିଲେ ।

ବକ୍ତୃତାର ସାର ବିଷୟ ଭାରତର ଦରିଦ୍ରତା ବୃଦ୍ଧି ଓ ପୁନଃ ୨ ଦୁର୍ଭିକ୍ଷ । ବଡଲାଟ ଲର୍ଡ କର୍ଜନଙ୍କ ମତରେ ବର୍ତ୍ତମାନ ଦୁର୍ଭିକ୍ଷ ପୂର୍ବ ଦୁର୍ଭିକ୍ଷମାନଙ୍କ ଅପେକ୍ଷା ଭୀଷଣତର ଅଟେ; କପାଁ ତ ଏପରି ଦୁର୍ଭିକ୍ଷ ପୂର୍ବରେ କେବେ ଘଟି ନ ଥିଲା । ସୁତରାଂ ଦୁର୍ଭିକ୍ଷର ଉତ୍ପନ୍ନ କାରଣ ଓ ନିବାରଣର ଉପାୟ ନାନା ଲୋକ ମତରେ ନାନା ପ୍ରକାର ଥିବାରୁ ଓ ଭାରତ ପ୍ରତିନିଧି ଏତଦ୍ ସମ୍ବନ୍ଧରେ ବିଚାର କରୁଥିବାରୁ ସେ ପରିଶେଷରେ କହିଲେ ଯେ ବର୍ତ୍ତମାନ ସମୟରେ ମହାସମିତିଙ୍କର କର୍ତ୍ତବ୍ୟ କାର୍ଯ୍ୟ ହେଉଅଛି ଯେ ଏହି ଜଟିଳ ଓ ସାଧାରଣ ହିତକର ଓ ବିଶେଷ ଅବଶ୍ୟକୀୟ ବିଷୟର ମିମାଂସା ପ୍ରତି ଗବର୍ଣ୍ଣମେଣ୍ଟଙ୍କୁ ଯଥାସାଧ୍ୟ ସାହାଯ୍ୟ ପ୍ରଦାନ କରନ୍ତୁ ।

ବକ୍ତୃତା ଶେଷ ହେଲାଉତ୍ତାରେ ସଭା ଭଙ୍ଗ ହେଲା । ତଦୁତ୍ତାରେ ତା ୨୮, ୨୯ ଓ ୩୧ ଖରେ ମହାସମିତିର ଅଧିବେଶନ ହୋଇଥିଲା ଉକ୍ତ ଅଧିବେଶନର କାର୍ଯ୍ୟାବଳି ବାରାନ୍ତରେ ପ୍ରକାଶିତ ହେବ । ତା ୩୦ ଈଖ ରବିବାର ଥିବାରୁ ଖ୍ରୀଷ୍ଟିୟାନ ପ୍ରତିନିଧିମାନଙ୍କ ଆପତ୍ତି ଅନୁସାରେ ଉକ୍ତ ଦିବସ ସଭାର କାର୍ଯ୍ୟ ସ୍ଥଗିତ ରହି ପରଦିବସରେ ହୋଇଥିଲା ।

———

## ଊନବିଂଶ ଶତାବ୍ଦି ।

ଖ୍ରୀଷ୍ଟୀୟ ବର୍ଷ ଗଣନାରେ ଉଚିତ ଘୂର୍ଣ୍ଣୀୟମାନ ପୃଥିବୀ ଅଦ୍ଭୁତ ଏକଶତ ବର୍ଷ ଅର୍ଥାତ୍ ଊନବିଂଶ ଶତାବ୍ଦି ଅତିକ୍ରମ କରି ଗତ ମଙ୍ଗଳବାରଠାରୁ ବିଂଶ ଶତାବ୍ଦିରେ ପଦାର୍ପଣ କଲା । ଏହି ଏକଶତ ବର୍ଷ ମଧ୍ୟରେ ପୃଥିବୀ କ୍ଷେତ୍ରରେ କେତେ ମନୁଷ୍ୟର ଭାଗ୍ୟରେ କେତେ ଦଶା ପତିତ ହୋଇଅଛି ତାହାର ସୀମା କେହି ନିରୂପଣ କରି ପାରିବ ନାହିଁ । ଏକ ୨ ବର୍ଷରେ ଯେତେ ଘୋରାଘୋର ହୁଏ ତାହା ଲିପିବଦ୍ଧ କରିବା ଆମ୍ଭମାନଙ୍କ ପକ୍ଷେ ଦୁଃସାଧ୍ୟ ଥିବା ସ୍ଥଳେ ଏକ ଶତ ବର୍ଷରେ ଯାହା ଘଟିଅଛି ତାହା ଲିପିବଦ୍ଧ କରିବାକୁ ଚେଷ୍ଟା କରିବା ମଧ୍ୟ ଉପହାସ୍ୟାସ୍ପଦ ଅଟେ । ସମୁଦାୟ ଜଗତର ଭାରତ କ୍ଷୁଦ୍ର ଅଂଶ ମାତ୍ର; ଭାରତ ମଧ୍ୟରେ ଓଡ଼ିଶା ପୁଣି ଅତ୍ୟନ୍ତ କ୍ଷୁଦ୍ରତର ଅଂଶ ଅଟେ । ସମୁଦାୟ ଜଗତର ଉନ୍ନତ ଜାତି ମଧ୍ୟରେ ଅଥବା ଭାରତର କ୍ଷମତାଶାଳୀ ରାଜ୍ୟ ମଧ୍ୟରେ ଯେ କେତେ ୨ ପରିବର୍ତ୍ତନ ସଂଘଟିତ ହୋଇଅଛି ତାହାର ଇୟତ୍ତା ନାହିଁ ଏବଂ ସେ ବିଷୟରେ କିଛି ଚର୍ଚ୍ଚା କରିବାକୁ ଆମ୍ଭମାନଙ୍କର ସ୍ଥାନ ବା ଅଧିକାର ନାହିଁ । କ୍ଷୁଦ୍ର ଅନୁନ୍ନତ ଓଡ଼ିଶା ଶତାବ୍ଦିର ପ୍ରାରମ୍ଭରେ ଦେଶୀୟ ରାଜାଙ୍କ ଅଧୀନ ଥିଲା । ମଙ୍ଗଳମୟ ଜଗଦୀଶ୍ୱରଙ୍କ ଇଚ୍ଛା ପ୍ରଭାବରୁ ଅଳ୍ପ କାଳ ମଧ୍ୟରେ ପ୍ରବଳ ସମର୍ଥଶାଳୀ ଇଂରାଜ ରାଜାଙ୍କ କରଗତ ହୋଇ ସନ ୧୮୦୩ ମସିହାରୁ ବ ୯୭ ବର୍ଷ ସୁସଭ୍ୟ ରାଜାଙ୍କ ଶାସନାଧୀନରେ ରହିଲା ସୁତରାଂ ଓଡ଼ିଶା ଏବଂ ଇଂରାଜ ରାଜାଙ୍କ ସମ୍ବନ୍ଧରେ ମୂଳ ଏକ ଗୋଟି କଥା କହିବା ଆମ୍ଭମାନଙ୍କ ପକ୍ଷେ ଯଥେଷ୍ଟ । ଶତାବ୍ଦିର ଆରମ୍ଭରେ ଓଡ଼ିଶାରେ ଅରାଜକତା ଏବଂ ଘୋର ବଳବତ୍ତ ଥିଲା । ବର୍ତ୍ତମାନ ସୁଦୃଢ଼ ଶାସନ ପ୍ରଭାବରୁ ଚତୁର୍ଦ୍ଦିଗରେ ଶାନ୍ତି ବିରାଜିତ ହୋଇଅଛି । ଲୋକେ ଆରମ୍ଭରେ ଆପଣାର ଧନ ପ୍ରାଣ ରକ୍ଷା କରିବାକୁ ଯେମନ୍ତ ଶଙ୍କିତ ଥିଲେ ବର୍ତ୍ତମାନ ଆଉ ସେ ସମୟ ନାହିଁ । ଇଂରାଜ

Split by PDF Splitter
Digitized by srujanika@gmail.com

ସ୍ବଜାଙ୍କ ଶାସନ ପ୍ରଣାଳୀରୁ ଯେ ବିଷୟରେ ଅମ୍ଭେମାନେ ବର୍ତ୍ତମାନ୍ ସମସ୍ତଙ୍କ୍ୟ ଭୋଗ କରୁଅଛୁଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଚୋର ଦସ୍ୟୁର ଦୁରାଗ୍ରହ ବା ଅତ୍ୟାଚାର ସମୂଳତଃ ଉନ୍ମୂଳିତ ହୋଇଅଛି ଏବଂ ଲୋକେ ନିଶ୍ଚିନ୍ତ ଥାଇ ଶ୍ରୀମତୀ ଭାରତେଶ୍ବରୀଙ୍କ ଯଶୋଗାନ ଓ ଇଂରାଜ ଶାସନର ଗୁଣ ବର୍ଣ୍ଣନା କରୁଅଛନ୍ତି । ସମ୍ବାଦପତ୍ର କାହାକୁ କହନ୍ତି ଏହା ଓଡ଼ିଆମାନେ ଶତାବ୍ଦୀର ଆରମ୍ଭରେ ଜାଣି ନ ଥିଲେ । ବର୍ତ୍ତମାନ୍ ସ୍ବଦେଶୀୟ ସମ୍ବାଦପତ୍ର ଛଡ଼ା ଅପଣା ଜାତୀୟ ଭାଷାରେ ସମ୍ବାଦପତ୍ର ପାଠ କରୁଅଛନ୍ତି । ଶତାବ୍ଦୀର ଆରମ୍ଭରେ ଅମ୍ଭ ଦେଶୀୟ ଲୋକେ ଅଦ୍ଭୁତ ବିଦ୍ୟୁତାଲୋକ ଦେଖି ଚମକି ପଡ଼ୁଥିଲେ । ବର୍ତ୍ତମାନ୍ ବୈଦ୍ୟୁତିକ ଯନ୍ତ୍ର ଯୋଗେ ନିମେଷ ମାତ୍ରକେ ଅତିଦୂରବର୍ତ୍ତୀ ସ୍ଥାନମାନଙ୍କୁ ସ୍ବଳ୍ପ ବ୍ୟୟରେ ତାରବାର୍ତ୍ତା ପଠାଉଅଛନ୍ତି । ଏ ଦେଶରୁ କେହି ଗଙ୍ଗା ସାଗରକୁ ସ୍ନାନ କରିବାକୁ ଗଲେ ସେ ଜୀବନର ଆଶା ତ୍ୟାଗ କରି ସମସ୍ତେ ବିଦାୟ ହେଉଥିଲେ ଏବଂ ସ୍ବକାର୍ଯ୍ୟ ଅପଣାର ଘରର ଏବଂ ପୁତ୍ରପୌତ୍ରାଦିର ସମସ୍ତ ବନ୍ଦୋବସ୍ତ କରି ଯାଉଥିଲେ । ବର୍ତ୍ତମାନ୍ ରେଲବାଟ ଯୋଗେ କତି [illegible]ରେ ଦୁଇ ଦିନ ମଧ୍ୟରେ ସ୍ନାନ କରି ଆସୁଅଛନ୍ତି । ବିଦ୍ୟା ଶିକ୍ଷା, ଜ୍ଞାନଲାଭ, ଶୋଭା ଚୌମ୍ବିକ ଇତ୍ୟାଦି ଯେଉଁ ବିଷୟକୁ ନିରୀକ୍ଷଣ କରି ଏ ଶତାବ୍ଦୀର ଆରମ୍ଭକୁ ଦୃଷ୍ଟି ନିକ୍ଷେପ କଲେ ଅମ୍ଭେମାନେ ଯେ ସଭ୍ୟ ସମାଜରେ କେତେଦୂର ଅଗ୍ରସର ହୋଇଅଛୁଁ ତାହା କଳନା କରିଯାଇ ନ ପାରେ । ତଥାପି ଅମ୍ଭେମାନେ ଅନୁନ୍ନତ ମଧ୍ୟରେ ଗଣ୍ୟ ଏବଂ ବିଂଶ ଶତାବ୍ଦୀରେ ଯଦି ଓଡ଼ିଆ ସୁଦ୍ଧା ଚେଷ୍ଟା କରି ସେ ପଦ ଲଙ୍ଘାଇ ଉନ୍ନତ ସମାଜରେ ଗଣ୍ୟ ହୁଅନ୍ତି ତାହା ହେଲେ ଇଂରାଜ ଅମ୍ଭମାନଙ୍କର ମନୁଷ୍ୟତା ଅଛି ବୋଲି ବୁଝିବେ ଏବଂ ତାହା କରି ନ ପାରିଲେ ଅମ୍ଭମାନଙ୍କ ସହାୟେ ଇଂରାଜମାନେ ଯାହା କରୁଅଛନ୍ତି ତାହା ସମସ୍ତ ବ୍ୟର୍ଥ ହେବ । ଭବିଷ୍ୟତ ଦେଖିବାକୁ ଗଲେ ଊନବିଂଶ ଶତାବ୍ଦୀ ମଧ୍ୟରେ ଯେପରି ଅନେକ ଭାବନା ହୋଇଥିଲ ଶତାବ୍ଦୀର ଶେଷରେ ମଧ୍ୟ ସେହିପରି ଭାବନା ରହିଗଲା । ଅବଶ୍ୟ ଡାକ ଏବଂ ରେଲ ଯୋଗେ ଅ ୨୪ ଙ୍କ ଅଥବା ଅ ୯ ଙ୍କର ସ୍ଥିତିର ଅବସ୍ଥା ଅମ୍ଭେମାନେ କଦାପି ପ୍ରତ୍ୟକ୍ଷ କରିବୁଁ ନାହିଁ ମାତ୍ର ସମ୍ବାଦ ପ୍ରଦାନ ହେବୁ ସମସ୍ତ ସ୍ଥାନରେ ଦେଶାଭିମାନରେ ସମତା ରକ୍ଷା ହେବା ହ୍ରାସ ବୃଦ୍ଧି ଓଡ଼ିଶାକୁ ଯେ ଅନ୍ନନିମିତ୍ତ ବ୍ୟସ୍ତ ହେବାକୁ ହୋଇଅଛି ତାହା କେହି ଅସ୍ବୀକାର କରି ପାରିବେ ନାହିଁ । ଭାରତର ପଶ୍ଚିମ ଅଞ୍ଚଳରେ ଏହି ଶତାବ୍ଦୀର ଶେଷଭାଗରେ ଯେ ଘୋର ଦୁର୍ଭିକ୍ଷ ଦେଖା ଦେଇଥିଲା ତହିଁରେ ଭୂମିରାଜସ୍ବ, ଫସଲ ରକ୍ଷାଦି ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଅବଶ୍ୟ କଟକଣା କରିବେ ଏଥିରେ ସନ୍ଦେହ ନାହିଁ ଏବଂ ତାହା ନ ହେବାଯାଏ ଯେ ଅମ୍ଭମାନଙ୍କର ଦୁର୍ଦ୍ଦଶା ମୋଚନ ହେବ ନାହିଁ ଏଥିରେ ଦ୍ବିରୁକ୍ତି ନାହିଁ । ତଥାପି କାଲ ଖନନ ଓ ରେଲବାଟ ନିର୍ମାଣରେ ଗବର୍ଣ୍ଣମେଣ୍ଟଙ୍କ ସଦିଚ୍ଛା ନିମିତ୍ତ ଅମ୍ଭେମାନେ କୃତଜ୍ଞ ହେବା ଉଚିତ ଏବଂ କୃତଜ୍ଞ ଅଛୁଁ । ବ୍ୟବସାୟ ବାଣିଜ୍ୟ ଦେଖିବାକୁ ଗଲେ ଓଡ଼ିଶାରେ ଯାହା କେବେ ଘଟି ନ ଥିଲା ତାହା ଘଟିଥିବାର ଦେଖା ଯାଉଅଛି । କାବୁଲର କିସ୍‌ମିସ୍ ଡାଲିମ୍ ପ୍ରଭୃତି ସୁମିଷ୍ଟ ଫଳ ଦ୍ବାରେ, ବିକ୍ରୟ ହେବା ଅଥବା କଲିକତା ଓ ପାର୍ଟନାର ଲୋକ ଏବଂ ଲୋକମାନ, ବୋମ୍ବାଇ ଆଳୁ ଓ ଦକ୍ଷିଣୀ ଅମ୍ବ ପଇସା ଦେଇ ଦ୍ବାରେ କିଣିବାକୁ ପାଇବାଠାରୁ ଅଧିକ ସୁଖକର ଆଉ କି ହୋଇ ପାରେ । ଯେଉଁ ଜାତି ମାଠ ମାଣିଅବନୀ ଗୃହର ଛଡ଼ା ଆଉ କିଛି ଉତ୍କୃଷ୍ଟ ବୋଲି ( ଅବଶ୍ୟ ବଡ଼ଲୋକଙ୍କ ପକ୍ଷ ନୁହେ ) ଜାଣି ନ ଥିଲେ ସେମାନେ ରେପର କାଶ୍ମୀରୀ ଯୋଗ ହେବା ଏବଂ ଯେଉଁ ଜାତି କପଲାସିଆ ଚାଲପକିର ଛଡ଼ାକୁ ଅତି ସମାଦରେ ଭେଟୁଥିଲେ ସେ ଜାତି ଘରେ୨ ଲୁଗା ଛତା ବ୍ୟବହାର କରିବାଠାରୁ ବ୍ୟବସାୟର ସମୃଦ୍ଧାବସ୍ଥାର ପରିଚାୟକ ଆଉ କ'ଣ ହୋଇ ପାରେ ? ଅନ୍ୟ ଦିଗରେ ବିଦେଶୀୟ ବାଣିଜ୍ୟ ଏବଂ ସ୍ବଳ୍ପ ମୂଲ୍ୟର ଦ୍ରବ୍ୟମାତ୍ର ପାଇ ଏଠା ବ୍ୟବସାୟମାନ ନଷ୍ଟ ହୋଇ ଯାଇଅଛି । ଲବଣ ଯୋଗାଡ଼ କରି ନ ପାରି ପନ୍ତ୍ରାକୁଳିୟାମାନେ ହାହାକାର କରୁଅଛନ୍ତି । ବିଲାତି ଶସ୍ତା ଲୁଗା ଯୋଗେ ତନ୍ତୁକୁଳ ନଷ୍ଟ ହେଉଅଛନ୍ତି । ମାତ୍ର ଏଥିରେ ହତାଶ ହେବାର କାରଣ ନାହିଁ । ବିଦ୍ୟାଶିକ୍ଷାର ସଦୁପାୟ ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତୃକ ହୋଇଥିବାରୁ ଅମ୍ଭେମାନେ ଜ୍ଞାନଲାଭ କରି ଚିନ୍ତା କରିବାକୁ ସମର୍ଥ ହୋଇଅଛୁଁ ଏବଂ ଊନବିଂଶ ଶତାବ୍ଦୀ ଅମ୍ଭମାନଙ୍କୁ ଯେଉଁ ଦଶାରେ ପକାଇ ଯାଇଅଛି ତହିଁରୁ କିରୂପେ ଅମ୍ଭେମାନେ ଉତ୍ତୀର୍ଣ୍ଣ ହୋଇ ଦେଶୀୟ ବ୍ୟବସାୟର ଉନ୍ନତି କରି ପାରିବା ତହିଁ ନିମିତ୍ତ ଚିନ୍ତା କରିବା ଉଚିତ । ଇଂରାଜ ରାଜାଙ୍କ ଭାରତବର୍ଷରେ ଶାସନ ସ୍ଥାପନ ଏହି ଶତାବ୍ଦୀରେ ବଦ୍ଧମୂଳ ହୋଇଅଛି । ଏହି ଶତାବ୍ଦୀରେ ଭାରତ ମଧ୍ୟରେ ମା ୩୦,୦୦୦ ମାଇଲ ରେଲବାଟ ଓ ମା ୫୨,୦୦୦ ମାଇଲ ତାରବାଟ ନିର୍ମିତ ହୋଇଅଛି । ବ୍ରହ୍ମଦେଶ ପରାଜିତ ହୋଇ ଭାରତ ସାମ୍ରାଜ୍ୟଭୁକ୍ତ ହୋଇଅଛି । ବିଲାତକୁ ପତ୍ର ପଠାଇବାକୁ ହେଲେ ଆଗେ ଗବର୍ଣ୍ଣମେଣ୍ଟରୁ ଅନୁମତି ନେବାକୁ ହେଉଥିଲା । ଏବେ ଇଚ୍ଛା ହେଲେ ଯେ ସେ ଚିଠି ପଠାଇ ପାରେ । ଆଗେ ଛମାସରେ ଭାରତରୁ ବିଲାତକୁ ଯିବାକୁ ହେଉଥିଲା ଏବେ ଏକପକ୍ଷରେ ତାହା ସାଧିତ ହେଉଅଛି ଆଗେ ନଗରମାନ ଅନ୍ଧକାର ଥିଲା ଏବେ ଏକ୨ ନଗର ବୈଦ୍ୟୁତିକ ଆଲୋକରେ ସୁଶୋଭିତ ହୋଇ ସ୍ବର୍ଗପ୍ରାୟ ପ୍ରତୀୟମାନ ହେଉଅଛି ସୁଖସାଧନର ଉପାୟ ଯଥେଷ୍ଟ ହୋଇଅଛି ଏବଂ ଏହି ଏକଶତାବ୍ଦୀ ମଧ୍ୟରେ ଇଂରାଜମାନେ ଅଧ୍ୟବସାୟ ଏବଂ ଚେଷ୍ଟାଦ୍ବାରା କି ଉତ୍କୃଷ୍ଟ ଫଳଲାଭ ହୁଏ ତାହାର ପ୍ରକୃଷ୍ଟ ଉଦାହରଣ ଦେଖାଇଅଛନ୍ତି । ଇଂରାଜଙ୍କର ଯଶଃ ଅକ୍ଷୁଣ୍ଣ ରହିଅଛି ଏବଂ ଯେବେ ବା ଦକ୍ଷିଣ ଆଫ୍ରିକାରେ ଶତାବ୍ଦୀର ଶେଷ ଭାଗରେ ଲଣ୍ଡଭଣ୍ଡ ହୋଇବାକୁ ପଡ଼ିଥିଲା ଏବଂ ଅଦ୍ୟାପି ତାହା ଶେଷ ପାଇ ନାହିଁ ମାତ୍ର ତାହା ଯେ ଅଚିରେ ଶେଷ ହୋଇ ଇଂରାଜ ଗୌରବ ଅକ୍ଷୁଣ୍ଣଭାବରେ ଜଗତରେ ପ୍ରକଟିତ ହେବ ଏଥିରେ ସନ୍ଦେହ ନାହିଁ । ଅମ୍ଭେମାନେ ଏକାନ୍ତ କାମନା କରୁଁ ସେହି ଗୌରବ ଅକ୍ଷୁଣ୍ଣ ଥାଉ ଅମ୍ଭେମାନେ ଧନ ପ୍ରାଣରେ ନିଶ୍ଚିନ୍ତ ହୋଇ ସ୍ବଜାତି ଓ ସ୍ବଦେଶ ବ୍ୟବସାୟର ଉନ୍ନତି ସାଧନ ପୂର୍ବକ ଲୋକସମାଜରେ ଉଜ୍ଜ୍ୱଳମୁଖ ଦେଖାଇବାକୁ ସମର୍ଥ ହେଉଁ । ଚେଷ୍ଟାର ଅସାଧ୍ୟ କିଛି ନାହିଁ । ଓଡ଼ିଆମାନେ [illegible] ନାମ ସେହି ଶ୍ରୀମତୀ ଭାରତେଶ୍ବରୀଙ୍କ ଯଶୋଗାନପୂର୍ବକ ଚେଷ୍ଟା କରିବାକୁ ସମର୍ଥ ହେଲେ ବିଂଶ ଶତାବ୍ଦୀର ଶେଷରେ ସମ୍ବାଦପତ୍ରରେ ଯେପରି ଗୌରବର ସମାଚାର ବାହାରିବ ତାହାକୁ ଦୃଷ୍ଟି ରଖି କାର୍ଯ୍ୟ କରନ୍ତୁ ଏହିକି ପ୍ରାର୍ଥନା ।

## ସାପ୍ତାହିକ ସମ୍ବାଦ ।

ଏ ନଗରରେ ଗତ ଗୁରୁ ଓ ଶୁକ୍ରବାର ସାମାନ୍ୟ ବୃଷ୍ଟି ହୋଇଥିଲା । ମୋଫସଲରୁ ଠାଏ୨ କିଛି ବୃଷ୍ଟି ହୋଇଥିବାର ସମ୍ବାଦ ପାଉଅଛୁ । ବାୟୁ ଶୀତଳ ହୋଇଅଛି ଏବଂ ଅକାଳ ଜଳବାୟୁ ହୋଇ ଆହୁରି ବୃଷ୍ଟିର ଅପେକ୍ଷା ଅଛି । ପୌଷମାସର ବୃଷ୍ଟି ସକଳ ରବିଶସ୍ୟର ମୂଳ ଅମୃତସ୍ବରୂପ ହେବାର ଆଶା ଶେଷ ହେଲା । ଏ ଶୀତରେ [illegible] ନାହିଁ

Digitized by srujanika@gmail.com

ଗଞ୍ଜାମର ମାଡ୍ରାସ ମଧ୍ୟରେ ପରଦ୍ୱାରାରୁ ଓଡ଼ିଆ ପଠା ଯାଇଥିବା ପ୍ଲେଗରେ ୩୭୨ ଜଣ ହେବ ଓ ୨୧୭ ଜଣ ମନୁଷ୍ୟ ମଲେଣି ।

ମୟୂରଭଞ୍ଜର ମହାରାଜା ବାହାଦୁର ନୂଆ ଓ ଉତ୍ତର ଚଦ୍ୟାଳୟର ଗୃହ ନିର୍ମାଣ ଦେବାଲାଗି ଟ ୨୦୦୦ ଟଙ୍କା ଦାନ କରିଅଛନ୍ତି ।

ପୁରୀ ଜିଲ୍ଲାର ପରଗଣେ ପ୍ରଗଣାର ବ୍ରହ୍ମପୁରର ଚାଷ ସାନ୍ତ ଖରୁ ପ୍ରାୟ ଏକହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ଚୋରି ଯାଇଅଛି ।

ବାଲେଶ୍ୱର ଜିଲ୍ଲାର ଚାନ୍ଦବାଲି ଥାନାର ମଦାରୁଣୀ ଗ୍ରାମରେ ଗତ ତା ୨୬ ରିଖ ରବିବାର ଦିନ ରାତିରେ ଏକ ଡକାୟତି ହୋଇଅଛି । ଡକାୟତମାନେ ବନ୍ଧୁକ ଧାରଣ କରି ଜଣେ ଧନୀ ଗୃହସ୍ଥର ଗୃହ ମଧ୍ୟରେ ପ୍ରବେଶ କରି ଗୃହସ୍ୱାମୀ ଓ ଲୋକ ପ୍ରଭୃତିଙ୍କୁ ଭୟ ଦେଖାଇ ଓ ଦୋକାନଙ୍କୁ ବନ୍ଧ ଓ ମୁଖ ବନ୍ଦ କରି ଗୃହାଭ୍ୟନ୍ତରରୁ ନଗଦ ଓ ଅଳଙ୍କାର ପ୍ରାୟ ଦୁଇହଜାର ମୁଦ୍ରା ଅପହରଣ କରିନେଇଅଛନ୍ତି ।

ସମ୍ବାଦ ପାଇ ଡେପୁଟି । ଶ୍ରୀ । ବୈଦ୍ୟେଶ୍ୱର ବାବୁ କାଲି ନିଜେ ଘଟନାସ୍ଥଳକୁ ଯାଇ । ବୈଦ୍ୟେଶ୍ୱର ଅସାମୀ ଧରି ଆଣିବାକୁ ନ ପାରିବାରୁ ପୁଲିସର ଅବାଧ୍ୟତାର ସ୍ଥଳରେ ଆଉ ତୁ ୧ ଟା ଥାନା ଲୋକ ଅସ୍ତ୍ରଧାରୀ ସଙ୍ଗରେ ଧରି ଯାଇ ଦେଇ, ପୁଲିସ ତଦନ୍ତ ଦେବାରୁ ଜେଃ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ହେନ୍‌ଡ୍ରକ୍ସନ ଅସାମୀଙ୍କୁ କଠିନ ପରିଶ୍ରମ ସହିତ ୨ ୧ ମାସ ମିଆଦ ଦେଲେ ।

କଲିକତାର କଲେଜ କଲ ମଧ୍ୟର ଓ କଲେଜ ପିଠିବା ସମୟର ଅ ୪ ଜଣ ପୁଲିସ ତଦନ୍ତ ତ ୨୦ ମାସ ହୋଇ-ଥିବ ଲିଖିତ ନମ୍ବର ମଧ୍ୟରୁ ତ ୧ ଜଣ ଅସାମି ହାଜର ନ ଥିବାରୁ ଅବୈତନିକ ମାଜିଷ୍ଟ୍ରେଟ ସ୍ଥାୟୀ ଅଙ୍କରେ ସ୍ୱାର୍ଥରେ ଆହ୍ୱାନ ଓ ଦିଆଯାଇ ହୁକୁମ ଦେଇଅଛନ୍ତି ।

ଉତ୍ତରପଶ୍ଚିମ ପ୍ରଦେଶର ବଲରାମପୁରର ଲାଳୀଲ ମହାରାଜା ଶ୍ରୀଯୁକ୍ତ ଭଗବତୀ ପ୍ରସାଦ ସିଂହ ଷ୍ଟେଟର ହୋଇ ରାଜ୍ୟଭାର ଗ୍ରହଣ କରିବାରୁ ଅଭିଷେକ କିମ୍ବା ଉପଲକ୍ଷରେ ଉକ୍ତ ଲେଫଟେନାଣ୍ଟ ସାର ଲାଟଙ୍କ ହସ୍ତରେ ଏକଲକ୍ଷ ଟଙ୍କା ହିତକର କାର୍ଯ୍ୟ ସାହାଯ୍ୟାର୍ଥେ ପ୍ରଦାନ କରି-ଅଛନ୍ତି । ତାଙ୍କ ପ୍ରଶଂସା ଲାଟ ଓ ମଧ୍ୟ ମହତ ଦୟାଶୀଳ ଗୁଣର ପରିଚୟକ ।

ଗତମାସ ତା ୨୮ ରିଖରେ କମୋଠାରେ ସଂପଦହଜା-ଜରେ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ । କୌଣସି ଘଟନା ହୋଇ ନାହିଁ ।

ମାନ୍ଦ୍ରାଜର ନୂତନ ଗବର୍ଣ୍ଣର ଲର୍ଡ ଆମ୍ପ୍ଥିଲ ଗତମାସ ତା ୨୮ ରିଖରେ ମାନ୍ଦ୍ରାଜର ଗଦିରେ ଅଭିଷିକ୍ତ ହୋଇଥିବାର ସମ୍ବାଦ ମିଳଇ ।

ସୋମାଲିଜ୍ୟର ମହାରାଜା ଭାରତବର୍ଷକୁ ପ୍ରତ୍ୟାଗତ ହୋଇ ଗତମାସ ତା ୨୨ ରିଖ ସଫରର ବାରେଟ୍ଟି କରି-କତାଠାରୁ ଅପଣା ରାଜ୍ୟାଭିମୁଖେ ଯାତ୍ରା କରିଥିବାର ସମ୍ବାଦ ମିଳଇ ।

ମୃତ ରାଜ୍ୟ ଭଗବାନ ଦାସ ବୋଇଲଙ୍କ ବିଧବା ସ୍ତ୍ରୀ ବ୍ରଜ-ଭୂମାସ ନଗରର ବୃନ୍ଦାବନଠାରେ ଥିବା ମାତୃଅନ୍ତମାନଙ୍କର ଔଷଧାଳୟରେ ମାତୃଗାର୍ହ ସ୍ତ୍ରୀ ଓ ପୁରୁଷମାନଙ୍କ ରହି ଚିକିତ୍ସା ପାଇ ବାସକାର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ତିନିଲକ୍ଷ ଟଙ୍କା ଦାନ କରୁଅଛନ୍ତି । ଉକ୍ତ ଔଷଧାଳୟଟି ଏହି ମାସର ଅରମ୍ଭରୁ ହସପଢାଲ ଶ୍ରେଣୀରୁ ଭିନ୍ନ ରାଜ କରି, ଏଥିରେ ଉପଯୋଗୀ ଓ ବେଶୀସ୍ଥ ଭବନ ସ୍ଥାଳ ଉଦ୍ଦେଶ୍ୟ ବ୍ୟବସ୍ଥା ହେବ ।—ଏ ଦାନ ଅତି ପ୍ରଶଂସନୀୟ ।

ଭୂସିଆ ଦୁର୍ଭିକ୍ଷ ହର ଓଡ଼େଶା ନଗରକୁ ୨୫୦୦ ସୈନ୍ୟ ପଠାଇ ଥିବାର ସମ୍ବାଦ ମିଳଇ । ଋଷିୟାର ସମ୍ବାଦପତ୍ରମାନେ କହୁଅଛନ୍ତି ଯେ କାବୁଲର ଅମୀର ଭାରତବର୍ଷ ଆକ୍ରମଣାର୍ଥ ଯୁଦ୍ଧର ଆୟୋଜନ କରୁଅଛନ୍ତି ଏବଂ ଲର୍ଡ଼କିର୍ଜନ ବାହାଦୁର ଅଫଗାନ ସୀମା ଉକ୍ତ ଦେଶକୁ ଯାଇଥିବା ସମୟରେ ଅମୀର ତାଙ୍କ ନିକଟକୁ ଦୂତ ପଠାଇ ନ ଥିବା ଏଥିର ମର୍ମ କୋଣ ପ୍ରମାଣ କରୁଅଛନ୍ତି । ଏହା କାବୁଲକୁ ଭୁଲ ଥିବ କି ହୋଇପାରେ ?

ଦକ୍ଷିଣଅଫ୍ରିକା କମିଶ୍ ସଂଘଟ ଅମେରିକାଠାରେ ୫୦୦୦୦ ଘୋଡ଼ା ଏବଂ ଖଚର କ୍ରୟ କରୁଥିବାର ସମ୍ବାଦ ମିଳଇ ।—ଦକ୍ଷିଣ ଆଫ୍ରିକା ସ୍ୱକାଶେ ହଜାର ଘୋଡ଼ା ଘର ଅଛି ।

କାବୁଲର ଅମୀରଙ୍କ ପୁତ୍ର ଗୋଲାମମହମ୍ମଦ ନବାବଙ୍କ ଭବ୍ୟସରେ ବାମାପ୍ରସଙ୍ଗରେ ମାରାଯାଇ ସ୍ମରଣ କରି-ଥିବାର ସମ୍ବାଦ ମିଳଇ ।

## ସ୍ଥାନୀୟ-ସମ୍ବାଦ ।

ଗତ ମାସ ତା ୯ ରିଖ ଏଠା ଜିଲ୍ଲା ସ୍କୁଲର ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଥିଲା, ତହିଁରେ ଯୋଗ୍ୟତାନୁସାରେ ସାତଜଣ ଛାତ୍ର ଅସନ୍ତୋଷ ପ୍ରକାଶିକା ପରୀକ୍ଷା ଉନ୍ନତ ମନୋଜ୍ଞ ହୋଇଗଲେ । ଏଥିର ଯାହା କହିବେ ।

ପୌଷମାସ ପ୍ରାୟ ଶେଷ ହେଲା, ଅନ୍ଧକାର ଘନୀଭୂତ ହେବାର ଦେଖା ଯାଉଅଛି କିନ୍ତୁ ମେଘାହିଲ ଦେଖି ଅସ୍ୱ ଫସଲ ଭଲ ନ ହେବାର ଲକ୍ଷଣ ଉପସ୍ଥିତ ହେଉଅଛି କିନ୍ତୁ ଶୀତର ପରମେଶ୍ୱରଙ୍କ କୃପାରୁ ଚାଷ ବେଢେବ ଦନ ଲେ ପେକ୍ଷା କଲେ ଅନ୍ୟ ଫସଲଟା ଉତ୍ତମ ହୁଅନ୍ତା ।

ଏ ବର୍ଷ ଶୀତର ପ୍ରାବଲ୍ୟ ଅଧିକ ନାହିଁ, ମେଘ ପଞ୍ଚ ସାତଦିନ ହେଲା ସନ୍ଧ୍ୟା ଓ ପ୍ରାତଃକାଳରେ ଅଳ୍ପ କରୁ ଥିବାରୁ ମନୁଷ୍ୟମାନେ ଶୀତବସ୍ତ୍ର ବ୍ୟବହାରରୁ କ୍ଷାନ୍ତ ହୋଇଅଛନ୍ତି ।

ଏ ବର୍ଷ ଜ୍ୱରରୋଗ ଏତେ ପ୍ରବଳ ହୋଇଅଛି ଯେ କି ମୋଫସଲ କି ସହରରେ ପ୍ରତ୍ୟେକ ଘରେ ଜ୍ୱରରୋଗୀ ନ ଥିବା ଗୃହ ଦେଖିବାକୁ ମିଳୁ ନାହିଁ । ଏମନ୍ତ କି ପ୍ରତ୍ୟେକ ଗୃହରେ ପ୍ରାୟ ଦୁଇ ଜଣେ ଲେଖାଏ ରୋଗାକ୍ରାନ୍ତ ବ୍ୟକ୍ତି ପଡ଼ି ରହୁଅଛନ୍ତି । କିନ୍ତୁ ମୃତ୍ୟୁ ସଂଖ୍ୟା ଏତେ ଯେ ପରମେଶ୍ୱରଙ୍କ ଇଚ୍ଛାରୁ ଅନ୍ୟ କୌଣସି ରୋଗ ନାହିଁ ।

ଅନ୍ନକାଳ ପହିଲି ଲେଖ ହେତୁରୁ ଗାଡ଼ିଗାଡ଼ିକର ଗାଡ଼ି ବହୁ ଶୀଘ୍ର ସଞ୍ଚିମନ ଚଳୁଅଛି । ଲୋକ ପ୍ରତି ମଧ୍ୟ ସ୍ୱଳ୍ପ ବାଧ୍ୟ ସତ୍ତ୍ୱ କରୁଅଛନ୍ତି ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରାଜା ଅଫ୍ ସୁରଙ୍ଗୀଦୁର୍ଗ | ଗଞ୍ଜାମ | ଟ ୬ ( |
| ମୁନସି ନବକ୍ରୃଷ୍ଣ ଲଷ୍ଟୁଫ | ଢେଙ୍କାନାଳ | ଟ ୬ ( |
| ଶ୍ରୀବାବୁ ଚନ୍ଦ୍ରମଣି ଦାସ | ପଞ୍ଚାନ୍ ଗ୍ରାମ | ଟ ୪ ( |
| ମୁନସୀ କେଦାରଚନ୍ଦ୍ର | ଧର୍ମଶାଳା | ଟ ୩ ( |
| ଶ୍ରୀବାବୁ ମଧୁସୂଦନ ପଣ୍ଡା | ମଧୁବନ | ଟ ୩ |

---

# ବିଜ୍ଞାପନ ।

ଉତ୍କଳ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ କଟକ କମିଟିଦ୍ୱାରା ନିମ୍ନଲିଖିତ ଦେବା ଅଦାୟ ହୋଇ-ଅଛି ।

| | | |
|---|---|---|
| ପୂର୍ବ ଅସୁଲର ମୋଟ | | ଟ ୧୭୩୮୫ ୨ |
| ହେଡ଼ମାଷ୍ଟର ପିଃ ଏଟ୍ ଏକାଡେମୀ | ଟ | ୧୦୫୶ |
| ମାନେଜର । ଡ । ପାଲଲହଡ଼ା | ଟ | ୧୪୫ |
| କଟକଜିଲ୍ଲା ଡାକବିଭାଗ ସୁପରିଣ୍ଟେଣ୍ଡେଣ୍ଟ | ଟ | ୨୨୫ |
| ଯାଜପୁର ସ୍କୁଲ ସମୂହର ସହଃ ଇନ୍‌ସ୍ପେକ୍ଟର | ଟ | ୫ ( |
| ବାବୁ ପୂର୍ଣ୍ଣଚନ୍ଦ୍ର ଦାଲଭି | ଟ | ୫୦ ( |
| ଯାଜପୁର ସବ୍ ଡିଃ ଅଫିସର | ଟ | ୨୮୫ ( |
| ସୁଶୀଲଚନ୍ଦ୍ର ଭଗତ | ଟ | ୧୦ ( |
| ଦେଓ୍ୟାନ । ଡ । ଇଣପୁର | ଟ | ୧୦ ( |
| ବାବୁ ଗୋପୀନାଥ ନାୟକ | ଟ | ୫ ( |
| ମହାନଦୀ ଦକ୍ଷିଣ ବିଭାଗ ସ୍କୁଲ ସମୂହର ସହଃ ଇନ୍‌ସ୍ପେକ୍ଟର | ଟ | ୭୯୶ |
| ବାବୁ ନଗେନ୍ଦ୍ରନାଥ ରାୟ ଚୌଧୁରୀ | ଟ | ୧୦୦ ( |
| ତ୍ରିନୁପଲ ନଃ ବ ରେଭନ୍ସାଜେଲ | ଟ | ୧୨୫ |
| ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ | ଟ | ୫୦ ( |
| „ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ | ଟ | ୫ ( |
| ରାଜା । ଡ । ଖଣ୍ଡପଡ଼ା | ଟ | ୨୦୦ ( |
| ରାଜା । ଡ । ବଉଦ | ଟ | ୧୦୦୦ ( |
| କଟକଜିଲ୍ଲା ସ୍କୁଲବିଭାଗର ଡେପୋଟି ଇନ୍‌ସ୍ପେକ୍ଟର | ଟ | ୭୫ |
| କାଜର କଟକ କଲେଷ୍ଟରି | ଟ | ୫ ( |
| ରେଲଓ୍ୱେ ଷ୍ଟେସନମାଷ୍ଟର କଟକ | ଟ | ୭ ( |
| ବାବୁ ପୂର୍ଣ୍ଣଚନ୍ଦ୍ର ପାଇକ | ଟ | ୫ ( |
| ମାନେଜର । ଡି । ମଧୁପୁର | ଟ | ୧ । |
| ରାଜା । ଡି । ଇଣପୁର | ଟ | ୧୦୦ ( |
| ମାନେଜର । ଡି । ତାଲଚେର | ଟ | ୮୬ ( |
| ଓଡ଼ିଶାବିଭାଗଇଞ୍ଜିନିୟରସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର | ଟ | ୧୫୭୶୩ |
| ଅନାଥୁଲ କମିଟି | ଟ | ୨୭ ( |
| ମିଃ ଜେ, ଏଲ ହେୱଲିଡ଼ | ଟ | ୩୦୦ ( |
| ମିଃ ଏମ୍, ଏଲ ଅରନଟ | ଟ | ୧୦୦ ( |
| ରାଜା । ଡ । ଆଳି | ଟ | ୨୦୦ ( |
| ମାନନୀୟ ମିଃ ଏମ୍, ଏସ୍, ଦାସ | ଟ | ୧୪୦ ( |
| ବାବୁ ଜାନକୀନାଥ ବୋଷ | ଟ | ୩୦ ( |
| „ ରାମଶଙ୍କର ରାୟ | ଟ | ୨୫ ( |
| „ ଅମ୍ବିକାଚରଣ ବୋଷ | ଟ | ୫୦ ( |
| „ କେଦାରନାଥ ମଲ୍ଲିକ | ଟ | ୨୦ ( |
| ମିଃ ଏ, ସି ହେଫ୍‌କ | ଟ | ୧୦ ( |
| ବାବୁ ଜଗମୋହନ ଲାଲ | ଟ | ୫ ( |
| କ୍ଷୁଦ୍ର ରାଜା । ବା । | ଟ | ୨୫ ( |
| ସ୍କୁଲ ବିଭାଗର ଡେଃ ଇନ୍ସପେକ୍ଟର | ଟ | ୩୧ ୶ |
| | ଟ | ୧୭୮୫୮୮ |

କଟକ } ସୁଦାମଚନ୍ଦ୍ର ନାୟକ
୨୭।୧୨।୧୯୦୦ } ଅବୈତନିକ ସେକ୍ରେଟରୀ

Split by PDF Splitter
Digitized by srujanika@gmail.com

Split by PDF Splitter



## ଚିକିତ୍ସା ଜଗତର ସେହି ଉଜ୍ଜ୍ୱଳ ରତ୍ନ !!!

## ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଡ୍ୟାନ୍ ଜିନ୍ !!!

ଅନେକଙ୍କର ବିଶ୍ୱାସ ଥିଲା ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ ହେଲେ ତାହିଁରେ ତାହା ଦୂରୀଭୂତ ହୁଏ ନାହିଁ କିନ୍ତୁ ଡ୍ୟାନ୍ ଜିନ୍ ପ୍ରାୟ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୂର କରୁଅଛି ଅଜ ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାନ ଜିନ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାରାର ଘା, ଗରମିର ଘା, କାଉଁର, ଭଗନ୍ଦର, ବାଘୀ, ନାଲିଘା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ହାତ ଓ ଗୋଡ଼ତଳର ଚମଛଡ଼ିବା, ହସ୍ତପଦ ଜ୍ୱାଲା, ଚମ୍ପୁଚୁଲ ପଡ଼ିବା, ମୁଣ୍ଡଧରା, ମୁଣ୍ଡବୁଲାଇବା, ମସ୍ତିଷ୍କ ଜ୍ୱାଳାକରିବା, କୁଷ୍ଠ, ବାତ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଲା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ ସୂତାପରି ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଆଧିକ୍ୟ, ରତିଶକ୍ତି ହୀନତା, ଅସ୍ୱାଭାବିକ ବୀର୍ଯ୍ୟସ୍ଖଳନ, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

ସ୍ତ୍ରୀବ୍ୟାଧି ଯଥା;—କଷ୍ଟରଜ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ କାଳେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାନ୍ ଜିନ୍ ବ୍ରହ୍ମାସ୍ତ୍ର ସ୍ୱରୂପ

ଡ୍ୟାନ୍ ଜିନ୍ ବାତରୋଗର ଅମୋଘ ଔଷଧ ।

ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ, ଶରୀରରେ ନୂତନ ରକ୍ତ ଜନ୍ମିବା ହେତୁକରି ସବଳ ଓ ପୁଷ୍ଟି କରେ ।

ଡ୍ୟାନ୍ଜିନ୍ ସାଲସାପରି ରୋଗକୁ ଗୁପ୍ତ ରଖେ ନାହିଁ । ଡ୍ୟାନ୍ ଜିନ୍ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ ।

ଡ୍ୟାନ ଜିନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରାଯାଏ । ୧ ବୋତଲ ଔଷଧ ଦ ୧୫ ଦିନ ବ୍ୟବହାର କରାଯାଏ ।

ମୂଲ୍ୟ ।

| | | | |
|---|---|---|---|
| ପ୍ରତିବୋତଲର | ଟ ୧୲ | ୬ ବୋତଲର | ଟ ୭୲ |
| ୩ „ | ଟ ୪୲୧ | ୧୨ „ | ଟ ୧୪୲୧ |

ପ୍ୟାକିଂ ୧ଠାରୁ ୩ବୋତଲର ଟଂ।୦ ଅଣା,୪ ଠାରୁ ୧୨ବୋତଲର ଟଂ।୵ ଅଣା; ଡାକମାସୁଲ ସ୍ୱତନ୍ତ୍ର

ଏକମାତ୍ର ଆବିଷ୍କାରକ ।

ଡାକ୍ତର ଜେ,ଟୀ,ମାର୍ଟିନ । ସୋଲ ଏଜେଣ୍ଟ ।—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଆଇ, ବି, ଜି, ଏଣ୍ଡକୋଂ
୨୩।୧ନମ୍ବର ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା

---

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସନ ୧୯୦୧ ମସିହା ଜାନୁୟାରୀ ମାସ ତା ୨୧ ରଖ ମୁତାବକ ଓଡ଼ିଆ ମାଘ ଦି ୯ ନ ସୋମବାର ଦିବା ଘ ୨ ଟା ସମୟରେ କଟକ ମ୍ୟୁନିସିପାଲିଟି ଅଧୀନସ୍ଥ ନିମ୍ନଲିଖିତ ଘାଟ ଓ ପାଉଣ୍ଡମାନ ପ୍ରାକାଶ୍ୟ ନିଲାମଦ୍ୱାରା ସନ ୧୯୦୧—୧୯୦୨ ସନ ସକାଶେ ଇଜାରା ଦିଆଯିବ । ଯେଉଁମାନେ ଉକ୍ତ ଘାଟ ଓ ପାଉଣ୍ଡର ଇଜାରା ନେବାକୁ ଇଚ୍ଛା କରୁଥିବେ ସେମାନେ ଉପରୋକ୍ତ ତାରିଖ ଓ ସମୟରେ କଟକ ମ୍ୟୁନିସିପଲ ଅଫିସରେ ହାଜର ହୋଇ ନିଲାମ ଡାକିବେ । ସର୍ବୋଚ୍ଚ ନିଲାମ ଡାକ ଗ୍ରହଣ କରାଯାଇ ପାରେ । ନିଲାମ ଖରିଦଦାର ହଙ୍ଗଭଦ୍ର ଓ ମର୍ଯ୍ୟାଦାବନ୍ତ ହେବା ଆବଶ୍ୟକ । ନିଲାମ ଖରିଦଦାରଙ୍କୁ ନିଲାମ ଜମାର ଏକଚତୁର୍ଥାଂଶ ନିଲାମ ଗ୍ରହଣ କଲାମାତ୍ରକେ ତତ୍କାଳ ଦେବାକୁ ହେବ । ନିଲାମ ସମ୍ବନ୍ଧୀୟ ଅନ୍ୟ ଯାହା ଜାଣିବାକୁ ଆବଶ୍ୟକ ହେବ ମ୍ୟୁନିସିପଲ ଅଫିସରେ ତଦନ୍ତ କଲେ ସମସ୍ତେ ବୁଝି ପାରିବେ । ଇତି,

| | |
|---|---|
| ୧ ଜୋବ୍ରା ଘାଟ | ୧ ସଦରପାଉଣ୍ଡ ଲାଲବାଗ |
| ୨ କାଠଯୋଡ଼ିଘାଟ | ୨ ପୁରୀଘାଟ ପାଉଣ୍ଡ |
| ୩ ସ୍ୱଳ ଘାଟ | ୩ ରାଣୀହାଟ ପାଉଣ୍ଡ |
| ୪ ଲମ୍ବା ଘାଟ | ୪ ଡୋଲମୁଣ୍ଡେଇ ପାଉଣ୍ଡ |
| ୫ ଚହଟାଘାଟ | ୫ କଟକଚଣ୍ଡୀ ପାଉଣ୍ଡ |
| | ୬ ଭଗତରସାହି ପାଉଣ୍ଡ |

Cuttack Municipal office 1—1—1901.

KAMSANKAR ROY,
*Vice Chairman*
Cuttack Municipality.

---

# NOTICE.

A meeting to celebrate the sixteenth anniversary of Keshub Chunder Sen's departure from this life will take place on Tuesday, the 8th January, 1901, in the hall of the Brahmo Samaj Gunga Mandir at 6—30 P. M

Revd. G. HOWELL B. A. B. D. will preside and Babus Jankinath Bose B. L. Rajmohan Bose and Visvanath Kar will address the meeting.

The presence of the public is cordially requested.

Visvanath Kar,
*Secretary, Utkal B. Samaj*

---

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

---

## ନୂତନ ପୁସ୍ତକ

| | |
|---|---|
| ଅଧ୍ୟାତ୍ମରାମାୟଣ (ହଳଧରପଟ୍ଟନାୟକକୃତ) | ଟ ୧୲୦ |
| ବୁଦ୍ଧାଭିଷେକ | ଟ ୦୲ |
| ଚତୁର୍ଦ୍ଦଶପଦୀ | ଟ ୦୲୵ |

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଗୀତଗିରୀଶ ।

"ଗୀତଗୋବିନ୍ଦ" ରେ ଯେପରି ମଧୁର ଗୀତ ରାଗିଣୀରେ ରଚିତ ହୋଇ ରାଧାକୃଷ୍ଣଙ୍କର ରସକେଳି ବର୍ଣ୍ଣନା ହୋଇଅଛି "ଗୀତଗିରୀଶ" ରେ ତଦ୍ରୂପ ରାଗ ରାଗିଣୀରେ ହରପାର୍ବତୀଙ୍କର ରସକେଳି ବର୍ଣ୍ଣିତ ହୋଇଅଛି । ଏହା ଗୀତଗୋବିନ୍ଦ ପରି ଦ୍ୱାଦଶସର୍ଗ ଚତୁର୍ବିଂଶଗାଥା ବାସ୍ତବ ଶ୍ଳୋକରେ ରଚିତ ହୋଇଅଛି । ଏହାର ମୂଲ୍ୟ ସାଧାରଣଙ୍କ ସୁବିଧାର୍ଥେ ଅତିସୁଲଭ କରାଯାଇଅଛି

ମୂଲ୍ୟ ଟ ୦।୵ ୬ ମାତ୍ର

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

Digitized by srujanika@gmail.com

Split by PDF Splitter



**NEW YORK LIFE INSURNCE COMPANY.**

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

## NOTICE.

Wanted a Head Master for the Boad Nizgurh M. E. School. Salary Rs 25 a month. Applications together with copies of testimonials to be received by the undersigned up to the 9th Proximo. None need apply who has not at least passed the Entrance Examinations. Preference will be given to those who have experience as teachers.

Daspalla
The 18th Decr.
1900

Hrushi Kesh Rautaray
*Sub Inspector of Schools*
South Mahanadi Circle
KANTILO P. O.

## ବିଜ୍ଞାପନ ।

ମହାତ୍ମା ୰ବୃନ୍ଦାବନଙ୍କ ଭାଗବତ ଚୋଲାଗଡ଼

ଭକ୍ତିରତ୍ନାବଳୀ

ଅନ୍ୱୟ ୰ଶ୍ରୀଧରସ୍ୱାମୀଙ୍କ ଟୀକା ଏବଂ ୰ଶ୍ରୀମଦାସଙ୍କ ଉତ୍କଳ ପଦ୍ୟାନୁବାଦ ସହିତ ପ୍ରକାଶିତ ହୋଇ

କଟକ ପ୍ରିଣ୍ଟିଂକୋମ୍ପାନୀ ଓ ଅରୁଣୋଦୟ ପ୍ରେସ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

୧୨ ଖଣ୍ଡ ଭାଗବତ କଣିଲେ ଯାହା

ଏ ଗ୍ରନ୍ଥରୁ ଖଣ୍ଡିଏ କିଣିଲେ ତାହା

ଜାଣିବ

ଭାଗବତ କ୍ଷୀରବ୍ଧୀର ଏ ଗ୍ରନ୍ଥ ନବନୀତ

ପୁସ୍ତକ ଦେଖିଲେ ଜଣାଯିବ

ମୂଲ୍ୟ ଏକଟଙ୍କା ମାତ୍ର ।

ଅମ୍ଭମାନଙ୍କର ଦସ୍ତଖତ ମୋହର ଦେଖି ବହି କିଣିବାକୁ ହେବ । ବିନା ମୋହରର ବହି କିଏ ଧରାଇ ଦେଲେ ପ୍ରତିଖଣ୍ଡ ପାଇଁ ପୁରସ୍କାର ୮୨ (ଦୁଇ) ଟଙ୍କା ମିଳିବ ।

୬।୧୨।୧୯୦୦ ଶ୍ରୀ ଗୋପାଳବଲ୍ଲଭ ଦାସ




## ସୁଗନ୍ଧି ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧକ କରେ। ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚତୁଃପ୍ରକାର ଏବଂ ମୂଲ୍ୟ ସ୍ୱଳ୍ପ:—

ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା,
ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା,
ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା,
ଯୂଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଚଉଦ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗ୍ୟେନ୍ଦେଲା; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ; ହ୍ୱାଇଟ୍ ରୋଜ୍; ନର୍ଗସ ରୋଜ୍; ବେଣାଚେର; କ୍ରମୁଦିନୀ; ମିଲ୍ଲଲ୍ଲୁସମ; ଦେଜାଲ୍ଲୁସମ; ପାରଜାତ-କୁସୁମ; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେ-ଣ୍ଡର ଓ୍ୱାଟର ବଡ଼ଶିଶି ଦଶଅଣା, ସାନଶିଶି ସାତଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା । ସୁଗନ୍ଧି ପମେଟମ ପାଞ୍ଚଅଣା ।

### ତାମ୍ବୂଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ରତିଏ ମିଶାଇ ଦେଲେ ଗୁଣ୍ଡି ମହକିପଡ଼ିବ । ମୂଲ୍ୟ ପ୍ରତି ଡବି ଅଠଅଣା ।

### ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଲେମନ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ରୋଜ୍‌ଜଳ ସିରପ୍ ଏକଟଙ୍କା ।

### ଗୋଲାପଜଳ

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ଭଦ୍ର ଗୃହସ୍ଥମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

ଏଚ ବସୁ
୬୨ନମ୍ବର ବହୁବଜାର ଷ୍ଟ୍ରିଟ
କଲିକତା

H. BOSE,
62 Bow Bazar Street
Calcutta.

କଟକରେ "ଉଦ୍ୟୋଗ ସମିତି ର ଭଣ୍ଡାର"ରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୫

ଅର୍ଦ୍ଧସ୍ତମ୍ଭକୁ ଟ ୨ ୫

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୫

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ଚାରି ଅଣାରୁ ଊଣା ନେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖ ୩୬ ଭ
୪ ୨ ସଂଖ୍ୟା

ତା ୧୨ ଋଷ ମାହେ ଜାନୁଆରି ସନ ୧୯୦୧ ମସିହା । ୨୭ ଶ ୦ ଉ ପୌଷ ଅଙ୍କ ୧୩୦୮ ସାଲ ଶନିବାର

ଅଗ୍ରୀମ ୫ ୩୧
ପଶ୍ଚାତ୍‌ଦେୟ ୫ ୬୧


## ORISSA ART WARES.



The automatic OTTORDAN with GOLABPAS and PANDAN combined is a patent. The plate is meant for pan the roses are receptacles of ATTAR and the peacock throws out the rose water automatically when a button is pressed. The roses and the peacock have gold stars. The plate and the roses can be removed and the plate can be used for other purposes.

Price Rs. 140
Apply to Manager Orissa Art Wares Mission Road Cuttack.

" ଓଡ଼ିଶା ଶିଳ୍ପାଗାର "

ଜଳଦ୍ୱାରା ଗଠିତ ରୂପାର ଥାଳି ଉପରେ ପାନଦାନ, ଅତର୍‌ଦାନ ଓ ଗୋଲାବପାସ ଏହାଙ୍କ ଧାରରେ ରହିଅଛି, ଗୋଟିଏ ନୂତନ ସରଞ୍ଜାମ ସକଳ ପ୍ରାପ୍ତ ପଦାର୍ଥ ଅଟେ । ଏହାର ଥାଳିଟି ପାନଦାନ, ଗୋଲାବ ଫୁଲମାନ, ଅତରର ଆଧାର ଓ ସବୋପରେ ଗୋଟିଏ ସୁନ୍ଦର ମୟୂର ବସିଅଛି ଯେ ତାହାଙ୍କ ତଳେ ଏକ ସ୍ଥାନରେ ଲଗିଥିବା ଭୁଣ୍ଡିକ ଟିପିଲେ ମୟୂର ମୁଖରୁ ଗୋଲାପଜଳ ସ୍ୱୟଂ ନିଃସୃତ ହୁଏ, ମୟୂର ପୁଚ୍ଛରେ ଓ ଗୋଲାବ ଫୁଲ ପାଖୁଡ଼ାମାନଙ୍କରେ ସୁନାର ତାରାମାନ ଲଗା ହୋଇଅଛି । ଇଚ୍ଛାମତେ ଥାଳି ଓ ଅତରଦାନି ସବୁ ଭିନ୍ନ କରାଯାଇ ପାରେ ଏବଂ ଥାଳିର ଅନ୍ୟ ବ୍ୟବହାର ହୋଇ ପାରେ ।

ମୂଲ୍ୟ ଟ ୪୦୯ ମାତ୍ର

ଗ୍ରାହକମାନେ ଓଡ଼ିଶା ଶିଳ୍ପାଗାରର ମାନେଜର । ସା । ମିଶନ ରୋଡ଼ କଟକଙ୍କ ନିକଟରେ ପତ୍ର ଦେଲେ ପାଇ ପାରିବେ ।

## ବିଜ୍ଞାପନ ।

### ନୂତନ ପଞ୍ଜିକା ।

ଶକାବ୍ଦ ୧୮୨୩ ସନ ୧୩୦୮ ଓ ୧୩୦୯ ଇଂରାଜୀ ସନ ୧୯୦୧ ଓ ୧୯୦୨ ପୂର୍ବପରି କଟକ ପ୍ରିଣ୍ଟିଂକମ୍ପାନୀଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
|---|---|
| ବଡ଼ | ଟ ୦ । |
| ଛୋଟ | ଟ ୦ ୧ ୬ |

ମଫସଲ ଲୋକଙ୍କୁ ଡାକମାସୁଲ ଟ ୦ / ଯେଉଁମାନଙ୍କର ରେଲ କମ୍ପାନୀ ମାରଫତରେ ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ


---

ଗତ ମାସ ତା ୨୧ ଋଣରେ ଶେଷ ହେବା ସପ୍ତାହରେ ୨,୧୫,୬୭ ଲୋକ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ଏହା ତହିଁ ପୂର୍ବ ସପ୍ତାହର ଅଙ୍କରୁ କେବଳ ୬୧୦ ଊଣା ଅଟେ । ଅଧିକାଂଶ ଅର୍ଥାତ୍ ୧ ଲକ୍ଷ ୮୬ ହଜାର ସାହାଯ୍ୟ ପାଇବା ଲୋକ ଏହା ବମ୍ବେଇ ପ୍ରଦେଶର ଅଟନ୍ତି ଏବଂ ସେଠା ଲୋକଙ୍କର ଅଳ୍ପକଷ୍ଟ ଊଣା ନ ହୋଇ ବରଂ ବୃଦ୍ଧି ଉପରେ ଅଛି । ଯାହା ଊଣା ପଡ଼ିଅଛି ତାହା ମଧ୍ୟପ୍ରଦେଶ ଏବଂ ଦେଶୀୟ ରାଜ୍ୟରେ ଘଟିଅଛି ।

---

Digitized by srujanika@gmail.com

ଆସନ୍ତା ଫେବୃୟାରୀ ମାସ ତା ୨୫ ରିଖଠାରୁ ତା ୨୭ ରିଖ ପର୍ଯ୍ୟନ୍ତ ତିନି ଦିନ କଲିକତା ବିଶ୍ୱବିଦ୍ୟାଳୟରେ ସେନେଟ ହାଉସରେ ଉକାଲତି ପରୀକ୍ଷା ଗୃହୀତ ହେବ ଏବଂ ପ୍ରଥମ ଦିନ କେବଳ ମୌଖିକ ଓ ଅନ୍ୟ ଦୁଇ ଦିନ ଲିଖିତ ପରୀକ୍ଷା ହେବ ।

ସେହି ଫେବୃୟାରୀ ମାସ ତା ୨୩ ଓ ୨୫ ରିଖରେ କଲିକତା ଗୌହାଟି ଏବଂ ଶ୍ରୀହଟ୍ଟ ନଗରମାନଙ୍କରେ ମୋକ୍ତାରୀ ପରୀକ୍ଷା ଗୃହୀତ ହେବ । କଲିକତାରେ ଯେଉଁମାନେ ପରୀକ୍ଷା ଦେବେ ସେମାନଙ୍କ ନିମନ୍ତେ କଲିକତା ବିଶ୍ୱବିଦ୍ୟାଳୟର ସେନେଟ ଗୃହରେ ସ୍ଥାନ ହୋଇଅଛି । ପ୍ରଥମ ଦିନ ଲିଖିତ ଏବଂ ଶେଷ ଦିନ ମୌଖିକ ପ୍ରଶ୍ନର ଉତ୍ତର ନିଆଯିବ ।

---

ବେଙ୍ଗଲୀ ସମ୍ବାଦପତ୍ରରେ ପାଠ କଲୁଁ କି ବମ୍ବାଇର ଶିକ୍ଷାବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ଗାଇଲସ ସାହେବ ଶିକ୍ଷା ବିଭାଗୀୟ ଅଧସ୍ତ କର୍ମଚାରୀଙ୍କ ପ୍ରତି ଏହି ମର୍ମରେ ଏକ ନିଷେଧାଜ୍ଞା ପ୍ରଚାର କରିଥିଲେ କି ସେମାନେ ମ୍ୟୁନିସିପାଲିଟିର କାର୍ଯ୍ୟରେ ଯୋଗଦାନ କରିବେ ନାହିଁ ଏବଂ କେତେକଜଣ ମ୍ୟୁନିସିପଲ କମିଶନର ପଦରେ ନିର୍ବାଚିତ ହେବା କାରଣ ପ୍ରାର୍ଥନା କରିଥିବାରୁ ସେମାନଙ୍କୁ କୈଫିୟତ ତଲବ କରିଅଛନ୍ତି । ଅନ୍ୟାନ୍ୟ ବିଭାଗର ସରକାରୀ କର୍ମଚାରୀମାନେ ମ୍ୟୁନିସିପଲ କାର୍ଯ୍ୟରେ ଯୋଗ ଦେବାର ନିଷେଧ ନ ଥିବା ପ୍ରତ୍ୟକ୍ଷ ଡାଇରେକ୍ଟର ମହୋଦୟଙ୍କର ଏପରି ଆଦେଶ ପ୍ରଚାର କରିବାର କୌଣସି ହେତୁ ବୁଝା ଯାଉ ନାହିଁ । ଆଶା କରୁଁ ବମ୍ବେଇର ଶାସନକର୍ତ୍ତା ଉକ୍ତ ଆଦେଶ ରହିତ କରିବେ ।

---

ଗତ ସୋମବାର ଶେଷ ହେବା ସପ୍ତାହରେ ଏକା ରାଞ୍ଚି ଗ୍ରାମ ଛଡ଼ା ବଙ୍ଗଳା ବିଭାଗ ସର୍ବତ୍ର ବୃଷ୍ଟି ହୋଇଥିଲା । ବୃଷ୍ଟିର ପରିମାଣ ବିହାର ପ୍ରଦେଶରେ ଏବଂ ତାହାଠାରୁ ଛୋଟ ନାଗପୁର ବିଭାଗରେ ଅଧିକ ଥିଲା । ଓଡ଼ିଶାରେ ବାଲେଶ୍ୱର ଓ କଟକ ଅପେକ୍ଷା ପୁରୀଜିଲ୍ଲାରେ ଅଧିକ ଥିଲା । ଛୋଟନାଗପୁର ଏବଂ ମଧ୍ୟପ୍ରଦେଶର ଅଧିକ ବୃଷ୍ଟି ହେତୁ ଓଡ଼ିଶାର ନଦୀମାନ ବଢ଼ି ଦୌଡ଼ାରେ ପାର ହେବାର ଅବରୋଧ ହୋଇଥିଲା ଯାହା କି ପୌଷମାସରେ ବହୁକାଳରୁ ଦେଖା ନ ଥିଲା । ଏ ବୃଷ୍ଟିଦ୍ୱାରା ଅନେକ ଅନିଷ୍ଟ ଏବଂ କେତେକ ଫସଲର ଉପକାର ହୋଇଅଛି । ବଙ୍ଗଳା ଦେଶର ଜି ୪୭ ଲ୍ଲ ମଧ୍ୟରୁ ଜି ୭ ଲ୍ଲରେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ଉଣା ଜି ୧୭ ଲ୍ଲରେ ଅଧିକା ଏବଂ ଅବଶିଷ୍ଟ ଜି ୨୨ ଲ୍ଲରେ ସମାନ ଅଛି । ଏଥିରୁ ପାଠକମାନେ ଏ ବର୍ଷର ଫସଲର ଅବସ୍ଥା ବିବେଚନା କରିବେ ।

---

ଗତ ଡିସେମ୍ବର ମାସଠାରୁ ଆସନ୍ତା ଫେବୃୟାରୀ ମାସ ଶେଷ ପର୍ଯ୍ୟନ୍ତ ଶୀତକାଳର ବୃଷ୍ଟି କିପରି ହେବ ତାହା ଗଣନା କରି ସରକାରୀ ଗଣକ ଇଣ୍ଡିୟା ଗେଜେଟରେ ପ୍ରକାଶ କରିଅଛନ୍ତି । ଉକ୍ତ ଗଣନାନୁସାରେ ହିମାଳୟ ପ୍ରଦେଶରେ ନିୟମିତ ପରିମାଣ ହିମପାତ ନ ହୋଇ କିଛି ଉଣା ହେବ ଏବଂ ପଞ୍ଜାବ, ସିନ୍ଧୁ ଓ ରାଜପୁତନାରେ ବୃଷ୍ଟି ମଧ୍ୟ ଉଣା ହେବ । ଗଙ୍ଗା ପ୍ରକ୍ଷାଳିତ ସମଭୂମିରେ ବୃଷ୍ଟି ଉଣା ହେବାର ଲକ୍ଷଣ ବିଦ୍ୟମାନ ଅଛି । ମାତ୍ର ମଧ୍ୟଭାରତ, ମଧ୍ୟପ୍ରଦେଶ ଏବଂ ଦକ୍ଷିଣ ଅନ୍ତଃପାତି ଛୋଟନାଗପୁର ଏବଂ ଉତ୍ତରପଶ୍ଚିମ ପ୍ରଦେଶରେ କିଛି ଅଧିକ ବୃଷ୍ଟି ହେବ ।

ଉପରଲିଖିତ ଗଣନା ପ୍ରକାଶ ହେବା ପରେ ଗତ ସପ୍ତାହରେ ମେଘ ବାହାର ମଧ୍ୟପ୍ରଦେଶ, ଉତ୍ତରପଶ୍ଚିମ ଏବଂ ବଙ୍ଗଳାରେ ଉତ୍ତମ ଏବଂ ସ୍ଥାନେ ସ୍ଥାନେ ବରଂ ଅଧିକ ବୃଷ୍ଟି ହୋଇଅଛି ଏବଂ ଏହାଦ୍ୱାରା ଅନେକ ଉପକାର ମଧ୍ୟ ହୋଇଅଛି, ପୌଷମାସରେ ଏପରି ଜଳଧାରା କେବେ କେବେ ଘଟଇ ।

---

ଆମ୍ଭମାନଙ୍କର ପୁରୀ ସମ୍ବାଦଦାତା ଲେଖିଅଛନ୍ତି ଯେ ପୁରୀ ବହୁଦିନ ଏପରି ଜଣେ ମାଜିଷ୍ଟ୍ରେଟ ପ୍ରାପ୍ତ ହୋଇ ନ ଥିଲା, ଯେପରି ଉତ୍କଳ କ୍ରମଶଃ ଉନ୍ନତି ପ୍ରାପ୍ତ ହେଉଅଛି ସେହିପରି ଆମ୍ଭେମାନେ ସୁଯୋଗ୍ୟ କମିସନର ଏବଂ ଶାସନକର୍ତ୍ତା ପ୍ରାପ୍ତ ହେଉଅଛୁଁ । ମିଃ ଲୁଇସ ସାହେବ ମହୋଦୟ ପୁରୀର ବର୍ତ୍ତମାନ ମାଜିଷ୍ଟ୍ରେଟ ଅଟନ୍ତି, ଏ ଯେପରି ସୁଶିକ୍ଷିତ, ସୁଯୋଗ୍ୟ, କର୍ତ୍ତବ୍ୟପରାୟଣ, ପ୍ରଜା ହିତୈଷୀ ସେହିପରି ଏହାଙ୍କଠାରେ ସଦାଲାପ ଏବଂ ନମ୍ରତା ପୂର୍ଣ୍ଣ ହୋଇଅଛି । ଯାହା କି ପୂର୍ବପୂର୍ବ ଶାସକମାନଙ୍କର ଦୃଷ୍ଟିପଥାରୂଢ଼ ହେଉ ନ ଥିଲା ସେହିପରି ନଗରର ଅନେକ ଆବଶ୍ୟକୀୟ ଅଭାବ ଏହାଙ୍କ ଯତ୍ନରେ ପୂରଣ ହେଉଅଛି । ଆଶା କରୁଁ ଏ ମହାତ୍ମା ପୁରୀରେ ଆଉ ବହୁକାଳ ଅବସ୍ଥିତ କଲେ ଏହାର ବହୁ ଉନ୍ନତି ସାଧିତ ହେବ ସନ୍ଦେହ ନାହିଁ । କମିଶନର ସାହେବ ମହୋଦୟ ଆଦେଶ ଦେଇଥିଲେ ଯେ କଟକସହରେ ଓଡ଼ିଆ ଭାଷା ଡିଷ୍ଟ୍ରିକ୍ଟରେ ଏବଂ ପରଗଣାମାନଙ୍କରେ ପ୍ରଚଳିତ ହେବ କିନ୍ତୁ ବଡ଼ ଦୁଃଖର ବିଷୟ ଯେ ଏ ବିଷୟରେ ଗୃହ ପାଞ୍ଚମାସ ପୂର୍ବରୁ ବିଜ୍ଞାପନ ଦିଆଯାଇଥିଲା, ମାତ୍ର ତାହା ଏକ ମିନିଟସୁଦ୍ଧା କାର୍ଯ୍ୟରେ ପରିଣତ ହେଲା ନାହିଁ । ଆଶା କରୁଁ କର୍ତ୍ତୃପକ୍ଷମାନେ ତତ୍ପ୍ରତି ଦୃଷ୍ଟି ନିକ୍ଷେପ କରି ଆମ୍ଭମାନଙ୍କର ମହୋପକାର ସାଧନ କରିବାକୁ ଯତ୍ନଶୀଳ ହେବେ ।

---

ଗତ 'ଓଡ଼ିଆ ଓ ନବସମ୍ବାଦ'ରେ ବାଲେଶ୍ୱର ରେଲଷ୍ଟେସନର ଟିକଟ କଲେକ୍ଟରଙ୍କର ଓ ଷ୍ଟେସନ ଆସିଷ୍ଟାଣ୍ଟଙ୍କର ଗୁହାରି ଜଣେ ପତ୍ରପ୍ରେରକ କରିଅଛନ୍ତି । ଅବଶ୍ୟ ସେ ଗୁହାରି ସମ୍ବନ୍ଧରେ ଆମ୍ଭେମାନେ ବିଶେଷ କିଛି ନ ଜାଣୁ । ମାତ୍ର ଯେବେ ଯେବେ ରେଲବେ କର୍ମଚାରୀଙ୍କର ଅଭିଯୋଗ ଏବଂ ଅତ୍ୟାଚାରର ଗୁହାରି ଦେଖେ ଆମ୍ଭମାନଙ୍କର କର୍ଣ୍ଣଗୋଚର ହୋଇଥାଏ । ଯାହାଙ୍କ ପ୍ରତି ଅନ୍ୟାୟ ବ୍ୟବହାର ହୁଏ ସେମାନେ ସମସ୍ତେ ମିଳନରେ ସହ୍ୟ କଲେ ତାହା ନିବାରଣ ହେବ ନାହିଁ । ଆମ୍ଭେମାନେ ଜାଣୁ ଯେ ଅଦାଲତର ଆଶ୍ରୟ ନେବା ସହଜ ବ୍ୟାପାର ନୁହେଁ । ମାତ୍ର ରେଲବେର ଉପରସ୍ଥ କର୍ମଚାରୀଙ୍କୁ ଜଣାଇଲେ ଅନେକ ପରିମାଣରେ ଅତ୍ୟାଚାର ନିବାରଣ ହୋଇପାରେ । ବିଶେଷତଃ ବଙ୍ଗାଲନାଗପୁର ରେଲବେର ଟ୍ରାଫିକ ମାନେଜର ତାହାଙ୍କ ପ୍ରସ୍ତୁତ ଟ୍ରେନ ଯାତାୟାତର ସମୟ ନିରୂପଣ ବିଜ୍ଞାପନ ତଳେ ସର୍ବସାଧାରଣଙ୍କୁ ଜଣାଇ ଦେଇଅଛନ୍ତି କୌଣସି ରେଲବେ କର୍ମଚାରୀ କାହାରପ୍ରତି ଅଶିଷ୍ଟ ବ୍ୟବହାର କଲେ ସେ ବ୍ୟକ୍ତି ସେ ବିଷୟ ତାହାଙ୍କୁ ଜଣାଇବ । ଟ୍ରାଫିକ ମାନେଜରଙ୍କର ଅଫିସ କଲିକତା ଗାର୍ଡେନରିଚ ନ ୧୩ ମ୍ବର କୋଠି ଅଟେ । ସେଠାକୁ ଡାକଦ୍ୱାରା ଖାମରେ ପତ୍ର ପଠାଇଲେ ଦୁଇପଇସାରୁ ଅଧିକ ଖରଚ ହେବ ନାହିଁ ଏବଂ ଅନେକ ଗୁହାରି ଗଲେ ସେ ଅବଶ୍ୟ ଅଧସ୍ତ କର୍ମଚାରୀମାନଙ୍କୁ ଉପଯୁକ୍ତ ରୂପେ ଶାସନ କରିବେ ।

---

ବଙ୍ଗଳା 'ସଞ୍ଜୀବନୀ' ପତ୍ରିକାରେ ମାନ୍ଦ୍ରାଜୀୟା ଏକ ପ୍ରବନ୍ଧ ବାହାରିଥିଲା ତାହା ଓଡ଼ିଶା ସହିତ କିଛି ସମ୍ବନ୍ଧ ଥିବାରୁ ଓ ସାଧାରଣଙ୍କ ଜାଣିବା

Split by PDF Splitter
Digitized by srujanika@gmail.com

Split by PDF Splitter



ଲୁତର ବନ୍ଦୋବସ୍ତରେ ସେଥିର ସାରାଂଶ ନିମ୍ନେ ପ୍ରଦତ୍ତ ହେଲା ।

"ହେଲଗାଇର ଗୋରର ବୃତ୍ତାନ୍ତ ଓ ସେମାନଙ୍କୁ ଧରିବାର ଉପାୟ" ବୋଲି ଏକଖଣ୍ଡ ଇଂରାଜୀ ପୁସ୍ତକରେ ଉଲ୍ଲେଖ ଅଛି ଯେ କୋଣ୍ଟାରୁର ନାମକ ଏକଜାତି ପୂର୍ବରେ ଡକାଏତି କରୁଥିଲେ ବର୍ତ୍ତମାନ ଆଇନର କଡ଼ାକଡ଼ିରେ ଡକାଏତି ବ୍ୟବସାୟ ପରିତ୍ୟାଗ କରି ନାନାପ୍ରକାରର ଚୋରି ବ୍ୟବସାୟ ଅବଲମ୍ବନ କରଅଛନ୍ତି । ଏମାନେ ଯେଉଁ ଜାତି ବୋଲି ପରିଚୟ ଦେଇ ଠକାମି ବ୍ୟବସାୟ ଅବଲମ୍ବନ କରଅଛନ୍ତି । ବିଶେଷତଃ ଅର୍ଶଚିକିତ୍ସାରେ ପାରଦର୍ଶୀ ବୋଲି ପରିଚୟ ଦିଅନ୍ତି ।

ଏକଦଳ ଚୋରଙ୍କର ପୁରୀରେ ଉପସ୍ଥିତ ହୋଇ ଅର୍ଶ ଓ ଭଗନ୍ଦର ରୋଗର ଚିକିତ୍ସକ ବୋଲି ପରିଚୟ ଦେଇଥିଲେ, ସେମାନେ ଡାକ୍ତରଖାନାରୁ ରୋଗୀଙ୍କର ଅର୍ଶ ଛେଦନ ପଦ୍ଧ ସବୁ ବଟଂ କରେ ବିକ୍ରୟ କରୁଥିଲେ । ପୁରୀଠାରେ ଏମାନଙ୍କର ଏକଜଣ ସ୍ତ୍ରୀଲୋକ ଧରା ହୋଇଥିଲା । ପୁଣି କଟକରେ ଦୁଇ ଏକଥର ଚୋରି କରି ଏମାନେ ଧୃତ ହୋଇଥିଲେ ।

ଆମ୍ଭେମାନେ ମଧ୍ୟ କଟକରେ ଅନେକ ହେଲଗାଙ୍କୁ ଅର୍ଶରୋଗର ଚିକିତ୍ସକ ବୋଲି ପରିଚୟ ଦେବାର ଦେଖିଅଛୁଁ ଅମ୍ଭେମାନେ ଆଶା କରୁଁ ଉପରୋକ୍ତ ଘଟନାରୁ ସମସ୍ତେ ସାବଧାନ ହୋଇ କାର୍ଯ୍ୟ କରିବେ ଓ ପୋଲିସ ମଧ୍ୟ ସେମାନଙ୍କପ୍ରତି ବିଶେଷ ଦୃଷ୍ଟି ରଖିବେ ।

---

ସମସ୍ତ ଭାରତବର୍ଷରେ ସନ ୧୮୯୯ ସାଲ ଏବଂ ତହିଁ ପୂର୍ବବର୍ଷ ଯେତେ ମନୁଷ୍ୟ ଓ ଗୋ ମେଷାଦି ପାଳିତପଶୁ ବନ୍ୟପଶୁ ଓ ସର୍ପାଘାତରେ ମରି ଯାଇଥିଲେ ତହିଁର ବିବରଣ ନିମ୍ନେ ପ୍ରକାଶିତ ହେଲା ଯଥା

| | ମନୁଷ୍ୟ | ପାଳିତପଶୁ |
|---|---|---|
| ସନ ୧୮୯୮ ସାଲରେ | | |
| ବନ୍ୟପଶୁଦ୍ୱାରା | ୩,୨୬୫ | ୮୩,୦୦୭ |
| ସର୍ପାଘାତରେ | ୨୧,୯୦୧ | ୮,୨୪୩ |
| ମୋଟ | ୨୫,୧୬୬ | ୯୧,୨୫୦ |
| ସନ ୧୮୯୯ ରେ | | |
| ବନ୍ୟପଶୁଦ୍ୱାରା | ୨,୯୬୬ | ୮୯,୨୩୮ |
| ସର୍ପାଘାତରେ | ୨୪,୬୨୧ | ୯,୪୪୯ |
| ମୋଟ | ୨୭,୫୮୭ | ୯୮,୬୮୭ |

ଏଥିରୁ ଦେଖାଯାଏ ଯେ ମନୁଷ୍ୟ ନାଶ ବିଷୟରେ ସାପ ଏବଂ ପଶୁନାଶ ମଧ୍ୟରେ ବନ୍ୟପଶୁ ମଧ୍ୟରେ ବାଘର ଉପଦ୍ରବ ଅଧିକ ଏବଂ ଅନ୍ୟାନ୍ୟ ପ୍ରଦେଶଠାରୁ ବଙ୍ଗପ୍ରଦେଶରେ ଏହି ଦୁଇ ଉପଦ୍ରବ ଅଧିକ ଅଟେ । ବର୍ତ୍ତିତବର୍ଷରେ ୧୮,୮୩୭ ସର୍ପ ଏବଂ ୭,୯୮୯ ବନ୍ୟପଶୁ ବଧ ନିମନ୍ତେ ଟ ୧,୧୦,୭୨୬୯ ଙ୍କା ପୁରସ୍କାର ଦିଆ ଯାଇଥିଲା । ତହିଁ ପୂର୍ବବର୍ଷ ୧୯,୭୭୬ ସର୍ପ ଏବଂ ୯,୪୬୭ ବନ୍ୟ ପଶୁ ବଧ ନିମନ୍ତେ ଟ ୫୮,୫୧୬୯ଙ୍କା ପୁରସ୍କାର ଦିଆଯାଇଥିଲା । ଏପରି ବନ୍ୟପଶୁ ବଧ ନିମନ୍ତେ ବିନା ଖର୍ଚ୍ଚାରେ ଶୀକାରୀମାନଙ୍କୁ ପାସ ଦେବାର ନିୟମ ବଙ୍ଗପ୍ରଦେଶରେ ଏ ବର୍ଷଠାରୁ ଏପରିଭାବରେ ପରିବର୍ତ୍ତିତ ହୋଇଅଛି ଯେ ତହିଁରେ ଶୀକାରୀମାନଙ୍କର ସୁବିଧା ହେବ ।

---

ଦେବାନିଅପିଲ ଉଠା ଯିବା ସମ୍ବନ୍ଧରେ ବଡ଼ଲାଟଙ୍କର ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନର ପାଣ୍ଡୁଲିପି ଉପସ୍ଥିତ ହେବାର ପାଠକମାନଙ୍କୁ ଜଣାଅଛି । ସେହି ପାଣ୍ଡୁଲିପି ବିଷୟରେ କଲିକତାର ବ୍ରିଟିଶ ଇଣ୍ଡିଆନ ସଭାର ମତ ଜାଣିବା କାରଣ ଗବର୍ଣ୍ଣମେଣ୍ଟ ଲେଖି ପଠାଇବାରେ ତହିଁର ଉତ୍ତରରେ ସେମାନେ ସ୍ପଷ୍ଟ ଲେଖିଅଛନ୍ତି କି ବଙ୍ଗପ୍ରଦେଶରେ ଅପିଲର ସଂଖ୍ୟା କିଛିମାତ୍ର ଅଧିକ ବୃଦ୍ଧି ହୋଇଅଛି ସନ୍ଦେହ ନାହିଁ ତହିଁ ନିମନ୍ତେ ସନ ୧୮୮୫ ସାଲର ପ୍ରଜାସ୍ୱତ୍ୱ ଆଇନ ସମ୍ପୂର୍ଣ୍ଣରୂପେ ଦାୟୀ ଅଟେ । ପଶ୍ଚାତ୍ରେ ହାଇକୋର୍ଟ ଅପିଲ କ୍ରମାଗତ ହ୍ରାସ ହୋଇଆସୁଅଛି । ଯେବେ ପାଣ୍ଡୁଲିପିର ପ୍ରସ୍ତାବ ମତେ ହାଇକୋର୍ଟର ୨ୟ ଅପିଲରେ ବାଧା ଦିଆଯିବ ତେବେ ମୋକଦ୍ଦମାର ଦାବୀ ବା ମୂଲ୍ୟ ବଢ଼ାଇବାର ସମ୍ଭାବନା ହେବ ଏବଂ ଅଧସ୍ତ ଅପିଲ ଅଦାଲତମାନେ ମୁକଦ୍ଦମାମାନଙ୍କର ଭଙ୍ଗି ଏବଂ ଅବସ୍ଥା ବାହାର କରିବା କାରଣ ପ୍ରସାଦ ପାଇବେ । କାର୍ଯ୍ୟତଃ ନବୀନ ଏବଂ ଅଲ୍ପଦର୍ଶୀ ଡିଷ୍ଟ୍ରିକ୍ଟଜଜମାନେ ଶତକଡ଼ା ୯୦ ଅପିଲରେ ଚୂଡ଼ାନ୍ତ ନିଷ୍ପତ୍ତିର ଅଧିକାର ପାଇବେ । ଭାରତବର୍ଷର ଏହି ମତରେ ଏ ଦେଶୀୟମାନେ ସମ୍ପୂର୍ଣ୍ଣରୂପେ ଐକ୍ୟ ହେବେ ସନ୍ଦେହ ନାହିଁ । ଏକମାତ୍ର ହାଇକୋର୍ଟର ପ୍ରବୀଣ ଏବଂ ବହୁଦର୍ଶୀ ବିଚାରପତିଙ୍କ ହେତୁ ବିଚାରର ବିଶୁଦ୍ଧତା ରକ୍ଷା ହୋଇଅଛି ଏବଂ ତଦ୍ଦ୍ୱାରା ବ୍ରିଟିଶଗବର୍ଣ୍ଣମେଣ୍ଟଙ୍କ ପ୍ରତି ଲୋକଙ୍କର ରାଜଭକ୍ତି ଓ ପ୍ରେମ ଦୃଢ଼ ହୋଇଅଛି । ହାଇକୋର୍ଟ ଅପିଲର ବାଟ ଯେବେ ସଙ୍କୀର୍ଣ୍ଣ ହେବ ମୋଫସଲର ଅଧିକାଂଶ ଯୁବା ଏବଂ ଅଭିଜ୍ଞ ଜଜମାନଙ୍କର ସୂକ୍ଷ୍ମ ବିଚାର କରିବାର ଚେଷ୍ଟା ଓ ପ୍ରବୃତ୍ତି ଉଣା ହେବ ସୁତରାଂ ଦେଶର ଅମଙ୍ଗଳ ବିନା ମଙ୍ଗଳ ହେବ ନାହିଁ ।

---

ସ୍ୱର୍ଗୀୟ ମହାତ୍ମା ପ୍ରୋଫେସ ମାକ୍ସ ମୁଲରଙ୍କ ସ୍ମୃତି ଚିହ୍ନ ସ୍ଥାପନାର୍ଥେ ଅକ୍ସଫୋର୍ଡଠାରେ ବଡ଼ ଉଦ୍ୟମ ହେଉଅଛି । ତାଙ୍କର ସ୍ମୃତିଚିହ୍ନ ଅକ୍ସଫୋର୍ଡର ବିଶ୍ୱବିଦ୍ୟାଳୟସହିତ ସଂଲଗ୍ନ ହେବାର ପ୍ରସ୍ତାବ ହୋଇଅଛି ଓ ତାଙ୍କର ନାମ ଚିରସ୍ମରଣୀୟ କରିବା ନିମନ୍ତେ ଏକ ପାଣ୍ଠି ସଂସ୍ଥାପିତ ହେବ ଓ ଏହାର ସୁଧାଦିର ଭାରତର ଇତିବୃତ୍ତ ମୂଳକ ଗବେଷଣାରେ ବ୍ୟୟିତ ହେବ । କାରଣ, ତାଙ୍କର ଜୀବନର ଅଧିକାଂଶ ସମୟ କେବଳ ଭାରତର ପୁରାତତ୍ତ୍ୱ ଅଧ୍ୟୟନରେ ନଷ୍ଟ ହୋଇଥିଲା ।

ସ୍ମୃତିଚିହ୍ନ ସ୍ଥାପନ ବିଷୟରେ ପ୍ରିନ୍ସ ଅବ୍ ୱେଲ୍ସ, ପ୍ରିନ୍ସ କ୍ରିଷ୍ଟିୟାନ୍, ପ୍ରିନ୍ସ ଅବ୍ ଶ୍ୟାମ, ବରୋଦାର ଗାଇକୁଆର ଜର୍ମ୍ମାନଡ୍ୟୁକ, ଲର୍ଡଲାନ୍ସଡାଉନ, ଲର୍ଡ ଏଲ୍ଗିନ, ଲର୍ଡ ଜର୍ଜହାମିଲ୍ଟନ୍, ଲର୍ଡ ଷ୍ଟାନ୍ମୋର, ସାର, ଏମ୍ ଗ୍ରାଣ୍ଟଡଫ, ମି: ଦାଦାଭାଇ ନାଓରଜୀ ପ୍ରଭୃତିଙ୍କଠାରୁ ସାହାଯ୍ୟ ମିଳିବାର ଆଶା ପ୍ରାପ୍ତ ହେବାରେ ଏକ କମିଟି ସ୍ଥାପିତ ହୋଇଅଛି । ବର୍ତ୍ତମାନ ଚାନ୍ଦା ସଂଗ୍ରହ ହେବା ଉଦ୍ଯୋଗ ଲାଗିଅଛି ।

ପ୍ରୋଫେସର ମାକ୍ସମୁଲର ଭାରତର ଉପକାରରେ ଜୀବନ ଯାପନ କରିଥିଲେ। ସୁତରାଂ ଅଧିକାଂଶ ଭାରତବାସୀ ଏ ଅନୁଷ୍ଠାନରେ ଯୋଗ ପ୍ରଦାନ କରିବେ ଓ ଏତଦ୍ଦ୍ୱାରା ସେମାନେ କେବଳ କୃତଜ୍ଞତାର ଚିହ୍ନ ଦେଖାଇବେ ନାହିଁ ଓ ମଧ୍ୟ ଉପକାର ପ୍ରାପ୍ତ ହେବେ ଇଚ୍ଛୁକ ଚାନ୍ଦାଦାତାମାନେ ସେମାନଙ୍କର ଚାନ୍ଦା ବୋମ୍ବାଇସ୍ଥିତ ମେସର୍ସ କିଙ୍ଗ ଓ କୋମ୍ପାନି କିମ୍ବା କଲିକତାସ୍ଥ ମେସର୍ସ ହାମିଲ୍ଟନ ଓ କୋମ୍ପାନିଙ୍କ ନିକଟକୁ ପ୍ରେରଣ କରିପାରିବେ ।

ଆମ୍ଭେମାନେ ଉପରୋକ୍ତ ବିଷୟକୁ ସର୍ବସାଧାରଣଙ୍କ ଗୋଚରରେ ଆଣିବା ନିମନ୍ତେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ସଂସ୍କୃତ ଅଧ୍ୟାପକଙ୍କ ନିକଟରୁ ଏକ ପତ୍ର ପାଇଅଛୁଁ । ଅମ୍ଭେମାନେ ଅତି ଆନନ୍ଦସହିତ ଏହି ବିଷୟ ପ୍ରକାଶ କଲୁଁ ଆଶା କରୁଁ ସାଧାରଣ ଦେଶହିତୈଷୀ ଧନାଢ୍ୟ ମହୋଦୟଗଣ ଏହି ମଙ୍ଗଳକର କାର୍ଯ୍ୟରେ ଉଚିତ ସାହାଯ୍ୟ ପ୍ରଦାନ କରିବାରେ କୁଣ୍ଠିତ ହେବେ ନାହିଁ ।

---

Digitized by srujanika@gmail.com

କଲିକତାର ଷ୍ଟେଟ୍‌ସମ୍ୟାନ ସମ୍ବାଦପତ୍ରଯୋଗେ ଓଡ଼ିଶାର ଜଣେ ଜମିଦାର ପ୍ରକାଶ କରିଅଛନ୍ତି ଯେ ନୂତନ ବନ୍ଦୋବସ୍ତ ହେବାରୁ ରଯ୍ୟତମାନେ ଖଜଣା ଦେବାକୁ ବଡ଼ ହଇରାଣ କରୁଅଛନ୍ତି ଏବଂ ବାକି ଖଜଣା ଉପରେ ଖତିପୂରଣ ସୁଦ ଏବଂ ଖରଚ୍ଚ ଉଚିତ ହୋଇଥିଲେ ସୁଦ୍ଧା ସେମାନଙ୍କର ଡର ନାହିଁ । ବାକି ଖଜଣାର ନାଲିସ ରଯ୍ୟତ ଅପେକ୍ଷା ବରଂ ଜମିଦାରର ବ୍ୟୟ ଓ କଷ୍ଟ ଅଧିକ । ଉଦାହରଣ ସ୍ୱରୂପ ସେ ଦେଖାଇ ଅଛନ୍ତି ଯେ ମୋଟରେ ଟ ୧୮୵୪ ବାକି ଖଜଣା ସକାଶେ ନ ୩ ମ୍ବର ନାଲିସ କରି ଡିକ୍ରିଜାରି ପର୍ଯ୍ୟନ୍ତ ସେ ପ୍ରାୟ ଟ ୭୦ ଙ୍କା ଖରଚ କଲେ ମାତ୍ର ଖଜଣା ସହିତ କେବଳ ଟ ୬୮୵ ଆଦାୟ କଲେ । ଅର୍ଥାତ୍ ରଯ୍ୟତ ଟ ୧୮୵୪ ଖଜଣା ଉପରେ ଖତିପୂରଣ ଓ ଖରଚ୍ଚ ସ୍ୱରୂପ ଅଧିକା ଟ ୧୫୵୪ ଦେଲା ମାତ୍ର ଜମିଦାରର ସେହି ଟ ୧୮୵୪ ଖଜଣା ପାଇବା ସକାଶେ ଟ ୩୧। ଖର୍ଚ୍ଚ ହେଲା । ଆଇନ ଲିଖିତ ଖରଚ୍ଚ କେବଳ ଉକ୍ତ ହୁଅଇ ମାତ୍ର ତାହା ଛଡ଼ା ଯେ ମୋକଦମା ଚଳାଇବାର ଅନେକ ଖରଚ ଅଛି ସେ କଥା କାହାରିକି ଅବିଦିତ ନାହିଁ । ମୋକଦମା ଚଳାଇଲେ ପ୍ରକାର ଯେ କିଛି ଖରଚ ନ ହୁଏ ଏମନ୍ତ ନୁହେଁ ମାତ୍ର ରଯ୍ୟତ ହାକିମ ନ ହେଲେ ତାହାର କିଛି ଖରଚ ନାହିଁ । ଏଥିପାଇଁ କେତେ ରଯ୍ୟତ କେବଳ ଜମିଦାରଙ୍କୁ ହଇରାଣ କରିବା ଅଭିପ୍ରାୟରେ ଖଜଣା ଦଅନ୍ତି ନାହିଁ ଏବଂ ଖତିପୂରଣ ଓ ଆଇନଦ୍ୱାରା ଆଦାୟ ଯୋଗ୍ୟ ମୋକଦମା ଖରଚ୍ଚ ଅଧିକ ନୁହଇ ବୋଲି ମନେ କରନ୍ତି । ଫଳତଃ ଯେ ସ୍ଥଳେ 'ଖତିପୂରଣ ବା ଅର୍ଥଦଣ୍ଡକୁ ନ ଡରି ରଯ୍ୟତ ଖଜଣା ବାକି ରଖୁଅଛି ସେ ସ୍ଥଳେ ତହିଁର ବିଶେଷ ପ୍ରତିକାର ଆବଶ୍ୟକ ସେ ବିଷୟରେ ସନ୍ଦେହ ନାହିଁ ।

ଉପର ଲିଖିତ ଜମିଦାରଙ୍କର ପ୍ରସ୍ତାବ ଏହି ଯେ ପଟା ରଦ ସମ୍ବନ୍ଧୀୟ ସନ ୧୮୫୯ ସାଲର ଅ ୧୦ ଆଇନର ଧା ୭୮ ଧ ପ୍ରବଳ ହେଉ ଦଖଲି ସତ୍ୱ ବିଶିଷ୍ଟ ଯୋତ ପ୍ରତି ପତନି ତାଲୁକର ବିଧି ପ୍ରଚଳିତ ଏବଂ ଦଖଲି ସତ୍ୱ ବିହୀନ ଯୋତ ପ୍ରତି ସପ୍ତମର ବେଦଖଲର ବିଧି ହେଉ, ମୌଖିକ ପ୍ରାର୍ଥନାମତେ ଉକ୍ତ ଜାରି ହେଉ ଏବଂ ଅମାନତ ଟଙ୍କା ଜମିଦାର ନିକଟକୁ ମନିଅର୍ଡରଦ୍ୱାରା ପଠାଇବାର ବନ୍ଦୋବସ୍ତ ସାଦା କାଗଜରେ ସ୍ୱୀକୃତ ହେଉ । ଏପରି ରେଜେଷ୍ଟ୍ରୀ ଚିଠିଦ୍ୱାରା ସମନଜାରି ହେବାର ବିଧି ହେଉ । ଏ ପ୍ରସ୍ତାବ ଗୁଡ଼ିକ ଆମ୍ଭମାନଙ୍କ ବିବେଚନାରେ ଯୁକ୍ତିସଙ୍ଗତ ଅଟେ ଏବଂ ଆମ୍ଭେମାନେ ବିବେଚନା କରୁଁ ଯେ ଜମିଦାରମାନେ ମିଶି ଏ ବିଷୟରେ ଗବର୍ଣ୍ଣମେଣ୍ଟରେ ଆବେଦନ କଲେ ବିଫଳ ହେବ ନାହିଁ । ସରକାର ଆପଣା ପାଉଣା ରାଜସ୍ୱ ଆଦାୟ ନିମନ୍ତେ ଅତ୍ୟନ୍ତ କଠିନ ନିୟମ କରିଥିବା ସ୍ଥଳେ ଜମିଦାରର ନ୍ୟାଯ୍ୟ ପାଉଣା ଆଦାୟର ସହଜ ଉପାୟ କରିବାକୁ ନ୍ୟାୟ ଓ ଧର୍ମାନୁସାରେ ବାଧ୍ୟ । ଜମିଦାରମାନେ ପୁନଃ ଦୁଃଖ ଜଣାଇଲେ ସରକାର ନିଶ୍ଚିନ୍ତ ରହି ପାରିବେ ନାହିଁ ।

---

## ଜାତୀୟ ମହାସମିତି ।

ଲାହୋର ସହରର ଏକ ପାର୍ଶ୍ୱେ ଅବସ୍ଥିତ ହୋଇଥିଲେ ସୁଦ୍ଧା ବଙ୍ଗଳାଠାରୁ ୩୫, ବୋମ୍ବାଇଠାରୁ ୧୨, ମାନ୍ଦ୍ରାଜଠାରୁ ୧୦, ମଧ୍ୟପ୍ରଦେଶଠାରୁ ୭, ଉତ୍ତରପଶ୍ଚିମ ଓ ଅଯୋଧ୍ୟାଠାରୁ ୩୫ ଓ ସିନ୍ଧୁଠାରୁ ୬୦ ଜଣ ପ୍ରତିନିଧି ଉପସ୍ଥିତ ହୋଇଥିଲେ । ପ୍ରତିନିଧିର ସଂଖ୍ୟା ସର୍ବମୋଟ ୫୦୦ ରୁ ନ୍ୟୂନ ନୁହେ । ମୁସଲମାନ ପ୍ରତିନିଧିଙ୍କ ସଂଖ୍ୟା ୧୯୦ ତନ୍ମଧ୍ୟରୁ ବଙ୍ଗଳାର ଜ ୩ ଣ ଉତ୍ତରପଶ୍ଚିମର ଜ ୧୨ ଣ ଓ ପଞ୍ଜାବର ଜ ୮୦ ଣ ଥିଲେ । ପ୍ରଥମ ଦିବସ ସଭାପତିଙ୍କ ବକ୍ତୃତାରେ ଶେଷ ହେଲା । ବାକି ଦିବସମାନରେ ପୁରାତନ ପ୍ରସ୍ତାବମାନ ସମର୍ଥନ କରା ହୋଇଥିଲା । ଶାସନ ବିଭାଗଠାରୁ ବିଚାରବିଭାଗ ପୃଥକ୍ ରଖିବା ନିମନ୍ତେ ଏକ ଆବେଦନପତ୍ର ମାନ୍ଦ୍ରାଜ, ବୋମ୍ବାଇ, ଉତ୍ତର ପଶ୍ଚିମ ଅଞ୍ଚଳ ପ୍ରଭୃତିର କେତେକ ପ୍ରଧାନ ବ୍ୟକ୍ତିମାନେ ବଡ଼ଲାଟଙ୍କ ନିକଟରେ ପ୍ରଦାନ କରିବେ ।

ଏକ ନୂତନ ପ୍ରସ୍ତାବ ହୋଇଅଛି ଯେ ପ୍ରତି କଂଗ୍ରେସରେ ଅନ୍ୟୂନ ଗୋଟିଏ ଘଣ୍ଟା ଜ୍ଞାନଶିକ୍ଷା ଓ ଶିଳ୍ପଶିକ୍ଷା ସମ୍ବନ୍ଧରେ ଆଲୋଚନା କରାଯିବ ।

ଆଗାମୀ ମହାସମିତିର ଅଧିବେଶନ କଲିକତା ମହାନଗରରେ ହେବାର ସ୍ଥିର ହୋଇଅଛି ।

—୦୦—

## ଦୁର୍ଭିକ୍ଷ କମିଶନ ।

ପୁଣି ଗୋଟିଏ ଦୁର୍ଭିକ୍ଷ କମିଶନ ବସିଅଛି । ଉତ୍ତର ପଶ୍ଚିମର ଲେଫଟେନାଣ୍ଟ ସର ମାକ୍‌ଡୋନେଲ ତହିଁର ସଭାପତି ଏବଂ ଉତ୍ତର ପଶ୍ଚିମର ସେଟଲମେଣ୍ଟ ଅଫିସର ବଟଲର ସାହେବ ସେକ୍ରେଟେରୀ ନିଯୁକ୍ତ ହୋଇଅଛନ୍ତି । ସଭ୍ୟ ତିନିଜଣ ମଧ୍ୟରେ ଦୁଇଜଣ ଇଉରୋପୀୟ ଏବଂ ଏକଜଣ ଦେଶୀୟ ଅଟନ୍ତି । ଶେଷଲିଖିତ ବ୍ୟକ୍ତିଙ୍କର ନାମ ରାଓ. କାନ୍ତି ଚନ୍ଦ୍ର ମୁଖର୍ଜ୍ୟା ସି, ଆଇ, ଇ ଜୟପୁର ରାଜ୍ୟର ସଭାର ଜଣେ ମେମ୍ବର । କମିଶନ ଏଥି ମଧ୍ୟରେ କାର୍ଯ୍ୟାରମ୍ଭ କରି ସାକ୍ଷ୍ୟ ଗ୍ରହଣ ନିମନ୍ତେ ଭ୍ରମଣ କରୁଅଛନ୍ତି । ଆସନ୍ତା ଫେବୃୟାରୀମାସର ମଧ୍ୟଭାଗରେ ଭ୍ରମଣ ସାରି ଲକ୍ଷ୍ନୌ ନଗରକୁ ଫେରି ଆସିବେ । ସାହାଯ୍ୟ ଦାନ ସମ୍ବନ୍ଧରେ ସନ ୧୮୯୮ ସାଲର କମିଶନ ଯେ ସବୁ ପ୍ରସ୍ତାବ କରିଥିଲେ ଗତ ବର୍ଷ ସାହାଯ୍ୟ ଦିଆଯିବାରେ କି ଫଳ ହୋଇଅଛି ଏବଂ ସେହି ସବୁ ପ୍ରସ୍ତାବର କି ପରିବର୍ତ୍ତନ ଆବଶ୍ୟକ ଏବଂ ତଗାବି ଦାଦନି ଓ ରାଜସ୍ୱ ଆଦାୟ ସ୍ଥଗିତ ବା କ୍ଷମା ବିଷୟରେ କି କରିବାକୁ ହେବ ଏହି ସବୁ ବିଷୟ ତଦନ୍ତ କରି ଜଣାଇବାର ଆଦେଶ କମିଶନ ପ୍ରତି ହୋଇଅଛି । ଦୁର୍ଭିକ୍ଷର ନିଦାନ ସମ୍ବନ୍ଧରେ କୌଣସି ଅନୁସନ୍ଧାନର ଆଦେଶ ହୋଇ ନାହିଁ ଏହା ଦୁଃଖର ବିଷୟ ଅଟେ । ସାହାଯ୍ୟ ଦାନର ବ୍ୟବସ୍ଥା ପାଇଁ ନିୟମାବଳୀ ଖଣ୍ଡିଏ ପୁସ୍ତକରେ ଗବର୍ଣ୍ଣମେଣ୍ଟ ପ୍ରସ୍ତୁତ କରିଅଛନ୍ତି ଏବଂ ତାହା ଯଥାସାଧ୍ୟ ସର୍ବାଙ୍ଗ ସୁନ୍ଦର ହେବା ବାଞ୍ଛନୀୟ ତହିଁରେ ସନ୍ଦେହ ନାହିଁ । ସେଥିପାଇଁ ଜନସାଧାରଣ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଅବଶ୍ୟ କୃତଜ୍ଞତା ପାଶରେ ଆବଦ୍ଧ ଅଟନ୍ତି । ମାତ୍ର ଏଣିକି ଯେପରି ଘନ୨ ଦୁର୍ଭିକ୍ଷ ଘଟୁଅଛି ତହିଁର ମୂଳ ଅନୁସନ୍ଧାନଦ୍ୱାରା ସ୍ଥିର କରି ପ୍ରତିକାରର ବ୍ୟବସ୍ଥା ଏକାନ୍ତ ପ୍ରୟୋଜନ । ରୋଗର ଚିକିତ୍ସାଠାରୁ ରୋଗ ନିବାରଣର ଉପାୟ କରିବା ଅଧିକ ଭଲ ଏହା ଗବର୍ଣ୍ଣମେଣ୍ଟଙ୍କୁ କେହି କହି ଦେବ ନାହିଁ । ମାତ୍ର ଆମ୍ଭମାନଙ୍କର ଦୁର୍ଭାଗ୍ୟକୁ ସେ କଥାକୁ ଗବର୍ଣ୍ଣମେଣ୍ଟଙ୍କର ମନ ଯାଉ ନାହିଁ । ଏକାନ୍ତ ଆଶା କରୁଁ ଯେ ଆମ୍ଭମାନଙ୍କର ଅତି ଦକ୍ଷ ଦୟାଳୁ ବଡ଼ଲାଟ କର୍ଜନ ବାହାଦୁର ଦୁର୍ଭିକ୍ଷ ସାହାଯ୍ୟ ଦାନରେ ଯେମନ୍ତ ଯଶ ଅର୍ଜିଅଛନ୍ତି ଦୁର୍ଭିକ୍ଷର ମଳ ନିର୍ମୂଳଦ୍ୱାରା ତହୁଁ ଅଧିକ ଯଶଃ ଲାଭ କରିବେ ।

---

## କଟକ ପ୍ରଦର୍ଶନୀ ।

ଏଥିପୂର୍ବେ ପ୍ରକାଶିତ ବିଜ୍ଞାପନରୁ ପାଠକମାନେ ଜାଣିଅଛନ୍ତି ଯେ ଏହି ପ୍ରଦର୍ଶନୀ ଏ ନଗରରେ ଚଳିତମାସ ତା ୨୫ ରିଖ ଶୁକ୍ରବାର ଶ୍ରୀପଞ୍ଚମୀଦିନ ଆରମ୍ଭ ହୋଇ ତା ୩୧ ରିଖ ବୃହସ୍ପତିବାର ଶେଷ ହେବ । ପ୍ରଦର୍ଶନୀର ନିୟମାବଳୀ ଏବଂ ପୁରସ୍କାରର ତାଲିକା ଆମ୍ଭେମାନେ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁ । ପୁରସ୍କାରର ତାଲିକା ଅତ୍ୟନ୍ତ ଦୀର୍ଘ ଥିବାରୁ ତହିଁ ସକାଶେ ସ୍ଥାନ ଯୋଗାଇ ନ ପାରି କେବଳ ନିୟମାବଳୀ ନିମ୍ନେ ପ୍ରକାଶ କଲୁଁ ଯଥା ।—

Split by PDF Splitter
Digitized by srujanika@gmail.com

୧ । ଯେ କୌଣସି ବ୍ୟକ୍ତିଠାରୁ ପ୍ରଦର୍ଶନୀୟ ଦ୍ରବ୍ୟ ଗ୍ରହଣ କରାଯିବ । ମାତ୍ର କେବଳ ଓଡ଼ିଶା ଓ ତଦନ୍ତର୍ଗତ ଗଡ଼ଜାତବାସୀଙ୍କ କର୍ତ୍ତୃକ ଉତ୍ପାଦିତ ପ୍ରସ୍ତୁତ ବା ନିର୍ମିତ ଦ୍ରବ୍ୟ ନିମନ୍ତେ ପୁରସ୍କାର ଦିଆଯିବ ।

୨ । ବସ୍ତୁର ବିବରଣ ସହିତ ପ୍ରଦର୍ଶନୀୟ ଦ୍ରବ୍ୟ ପ୍ରେରଣ ଅଭିପ୍ରାୟ ଅନତିବିଳମ୍ବେ ଅବୈତନିକ ସମ୍ପାଦକଙ୍କୁ ଜଣାଇବାକୁ ହେବ । ତାହା ହେଲେ ଉକ୍ତ ଦ୍ରବ୍ୟ ନିମନ୍ତେ ପ୍ରଦର୍ଶନୀରେ ସ୍ଥାନ ନିର୍ଦ୍ଦେଶ କରାଯିବ । ଫୁଲ ଓ ପତ୍ର ଗଛ, ଫଳ ଓ ସବୁଜମାନ ଜାନୁଆରୀ ମାସ ତା ୨୬ ରଖ ସନ୍ଧ୍ୟାସୁଦ୍ଧା ପ୍ରଦର୍ଶକମାନେ ଫେରାଇ ନେଇପାରିବେ । ଅନ୍ୟାନ୍ୟ ସବୁ ପଦାର୍ଥ ପ୍ରଦର୍ଶନୀର ଶେଷପର୍ଯ୍ୟନ୍ତ ରହିବ ।

୩ । ଟିକଟ ଦେଖାଇଲେ ଲୋକେ ପ୍ରଥମଦିନ ପ୍ରଦର୍ଶନୀରେ ପ୍ରବେଶ କରି ପାରିବେ । ଚାନ୍ଦା-ଦାତାମାନେ ନିଜର ଗୃହସ୍ଥ ଲୋକମାନଙ୍କ ସହିତ ପ୍ରଦର୍ଶନୀର ପ୍ରଥମ ଦିବସରେ ଉପସ୍ଥିତ ହେବାନିମିତ୍ତ ନିମନ୍ତ୍ରଣପତ୍ର ପାଇବେ । ଯେଉଁମାନେ ଚାନ୍ଦା ନ ଦେଇଥିବେ ସେମାନେ ଟଙ୍କା ଫିସ୍ ଦେଇ ପ୍ରଦର୍ଶନୀର ଭିତରକୁ ଯାଇପାରିବେ । ଯେଉଁ ଭଦ୍ର ଲୋକମାନେ ଚାନ୍ଦାବହି ଦେଖିବାର ସୁବିଧା ପାଇ ନ ଥିବେ କିନ୍ତୁ ଚାନ୍ଦା ଦେବାକୁ ଇଚ୍ଛୁକ ଅଛନ୍ତି ସେମାନେ ପ୍ରଦର୍ଶନୀର ଫାଟକ ନିକଟରେ ରଖାହୋଇଥିବା ଚାନ୍ଦା ବହିରେ ଅପଣା ନାମ ସ୍ୱାକ୍ଷର କରି ଅପଣା ପରିବାରସ୍ଥ ଲୋକସହିତ ପ୍ରଦର୍ଶନୀ ଭିତରେ ଯାଇପାରିବେ । କାର୍ଯ୍ୟ ନିର୍ବାହକ ସମିତି ଯେଉଁ ନିୟମ କରିବେ ତଦନୁସାରେ ତା ୨୬ ରଖ ଜାନୁଆରୀଠାରୁ ପ୍ରଦର୍ଶନୀର ଶେଷପର୍ଯ୍ୟନ୍ତ ସକଳ ଆଗନ୍ତୁକମାନେ ବିନା ଟିକଟରେ ପ୍ରଦର୍ଶନୀ ଦେଖି ପାରିବେ ।

୪ । ତା ୨୪ ରଖ ଜାନୁଆରୀ ସନ୍ଧ୍ୟାସୁଦ୍ଧା କୃଷିଜାତ ଦ୍ରବ୍ୟ ଓ କୁଣ୍ଡରେ ଥିବା ଗଛମାନ ପଠାଯିବ । ଶାକ ସବୁଜି ଓ ଗଛରୁ ତୋଳା ଫୁଲ ତା ୨୫ ରଖ ସକାଳ ୮ ଘଣ୍ଟା ସୁଦ୍ଧା ପ୍ରଦର୍ଶନୀରେ ପହଞ୍ଚିବା ଉଚିତ ।

୫ । ପରୀକ୍ଷକମାନଙ୍କ ମତରେ ପ୍ରଦର୍ଶନୀୟ ଦ୍ରବ୍ୟ ଯଥାଯୋଗ୍ୟ ଉତ୍କୃଷ୍ଟ ହେଲେ, ସେଥିନିମନ୍ତେ ପୁରସ୍କାର ଦିଆଯିବ । କୌଣସି ଶ୍ରେଣୀୟ ବିଶେଷ ଦ୍ରବ୍ୟପାଇଁ ବିଶେଷ ପୁରସ୍କାର ମଧ୍ୟ ଦିଆଯାଇ ପାରେ । ପରୀକ୍ଷକମାନେ ଆବଶ୍ୟକ ବୋଧ କଲେ ପୁରସ୍କାର ତାଲିକା ବଦଳାଇ ପାରିବେ । ତା ୨୫ ରଖ ଜାନୁଆରୀ ଅପରାହ୍ନ ଘ ୪ ଘଣ୍ଟା ସମୟରେ ପ୍ରଦର୍ଶନୀ ଫିଟିବ ।

ପୁରସ୍କାରର ପରିମାଣ ପ୍ରାୟ ପୂର୍ବପରି ରହିଅଛି ଏବଂ ଦ୍ରବ୍ୟର ସଂଖ୍ୟା ମଧ୍ୟ ତଦ୍ରୂପ ଅଛି । କେତେକ ଦ୍ରବ୍ୟ ଯାହା ଉପଯୁକ୍ତମତେ ଗତ ଥର ସୃଷ୍ଟ ହୁଅଇ ନାହିଁ ଯଥା ପାଣିକଖାରୁ ଲଙ୍କାରୁ, ଲାଉ, ତେଲ, ଖମ୍ବଆଳୁପ୍ରଭୃତି ପୁରସ୍କାର ତାଲିକାରୁ ଉଠାଇଦେଇ ସେହି ଟଙ୍କା ଏବଂ ଅନ୍ୟପ୍ରକାରେ କୃଷିଜାତ ଦ୍ରବ୍ୟର ପୁରସ୍କାର ବୃଦ୍ଧି ହୋଇଥିଲେ ସୁଖର ବିଷୟ ହୁଅନ୍ତା । ପ୍ରଜାମାନେ କେବଳ କୁସ୍ତି, ଖେଳ ଇତ୍ୟାଦି କୌତୁକ ଦେଖିବା ଆଶାରେ ମୋଫସଲରୁ ଧାଇଁ ଆସିବାର ଆଶା କରିବା ବିଡ଼ମ୍ବନା ଅଟେ । ଦ୍ରବ୍ୟର ପୁରସ୍କାର ବଢ଼ାଇ ଏବଂ ମୋଫସଲରୁ ଆସିବା କୃଷକଙ୍କ ବସାଖରଚ, ବାଟଖରଚ ଇତ୍ୟାଦିର ପ୍ରଲୋଭନ ଦେଖାଇ ସେମାନଙ୍କୁ ପ୍ରଦର୍ଶନୀପ୍ରତି ଆକର୍ଷଣ କରିବା ଉଚିତ ହେଉଅଛି । ତାହା ନ ହେବାରୁ ପ୍ରଦର୍ଶନୀର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରୁ ନାହିଁ ଏବଂ ଏପର୍ଯ୍ୟନ୍ତ ତାହା ନଗରବାସୀ ଭଦ୍ରଲୋକଙ୍କର ଆମୋଦ ପ୍ରମୋଦର ସ୍ଥଳ ହୋଇଅଛି ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଛୁଟିରେ ଥିବା ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ହରଭୂଷଣ ଦେ ମେଦିନୀପୁର ଜିଲ୍ଲାର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ବାବୁ ନଳିନୀମୋହନ ବନ୍ଦୋପାଧ୍ୟାୟ କଟକ ଜିଲ୍ଲାର ଯାଜପୁର ମୁନସଫ ପଦରେ ଅନ୍ୟାଜ୍ଞା ପର୍ଯ୍ୟନ୍ତ ଅଥବା ବାବୁ ମହେନ୍ଦ୍ରନାଥ ମୁଖର୍ଜିଙ୍କ ଅନୁପସ୍ଥିତ କାଳରେ ନିଯୁକ୍ତ ହୋଇଅଛନ୍ତି ।

ଯାଜପୁର ମୁନସଫ ବାବୁ ମହେନ୍ଦ୍ରନାଥ ମୁଖର୍ଜି ଗତ ଜାନୁଆରୀ ମାସ ତା ୧୮ ରଖଠାରୁ ମାସେ ଛୁଟି ପାଇଲେ ।

ଆଃ ଇଞ୍ଜିନିୟର ମିଃ ସି, ଡବ୍ଲୁ, ସି ବୋଲ୍ଟନ ବାଲେଶ୍ୱର ଡିଭିଜନରେ ଅବସ୍ଥାପିତ ହେଲେ ।

---

ଏ ସପ୍ତାହରେ ଶୀତ ଅତ୍ୟନ୍ତ ପ୍ରବଳ ହୋଇଥିଲା ଏବଂ ଗତ ବୁଧବାର ଓ ଶୁକ୍ରବାର ଆକାଶ ମେଘାଚ୍ଛନ୍ନ ହୋଇ ସାମାନ୍ୟ ବୃଷ୍ଟିପାତ ହୋଇଥିଲା । ସେହିଦିନଠାରୁ ଆକାଶ ପରିଷ୍କାର ଅଛି ।

ଗତ ସପ୍ତାହର ବୃଷ୍ଟି ହେତୁ [illegible] ଦିନ କଲିକତା ଓ ଏ ନଗର ମଧ୍ୟରେ ରେଲଗାଡ଼ିମାନ ଚଳିବାରେ ବ୍ୟାଘାତ ଘଟିଥିଲା ।

ଏ ନଗରର ଜୀନା ସାହେବ ପାର୍କରେ ମଲ୍ଲ ହୋଇଥିବା କଥା ପାଠକମାନେ ଜାଣିଅଛନ୍ତି । ସେ ସମ୍ପ୍ରତି ଏମିଲ୍ ସାହେବ ନାମରେ ଜଣେ କୁସ୍ତିକ ବାଳକର ଏ ନଗରକୁ ଆସିଅଛନ୍ତି । ସେ ଗତ ସପ୍ତାହରେ ଏଠା ରେଭେନ୍ସା କଲେଜରେ ସ୍କୁଲ ବାଳକମାନଙ୍କୁ ସୁନ୍ଦର ନାଚ ଦେଖାଇଥିଲେ । ଅସନ୍ତା ଶନିବାର ଓ ରବିବାର ଦିନ ସେହିଠାରେ ନାଚ କରିବେ ।

ଗତ ତା ୪ ରଖରେ ମାଲ୍ଦହ ନଗରର ତୋଷାଖାନାରେ ଗୋଟିଏ ବ ୫ ନଳ ପିସ୍ତଲ ଚୁରି ହୋଇଅଛି ।

ଏଠା [illegible] ଚୌଧୁରୀ ନାମକ [illegible] ନାମ କେତେକଙ୍କୁ ଦେଖାଇ ଅପରାଧରେ ସୁତରାଂ ତେଜାନ୍ତୁ ତାହା ଉପରେ ଟ ୫୦୧ ଟଙ୍କା ଜରିମାନା ହୋଇଅଛି ।

ଏଠା [illegible] କରିରେ ଯିବାକୁ ଦେଲେ [illegible] ଜାମଦ ଜଗଦ୍ଧସ୍ୱାମୀ ନାମ ଜଣକୁ [illegible] ଦକ୍ଷିଣଦେଶକୁ ଅଗ୍ରସର ହେବାରେ ତାହାଙ୍କର ଅତେଣ ମତେ ପୋଲିସ ଗ୍ରେପ ତେଲ ଏବଂ ଦଣ୍ଡରେ ତାହା ଉପରେ ଟ ୧ ଙ୍କା ଜରିମାନା ହେଲା । ଜଗତ୍ସ୍ୱାମୀମାନେ ସାବଧାନ !

ଏଠା କଟକ କଲେକ୍ଟରର କୋର୍ଟ ଅଫ୍ ୱାର୍ଡ଼ର ଏକାଉଣ୍ଟେଣ୍ଟ ବାବୁ ମଧୁସୂଦନ ମିତ୍ର କାର୍ଯ୍ୟରେ ବିଳମ୍ବ କରିଥିବା ଦୋଷରେ ଟ ୨୦ ଙ୍କା ଜରିମାନା ଏବଂ ମୋହରର୍ କାର୍ଯ୍ୟରୁ ସସପେଣ୍ଡ ହୋଇଥିଲେ କମିଶନରଙ୍କ ଅପିଲରେ କଣ ଫଳ ନ ହେବାରୁ ବୋର୍ଡ଼ରେ ଅପିଲ କରି ସଫଳ ହୋଇଅଛନ୍ତି ବୋର୍ଡ଼ ତାଙ୍କୁ ତାଙ୍କର ପକ୍କା କାର୍ଯ୍ୟରେ ପୁନର୍ବାର ବହାଲ କରିଅଛନ୍ତି ।

କୃଷ୍ଣ ସେହାପତ ଦ୍ରେଞ୍ଚ ଓ ତାଙ୍କର ସୈନ୍ୟ ସମୁଦ୍ରପଥ ଅତିକ୍ରମ କରି ଏକ ପଞ୍ଚିକାର ସମ୍ପାଦକ କୃଷ୍ଣ କରିଥିବାରୁ ସମ୍ପାଦକ ଗ୍ରେପ୍ତାର ହୋଇଥିଲେ, ଯାମିନ ହାଲ ମୁକ୍ତି ଲାଭ କରିଅଛନ୍ତି ।

ତୁର୍କମାନେ ପ୍ରେଜିଡେଣ୍ଟଙ୍କରେ ଅଛନ୍ତି ଜଣା ନ ଯିବାରୁ କେପଟାଉନ ଲୋକମାନେ ଭଲିଗରେ ଅଛନ୍ତି ଓ ଗୋଲମାଳ ଦ୍ୱାରା ସେମାନଙ୍କ ପଥ ଅବରୋଧ କରିଅଛନ୍ତି ।

ବୋୟରମାନଙ୍କର ଏକ ସ୍ୱାଧୀନ ଗୁପ୍ତ ଭୂମି ସେନାପତିଙ୍କ ଦ୍ୱାରା ଥିବା ହୋଇଗଲାଛନ୍ତି ।

ଲର୍ଡ଼ ରବର୍ଟ୍ସ ସ୍ୱଦେଶରେ ଉପସ୍ଥିତ ହୋଇଗଲାଛନ୍ତି । ତାଙ୍କୁ ପୁରସ୍କାରସ୍ୱରୂପ ୧୫ ଲକ୍ଷ ମୁଦ୍ରା ଓ ଡ୍ୟୁକ୍ ଉପାଧି ଦେବାର ପ୍ରସ୍ତାବ ହୋଇଅଛି ।

ବୋର୍ଡ଼ିଲେନ ସାହେବ ଅବସର ନେବାରୁ ପ୍ରେସିଡେନ୍ସି ବିଭାଗର କମିଶନର ବୋଲ୍ଟନ ସାହେବ ଗତ ସୋମବାରଠାରୁ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ପ୍ରଧାନ ସେକ୍ରେଟେରି ହୋଇଅଛନ୍ତି । କୁଚବିହାର କମିଶନର ମିଃ ଫିନ୍ଲେଙ୍କ ପ୍ରେସିଡେନ୍ସି ବିଭାଗର କମିଶନର ହୋଇଗଲେଛନ୍ତି । ଫିନ୍ଲେନ ସାହେବଙ୍କ ଓଡ଼ିଶା ଆଗମନ ସ୍ଥଗିତ ରହିଲା ।

ପ୍ଲେଗ ନିମନ୍ତେ ପାଟଣା ଜିଲ୍ଲାରୁ ନ୍ୟୁନାଧିକ ପ୍ରାୟ ୧୦ ହଜାର ଲୋକ ସ୍ଥାନାନ୍ତରିତ ହୋଇଅଛନ୍ତି ।

ବାବୁ ଶରତଚନ୍ଦ୍ର ହାଲଦାର କଲିକତା ବାଲିଗଞ୍ଜର ଜଣେ ସେବାପୁତ, ତାଙ୍କର ଏକମାତ୍ର ପୁତ୍ର ତାଙ୍କ ହତ୍ୟା କରିବାକୁ ଉଦ୍ୟତ ହୋଇଥିଲେ କୋଉ ପିତା ପୁତ୍ର ନାମରେ ନାଲିସ କରିଅଛନ୍ତି, କ କାଳ ପଡ଼ିଲା !

ହିତବାଦୀ ସମ୍ପାଦକ ତାଙ୍କ ନାମରେ ମାନହାନି ମୋକଦ୍ଦମାର ବିଚାର କାଳରେ ଖୁଲନାର ମୁନ୍ସାର ବାବୁ ପ୍ରଫୁଲ୍ଲଚନ୍ଦ୍ରଙ୍କ ସେନଙ୍କର ଲିଖିତ ଏକଖଣ୍ଡ ପତ୍ର ପ୍ରକାଶ କରିଥିଲେ । ସେହି ପତ୍ରର ଲିଖିତ ବିଷୟ ନେଇ ସେନ ହାଇକୋର୍ଟର ବାବୁ ଅକ୍ଷୟକୁମାର ଭଟ୍ଟାଚାର୍ଯ୍ୟ ରାସବିହାରୀ ବାବୁଙ୍କ ନାମରେ କଲିକତାର ପୁଲିସ ମାଜିଷ୍ଟ୍ରେଟଙ୍କ ନିକଟରେ ମାନହାନିର ନାଲିଶ କରିଥିଲେ । ଅଧୁନିକ ପ୍ରାର୍ଥନାନୁସାରେ ହାଇକୋର୍ଟର ବିଚାରପତି ଗୁଲନଙ୍କରେ ଏହି ମୋକଦ୍ଦମା ବିଚାର ବନ୍ଦ ରଖିବାକୁ ଆଦେଶ ଦେଇଅଛନ୍ତି ।

ମାଣିକପୁରର ସେଖ ମହମ୍ମଦ ଗୁଲାମ ନାମକ ଜଣେ ମୁସଲମାନ ଅପଣା ସ୍ତ୍ରୀ ଅର୍ଥର ନାକ କାଟି ଦେବାରୁ ଧରାପଡ଼ି ସେଥିପାଇଁ ଏକବର୍ଷ ଶ୍ରମସହ କାରବାସ ଦଣ୍ଡ ପାଇଥିଲା ଡେପୁଟି ମାଜିଷ୍ଟ୍ରେଟଙ୍କ ଆଦାଲତରୁ ପାଇଥିବାର ସମ୍ବାଦ ମିଳିଲା ।—ଏଣିକି ନାକ କାଟିବା ଅପରାଧର ସଂଖ୍ୟା ବୃଦ୍ଧି ହେଉଥିବାର ଦେଖାଯାଏ ।

Digitized by srujanika@gmail.com

ଜାଜ୍ଜିର ଉଚ୍ଚତ, ଭ, ହିଜାଳଙ୍କ ମତରେ ମାଲେରିଆ ଜ୍ୱରର ପ୍ରଧାନ କାରଣ ମଶକ । ମଶକମାନଙ୍କୁ ସମୂଳେ ବିନଷ୍ଟ କଲେ ମାଲେରିଆଜ୍ୱର ଲୋପ ପାଇବ ।

କଲିକତାଠାରେ ଜଣେ ମୁସଲମାନ ଆପଣାକୁ ନିଜନାମ ପାଲିଷ୍ଟର ଇନ୍‌ସ୍ପେକ୍ଟର ବୋଲି ପରିଚୟ ଦେଇ ଟଙ୍କା ଆଦାୟ କରୁଥିବା ଅବସ୍ଥାରେ ଧରା ହୋଇ ମାଁ ୬ ମାସ ସଶ୍ରମ କାରାଦଣ୍ଡ ପାଇଅଛି ବୋଲି ସମ୍ବାଦ ମିଳିଛି ।

କଲିକତା ର ଦୁଇ ଜଣ ଲୋକ ସ୍ତ୍ରୀଆପତ୍ତିଠାରୁ ଗାଇ ସେଠ ରେ ଅନେକ ବୋଲି ମ୍ୟୁନିସିପାଲିଟି ଚିଠା ବୋଲି ପରିଚୟ ଦେଇ ଜଣକଠାରୁ ୫ ୨୦ ଟା ମୂଲ୍ୟର ଚାକିରି ଗାଇ ନେଇ କହିବାରୁ ଘରାଳଠାରୁ ସନ୍ଦେହ ପାଇଥିବାରୁ ପ୍ରକାଶ ପୂର୍ବକ ଜେଲରେ ଏକ୍‌ଟେଣ୍ଡ କରିବ ଦେଖାଇଜଣ କର ନେ ଜୋବ କହିବାକୁ ଉଦ୍ୟତ ହେଲେ । ମୁଦ୍ରିତ ଲକ୍ଷ କାର୍ଯ୍ୟରୁ ତିନି ଧରା ଦେଲେହେଁ ମାତ୍ର ପରେ ଜଣେ ପ୍ରଥମେ ଦେଖିଲେ ପ୍ରବଞ୍ଚନା ଧରା ପଡ଼ିଗଲା । କଣ୍ଡିକି ଆସାମୀ ଦୁହିଙ୍କୁ ଧରି ପୁଲିସରେ ଦେଲେ । କଲିକତା ଅନେକ ଲୋକ ମେଜିଷ୍ଟ୍ରେଟଙ୍କ କର୍ତ୍ତୃକ ସେମାନଙ୍କର ପ୍ରତ୍ୟେକେ ବର୍ଷେ ଲେଖାଏଁ ଶ୍ରମଯୁକ୍ତ କାରାଦଣ୍ଡ ଦେଶ ଆଦେଶ ହୋଇଅଛି ।

## ପୁରୀ-ସମ୍ବାଦ ।

ଏଠାରୁ ସ୍ଥଳ, ସୁଯୋଗ ମାଜିଷ୍ଟ୍ରେଟ ସାହେବ ତା ୭ ରି-ଖରେ ମୋଫ ସ ଭ୍ରମଣରେ ବାହାରେ ହୋଇଅଛନ୍ତି । ଏ ଭ୍ରମଣରେ ଦୁଇ ସପ୍ତାହବ୍ୟାପୀ ହେବ । ଶୁଣା ଯାଉଅଛି ସେ ସାହେବ ମହୋଦୟ କଡ଼ଙ୍କୁଳ, ପାଞ୍ଚୁଦ, ମାଲୁଦ ପରଗଣାରେ ପ୍ରାୟ ୧ ସପ୍ତାହ, ଅବଶିଷ୍ଟ ସମୟ ଅନ୍ୟାନ୍ୟ ପରଗଣାରେ ଯାପନ କରି ପ୍ରତ୍ୟାବର୍ତ୍ତିତ ହେବେ ।

ମାନ୍ୟବର ସାହେବ ମହୋଦୟ ରେଭରେଣ୍ଡ ( ଲେକ ଭକ୍ତ ) ଆସିତ ସେଠେଜ କୁଦବୋଡ଼ ନମରେ ଏକ-ପରିବାର ସ୍ଥଳ ସମ୍ବନ୍ଧରେ ଲେକସ୍ୱେର ଦେଖଣି ପାଇ-ବାକୁ ଗୁରୁ ଓ ବିଶେଷ ପ୍ରୋଟେଷ୍ଟାଣ୍ଟମାନଙ୍କ ଆହ୍ୱାନ କରି ଚଳିତ ମାସ ତା ୪ ରଖରେ ଗୋଟିଏ ସଭା କରି କୃତି ଭୂଷଣରେ ଦେଇଥିଲେ ।

ସେନସସ କାର୍ଯ୍ୟ ବଡ଼ ଧୁମ୍‌ଧାମରେ ଚାଲିଛି । ଏଥିରେ କର୍ମଚାରୀ ନିଯୁକ୍ତ ହେଲେ ବହୁ କଷ୍ଟ ସ୍ୱୀକାର କରିବାକୁ ହେବ । ମ୍ୟୁନିସିପାଲିଟିର କାର୍ଯ୍ୟର ମଧ୍ୟ ଉନ୍ନତି କରିବାକୁ ସୁପର ଇଣ୍ଟେଣ୍ଡେଣ୍ଟ ସାହେବ ସୁନ୍ଦରରେ ହେଉ ତହିଁରୁ ପୂର୍ବ ହୋଇଅଛନ୍ତି । ବୋଧ ହୁଏ ଏଥିକି ସୁପର ଇଣ୍ଟେଣ୍ଡେଣ୍ଟ ଓ ମ୍ୟୁନିସିପାଲିଟିର ସାହାଯ୍ୟ ହେବେ ।

ଗତ ସପ୍ତାହରେ ଆକାଶ ମେଘାଚ୍ଛନ୍ନ ଥିଲା ଗତ ତା ୪ ରଖ ରାତିରେ ସାଢ଼େ ଚାରି ସମୟରେ ବୃଷ୍ଟି ହୋଇଅଛି ଏହା କେବଳ ଚଷାଙ୍କ ମୁଗ ଧାନ୍ୟ ପ୍ରଭୃତି ଉପରେ ମଧ୍ୟ ହୋଇଅଛି କିନ୍ତୁ ଏହାରାଷ୍ଟ୍ର ଅତ୍ୟନ୍ତ ଅଣା ଫସଲ ହେଲା ଦୁଃଖେର ବିଷୟ ହୋଇଅଛି ଯେ ଶୀତମାନଙ୍କର ବୃଷ୍ଟି ଅନିଷ୍ଟକାରକ ଅଟେ । ଏଥିପାଇଁ ଜନମେ ଚିନ୍ତିତ । ଜଗନ୍ନାଥ ସେମାନଙ୍କର ସାହା ହୁଅନ୍ତୁ ।

ସ୍କୁଲର ପରୀକ୍ଷା ପଢ଼ୁଥିବା ଛାତ୍ରମାନଙ୍କ ପରୀକ୍ଷା ନିମନ୍ତେ ଚଳିତ ମାସ ତା ୩୧ ରଖକୁ ଧାର୍ଯ୍ୟ ହୋଇଅଛି ।

ପୌଷ୍ଟାରହେତ ଉପଲକ୍ଷରେ ଏଥର ଗୃହାଦିକୁ ବହୁ ଚଳିତ ଓ ଲକ୍ଷିଣୀ ଯାତ୍ରୀମାନଙ୍କର ସମାଗମ ହେତୁ ଏଥିରୁ ପ୍ରଚୁର ହୋଇଅଛି । ମାତ୍ର ଦୁଃଖର ବିଷୟ ଏହି ଯେ ଶ୍ୱାସରୋଗରୁ ଆକ୍ରାନ୍ତ ହୋଇ ଅନେକରେ ଶୀଘ୍ର ଗ୍ରାମକୁ ପ୍ରତ୍ୟାବର୍ତ୍ତିତ ହେଉଅଛନ୍ତି ।

ଗତ ତା ୬ ରଖଠାରୁ ଆକାଶ ମେଘ ନିର୍ମୁକ୍ତ ହେବାରୁ ଶୀତର ପ୍ରାଦୁର୍ଭାବ ବଢ଼ିଅଛି । ଏହି ହେତୁରୁ ସମସ୍ତଙ୍କର ଶୀତବସ୍ତ୍ରର ବ୍ୟବହାର ପୁନର୍ବାର ଜାଗ୍ରତ ହେଲା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ମହାମହିମେଷୁ

ମହାଶୟ !

ମୋହୋର ଏହି କେତୋଟି ପଂକ୍ତି ଆପଣଙ୍କର ଜଗଦ୍ୱିଖ୍ୟାତ ଦୀପିକାର ଏକାଂଶରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ମୋହର ଗ୍ରାମରୁ କଟକ ଅସିବା ଅନ୍ୟୂନ ଏକ ମାସରୁ ଊର୍ଦ୍ଧ୍ୱ ହେବ । ଗତ ଡିସେମ୍ବର ମାସ ତା ୧୭ ରିଖରେ ମୋହର ଜ୍ୟେଷ୍ଠଭ୍ରାତାଙ୍କର ମୃତ୍ୟୁ ହୁଏ । ଉକ୍ତ ମାସ ତା ୧୭ ରିଖଠାରୁ ତା ୩୦ ରିଖ ପର୍ଯ୍ୟନ୍ତ ଏହି ମୃତ୍ୟୁ ସମ୍ବନ୍ଧରେ ଅଶୌଚ ପାଳନ କରିବା ନିମିତ୍ତ ମୋହର ପ୍ରସ୍ତାବିତ ଠିକଣାରେ ଦୁଇ ଖଣ୍ଡ ଷ୍ଟାମ୍ପଚିଠି ଗୃହଠାରୁ ଗଲା ସେ । ମୁଁ ଉପରୋକ୍ତ ଚିଠିମାନ ନ ପାଇ ତା ୩୧ ରିଖରେ ପଠାଇଥିବା ଦେଇଂ ଚିଠି ଏଠାରେ ଚଳିତ ମାସ ତା ୪ ରିଖରେ ପ୍ରାପ୍ତ ହେଲି । କିନ୍ତୁ ହିନ୍ଦୁଶାସ୍ତ୍ରମତେ ଆମ୍ଭମାନଙ୍କର ଏକାଦଶ ଦିବସରେ ଶୌଚ ହେବାର ବଧି ମାତ୍ର ଚଳିପ୍ରାପ୍ତ ଦିବସକୁ ଉଲ୍ଲଂଘ ହବସ ହୋଇ ଥିବାରୁ ଆଉ ଅଶୌଚ ପାଳନ କରି ପାରିଲି ନାହିଁ । ଏ କି ଘୃଣା ଦୁଃଖର କଥା ? ଅନୁଗୁଳରୁ ଚିଠି କଟକ ଆସିବାକୁ ଦ ୩ ନ ଅବଶ୍ୟକ ସ୍ଥଳେ ତା ୩୧ ରିଖରେ ପଠାଇଥିବା ଦେଇଂ ଚିଠି ତା ୪ ରିଖ ପର୍ଯ୍ୟନ୍ତ ଦ ୫ ନ କେଉଁଠାରେ ଥିଲା ଓ ଷ୍ଟାମ୍ପଦଆ ଚିଠି ଆଦୌ ନ ପାଇବା ଏହାର କାରଣ କଣ ମୁଁ କିଛି ବୁଝି ପାରିଲି ନାହିଁ ବୋଧ ହୁଏ ଡାକପିଅନମାନେ ଷ୍ଟାମ୍ପଦଆ ଚିଠିମାନ ଗୋଲମାଲ କରନ୍ତି । ସହରରେ ଏପରି ଗୋଲମାଲ ହେଉଥିବା ସ୍ଥଳେ ମୋଫସଲର ଚିଠିପତ୍ରର ଦୁର୍ଦ୍ଦଶା ଘଟୁଥିବ କହି ନ ପାରୁ । ଏ ବିଷୟ ପୋଷ୍ଟାଲ କର୍ତ୍ତୃପକ୍ଷମାନଙ୍କର ଦୃଷ୍ଟିଗୋଚରରେ ଅଣିବା ଉଚିତ ।

ମୁଁ ବର୍ତ୍ତମାନ ଶୁଣୁଅଛି ଯେ ମୋଫସଲର ଏକ ପୋଷ୍ଟଅଫିସରେ ମୋହର କେତେକ ଚିଠି ଗୋଲମାଲ ହୋଇଅଛି ଓ ହେଉଅଛି ଏହାର ପ୍ରକୃତ କାରଣ ଅନୁସନ୍ଧାନ କରି ପ୍ରକାଶ କଲେ ଜଣାଇବି । ଇତି ।

| | |
|---|---|
| କଟକ<br>୩।୨।୧୯୦୧ | ବଶମ୍ବଦ<br>ସନାତନ ପଟ୍ଟନାୟକ |

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଅଠଗଡ଼ଖବ୍ରା | | ୫ ୩ ୧ |
| ବାବୁ ନରେନ୍ଦ୍ର ପ୍ରସନ୍ନ | କଟକ | ୫ ୩ ୧ |
| " ଭଗବତୀଚରଣ ସେନ | ପୁରୀ | ୫ ୬।୧ |
| ବାବୁ ଶ୍ରୀଚରଣ ମହାପାତ୍ର | ପୁରୀ | ୫ ୩ ୧ |
| " ସଦାଶିବ ଖଡ଼ିରତ୍ନ | କଟକ | ୫ ୩ ୧ |
| " ଦାମୋଦର ପଟ୍ଟନାୟକ | " | ୫ ୨ ୧ |
| " ଯାଦବଚରଣ ସାହୁ | " | ୫ ୨ ୧ |
| ମହନ୍ତ ଧରଣୀଧର | " | ୫ ୭ ୧ |
| ବାବୁ ଚନ୍ଦ୍ରଶେଖର ଘୋଷ | " | ୫ ୭ ୧ |
| ରାଜା ନରସିଂହ ଦେବ | ଗଞ୍ଜାମ | ୫ ୩ ୧ |
| ବାବୁ ଦୁର୍ଗାପ୍ରସାଦ ଲାଲ | ଅନୁଗୁଳ | ୫ ୩ ୧ |
| " ଜଗନ୍ନାଥ ପଣ୍ଡା | ଅସ୍ତରଙ୍ଗ ଘୁମ | ୫ ୩ ୧ |
| " ଜଳଧର ମୁଦୁଲି | ବଙ୍କୀ | ୫ ୩ ୧ |
| " କୃଷ୍ଣବିହାରୀ ପଟ୍ଟନାୟକ | ଜଳାପଥର | ୫ ୨ ୧ |
| ସେହିପରି ଶାଖାମାନଙ୍କ ପାଖ ଚତ୍ୱାରିଂଶତ୍ ଗୋଡ଼ାଇ | | ୫ ୩ ୧ |

## ବିଜ୍ଞାପନ ।


## FOR SALE,

A house situated in Theenconia Bagicha consisting of 8 rooms walls kacha pucca thatched roof with out houses and garden attached. For particulars apply to the Editor of Utkal Dipika.

ଏ ନଗର ତିନକୋଣିଆ ବଗିଚାରେ ଗୋଟିଏ ଛପର କୋଠି ବିକି ହେବାର ଅଛି । ତହିଁରେ ଅଠ କୋଠରୀ ଅଛି । କାନ୍ଥ କଚା ପକ୍କା ଚାଳ ଛପର । ତହିଁ ସଂଲଗ୍ନରେ ବାହାର ଘର ଓ ବଗିଚା ଅଛି । ବିସ୍ତାରିତ ବିବରଣ ଜାଣିବା ପାଇଁ ଉତ୍କଳ ଦୀପିକାର ସମ୍ପାଦକଙ୍କୁ ଆବେଦନ କର ।

## NOTICE

Wanted temporarily a midwife suitable for hindoo families Apply stating pay and experience to the

Medical officer
Mourbhanj state
Via—Balasore

ଲୋୱାର ପ୍ରାଇମେରୀ, ଅପର ପ୍ରାଇମେରୀ, ଭର୍ଣ୍ଣାକ୍ୟୁଲାର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ ଭିପିରେ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗଭର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ଠାରେ ମିଳେ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟାରୀ ।


Split by PDF Splitter

Digitized by srujanika@gmail.com

## ଚିକିତ୍ସା ଜଗତର ସେହି ଉଜ୍ଜ୍ୱଳ ରତ୍ନ ! !

## ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଡ୍ୟାନ୍ ଜିନ୍ ! ! !

ଅନେକଙ୍କର ବିଶ୍ୱାସ ଥିଲା ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ ହେଲେ କାହିଁକେ ତାହା ଦୂରୀଭୂତ ହୁଏ ନାହିଁ କିନ୍ତୁ ଡ୍ୟାନ୍ ଜିନ୍ ପ୍ରାୟ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୂର କରୁଅଛି ଅଜ ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାନ ଜିନ୍ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାରାର ଘା, ଗରମିର ଘା, ବାଘିର, ଭଗନ୍ଦର, ବାଘୀ, ନାଲିଘା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ଦାନ୍ତ ଓ ଗୋଡ଼ତଳର ଚମଉଡ଼ିବା, ହସ୍ତପଦ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ମୁଣ୍ଡଘିଗ, ମୁଣ୍ଡବୁଲାଇବା, ମସ୍ତିଷ୍କ ଜ୍ୱାଳାକରିବା, ଲୁତ୍ରିଆ, ଚାକ୍ଟ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ୍ ସୂତାପରି ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଅଧିକ୍ୟ, ଇନ୍ଦ୍ରିୟଶକ୍ତି ମ୍ଳାନତା, ଶ୍ୱାସରୋଗ ସାର୍ଦ୍ଧ୍ୟସ୍ଥଳନ, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

ସ୍ତ୍ରୀବ୍ୟାଧି ଯଥା;—ବନ୍ଧ୍ୟାରଜ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ କାଳେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାନ୍ ଜିନ୍ ବ୍ରହ୍ମାସ୍ତ୍ର ସ୍ୱରୂପ ।

ଡ୍ୟାନ୍ ଜିନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ, ଶରୀରରେ ନୂତନ ରକ୍ତ ଜଣାଇ ବୃଷ୍ଟିକର ସବଳ ଓ ପୁଷ୍ଟି କରେ ।

ଡ୍ୟାନ୍‌ଜିନ୍‌ସାଲ୍‌ଷାପରି କେବଳ ରୂପ ରଖେ ନାହିଁ । ଡ୍ୟାନ୍ ଜିନ୍‌ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ ।

ଡ୍ୟାନ୍ ଜିନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରାଯାଏ । ୧ ବୋତଲ ଔଷଧ ୨ ୧୫ ଦିନ ବ୍ୟବହାର କରାଯାଏ ।

ମୂଲ୍ୟ ।

ପ୍ରତିବୋତଲ ଟ ୧୫    ୬ ବୋତଲ ଟ ୭୫
୩ „ ଟ ୪୧    ୧୨ „ ଟ ୧୪୧

ପ୍ୟାକିଂ ୧୦'ରୁ ୩ବୋତଲ ଟ ।୦ ଅଣା, ୪ ଠାରୁ ୧୨ ବୋତଲ ଟ ୦।୵ ଅଣା; ଡାକମାସୁଲ ସ୍ୱତନ୍ତ୍ର

ଏକମାତ୍ର ଆବିଷ୍କାରକ ।

ଡାକ୍ତର ଜେ,ଟୀ,ମାର୍ଟିନ । ସୋଲ ଏଜେଣ୍ଟ—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଆର, ବି, କ, ଏଣ୍ଡକୋଂ
୨୩।୧ନମ୍ବର ବାହ୍ଲୀଣସୀ ଘୋଷ ଷ୍ଟ୍ରିଟ କଲିକତା

---

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସନ ୧୯୦୧ ମସିହା ଜାନୁଆରୀ ମାସ ତା ୨୧ ରିଖ ମୁତାବକ ଓଡ଼ିଆ ମାଘ ଦ ୧ ନ ସୋମବାର ବେଳା ଘ ୨ ଘା ସମୟରେ କଟକ ମ୍ୟୁନିସିପାଲିଟି ଅଧୀନସ୍ଥ ନିମ୍ନ ଲିଖିତ ଘାଟ ଓ ପାଉଣ୍ଡମାନ ପ୍ରକାଶ୍ୟ ନିଲାମଦ୍ୱାରା ସନ ୧୯୦୧—୧୯୦୨ ସନ ସକାଶେ ଇଜାରା ଦିଆଯିବ । ଯେଉଁମାନେ ଉକ୍ତ ଘାଟ ଓ ପାଉଣ୍ଡର ଇଜାରା ନେବାକୁ ଇଚ୍ଛା କରୁଥିବେ ସେମାନେ ଉପରୋକ୍ତ ତାରିଖ ଓ ସମୟରେ କଟକ ମ୍ୟୁନିସିପାଲ ଅଫିସରେ ହାଜର ହୋଇ ନିଲାମ ଡାକିବେ । ସର୍ବୋଚ୍ଚ ନିଲାମ ଡାକ ଗ୍ରହଣ କରାଯାଇ ପାରେ । ନିଲାମ ଖରିଦଦାର ସଙ୍ଗତିପନ୍ନ ଓ ମର୍ଯ୍ୟାଦାବନ୍ତ ହେବା ଆବଶ୍ୟକ । ନିଲାମ ଖରିଦଦାରଙ୍କୁ ନିଲାମ ଜମାର ଏକ-ଚତୁର୍ଥାଂଶ ନିଲାମ ଗ୍ରହଣ କଲମାତ୍ରେକେ ଡିପୋଜିଟ ଦେବାକୁ ହେବ । ନିଲାମ ସମ୍ବନ୍ଧୀୟ ଅନ୍ୟ ଯାହା ଜାଣିବାକୁ ଆବଶ୍ୟକ ହେବ ମ୍ୟୁନିସିପଲ ଅଫିସରେ ତଲ୍ଲାସ କଲେ ସମସ୍ତେ ବୁଝି ପାରିବେ । ଇତି ।

| | |
|---|---|
| ୧ ଜୋବ୍ରା ଘାଟ | ୧ ସଦରପାଉଣ୍ଡ ଲାଲବାଗ୍ |
| ୨ ଚାଟଯୋଡ଼ଘାଟ | ୨ ପୁଷ୍ପଘାଟ ପାଉଣ୍ଡ |
| ୩ ସତ୍ତ୍ୱ ଘାଟ | ୩ ସ୍ୱର୍ଣ୍ଣୀହାଟ ପାଉଣ୍ଡ |
| ୪ ଲମ୍ବା ଘାଟ | ୪ ଦୋଲମୁଣ୍ଡେଇ ପାଉଣ୍ଡ |
| ୫ ତହଶୀଘାଟ | ୫ କଟକଚଣ୍ଡି ପାଉଣ୍ଡ |
| | ୬ ତଗବରସାହି ପାଉଣ୍ଡ |

Cuttack Municipal office 1—1—1901. } KAMSANKA : ROY, Vice Chairman Cuttack Municipality.

---

## ନୂତନ ପୁସ୍ତକ

| | |
|---|---|
| ଅଧ୍ୟାତ୍ମରାମାୟଣ (ହଳଧରପଟ୍ଟନାୟକକୃତ) | ଟ ୨୧ |
| ରୁଦ୍ରାଭିଷେକ | ଟ ୦/ |
| ଚତୁର୍ଦ୍ଦଶପଦୀ | ଟ ୦୵ |

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ବିଜ୍ଞାପନ ।

ମହାତ୍ମା ଦିଷ୍ଣୁପୁରୀଙ୍କ ଭାଗବତ ତୋଳାଗ୍ରନ୍ଥ

## ଭକ୍ତିରତ୍ନାବଳୀ

ଅନ୍ୱୟ ୰ଶ୍ରୀଧରସ୍ୱାମୀଙ୍କ ଟୀକା ଏବଂ ୰ଭୀମଦାସଙ୍କ ଉତ୍କଳ ପଦ୍ୟାନୁବାଦ ସହିତ ପ୍ରକାଶିତ ହୋଇ କଟକ ପ୍ରିଣ୍ଟିଂକୋମ୍ପାନୀ ଓ ଅରୁଣୋଦୟ ପ୍ରେସ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

୧୨ ଖଣ୍ଡ ଭାଗବତ କିଣିଲେ ଯାହା
ଏ ଗ୍ରନ୍ଥରୁ ଖଣ୍ଡିଏ କିଣିଲେ ତାହା
କାରଣ
ଭାଗବତ ଶ୍ଳୋକବର୍ଣ୍ଣିତ ଏ ଗ୍ରନ୍ଥ ନବନୀତ
ପୁସ୍ତକ ଦେଖିଲେ ଜଣାଯିବ
ମୂଲ୍ୟ ଏକଟଙ୍କା ମାତ୍ର ।

ଅମ୍ଭମାନଙ୍କର ଦସ୍ତଖତ ମୋହର ଦେଖି ବହି କିଣିବାକୁ ହେବ । ବିନା ମୋହରର ବହି କିଣି ଧରାଇ ଦେଲେ ପ୍ରତିଖଣ୍ଡ ପାଇଁ ପୁରସ୍କାର ଟ ୨ (ଦୁଇ) ଟଙ୍କା ମିଳିବ ।

୧୨।୧୨।୧୯୦୦    ଶ୍ରୀ ଗୋପାଳବଲ୍ଲଭ ଦାସ ।

---

## ବିଜ୍ଞାପନ

### ନୂତନ ପୁସ୍ତକ ।

ଶ୍ରୀରାମଶଙ୍କର ରାୟଙ୍କ କୃତ

## ବିଷମୋଦକ ।

ନାଟକ ।

ମୂଲ୍ୟ ଛ ଅଣା ମାତ୍ର ।

| | |
|---|---|
| ମାର୍କଣ୍ଡେୟ ପୁରାଣ | ଟ ୫। |
| ନବାଗଭକ୍ତି ବା ଚୈତନ୍ୟ ଗୀତା | ଟ ୦।୵ |

## ବିଦ୍ୟାହିପଦ୍ଧତି ।

ଏଥିରେ ସ୍ୱୀକାର ବିଧି, ବିବାହ କର୍ମ, ଚତୁର୍ଥୀ କର୍ମ, ଚନ୍ଦ୍ରବନ୍ଦାପନା, ବିବାହ କର୍ମର କ୍ରମ ଏବଂ ବୈଦିକ ବିବାହ ଭାଷାସହିତ ସନ୍ନିବେଶିତ ହୋଇଅଛି ।

ମୂଲ୍ୟ ଟ ୦ ୵

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ତଲ୍ଲାସ କଲେ ମିଳିବ

Digitized by srujanika@gmail.com
Split by PDF Splitter

**NEW YORK LIFE INSURNCE COMPANY.**

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*


## ଗୀତଗିରୀଶ ।

" ଗୀତଗୋବିନ୍ଦ " ରେ ଯେପରି ମଧୁର ସ୍ୱର ଲହରୀରେ ଲଳିତ ହୋଇ ରାଧା କୃଷ୍ଣଙ୍କର ରସକେଳି ବର୍ଣ୍ଣନା ହୋଇଅଛି " ଗୀତଗିରୀଶ " ରେ ତଦ୍ରୂପ ସ୍ୱର ଲହରୀରେ ହରପାର୍ବତୀଙ୍କର ରସକେଳି ବର୍ଣ୍ଣିତ ହୋଇଅଛି । ଏହା ଗୀତଗୋବିନ୍ଦ ପରି ବାଇଶଗୋଟି ଭଗବଦ୍ଗାଥା ଚାଳିଶ ଶ୍ଳୋକରେ ରଚିତ ହୋଇଅଛି । ଏହାର ମୂଲ୍ୟ ସାଧାରଣଙ୍କ ସୁବିଧାର୍ଥେ ଅତିଅଳ୍ପ କରା ହୋଇଅଛି

ମୂଲ୍ୟ ଟ ୦ ୵ ୨ ମାତ୍ର

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

## ନୃସିଂହପୁରାଣ ।

ଏ ଗ୍ରନ୍ଥ ପାଠ କଲେ ପାଠକବୃନ୍ଦ ସାଂସାରିକ ଯାବ ତୀୟ କର୍ତ୍ତବ୍ୟ କାର୍ଯ୍ୟ ଉତ୍ତମ ରୂପେ ବୁଝି ପାରିବେ ବିଷୟ ଗୁଡ଼ିକ ସ୍ମରଣ ରଖି ତଦନୁଯାୟୀ ଚଳିଲେ ମୋହମାୟାକୁ ଅତିକ୍ରମ କରି ପରମପଦ ଲଭି ପାରିବେ । ସମସ୍ତ ପୁରାଣର ସାର ବିଷୟମାନ ସରଳ ଭାଷାରେ ସୁସଙ୍ଗତ ରୂପେ ଏଥିରେ ସନ୍ନିବେଶିତ ହୋଇଅଛି । ଏହା ଗୃହମାନଙ୍କର ସୁନ୍ଦର ଚିତ୍ରସ୍ୱରୂପ ଅଟେ । ଅତଏବ ସ୍ତ୍ରୀମାନଙ୍କର ଏଥିରୁ ଖଣ୍ଡିଏ ଲେଖି କରି ପଢ଼ିବା ଓ ପଢ଼ାଇ ଶୁଣିବା ଉଚିତ । ଏହା ୭ ଖଣ୍ଡରେ ବିଭକ୍ତ । ପ୍ରତ୍ୟେକ ଖଣ୍ଡର ନାମ ଗ୍ରନ୍ଥକାର ବିହାରୀଙ୍କ ନାମରେ ଉଲ୍ଲେଖ କରିଅଛନ୍ତି । ଏଥିର ୧ମ ଭାଗର ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ମୂଲ୍ୟ ୧ ଖଣ୍ଡ ଟ ୧ ଡାକମାସୁଲ ଟ ୦ ୨

ହରଗୋବିନ୍ଦ
କଟକ } ପୁସ୍ତକପ୍ରକାଶକ କମ୍ପାନୀ




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସ୍ ଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୂଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଚଉଦ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଷ୍ଟେମେଲୀ; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ; ଓ୍ୱାଇଟ୍ ରୋଜ୍; ବସରା ରୋଜ୍; ବେଣାଚେର; ଲୁମୁନିକା; ମିଣ୍ଟବ୍ଲୁସମ; ହେନାବ୍ଲୁସମ; ପାଉଡ଼ାର୍ ବ୍ଲୁସମ; ଭିକ୍ଟୋରିଆ ବେଡ଼ ବେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ଆଠଅଣା ।

### ପମେଟମ ।

ଗୋଟିଏ ପମେଟମ ଆଠଅଣା; ଗୋଲାପ ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ

ପାନ ସୁବାସିତ ଓ ସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଚଳାଏ ମିଶାଇ ଦେଲେ ଗୁଣ୍ଡି ମହାକପୂର୍ବ । ମୂଲ୍ୟ ପ୍ରତି ଶିଶି ଆଠଅଣା

### ସୁରବତ ଅଥବା ସିରପ ।

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ ବାରଅଣା । ଜିଞ୍ଜର ସିରପ ବାରଅଣା । ଅରେଞ୍ଜ ସିରପ ବାରଅଣା । ରୋଜ ସିରପ ଏକଟଙ୍କା! ଗୋଲଡେନ ସିରପ ୧ ଟଙ୍କା

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ଜମିଦାରମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

ଏଇଚ ବସୁ
୬୨ ନମ୍ବର ବହୁବଜାର ଷ୍ଟ୍ରୀଟ } H. BOSE, 62 Bow Bazar Street Calcutta.
କଲିକତା

କଟକରେ " ଉଦ୍ୟୋଗ ସମିତିର ଭଣ୍ଡାର "ରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା:—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୵
ଅଧସ୍ତମ୍ଭ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭ ଟ ୫ ;

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଉ ତହିଁର ଦର ଟ ୦ ୮ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ମହାନ୍ତି ଗିରିଜାଶଙ୍କର ଦ୍ୱାରା ବାଲେଶ୍ୱର ଉତ୍କଳଦୀପିକା ... କମ୍ପାନୀ ... ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. ...



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୨ ... ସଂଖ୍ୟା ... | ତା ୧୬ ଫେବ୍ରୁଆରୀ ସନ ୧୯୦୧ ମସିହା। ମୁ। ... ମାସ ସନ ୧୩୦୮ ସାଲ ଶନିବାର | ଅଗ୍ରୀମ ଟ ... ଡାକଖର୍ଚ୍ଚ ଟ ...

### ORISSA ART WARES.



The automatic OTTORDAN with GOLABPAS and PANDAN combined is a patent. The plate is meant for pan the roses are receptacles of OTTER and the peacock throws out the rose water automatically when a button is pressed. The roses and the peacock have gold stars. The plate and the roses can be removed and the plate can be used for other purposes.

Pricel Rs. 140
Apply to Manager Orissa Art Wares Mission Road, Cuttack.

"ଓଡ଼ିଶା ଶିଳ୍ପାଗାର"

କଳଦ୍ୱାରା ଚାଳିତ ରୂପାର ଝାଡ଼ ତ ତହିଁରେ ପାନଦାନ, ଅତରଦାନ ଓ ଗୋଲାପପାସ ଏକାଧାରରେ ରହିଅଛି, ଗୋଟିଏ ନୂତନ ସର୍ବାଙ୍ଗ ସୁନ୍ଦର ପ୍ରାପ୍ତ ପଦାର୍ଥ ଅଟେ। ଏହାର ଥାଳିଟି ପାନଦାନ, ଗୋଲାପ ଫୁଲମାନ, ଅତରର ଆଧାର ଓ ସର୍ବୋପରି ଗୋଟିଏ ସୁନ୍ଦର ମୟୂର ରହିଅଛି ଯେ ତହିଁ ତଳେ ଏକ ସ୍ଥାନରେ ଲାଗିଥିବା ଭୂମିକ ଟିପିଲେ ମୟୂର ମୁଖରୁ ଗୋଲାପଜଳ ନିଃସୃତ ହୁଏ, ମୟୂର ପୁଚ୍ଛରେ ଓ ଗୋଲାପ ଫୁଲ ପାଖୁଡ଼ାମାନଙ୍କରେ ସୁନାର ତାରାମାନ ଖଞ୍ଜା ହୋଇଅଛି। ଇଚ୍ଛାମତେ ଥାଳି ଓ ଅତରଦାନ ସବୁ ଉଠାଇ ନିଆଯାଇ ପାରେ ଏବଂ ଥାଳିର ଅନ୍ୟ ବ୍ୟବହାର ହୋଇ ପାରେ।

ମୂଲ୍ୟ ଟ ୧୪୦୯ କା

ଗ୍ରାହକମାନେ ଓଡ଼ିଶା ଶିଳ୍ପାଗାରର ମାନେଜର। ସା। ମିଶନ ରୋଡ୍ କଟକଙ୍କ ନିକଟରେ ତତ୍ତ୍ୱ କଲେ ପାଇ ପାରିବେ।

## ବିଜ୍ଞାପନ।

### ନୂତନ ପଞ୍ଜିକା।

ଶକାବ୍ଦା ୧୮୨୩ ସନ ୧୩୦୮ ଓ ୧୩୦୯ ଇଂରାଜୀ ସନ ୧୯୦୧ ଓ ୧୯୦୨ ପୂର୍ବପର କଟକ ପ୍ରିଣ୍ଟିଂକମ୍ପାନୀଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି।

| | |
|---|---|
| ବଡ଼ | ଟ ୦। |
| ଛୋଟ | ଟ ୦ ୧୨ |

ମୋଫସଲ ନିମନ୍ତେ ଡାକମାସୁଲ ଟ ୦/
ଯେଉଁମାନଙ୍କର ରେଲ କିମ୍ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

ଭାରତବର୍ଷର ପ୍ରଥମଦଳର ସରକାରୀ ଉପାଧି ଭଣ୍ଡାରର ଯେଉଁ ତାଲିକା ବାହାରିଅଛି ତହିଁରେ ଓଡ଼ିଶାର ନାମ ଆଦୌ ନାହିଁ ଏବଂ ବଙ୍ଗଳାରେ ମଧ୍ୟ ନ * ଶରୁ ଅଧିକର ନାମ ନାହିଁ। ଓଡ଼ିଶାର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସାଧାରଣ ହିତ କାର୍ଯ୍ୟରେ ମୁକ୍ତହସ୍ତତାର ପରିଚୟ ଦେଲେ କୃତକାର୍ଯ୍ୟ ହୋଇପାରନ୍ତେ ମାତ୍ର ସେ ବିଷୟରେ ଅଳ୍ପ ମନୋଯୋଗ ଦେଖାଯାଏ।

---

ନୀଲଗିରି ରାଜ୍ୟର ଜଙ୍ଗଲମାନ ଅଟନ୍ତ ଥିବାରେ ବାଲେଶ୍ୱର ଏବଂ ଉତ୍ତରକଣ୍ଟବର୍ତ୍ତୀ

Digitized by srujanika@gmail.com

Split by PDF Splitter



ଅନ୍ୟାନ୍ୟସ୍ଥାନର ଲୋକମାନେ ଜାଳିବା କାଠ ସକାଶେ ବଡ କଷ୍ଟ ପାଉଥିଲେ । ବର୍ତ୍ତମାନ୍ ସେହି ଜଙ୍ଗଲମାନ ଖଣ୍ଡ କରି ସେ କଷ୍ଟ ନିବାରଣ କରିଥିବାରୁ ବାଲେଶ୍ୱର ସମ୍ବାଦବାହିକା ସେମାନଙ୍କର ବଡ ପ୍ରଶଂସା କରିଅଛନ୍ତି । ଜଙ୍ଗଲ ରକ୍ଷାର ତ ନିୟମ ହୋଇଅଛି ସହଯୋଗୀ ଲେଖି ନାହାନ୍ତି ।

---

ପଞ୍ଜାବବାସୀ ଧର୍ମ୍ମଜ୍ଞ ଭଗତ କେତେକଦିନ ହେଲା ଏ ନଗରକୁ ଆସି ଗତ ରବିବାର ଅପରାହ୍ନରେ ଏଠା କଲେଜଗୃହରେ ଧର୍ମ ବିଷୟରେ ଏବଂ ଗତ ମଙ୍ଗଳବାର ସନ୍ଧ୍ୟାବେଳେ ପ୍ରିଣ୍ଟିଙ୍ଗ୍ କମ୍ପାନୀଙ୍କ କୋଠାରେ ରାଣୀ ଭବାନୀ ଏବଂ ତାହାଙ୍କର ଉପଦେଶ ବିଷୟରେ ଇଂରାଜୀରେ ବକ୍ତୃତା ପ୍ରଦାନ କରିଥିଲେ । ଉଭୟସ୍ଥଳେ ସ୍ୱାମିଙ୍କର ବକ୍ତୃତା ମନୋହର ଓ ଶିକ୍ଷାପ୍ରଦ ହୋଇଥିଲା । ମାତ୍ର ଶ୍ରୋତାଙ୍କ ମଧ୍ୟରେ ସ୍କୁଲଛାତ୍ର ଛଡ଼ା ଅନ୍ୟଲୋକ ଅଳ୍ପ ଥିଲେ ।

---

ମାଲଦିହ ରାଜାଙ୍କ ନାମରେ କଲିକତା ହାଇକୋର୍ଟରେ ମୀରଜାଲ ଜଦୁଶ ରାଜାଙ୍କୁ ବନ୍ଧକ ଦେଇଥିବା ଜମିଦାରି ମୂଲ୍ୟ ପାଇବା ଦାବିରେ ନାଲିସ କରିବାରେ ରାଜା ଦାବି ସମ୍ବନ୍ଧରେ ଆପଣାର ଆପତ୍ତି ଜଣାଇ ତହିଁ ସଙ୍ଗେ କହିଅଛନ୍ତି କି ମୁଦ୍ଦେଇ ଦେବାନୀ କାର୍ଯ୍ୟବିଧି ଆଇନର ଧା ୪୩୩ ସ ଅନୁସାରେ [illegible] ଗବର୍ଣ୍ଣର ଜେନେରଲଙ୍କର ଅନୁମତି ନ ନେଇ ନାଲିସ କରିଥିବାରୁ ତାହା ବିଚାର କରିବାର କ୍ଷମତା ହାଇକୋର୍ଟଙ୍କ ନାହିଁ । ଇସୁ ଧାର୍ଯ୍ୟ ନିମନ୍ତେ ତାରିଖ ହୋଇଅଛି ।

---

ଲକ୍ଷ୍ନୌ ନଗରର ପୋଲିସ ଇନସ୍ପେକ୍ଟର ଠାକୁର ଗଣେଶପ୍ରସାଦ ସିଂହ ଗବର୍ଣ୍ଣମେଣ୍ଟରୁ ରାୟ ବାହାଦୁର ଉପାଧି ପାଇଥିଲେ । ଏତେ ସୁଖ୍ୟାତି ଭିତରୁ ସେ ଅଳ୍ପଦିନ ହେଲା ଉତ୍କୋଚ ଗ୍ରହଣ ଏବଂ ଅତ୍ୟାଚାର କରିବା ଅଭିଯୋଗରେ କାରାଦଣ୍ଡ ପାଇବାରୁ ଗବର୍ଣ୍ଣମେଣ୍ଟ ତାହାଙ୍କଠାରୁ ରାୟ ବାହାଦୁର ଉପାଧି କାଢି ନେଇ ଇଣ୍ଡିଆ ଗେଜେଟରେ ତହିଁର ଘୋଷଣା ଦେଇଅଛନ୍ତି । ସମ୍ମାନ ପାଇବା ଯଥେଷ୍ଟ ନୁହେ । ତାହା ରକ୍ଷା କରିବା ବିଷୟରେ ସର୍ବଦା ସାବଧାନ ହେବା ଅତ୍ୟନ୍ତ ଆବଶ୍ୟକ, ନୋହିଲେ ଅପମାନ ଦ୍ୱିଗୁଣ କ୍ଲେଶକର ହୁଅଇ ।

---

ଗତମାସ ଅବଧିରୁ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ପୁଣି ବଢ଼ିବାର ଆରମ୍ଭ ହୋଇଅଛି । ଗତମାସ ତା ୫ ଶରେ ଶେଷହେବା ସପ୍ତାହରେ ୨,୨୬,୩୮୫ ଥିଲା । ଗତ ଶନିବାର ଶେଷହେବା ସପ୍ତାହରେ ୨,୩୦,୯୭୬ ହୋଇଅଛି ଅର୍ଥାତ୍ ୪୬ହଜାର ବଢ଼ିଅଛି । ବୃଦ୍ଧି ଏହା ବମ୍ବେଇପ୍ରଦେଶ ଓ ମଧ୍ୟଭାରତର ଦେଶୀୟରାଜ୍ୟ ସମ୍ବନ୍ଧରେ । ଏ ପ୍ରଦେଶର ଫସଲର ଅବସ୍ଥା ଏବର୍ଷ ମଧ୍ୟ ଭଲ ନୁହେ । ମାନ୍ଦ୍ରାଜରେ ସାହାଯ୍ୟଦାନ ଦେଢ଼େକମାସରୁ ଉଠିଯାଇଥିଲା । ସମ୍ପ୍ରତି ନ ୨୭୨ ଜଣ ଅକ୍ଷମ ଲୋକଙ୍କୁ ସାହାଯ୍ୟ ଦେବାର ଆରମ୍ଭ ହୋଇଅଛି । ଅନ୍ୟାନ୍ୟ ପ୍ରଦେଶର ଅବସ୍ଥା ଭଲ ।

---

ଓଲାଉଠାର ବିଷନାଶକ ପଦାର୍ଥ ଗଙ୍ଗା ଓ ଯମୁନାର ଜଳରେ ଅଛି ବୋଲି ଏକଜଣ ଇଂରାଜ ପଣ୍ଡିତ ସିଦ୍ଧାନ୍ତ କରିବାର କଥିତ ହୁଅଇ । ଗଙ୍ଗାଜଳର ପବିତ୍ରତା ହିନ୍ଦୁମାନେ ପ୍ରାଚୀନ କାଳରୁ ଅବଗତ ହୋଇ ତଦ୍ଦ୍ୱାରା ସକଳ ପାପ ବା ବ୍ୟାଧି ଧ୍ୱଂସ ହେବାର ବର୍ଣ୍ଣନା କରିଅଛନ୍ତି । ଜଣେ ଇଂରାଜ ଡାକ୍ତର ମଧ୍ୟ କହିଅଛନ୍ତି ଗଙ୍ଗାଜଳ ତୁଲ୍ୟ ବିଶୁଦ୍ଧ ଜଳ ପୃଥିବୀର ଅନ୍ୟ କୌଣସି ନଦୀରେ ନାହିଁ । ବର୍ତ୍ତମାନ୍ ତାହା ଓଲାଉଠାର ବିଷନାଶକ ବୋଲି ଆଉ ଜଣେ ଇଂରାଜ ସ୍ଥିର କଲେ ବଡ ସୁଖର ବିଷୟ ଅଟେ । ମାତ୍ର କଳଦ୍ୱାରା ପରିଷ୍କାର ହୋଇ କଲିକତାରେ ଯେଉଁ ଗଙ୍ଗାଜଳ ସର୍ବସାଧାରଣଙ୍କୁ ଦିଆ ଯାଉଅଛି ତହିଁରେ ସେ ଗୁଣ ଅଛି କି ନା ଏହାକୁ ବୁଝିବାର ଅବଶିଷ୍ଟ ରହିଲା ।

---

ଗବର୍ଣ୍ଣମେଣ୍ଟଙ୍କର ଆଦେଶାନୁସାରେ ରେଭିନ୍ୟୁ ବୋର୍ଡର ପ୍ରଧାନ ମେମ୍ବର ଶ୍ରୀଯୁକ୍ତ ନୋଲାନ ସାହେବ ନିୟମ ପ୍ରସ୍ତୁତ କରିଅଛନ୍ତି କି କଲେକ୍ଟରି କଚେରୀର ଆମଲାମାନଙ୍କ ବସିବାର ପ୍ରତ୍ୟେକ କୋଠରୀର ଦ୍ୱାରରେ ଷ୍ଟେଟ ବା ଫଳକବାନ୍ଧ ଲାଗିବ ଏବଂ ଯେଉଁ କୋଠରୀରେ ଯେତେ ଆମଲା ବସିବେ ସେମାନଙ୍କର ନାମ ବା କୋଠରୀ ଉପରେ ଟଙ୍ଗାଇ ଦିଆଯିବ । "ସାଧାରଣ ଲୋକଙ୍କର ପ୍ରବେଶ ନିଷିଦ୍ଧ" ଏହି କଥାମାନ ଖଣ୍ଡିଏ ପଟାରେ ଲେଖି ଦାଣ୍ଡଦ୍ୱାରରେ ଟଙ୍ଗାଇ ଦିଆଯିବ । ସୁତରାଂ ଆମଲାଙ୍କ ପାଖରୁ ବର୍ତ୍ତମାନପରି ଉକିଲ ମୁକ୍ତାର ବା ମଉକିଲ କୌଣସି କଥା ବୁଝିବାକୁ ଯାଇ ପାରିବେ ନାହିଁ । ଏହା ସୁବିଧାଜନକ ହେବ କି ? ସମ୍ଭବତଃ ହାକିମମାନଙ୍କ ଲୋକକଷ୍ଟ ନିଷ୍ପାଦ୍ୟର କରିବାର ଆଦେଶ ଦେଇ ବୋର୍ଡ ମନେ କରିଅଛନ୍ତି ଯେ ମାମଲତକାରମାନେ ସବୁକଥା ହାକିମଙ୍କୁ ପଚାରି ବୁଝିପାରିବେ ଆଉ ଆମଲାଙ୍କ ନିକଟକୁ ଯିବାର ପ୍ରୟୋଜନ ନାହିଁ ।

---

ମାଥୁସନ ସାହେବ ଏକ ତମସୁକର ଟଙ୍କା ପାଉଣା ସକାଶେ କାଳୀପଦ ବାନର୍ଜ୍ଜୀ ନାମରେ ଅଦାଲତରେ ନାଲିସ କରନ୍ତେ ମୁଦାଇ ତମସୁକ ଲେଖି ଦେଇ ନ ଥିବା ଓ ତାହା ଜାଲ ଥିବାର ଉତ୍ତର ଦେଇଥିଲା । ଅଦାଲତଙ୍କ ବିଚାରରେ ମୁଦ୍ଦେଇର ଦାବି ଡିକ୍ରୀ ହେଲା । ତହିଁ ଉତ୍ତାରୁ ମାଥୁସନ ସାହେବ କାଳୀପଦ ବାନର୍ଜ୍ଜୀ ନାମରେ ଫୌଜଦାରୀ ଅଦାଲତରେ ଏହି ମର୍ମରେ ନାଲିସ କଲେ କି ଆସାମୀ ତାହା ପ୍ରତି ତମସୁକ ଜାଲ କରିବାର ଅପବାଦ ଦେଇଅଛି । ସହରର ଡେପୁଟି ମାଜିଷ୍ଟ୍ରେଟ ଆସାମୀକୁ ଦଣ୍ଡବିଧିର ଧା ୫୦୦ ସ ଅନୁସାରେ ଦୋଷୀ ସାବ୍ୟସ୍ତ କରି ୫୧୦୦ ଟଙ୍କା ଅର୍ଥଦଣ୍ଡ ବିଧାନ କଲେ । ଏବଂ ଅପିଲରେ ସହରର ଜୁଡିସିଆଲ କମିଶନର ନିମ୍ନ ଅଦାଲତର ଆଦେଶ ବାହାଲ ରଖିଲେ । ଆସାମୀ ହାଇକୋର୍ଟରେ ମୋସନ କରି ଏହି ଆପତ୍ତି ଦର୍ଶାଇଅଛି କି ମୋକଦ୍ଦମାର ବର୍ଣ୍ଣନାପତ୍ରରେ ମୁଦାଇ ଆପଣାର ସତ୍ୱ ରକ୍ଷା କରନ୍ତେ ଯେଉଁ କଥାମାନ ଲେଖିଅଛି ସେସବୁ ସେ ମୋକଦ୍ଦମା ସମ୍ବନ୍ଧରେ ପ୍ରୟୋଜନୀୟ ଏବଂ ସ୍ୱସଙ୍ଗତ ଥିବାରୁ ଅପବାଦ ଅପରାଧର ବ୍ୟାଖ୍ୟା ମଧ୍ୟରେ କୌଣସି ମତେ ଆସି ନ ପାରେ । ଦଣ୍ଡ ରହିତ ନ ହେବାର କାରଣ ଦର୍ଶାଇବା ସକାଶେ ହାଇକୋର୍ଟ ରୁଲ ଜାରି କରିଅଛନ୍ତି ।

---

ଦେଶୀୟ-ଲୋକଙ୍କ ପ୍ରତି ଇଂରାଜ କର୍ତ୍ତୃପକ୍ଷଙ୍କର ବ୍ୟବହାର ସମ୍ବନ୍ଧରେ ବଙ୍ଗୀୟ ରେଭିନ୍ୟୁ ବୋର୍ଡର ପ୍ରଧାନ ମେମ୍ବର ଶ୍ରୀଯୁକ୍ତ ପି, ନୋଲାନ ସାହେବ ଖଣ୍ଡିଏ ସର୍କ୍ୟୁଲର ବା ଆଦେଶପତ୍ର ପ୍ରସ୍ତୁତ କରିଅଛନ୍ତି । ଏହା ଗୋଟିଏ ଦୀର୍ଘ ଉପଦେଶପତ୍ର ଅଟେ ଏବଂ ତହିଁରେ ଜିଲାର କଲେକ୍ଟରାଦି କର୍ତ୍ତୃପକ୍ଷଙ୍କୁ ଦେଶୀୟ ଲୋକଙ୍କ ସହିତ ଯେତେଦୂର ସମ୍ଭବ ମିଶିବା ଏବଂ ସେମାନଙ୍କ ପ୍ରତି ସଦୟ ହୋଇ ସେମାନଙ୍କର ସ୍ନେହ ଓ ବିଶ୍ୱାସ ଆକର୍ଷଣ କରିବାର ବିସ୍ତାରିତ ଉପାୟ ଦର୍ଶାଯାଇଅଛି । ଦେଶୀୟ ଲୋକଙ୍କ

Digitized by srujanika@gmail.com

ସହିତ ଯେତେ ଅଧିକ ଦେଖା ଚାକ୍ଷା ହେବ ଓ ସେମାନଙ୍କର ମତାମତ ଜଣାଯିବ ଶାସନକାର୍ଯ୍ୟ ନିର୍ବାହ ପକ୍ଷରେ ସେତେ ସୁବିଧା ଏବଂ ତଦ୍ଦ୍ୱାରା ମଙ୍ଗଲ ଫଳ ହେବ ଏହି ହିତକର ମୂଳମନ୍ତ୍ରକୁ ଜିଲ୍ଲା ହାକିମମାନେ ସର୍ବଦା ମନରେ ରଖି କର୍ତ୍ତବ୍ୟ କାର୍ଯ୍ୟ ନିର୍ବାହରେ ପ୍ରବୃତ୍ତ ହେବେ ଏହାହିଁ ମାନ୍ୟବର ବୋର୍ଲନ ସାହେବଙ୍କର ଏକାନ୍ତ ଆଶା ଏବଂ ସେଥିପାଇଁ ଦେଶୀୟ ଲୋକଙ୍କୁ କୋଠିରେ ଦେଖା ଦେବା ଏବଂ କଚେରୀରେ ତାହାଙ୍କ ନିକଟରେ ପ୍ରବେଶ ହେବାର ଯେପରି କୌଣସି ବାଧା ନ ହୁଏ ଏବଂ ଯାହା ସହିତ ଯେପରି ବ୍ୟବହାର କରିବା ଉଚିତ ତହିଁରେ ତ୍ରୁଟି ନ ଘଟେ ତହିଁର ଉପାୟ କହି ଦେଇଅଛନ୍ତି ଉପଦେଶଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍ ଏବଂ ତହିଁରୁ ଉପଦେଷ୍ଟାଙ୍କର ପ୍ରଶସ୍ତ ଉଦାର ହୃଦୟ ଏବଂ ଦେଶୀୟ ଲୋକଙ୍କ ପ୍ରତି ପ୍ରଗାଢ଼ ସ୍ନେହ ଏବଂ ସହାନୁଭୂତିର ପ୍ରୀତିକର ପରିଚୟ ପାଇ ତାହାଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ । ଇଂରାଜ ହାକିମମାନେ ସେହିପରି ଉଦାର ଏବଂ ସହାନୁଭୂତି ପୂର୍ଣ୍ଣରୂପେ ସେସବୁ ପ୍ରତିପାଳନ କଲେ ଅଶେଷ ଉପକାର ହେବ ସନ୍ଦେହ ନାହିଁ । ପୂର୍ବକାଳର ଇଂରାଜ ହାକିମମାନେ ଦେଶୀୟ ଲୋକଙ୍କ ପ୍ରତି ଯଥେଷ୍ଟ ଦୟା ଓ ସହାନୁଭୂତି ଦେଖାଉଥିଲେ ଏବଂ ଆଗ୍ରହ ସହିତ ସବୁକଥା ଶୁଣୁଥିଲେ । ସେ ସମୟରେ ଏ ପ୍ରକାର ଉପଦେଶ ପତ୍ରର ଆବଶ୍ୟକତା ଆଦୌ ନ ଥିଲା । ବର୍ତ୍ତମାନ୍ ଇଂରାଜ ହାକିମ ଏବଂ ଦେଶୀୟ ଲୋକଙ୍କ ମଧ୍ୟରେ ସେପରି ସମ୍ବନ୍ଧ ନାହିଁ । ଏକ୍ସ ହାକିମ ଏତେକ ଏପରି ଦେଖା ଯାଉଅଛନ୍ତି ଯେ ଦେଶୀୟ ଲୋକର ଛାଇକି ଡରନ୍ତି ଓ ଯଥାସାଧ୍ୟ ଅନ୍ତରରେ ରହନ୍ତି । ଏହି ସରକ୍ୟୁଲରଦ୍ୱାରା ଯେବେ ସେମାନଙ୍କର ଗତି ଫେରିଯିବ ତେବେ ବଡ଼ ସୁଖର ବିଷୟ ହେବ ।

———

## ଯୁଦ୍ଧ ସମାଚାର ।

ଯୁଦ୍ଧାନଳ ପୁନର୍ବାର ପ୍ରଜ୍ୱଳିତ ହୋଇଅଛି । ବୁଅରମାନଙ୍କ ସହିତ ନାନା ସ୍ଥାନରେ ଖଣ୍ଡଯୁଦ୍ଧ ହୋଇଅଛି । ଗତ ତା ୧୩ ରଖ ତାର ସମ୍ବାଦ ଲର୍ଡ କିଚନାରଙ୍କଠାରୁ ଆସିଅଛି ଯେ ବୁଅରମାନେ ନାନା ସ୍ଥାନକୁ ବିତାଡ଼ିତ ହୋଇଅଛନ୍ତି ମାତ୍ର ଉଭୟ ପକ୍ଷର ବିଶେଷ କ୍ଷତି ହୋଇଅଛି ଅବଶେଷରେ ହେଲଡେଲ ସ୍ଥାନରେ ଉପଙ୍କୀନ ନାମକ ଏକ ବୁଅର ସେନାପତି ୮୦ ଜଣ ବୁଅର ସୈନ୍ୟ ସହ ହତ ହୋଇଅଛନ୍ତି । ପ୍ରିଟୋରିଆ ସନ୍ନିକଟ କାଲଫୋଣ୍ଟେନକୁ ୮୦୦ ବୁଅର ସୈନ୍ୟ ସହ ସେନାପତି ବେୟର୍ସ ଚଢ଼ାଉ କରିଥିଲେ, ସେଠାରେ ବ୍ରିଟିଶ ସୈନ୍ୟ ୧୬୦ ଜଣ ଥିଲେ କିନ୍ତୁ ସେମାନେ ବୁଅରଙ୍କୁ ହଟାଇ ଦେବାକୁ ସକ୍ଷମ ହୋଇଥିଲେ । ଗୋଟିଏ ମେଲ-ଟ୍ରେନ ବୁଅରଙ୍କ ହସ୍ତରେ ନିପତିତ ହୋଇ ଥାଆନ୍ତା ମାତ୍ର ଯଥାସମୟରେ ସମ୍ବାଦ ଆସିବାରୁ ଟ୍ରେନ ପ୍ରିଟୋରିଆକୁ ଫେରି ଯାଇ ବୁଅରଙ୍କ ହସ୍ତରୁ ଅବ୍ୟାହତି ପାଇଲା । କମାଣ୍ଡୋନେକ୍-ଠାରେ ଯେଉଁ ଯୁଦ୍ଧ ହୋଇଥିଲା ସେଥିରେ ବୁଅରମାନେ ଯୁଦ୍ଧଭଙ୍ଗ ଦେବାରୁ କନାର୍ଡ ସୈନ୍ୟମାନେ ପଶ୍ଚାଦ୍‌ଗାମୀ ହୋଇ ବୁଅର ସେନାପତି ଡଲେରିଙ୍କ ଘୋଡ଼ାକୁ ଧରିଥିଲେ । ବୁଅର ସେନାପତି ବୋଥା କହନ୍ତି ଯେ ବ୍ରିଟିଶ ଦେଶ ପରିତ୍ୟାଗ କଲେ ବୁଅରଙ୍କର ଯୁଦ୍ଧ ସ୍ଥଗିତ ହେବ । କେପକଲନିରେ ବୁଅରମାନେ ହରବର କରୁଅଛନ୍ତି । ଅଧିକ ଅଶ୍ୱାରୋହୀ ସୈନ୍ୟର ଆଗମନ ଅତି ଉତ୍କଣ୍ଠା ସହିତ ଇଂରେଜ ସେନାମାନେ ଅପେକ୍ଷା କରୁଅଛନ୍ତି । ଅଷ୍ଟ୍ରେଲିଆଠାରୁ ୧୦୦୦ ପଦାତିକ ଓ ୧୬୦୦ ଅଶ୍ୱାରୋହୀ ସୈନ୍ୟ ଆଗମନ କରୁଅଛନ୍ତି । ଏପରି ସମୟରେ ଲର୍ଡ ରବର୍ଟ୍ସ ଅଭ୍ୟର୍ଥନା ଓ ଉପଢୌକନ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରିଅଛନ୍ତି । ଏହା ତାହାଙ୍କର ମନୁଷ୍ୟତାର ପରିଚାୟକ ।

———

## ଯାପାନରେ ଶିଳ୍ପାଦି ଶିକ୍ଷାର ସୁବିଧା ।

ପାଠକମାନଙ୍କୁ ଜଣାଅଛି ଯେ ଭାରତବର୍ଷର କେତେଜଣ ଯୁବା ଯାପାନକୁ ଯାଇ ନାନାପ୍ରକାର ଶିଳ୍ପ ଶିକ୍ଷା କରୁଅଛନ୍ତି । ଯାପାନରେ ଯେସମସ୍ତ ଶିଳ୍ପ ବିଦ୍ୟାଳୟ ସ୍ଥାପିତ ହୋଇଅଛି ସେସବୁ ଇଂଲଣ୍ଡର ଶିଳ୍ପ ବିଦ୍ୟାଳୟମାନଙ୍କଠାରୁ କୌଣସି ମତେ ନ୍ୟୁନ ନୁହେ ଏବଂ ସେଠାରେ ବର୍ତ୍ତମାନ ଶିକ୍ଷା କରୁଥିବା ଜଣେ ଭାରତୀୟ ଛାତ୍ରର ଲିଖିତ ପତ୍ର ଯାହାକି ଏକ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ତହିଁରୁ ଜଣାଯାଏ ଯେ ବିଲାତ ଅପେକ୍ଷା ଯାପାନରେ ଭାରତବାସିଙ୍କର ଶିଳ୍ପ ଶିକ୍ଷାର ବିଶେଷ ସୁଯୋଗ ଅଛି । ବମ୍ବେଇ-ଠାରୁ ଅନେକ ଜାହାଜ ଯାପାନକୁ ନିୟମିତରୂପେ ଯିବା ଆସିବା କରୁଅଛି । ଜାହାଜ ଭଡ଼ା ଛାତ୍ରଙ୍କ ସକାଶେ ଟ ୬୦୦ ୲ ଙ୍କା ଏବଂ ଅନ୍ୟମାନଙ୍କ ସକାଶେ ଟ ୬୫୧ ୲ ଙ୍କା ଜଣେ ଛାତ୍ରର ମାସିକ ବସା ଖରଚ ଟ ୫୦ ଙ୍କା ଏବଂ ଜଳବାୟୁ ସମ୍ବନ୍ଧରେ ଭାରତବାସିଙ୍କର କୌଣସି ଅସୁବିଧା ନାହିଁ । ମାଂସଭୋଜୀ ନର ବସା ଖରଚ ଟ ୬୦ ବା ୬୫ ୲ ଙ୍କାରୁ ଅଧିକ ନୁହେ । ସ୍କୁଲ ଓ କଲେଜରେ ଭରତି ହେବାର ସମୟ ସେପ୍ଟେମ୍ବର ମାସ ଏବଂ ଜାପାନର ଲୋକମାନେ ଭାରତବାସିଙ୍କି ବଡ଼ ସୁଖ ପାନ୍ତି ଏବଂ ଅଗ୍ରହସହିତ କଲେଜ ଇତ୍ୟାଦିରେ ଭରତି କରନ୍ତି । ସେଠାରେ ଗ୍ରୀଷ୍ମକାଳ ଅଳ୍ପ ସମୟ ଅର୍ଥାତ୍ ଜୁଲାଇଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଭୋଗ ହୁଅଇ । ଶୀତ ବଡ଼ ପ୍ରବଳ ମାତ୍ର ତାହା ସହଜରେ କଟିଯାଏ । ଭାରତୀୟ ଛାତ୍ରମାନଙ୍କର ପ୍ରଥମ କଷ୍ଟ ଯାପାନୀ ଭାଷା ଶିଖିବା ମାତ୍ର ଛଅ ମାସରେ ତାହା ଆୟତ୍ତ ହୋଇ ପାରେ । ଅତଏବ କଲେଜାଦିର ବର୍ଷ ଆରମ୍ଭ ହେବାର ମାସା ୫ ଷ ପୂର୍ବେ ଅର୍ଥାତ୍ ଜୁନ ବା ଜୁଲାଇମାସରେ ସେଠାକୁ ଯିବା ଭଲ । ଇଂଲଣ୍ଡର ବସା ଖରଚ ମାସକୁ ଟ ୧୫୦ ରୁ ଊଣା ନୁହେଁ ବରଂ ଅଧିକ ପଡ଼େ । ଆମ୍ଭେମାନେ ଆଶା କରୁଁ କି ଭାରତରୁ କ୍ରମାଗତ ଅଧିକ ଛାତ୍ର ଯ.ପାନକୁ ଯାଇ ନାନା ଶିଳ୍ପ କାର୍ଯ୍ୟ ଶିକ୍ଷା କରି ଆସି ଜାପାନମାନେ ଯେପରି ଅଳ୍ପକାଳରେ ସ୍ୱଦେଶର ବିଶେଷ ଉନ୍ନତି ସାଧନ କରିଅଛନ୍ତି ସେପରି ଭାରତର ଉନ୍ନତି କରିବେ । ବ୍ୟବସାୟ ବାଣିଜ୍ୟର ପ୍ରତି-ଯୋଗିତାରେ ସଫଳ ହୋଇ ନ ପାରିଲେ ଦେଶର ଉନ୍ନତି ହେବାର ଉପାୟାନ୍ତର ନାହିଁ ।

———

## ପୁସ୍ତ ବସାଘର ଆଇନ ।

ପୁସ୍ତ ବସାଘର ବିଷୟକ ସନ୍ ୧୮୭୧ ସାଲ-ବଙ୍ଗୀୟ ଅ ୪ ଆଇନ ଓ ତତ୍ସମ୍ବନ୍ଧୀୟ ଆଇନମାନ ବଙ୍ଗ ପ୍ରଦେଶ ମଧ୍ୟରେ ଗୟା, ସୀତାକୁଣ୍ଡ ନଦୀୟା, ବୈଦ୍ୟନାଥ, ଦେବଗଡ଼, ମେଦନୀପୁର ଓ ସେ ଜିଲ୍ଲା ଅନ୍ତର୍ଗତ ରେଲବାଟୀୟ ପ୍ରତ୍ୟେକ କାଳକାଲସ୍ଥ ଘାଟିସମୂହରେ, ଓଡ଼ିଶା ତିନି ଜିଲ୍ଲାର ଜଗନ୍ନାଥ ସଡ଼କସ୍ଥ ଘାଟିମାନଙ୍କରେ ପୁସ୍ତ ସହର ଏବଂ ଶୃଙ୍ଗବାଲିରେ ପ୍ରଚଳିତ ଅଛି । ଏହା ଇତ୍ୟା କଟକ, କାଳୁପଡ଼ା ଗୃଙ୍ଗପୁର ଏବଂ ବାଲୁଗାଁ ରେଲଷ୍ଟେସନମାନଙ୍କରେ ଜାରି ହୋଇଅଛି । ସ୍ଥ ୧୮୯୯-୧୯୦୦ ସାଲର କାର୍ଯ୍ୟ ବିବରଣରୁ ପ୍ରକାଶ ଯେ ଉକ୍ତ ବର୍ଷରେ ଲାଇସେନ୍ସ ଓ ଅନ୍ୟାନ୍ୟ ଫିସ ଜରିମାନା ଇତ୍ୟାଦିଦ୍ୱାରା ମୋଟରେ ଟ ୬୧,୯୩୫ ୲ ଙ୍କା ଆୟ ହୋଇଥିଲା । ତହିଁ ପୂର୍ବ ବର୍ଷର ଆୟ ଟ ୩୮,୪୬୧ ୲ ଙ୍କା ଥିଲା । ଆୟ ଏତେ ଅଧିକ ହେବାର କାରଣ ପୁରୀ ରଥଯାତ୍ରାକୁ ଅଧିକ ଯାତ୍ରିକ ସମାଗମ ।

Digitized by srujanika@gmail.com

Split by PDF Splitter



ଯଥା ପୁରୀରେ ତହିଁ ପୂର୍ବ ବର୍ଷ ଲାଇସେନ୍ସର ସଂଖ୍ୟା ୩୬୭ ରୁ ଏ ବର୍ଷ ୧୬୯୫ ହୋଇଥିଲା । ଉପରଲିଖିତ ମୋଟ ଆୟ ମଧ୍ୟରୁ ଏକା ପୁରୀ ସହର ଓ ସେ ଜିଲାର ଚଟିମାନଙ୍କର ଆୟ ପ୍ରାୟ ଅର୍ଦ୍ଧେ ଅର୍ଥାତ୍ ୩୧ ହଜାର ଟଙ୍କା ଓ ସମସ୍ତ ଓଡ଼ିଶାର ବସାଘରମାନଙ୍କର ଆୟ ହ ୪୬ ହଜାର ଟଙ୍କାର ଊର୍ଦ୍ଧ୍ୱ ଅଟେ । ପୁରୀ ଓ କଲିକତା ମଧ୍ୟରେ ରେଲବାଟ ପିଟିବା ହେତୁ ମେଦନୀପୁର ଗଡ଼ବେତା, ଓଲବାଉଦ୍ୟା, ଢେଙ୍କଣାଳ, ଦାନ୍ତୋନ ଏବଂ ଗୃନ୍ଦବାଲର ଚଟିଘରବାଳଙ୍କର ଆୟ ବିଶେଷ ଊଣା ହୋଇଅଛି କାରଣ ତାହାଙ୍କରେ ଯାତ୍ରୀ ଗତାୟାତ ଅନେକ ଊଣା ପଡ଼ିଥିଲା । ଏଣିକି କଲିକତା ଓ ପୁରୀ ମଧ୍ୟରେ ରେଲଷ୍ଟେସନମାନ ନିର୍ଦ୍ଦିଷ୍ଟରେ ଖୋଲିବାର ନିୟମ ହେବାରୁ ଜଗନ୍ନାଥଯାତ୍ରୀଙ୍କୁ ଚଟିମାନଙ୍କର ବ୍ୟବହାର ପ୍ରାୟ ହେବ ନାହିଁ ଏବଂ ଇଦୃଷ୍ଟିରେ କଟକର ମାଜିଷ୍ଟ୍ରେଟ ସଡ଼କ ପାର୍ଶ୍ୱସ୍ଥ ଚଟିମାନ ଉଠାଇ ଦେବା ଏବଂ ତହିଁ ପରବର୍ତ୍ତିରେ ସାଧାରଣ ଧର୍ମଶାଳାମାନ ନିର୍ମାଣ କରିବାର ପ୍ରସ୍ତାବ କରିଅଛନ୍ତି ଏବଂ ତହିଁ ସଙ୍ଗେ ଓଡ଼ିଶାର ତିନି ଜିଲ୍ଲାର ଆୟକୁ ମିଶାଇ ଗୋଟିଏ ପାଣ୍ଠି କରିବାର ଅନୁରୋଧ କରିଅଛନ୍ତି । ଏଥିରୁ ଗବର୍ଣ୍ଣମେଣ୍ଟ କହୁଅଛନ୍ତି କି ଏହା ଗୋଟିଏ ଗୁରୁତର ପ୍ରସଙ୍ଗ ଅଟେ ଏବଂ ଏ ବିଷୟରେ ପୃଥକ୍ ରିପୋର୍ଟ ପଠାଇବାର ଆଦେଶ ଦେଇଅଛନ୍ତି ।

---

### ଭର୍ଣ୍ଣାକ୍ୟୁଲର ଶିକ୍ଷାର ନୂତନ ବ୍ୟବସ୍ଥା ।

ଭର୍ଣ୍ଣାକ୍ୟୁଲର ବା ମାତୃଭାଷା ବିଦ୍ୟାଳୟର ପାଠ୍ୟ ବିଷୟ ସମ୍ବନ୍ଧରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଗୋଟିଏ ନିର୍ଦ୍ଧାରଣ ଗତବର୍ଷ ଜୁଲାଇମାସରେ ବାହାରିଥିଲା ଓ ସେ ବିଷୟରେ ସାଧାରଣ ମତାମତ ଜାଣିବାକୁ ଗବର୍ଣ୍ଣମେଣ୍ଟ ଆଶା କରିଥିଲେ । ଏ କଥାମାନ ପାଠକମାନଙ୍କୁ ଯଥା ସମୟରେ ଜଣାଇଅଛୁଁ । ସେ ବିଷୟରେ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କର ଶେଷ ନିଷ୍ପତ୍ତି ଗତକମାସ ତା୩ରିଖର କଲିକତା ଗେଜେଟରେ ବାହାରିଅଛି । ନାନା ସଭା ସମିତି ଏବଂ ସମ୍ପାଦକଙ୍କର ମତାମତ ପ୍ରାପ୍ତ ହୋଇ ବଡ଼ଲାଟଙ୍କର ସେ ସବୁ କମିଟୀ ନିକଟକୁ ପଠାଇଦେଲେ ଏବଂ କମିଟୀ ସେମାନଙ୍କର ପୂର୍ବ ପ୍ରସ୍ତାବମାନ ଏହିରୂପେ ସଂଶୋଧନ କଲେ କି ଅପର ପ୍ରାଇମେରି ପାଠ୍ୟ ନିମନ୍ତେ ଖଣ୍ଡିଏ ସାହିତ୍ୟ ପୁସ୍ତକ ନିର୍ଦ୍ଦିଷ୍ଟ ହେବ । ଅପର ପ୍ରାଇମେରି ଓ ମଧ୍ୟ ଭର୍ଣ୍ଣାକ୍ୟୁଲରରେ ବ୍ୟାକରଣ ଇତିହାସ ଓ ଭୂଗୋଳର ପାଠ ବଢ଼ାଇ ଦିଆଯିବ ଏବଂ ଶେଷଲିଖିତ ଦୁଇ ବିଷୟର ପୃଥକ୍ ପୁସ୍ତକ ହେବ ବାଉଁଶ 'ଗୃହସ୍ଥ ଓ ଟୋକାଇ' ଇତ୍ୟାଦି ବୁଣା ପରିତ୍ୟକ୍ତ ହେବ ଏବଂ ହାତରେ କାମ କରିବା ଶିକ୍ଷା ଛାତ୍ରର ସ୍ୱେଚ୍ଛାଧୀନ ରହିବ । ପାଠ୍ୟବିଷୟର ସଂଶୋଧିତ ତାଲିକା ଗବର୍ଣ୍ଣମେଣ୍ଟ ଅନୁମୋଦନ କରି ଏହି ନିର୍ଦ୍ଧାରଣ ସଙ୍ଗେ ପ୍ରକାଶ କରିଅଛନ୍ତି । ଅତ୍ୟନ୍ତ ବାହୁଲ୍ୟ ହେତୁ ଆମ୍ଭେମାନେ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି କି ବ୍ୟବସ୍ଥା ଅନୁସାରେ ସନ ୧୯୦୮ ସାଲର ନିମ୍ନ ଓ ଉଚ୍ଚପ୍ରାଇମେରି ଅପର ଏବଂ ମଧ୍ୟ ଛାତ୍ରବୃତ୍ତି ପରୀକ୍ଷାମାନ ଗୃହୀତ ହେବ ମାତ୍ର ଯେ ସବୁ ନିମ୍ନ ପ୍ରାଇମେରି ବିଦ୍ୟାଳୟର ଛାତ୍ରମାନେ ବୃତ୍ତି ସକାଶେ ପରୀକ୍ଷା ଦେବାକୁ ଇଚ୍ଛା ନ କରିବେ ସେମାନଙ୍କର ପରୀକ୍ଷା ପ୍ରଚଳିତ ପ୍ରଥାରେ ଗୃହୀତ ହେବ । ଉଚ୍ଚ ଇଂରାଜୀ ବିଦ୍ୟାଳୟର ନିମ୍ନ ଶ୍ରେଣୀର ଛାତ୍ରମାନେ ବର୍ତ୍ତମାନ ଯେପରି ସବୁ ବିଷୟ ଇଂରାଜୀରେ ଶିକ୍ଷା କରୁଅଛନ୍ତି ତାହା ହେବ ନାହିଁ । ଏଣିକି ସେ ସବୁ ବିଦ୍ୟାଳୟର ନିମ୍ନ ଶ୍ରେଣୀରେ ଭର୍ଣ୍ଣାକ୍ୟୁଲରରେ ଶିକ୍ଷା ଦିଆଯିବ ଏବଂ ଛାତ୍ରମାନେ ଉଚ୍ଚପ୍ରାଇମେରି ଏବଂ ମଧ୍ୟ ଛାତ୍ରବୃତ୍ତି ପରୀକ୍ଷା ଦେଇପାରିବେ । ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟର ଏଥିର ଅନ୍ୟଥା କଲେ ସାହାଯ୍ୟରୁ ବଞ୍ଚିତ ହେବ । ଏହି ବ୍ୟବସ୍ଥା ପ୍ରବର୍ତ୍ତିଲବା ସକାଶେ ସର୍ବ ପ୍ରଥମେ ଶିକ୍ଷକମାନଙ୍କର ଶିକ୍ଷା ଓ ବ୍ୟବହାର ଯୋଗ୍ୟ ଖଣ୍ଡିଏ ମାନୁଏଲ ବା ବିଧି ପୁସ୍ତକ ପ୍ରସ୍ତୁତ ହେବ ଏବଂ ଦ୍ୱିତୀୟରେ ଶିକ୍ଷକ ପ୍ରସ୍ତୁତ କରିବାକୁ ହେବ । ମାନୁଏଲ ବା ଶିକ୍ଷା ବିଧାନ ପ୍ରସ୍ତୁତ ହେବା ମାତ୍ରେ ସେହି ପୁସ୍ତକ ଏକ୨ ଖଣ୍ଡ ପ୍ରତ୍ୟେକ ପରିଦର୍ଶକ କର୍ମଚାରୀ ଅର୍ଥାତ୍ ଇନ୍ସପେକ୍ଟରଠାରୁ ସରକିଲ ପଣ୍ଡିତ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଦିଆଯିବ ଏବଂ ନାନାଶ୍ରେଣୀର ବିଦ୍ୟାଳୟର ଶିକ୍ଷକମାନଙ୍କ ସେମାନଙ୍କର ଉପଯୋଗୀ ବିଧାନମାନ ଦିଆଯିବ । ତହିଁଉତ୍ତାରୁ ଇନ୍ସପେକ୍ଟରମାନେ ଆପଣା୨ ଅଧୀନସ୍ଥ ଡେପୁଟି ଇନ୍ସପେକ୍ଟରମାନଙ୍କୁ ଏବଂ ଡେପୁଟିମାନେ ସବଇନ୍ସପେକ୍ଟର ଓ ଇନ୍ସପେକ୍ଟିଂ ପଣ୍ଡିତମାନଙ୍କୁ ଏକ୨ ସ୍ଥାନରେ ସମବେତ କରି ଶିକ୍ଷା ଦେବେ । ଶିକ୍ଷକ ପ୍ରସ୍ତୁତ କରିବାର ଏହି 'ଉପାୟ ସମ୍ପୂର୍ଣ୍ଣ ନୁହେ ବୋଲି ବଡ଼ଲାଟଙ୍କୁ ଜଣାଥିଲେହେଁ ସେ ଆଶା କରନ୍ତି କି ଏହା ମୂଳଭିତ୍ତି ସ୍ୱରୂପ ହେବ ଏବଂ କ୍ରମେ ତହିଁ ଉପରେ ପ୍ରୟୋଜନାନୁସାରେ କାର୍ଯ୍ୟ ଗଠିତ ହେବ । ବ୍ୟବସାୟ ଶିକ୍ଷା ଦେବା ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ନୁହେ । ମାନ୍ୟବର ବଡ଼ଲାଟଙ୍କର ଏହି ବ୍ୟବସ୍ଥା କରିବାର ଅଭିପ୍ରାୟ ଏହି ଯେ ବର୍ତ୍ତମାନ୍ ଯେଉଁ ପ୍ରଣାଳୀରେ ଶିକ୍ଷା ଦିଆଯାଉଅଛି ତାହା ସଙ୍କୀର୍ଣ୍ଣ ସୀମାମଧ୍ୟରେ ଆବଦ୍ଧ ଥିବାରୁ ନାନାବିଷୟରେ ଛାତ୍ରମାନଙ୍କର ଜ୍ଞାନ ଲାଭ ହେଉ ନାହିଁ । ନୂତନ ବ୍ୟବସ୍ଥାରେ ଶିକ୍ଷା କଲେ ସେମାନଙ୍କର ଏପରି ଜ୍ଞାନ ବିସ୍ତାର ଏବଂ ଅଙ୍ଗ ପ୍ରତ୍ୟଙ୍ଗର ସାଧନ ହେବ ଯେ ଭବିଷ୍ୟତରେ ଯେ ଯେଉଁ ବ୍ୟବସାୟ କରିବାକୁ ଇଚ୍ଛା କରିବ ତାହା ସହଜରେ ଶିଖିପାରିବ । ଇଉରୋପରେ ଏହି ପ୍ରଣାଳୀରେ ଶିକ୍ଷା ଦେବାର ସୁଫଳ ଲାଭ ହୋଇଅଛି ଏବଂ ଭାରତରେ ତହିଁର ଅନ୍ୟଥା ହେବାର କୌଣସି କାରଣ ନାହିଁ ।

---

### ବନ୍ଦୋବସ୍ତ କାଗଜର ନକଲ ।

ଛୋଟଲାଟ ସର ଉଡ଼ବରନ ବାହାଦୁର ଗତ ବର୍ଷ ଯେତେବେଳେ ବାଲେଶ୍ୱରରେ ବିଜେମାନ ହୋଇଥିଲେ ସେଠାର ନାଗରିକ ସମିତି ତାହାଙ୍କ ନିକଟରେ ଅଳ୍ପ ଖରଚରେ ବନ୍ଦୋବସ୍ତ ଖସ୍ରା ଇତ୍ୟାଦିର ନକଲ ପାଇବା ପ୍ରସଙ୍ଗରେ ଆବେଦନ କରିଥିଲେ । ପୁଣି ଗତ ଅକ୍ଟୋବର ମାସରେ ସେ ବିଷୟରେ ଖଣ୍ଡିଏ ଆବେଦନ ପତ୍ର ପଠାଇଥିଲେ । ସେମାନଙ୍କର ପ୍ରାର୍ଥନା ତିନୋଟି ଥିଲା ଯଥା—

୧—ବନ୍ଦୋବସ୍ତ ମହଲମାନରେ ଯେପରି ନ ୧୦୦ ମର ଖସଡ଼ାର ନକଲ କରି ଦେବା କାରଣ ଟ ० ୯ ଖରଚ୍ ନିଆ ଯାଉଥିଲା କଲେକ୍ଟରୀ ମହାଫିଜଖାନାରୁ ସେହି ଦରରେ ନକଲ ଦିଆ ଯାଉ ।

୨—ଜମିଦାରମାନଙ୍କୁ ଯେଉଁ [illegible] ଦିଆ ଯାଉଅଛି ତାହା ଅଳ୍ପ ଖରଚରେ କଲେକ୍ଟ୍ରୀ ମହାଫିଜଖାନାରେ ସଂଶୋଧନ କରି ଦେବାର ବ୍ୟବସ୍ଥା ହେଉ ।

୩—ଚୌହଦ୍ଦି ଲେଖା ଇତ୍ୟାଦି ସଂଶୋଧନ କରିବା ଏବଂ ସେ ସମ୍ବନ୍ଧୀୟ ନୋଟିସ ଜମା ମୋଟ ଜମାରୁ କାଟି ଦେବାର କ୍ଷମତା କଲେକ୍ଟରଙ୍କୁ ଦିଆ ଯାଉ, ଗବର୍ଣ୍ଣମେଣ୍ଟ ସେସବୁ ପ୍ରାର୍ଥନାର ନିମ୍ନଲିଖିତ ଉତ୍ତର ଦେଇଅଛନ୍ତି ଯଥା—

୧—ପ୍ରଚଳିତ ନକଲ ଫିସ ଊଣା କରିବାର ବିଶେଷ ହେତୁ ଦେଖାଯାଉ ନାହିଁ କାରଣ ତାହା କଲେ ସରକାରର କ୍ଷତି ହେବ ମାତ୍ର ଅନେକ ନକଲର ପ୍ରୟୋଜନ ଥିବାର ଜଣାଗଲେ

Digitized by srujanika@gmail.com

Split by PDF Splitter



ବାଲେଶ୍ୱର ସମିତି କିଷ୍ଟସ୍ୱରୂପେ କହି ପାରିବେ ତେବେ ଗବର୍ଣ୍ଣମେଣ୍ଟ ପୁନର୍ବିଚାର କରିବେ ।

୨—ଖସଡ଼ା ଓ ଖତିୟାନ ସଂଶୋଧନ ସମ୍ବନ୍ଧେ ଫିସ ଧାର୍ଯ୍ୟ କରିବା କାରଣ ରେଭିନ୍ୟୁ ବୋର୍ଡଙ୍କ ପ୍ରତି ଆଦେଶ ହୋଇଅଛି ।

୩—କଲେକ୍ଟର ସାହେବଙ୍କୁ କ୍ଷମତା ଦେବାର ଆବଶ୍ୟକତା ପ୍ରତିପନ୍ନ କରିବା କାରଣ କୌଣସି ଦୃଷ୍ଟାନ୍ତ ପ୍ରଦର୍ଶିତ ହୋଇ ନାହିଁ । ବୋଧ ହୁଏ ଯାହାର ମୋଫସଲର ଜମା କୌଣସି ପ୍ରକାରେ ଅଯଥାରୂପେ ବଢ଼ି ଯାଇଥିବ ସେ କଲେକ୍ଟର ସାହେବଙ୍କ ନିକଟରେ ଦରଖାସ୍ତ କରିବ ।

ଉପରଲିଖିତ ପ୍ରାର୍ଥନା ଓ ଉତ୍ତରମାନ ବାଲେଶ୍ୱର ସମିତି ଓଡ଼ିଶାର ସମସ୍ତ ଜମିଦାରଙ୍କ ନିକଟକୁ ପଠାଇ ତାହାର ନକଲ ଜମିଦାରଙ୍କର ତେବେ ଖସଡ଼ା ବା ଖତିୟାନର ନକଲ ପ୍ରୟୋଜନ ସମିତିର ସମ୍ପାଦକଙ୍କୁ ଜଣାଇବା କାରଣ ଅନୁରୋଧ କରିଅଛନ୍ତି । ଏହି ସମ୍ବାଦ ପ୍ରାପ୍ତ ହେଲେ ସମିତି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ଏବଂ ତାହାଙ୍କର ସୁବିଚାର ହେବା ଆଶା ଦେଖାଯାଉଅଛି । ବାଲେଶ୍ୱର ସମିତି ଏ କାର୍ଯ୍ୟ ସକାଶେ ଓଡ଼ିଶା ଜମିଦାର ଏବଂ ପ୍ରଜାଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ସନ୍ଦେହ ନାହିଁ ମାତ୍ର ଜମିଦାରମାନେ ଯେବେ ଶୀଘ୍ର ଉତ୍ତର ପ୍ରଦାନଦ୍ୱାରା ସମିତିର ସାହାଯ୍ୟ ନ କରିବେ ତେବେ ସେମାନେ କ୍ଷତିଗ୍ରସ୍ତ ହେଲେ ସେ ଦୋଷ ସେମାନଙ୍କର ହେବ । ପରନ୍ତୁ ଅନେକ ଖସଡ଼ା ନକଲ ପ୍ରୟୋଜନ ହେବା କଥା ଗବର୍ଣ୍ଣମେଣ୍ଟ ଏପର୍ଯ୍ୟନ୍ତ ଜାଣି ପାରି ନାହାନ୍ତି ଆଶ୍ଚର୍ଯ୍ୟର ବିଷୟ ଅଟେ । ଅନ୍ୟାନ୍ୟ ସ୍ଥଳ କଥା କହି ନ ପାରୁଁ ମାତ୍ର ଆମ୍ଭେମାନେ ବୁଝିଅଛୁ ଯେ ଏଠା କଲେକ୍ଟରୀ ଡିପାର୍ଟମେଣ୍ଟରେ ପ୍ରତିଦିନ ପ୍ରାୟ ୨୦।୨୫ ଦରଖାସ୍ତ କେବଳ ବନ୍ଦୋବସ୍ତ ଖସଡ଼ା ପ୍ରଭୃତି ସକାଶେ ଦାଖଲ ହେଉଅଛି ଏବଂ ନକଲନବିସମାନେ ଯଥା ସମୟରେ ନକଲ ପ୍ରସ୍ତୁତ କରି ନ ପାରିବାରୁ ଦରଖାସ୍ତକାରୀମାନେ ଅନେକ ବିଳମ୍ବରେ ନକଲ ପାଉଅଛନ୍ତି ଏବଂ ଅଯଥିକ କ୍ଷତିଗ୍ରସ୍ତ ହେଉଅଛନ୍ତି । ଓଡ଼ିଶାର ଯନ୍ତ୍ର ଜିଲ୍ଲା କଲେକ୍ଟର ସାହେବଙ୍କୁ ଏ ନବ ବର୍ଷରେ ଖସଡ଼ାପ୍ରଭୃତି ନକଲ ପ୍ରାର୍ଥନାର ତାଲିକା ତଲବ କଲେ ଅନାୟାସରେ ଜାଣି ପାରିବେ ଯେ କିସ୍ତର ନକଲ ଆବଶ୍ୟକ ହେଉଅଛି ଏବଂ ଅସଲ ଖସଡ଼ାରେ ତସ୍ତର କାଟକୁଟ ଥିବା ହେତୁ ନକଲର ଶୁଦ୍ଧି ଅନୁସାରେ ଅଧିକ ପଡ଼ୁଅଛି । ନକଲ ଦେବାଦ୍ୱାରା ସରକାରଙ୍କର ଲାଭ ଖୋଜିବା ନ୍ୟାୟସଙ୍ଗତ ନୁହେଁ । ମାତ୍ର ଖରଚ୍ଚ ଊଣା ହେଲେ ସରକାରଙ୍କର କ୍ଷତି ହେବାର କୌଣସି ସମ୍ଭାବନା ନାହିଁ ଏବଂ ତାହାହେଲେ ମଧ୍ୟ ଲୋକଙ୍କର ସୁବିଧା ଓ କ୍ଷତି ପ୍ରତି ଦୃଷ୍ଟି ରଖିବା ଆବଶ୍ୟକ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ସବଜଜ ବାବୁ ଯୋଗେନ୍ଦ୍ର ମିତ୍ର ଗତ ଡିସେମ୍ବରମାସ ତା ୧୨ ରିଖରୁ କଟକ ଓ ଜଜପଦରେ ଅସ୍ଥ ଗ୍ରେଡରେ ନିଯୁକ୍ତ ହୋଇ ଥିଲେ ବର୍ତ୍ତମାନର ଅଧିକନ୍ତୁ ଜଜ ହୋଇ ନିଯୁକ୍ତ ହେଲେ ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ମିତ୍ର ଅସ୍ଥ ଗ୍ରେଡର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ଜଏଣ୍ଟ ମାଜିଷ୍ଟ୍ରେଟ ମିଃ ଏମ୍ ସ୍ମିଥ ୨ୟ ଓ ଅସ୍ଥ ଶ୍ରେଣୀର ମାଜିଷ୍ଟ୍ରେଟମାନଙ୍କ ଦସ୍ତର ବଦଳରେ ଅପିଲ ଶୁଣିବାର କ୍ଷମତା ଫୌଜଦାରୀ କାର୍ଯ୍ୟବିଧି ଆଇନର ୪୦୭ ଧାରାନୁସାରେ ପାଇଲେ ।

ବାବୁ କ୍ଷେତ୍ରନାଥ ବାନାର୍ଜ୍ଜୀ ବି, ଏଲ୍ କେନ୍ଦ୍ରାପଡ଼ାର ମୁନ୍‌ସଫ ପଦରେ ବାବୁ ଅଘୋର ପ୍ରସାଦ ଘୋଷ ଅନୁପସ୍ଥିତ କାଳରେ ଅଥବା ଅନ୍ୟାଜ୍ଞା ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଅଶିଷ୍ଟାଣ୍ଟ ଇଞ୍ଜିନିୟର ମିଃ କର୍ଣ୍ଣେଲ ସ୍ମିଥ ଉତ୍ତର ପଶ୍ଚିମ ସର୍କଲରୁ ଓଡ଼ିଶା ସର୍କଲକୁ ସ୍ଥାନାନ୍ତରିତ ହେଲେ ।

ବାବୁ ଯୋଗେନ୍ଦ୍ର ଦତ୍ତ ଓ ମୌଲବୀ ମହମ୍ମଦ ମିର୍ଜ୍ଜା ଜୁ ବାଲେଶ୍ୱର ଜିଲ୍ଲା ଲୋକାଲ ଓ ଲୋକାଲ୍ ବୋର୍ଡର ସଭ୍ୟ ପଦରେ ନିଯୁକ୍ତ ହେଲେ ।

---

ମେଘର ଅଧା ନେଣ୍ଡି ନାହିଁ । ଅଚିର ବାହାରୁ ଅଛି । ଜରବାୟୁ ଅତ ସ୍ୱାସ୍ଥ୍ୟକରରୁ ପ୍ରାୟ ସକଳମାନ ମାନଙ୍କ ବୃଦ୍ଧି ଏଠାରେ ହୋଇଅଛି । ଶୀତ ଊଣା ପଡ଼ୁଅଛି । ମଲ୍ଲି ଜାଲନାଥ ହୋଇ ନାହିଁ ।

ଅନ୍ୟ ବଡ଼ଦିନର ଏ ପର୍ଯ୍ୟନ୍ତ ଦେଖା ଯାଇ ନାହିଁ ।

ତିନି ଜଣ ହେବାର ସମ୍ବାଦ ନ ଦେବା ଅପରାଧରେ ଏ ସପ୍ତାହରେ ଏ ନଗରର ନ ଅଟ ଜଣ ଦୃଷ୍ଟକ ହୋଇ ଫୌଜଦାରରେ ୧୦ ୪ ଓ ୫ । ଟଙ୍କା ଜୋରିମାନା ଦେଇଅଛନ୍ତି ।

ପରଚୋଲ ଥାନା ଶ୍ରୀରାମପୁର ଗ୍ରାମର ଅରତ ସୁଅଇଁ ଅପଣା ସ୍ତ୍ରୀକୁ ସ୍ୱଳ୍ପ ଦୋଷରେ ବେତରେ ଗୋଇଠା ମାରିବାରୁ ପଞ୍ଚସହାଉ ଗଣିଯାଇ ମରିଯାଇ । ଡେପୁଟି ମାଜିଷ୍ଟ୍ରେଟ ଦେବୀପ୍ରସନ୍ନ ସାହେବ ଆସାମୀକୁ ଦୌରାସୋପର୍ଦ୍ଦ କରିଅଛନ୍ତି ।

ଏ ନଗରର ସାହେବକାବାଦଗାଁରେ ଗୋଟିଏ ଗିର୍ଜ୍ଜା ଘର ମରାମତି ହେଉଥିବା ବେଳେ ଗୋଟା ପାଟ ଉପରେ ଦୃଢ଼ ହଡ଼ାଇ ଅଛି । ଗୋଟି ଏବି ତଳେ ପଡ଼ି ଯାଇ ଏକଜଣ ଅଞ୍ଚଳ ବହୁ ମରିଗଲା ।

ହାଟଯୋଡ଼ି ନଗର ଇଞ୍ଜିନିୟର ଯୋଗପାଲ ଘାଟ ନୌକାରେ ଅନେକ ମନୁଷ୍ୟ ବହାଇ ପାର କରିବା ଅପରାଧରେ ପୋର୍ଟ ଇନ୍‌ସ୍‌ପେକ୍ଟରଙ୍କର ନାଲିଶରେ ଶ୍ରୀଯୁକ୍ତ ମଲ୍ଲିକ ସାହେବ ମାଜିଷ୍ଟ୍ରେଟଙ୍କ ଦରବାରରେ ୫ ୨୫ ଟଙ୍କା ଜରି- ମାନା ଦଣ୍ଡ ପାଇଅଛି ।

ବେଣ୍ଟାବାଇର ଧର୍ମ ମହାତ୍ରିର ବନାତ ଓଗେର ମ୍ଲେଚ୍ଛ କରିବା ଅଭିଯୋଗରେ ସେହି ଗ୍ରାମର ପ୍ରମ ମହାଲ ପୁଲିସ ଦ୍ୱାରା ଚାଲାନ ହୋଇଥିଲା । ଡେପୁଟି ମାଜିଷ୍ଟ୍ରେଟ ଦେବୀପ୍ରସନ୍ନ ସାହେବ ବିଚାର କରି ଆସାମୀକୁ ଖଲାସ ଦେଲେ ଓ ମୁଦ୍ଦଇଠାରୁ ୫ ୨୦ ଟଙ୍କା କ୍ଷତିପୂରଣ ଦିଆଇଲେ । ମାଲି ମୁଦ୍ଦଇ ପାଇଲା । ଖଲାସ ଦେବା ପ୍ରଭୃତି କ ଏଥିରେ ଦୋଷୀ କହେ ?

ଉତ୍ତର ପଶ୍ଚିମାଞ୍ଚଳରେ ଗତ ବର୍ଷ ଅନେକ ସଙ୍ଗୀନ ଦ୍ୱାବାହାର ସଫଳ ହୋଇଥିବାରୁ ସେ ଅଞ୍ଚଳରେ ସ୍ଥଳ ଲୁଣର ଆମଦାନି ପୂର୍ବ ବର୍ଷାପେକ୍ଷା ଦୁଇଲକ୍ଷ ମହଣ ଅଧିକ ହୋଇଥିବାର କଥିତ ହୁଏ । ଏଣେ ଗୋମେଷାଦ ଅନେକ ନଷ୍ଟ ହେବାରୁ ଚମଡ଼ାର ଅମଦାନି ଗତ ବର୍ଷ ୫,୧୨,୪୦୨ ମହଣ ହୋଇଥିଲା । ତହିଁ ପୂର୍ବ ବର୍ଷର ଚମଡ଼ାର ଆମଦାନି ୭୨,୮୭୭ ମହଣ ଅଟେ ।

ଅଗ୍ରାଠାରେ ଅତ୍ୟଧିକ ବୃଷ୍ଟି ହୋଇଥିବାର ସମ୍ବାଦ ମିଳଇ । ସେଠାରେ ଶୀତ ଅତ୍ୟନ୍ତ ପ୍ରବଳ ହୋଇଅଛି ।

ଅଲ୍ଲାହାବାଦଠାରେ ଏକ କୌତୁକଜନକ ମୋକଦ୍ଦମା ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ । ସ୍ୱକଦେବପୁରର ଜଣେ ଜେଲର ପୁତ୍ର ଯଶୋହରଠାରେ ଥିଲା । ଆସାମୀ ଉପେନ୍ଦ୍ରନାଥ ଉକ୍ତ ଜେଲରଙ୍କ ପିତା ନିକଟରେ ପଡ଼ୁଅ ଗୋଟିଏ ଜାଲ ଚିଠି ଦେଖାଇଲା । ତହିଁରେ ପୁତ୍ର ଗୋଟିଏ ଜମିଦାରୀ କିଣି- ବାକୁ ଇଚ୍ଛା ଥିବାରୁ ୫ ୫୦୦ ଟଙ୍କା ପତ୍ରବାହକ ମାରଫତରେ ଦେବାର ଲେଖା ଥିଲା । ପିତା ଏହି ଚିଠି ଆସାମୀକୁ ଟଙ୍କା ଦେଇ ପୁତ୍ରକୁ ରେଜେଷ୍ଟ୍ରି ଚିଠିଦ୍ୱାରା ସମ୍ବାଦ ପଠାଇଲା । ପୁତ୍ର ସମ୍ପୂର୍ଣ୍ଣ ବିଷୟ ଅସ୍ୱୀକାର କରି ତେଲିଗ୍ରାଫ କରିଥିବାର ଉତ୍ତର ଦେଲା । ଡେଟେକ୍ଟିଭଙ୍କୁ ଆସାମୀ ଗ୍ରାମ ଛାଡ଼ି ଯାଇ ନ ଥିଲା । ସୁତରାଂ ଧରା ପଡ଼ି ଏବେ ଉପଯୁକ୍ତ ଦଣ୍ଡ ପାଉଅଛି ।— ସ୍ୱାମୀଭକ୍ତି କେତେ ପ୍ରକାର ଠକ ଅଛନ୍ତି । ଠକ ଜାଲକାର ଲୋକ ରହି ନ ଥିଲେ ଧରା ପଡ଼ିବା ସହଜ ନ ଥିଲା ।

ବଣ୍ଡିଶଫର୍ଦ୍ଦିବାଲ ଯୁଦ୍ଧ ପ୍ରତି ଆସୁଅଛି ଏବଂ ସେଠାରୁ ୫ ଲକ୍ଷ ପଲଟନ ଦେଶୀୟ ସେନା ଏଠାରୁ ଯାଇଅଛନ୍ତି ।

ଗୋଟିଏ ମୋକଦ୍ଦମାରେ ଅଦାଲତ ଦ୍ୱାରା ନିଯୁକ୍ତ ହୋଇଥିବା ନଥିକୁ ଏକପକ୍ଷ ବଡ଼ିବି ପ୍ରଭୃତି କରିବାରୁ ମାଂ୧ ମ ଜ୍ରମଯୁକ୍ତ କାରାଦଣ୍ଡ ଅଲ୍ଲାହାବାଦ ଡିପୋଜିଟମେଣ୍ଟର ଜଜ ଧର୍ମଲଙ୍କ ଦେଇଥିବାର ସମ୍ବାଦ ମିଳଇ ।

### ଯାଜପୁର-ସମ୍ବାଦ ।

ଧର୍ମଶାଳା ଥାନା ଇଲାକା ଜାଜପୁରପାଟଣା ନିବାସୀ ମାଉ ମଦନ ମାଲେଟ୍ରିଆ ଜ୍ୱରରେ ନ ଆସିବା ପ୍ରଭୃତି ଗତ ଡିସେମ୍ବରମାସ ତା ୫ ରିଖ ରାତ୍ରରେ ଯମା ପ୍ରତିବନ୍ଧରେ ବାଡ଼ି- ଦ୍ୱାର ଭିତ୍ତି ବଧ କରିଥିବା ବିଷୟ ଜଣାଯାଉଅଛି । ସେଥିରେ ହରିସେନା ପ୍ରଭୃତି ନ ୧୨ ଜଣକୁ ପୁଲିସ ଚାଲାନ ଦେଇଥିଲେ । ଏଠା ସବଡିଭିଜନ ମାଜିଷ୍ଟ୍ରେଟ ଏକଜଣକୁ ଖଲାସ ଦେଇ ଅବଶିଷ୍ଟ ହରିସେନା ପ୍ରଭୃତି ନ ୧୧ ଜଣଙ୍କୁ ଦୌରାସୋପର୍ଦ୍ଦ କରି- ଅଛନ୍ତି । ଉକ୍ତ ମକଦ୍ଦମାରେ କଟକର ବଡ଼ ଉକିଲ ଶ୍ରୀଯୁକ୍ତ ବାବୁ

Digitized by srujanika@gmail.com

ଜାନକୀନାଥ ବୋଷ ( ସେନା ) ମୂର୍ତ୍ତିମାନଙ୍କ ପକ୍ଷ ସମର୍ଥନ କରିଥିଲେ ।

କେତେକଦିନରୁ ଏଠାର ଆକାଶ ମେଘାଚ୍ଛନ୍ନ ହୋଇ ଅଳ୍ପ ଅଳ୍ପ ପବନ ହେଉଅଛି । ବର୍ତ୍ତମାନ ଗାମ୍ବ ବହିଲ ବାହାରିବାର ଉପଯୁକ୍ତ ସମୟ ଅଟେ ଏତେବେଳେ ମେଘୋଦୟ ହେଲେ ଅଂଶରର ଉତ୍ପତ୍ତି ଘାଇଁଯାଇ କୃଷିକପକ୍ଷରେ ବିଶେଷ କ୍ଷତି ହେବ ।

ବନ୍ଦୁଅଁ ପ୍ରଗନା ପୁରୁଷୋତ୍ତମପୁର ହଳପୁର ପ୍ରଭୃତି କେତେକ ମୌଜାରେ ବସନ୍ତରୋଗ ଅରମ୍ଭ ହୋଇ ଏସମସ୍ତରେ ଉକ୍ତ ବସନ୍ତରେ କେତେକଲୋକ ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି ଏହି ସମୟରେ ସରକାରୀ ଟୀକା ଦେବାର ପ୍ରକୃତ ସମୟ ଏତେବେଳେ ଯେବେ ସରକାର ଟୀକାଦାରମାନଙ୍କୁ ସେ ସ୍ଥାନମାନଙ୍କରେ ପଠାଇ ଟୀକା ଦେଲେ ଅନେକ ଉପକାର ହୁଅନ୍ତା ।

ଏ ସପ୍ତାହରେ କାରଗାଁପ୍ରଗନା ପ୍ରମତଦ୍ଧୁର ପ୍ରଭୃତି କେତେକ ସ୍ଥାନରେ ଜ୍ୱରାତିସାରରୋଗ ଅରମ୍ଭ ହୋଇଅଛି ।

ଗତ ସପ୍ତାହରେ ଏ ଅଞ୍ଚଳରେ ମେଘ ବରଷା ହୋଇ ନ ଥିଲେ ମଧ୍ୟ ଉପରମୁଣ୍ଡରେ ଅତ୍ୟଧିକ ଜଳ ବର୍ଷା ହୋଇଥିବାରୁ ଶଳନ୍ଦୀ ଚିତ୍ରୋତ୍ପଳା ବୈତରଣୀନଦୀମାନ ହଠାତ୍ ପ୍ରବଳ ବେଗରେ ବୃଦ୍ଧି ହୋଇ କୂଳପର୍ଯ୍ୟନ୍ତ ଜଳ ଲାଗିଥିଲା ମଧ୍ୟ ବ୍ରାହ୍ମଣୀନଦୀ ବନ୍ଧରେ ମଥୁରପୁର କଣ୍ଡ ଜନାର୍ଦ୍ଦନ ପାଦରେ ଜଳ ପ୍ରବେଶ କରି ମଥୁରପୁର, ଓଲାସ, ବନ୍ଦୁଅଁ ପ୍ରଭୃତି ଅନେକ ପରଗଣାର ରବିଫସଲ ଜଳରେ ବୁଡିଯାଇ ନଷ୍ଟ ହୋଇଅଛି । ସେ ବର୍ଷିରେ ଏମାନଙ୍କର ଖାଦ୍ୟଫସଲ ନଷ୍ଟ ହୋଇଥିଲା ବର୍ତ୍ତମାନ ରବିର ଆଶା ବିଫଳ ହେଲା ।

କୁଅଖିଅବନାଳ ଜଳକଷ୍ଟ ଜଗନ୍ନାଥ ସଡ଼କରୁପରେ ପ୍ରାୟ ପୂ ୪ ଟ ଭିତରେ ଜଳର ସ୍ରୋତ ଏପରି ପ୍ରବଳ ହୋଇଥିଲା ଯେ ବୁଧବାର ପର୍ଯ୍ୟନ୍ତ ମନୁଷ୍ୟମାନଙ୍କର ଗତାୟାତ କରିବା ଦୁର୍ଘାର ହୋଇଥିଲା ।

ଧର୍ମଶାଳାଥାନାଅଧିକାର ଏକଗୋଟ ବାଳକ ଏକଖଣ୍ଡ ପ୍ରସ୍ତର ଏକ ଗୋରୁକୁ ମାରିବା ସମୟରେ ଉକ୍ତ ଗୋରୁ ପାର୍ଶ୍ୱରେ ବସିଥିବା ଅନ୍ୟଏକ ବାଳକ ଉପରେ ବାଜିବାରୁ ସେ ମରିଗଲା । ପୁଲିସ ଏ ସମ୍ବନ୍ଧରେ ବନ୍ଦୋବସ୍ତ କରିଛନ୍ତି । ବାବୁ ଗୋକୁଳଚନ୍ଦ୍ର ଦାସ ବାହାଦୁର ଅପରାଧୀକୁ କେବଳ ୫୦ ଅର୍ଥଦଣ୍ଡ କରିବାରୁ ଏହି ମୋକଦ୍ଦମାରେ ସାଧାରଣ ସନ୍ତୁଷ୍ଟ ହୋଇଅଛନ୍ତି ।

ସେଟଲମେଣ୍ଟ କାର୍ଯ୍ୟ ପରିଦର୍ଶନ ନିମନ୍ତେ ଶ୍ରୀଯୁକ୍ତ ଗୋକୁଳଶୋର ବାବୁ ଏଠାରେ ଶଣବାଳ ସବାଣ ଖଣ୍ଡ ମଣ୍ଡଳ ନ କରି ମହୀଧର ମଫସଲ ଯାଇଅଛନ୍ତି ବରହର ବଲେଜଟର ସାହେବ ବଳବା ସନ୍ତାଲ ଗଡ଼ଜାତର ସେଟଲମେଣ୍ଟକାର୍ଯ୍ୟ ଦେଖି ଚଳିତମାସ ତା ୧୪ ରୁ ଶରେ କାଜୁଉଠାରେ ପହଞ୍ଚିବେ ।

## ସ୍କୁଲ-ସଂବାଦ ।

ଚଳିତମାସ ତା ୯ ରୁ ଶ ରତ ସ ୮ ଟା ସମୟରେ ଏ ନଗରରେ ସାମାନ୍ୟ ବୃଷ୍ଟି ହୋଇଅଛି । ଅଧିକନ୍ତୁ ଭୟଙ୍କର ବାଦଲ ହୋଇଥିଲା ।

ନ ମାଦକ ପଢୋପଲକ୍ଷରେ ଏଠାର ଉଚ୍ଚସ୍କୁଲ ପକ୍ଷାଧିକ ବନ୍ଦ ଥିଲା, ଚଳିତମାସ ତା ୭ ରୁଶରେ ଖୋଲିଅଛି ଏବଂ ଏହି ସ୍କୁଲର ବାର୍ଷିକ ପରୀକ୍ଷା ଚଳିତମାସରେ ହେବ ।

ଗତ ତା ୯ ରୁଶରେ କେତେକ ଜିଲାର ଇନସ୍ପେକ୍ଟର ଦେଖିବେ ଏ ନଗରରେ ପହଞ୍ଚି ତା ୧୦ ରୁଶ ଏଠାରେ ରେଭେନ୍ସ ଅଫିସ ପରିଦର୍ଶନ କରିଥିଲେ ।

ହରିଭଞ୍ଜୀ ସାହୁ ମାଇନର ସ୍କୁଲରେ ପ୍ରଚଳନାର୍ଥ "ସଂକ୍ଷିପ୍ତ ପ୍ରାକୃତିକ ସମିତି" ନାମ୍ନୀ ଗୋଟିଏ ସମିତି ସ୍ଥାପିତ ହୋଇଅଛି ଏହି ସ୍କୁଲର ଶିକ୍ଷକ, ଉତ୍ତମକୁ ଛାତ୍ର ଏବଂ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରମାନେ ଏହାର ସଭ୍ୟ ଅଛନ୍ତି । ଏ ସମିତି ପ୍ରତିସପ୍ତାହରେ ଅଧିବେଶନ ହୋଇଅଛି । ଛାତ୍ରମାନଙ୍କର ସାହିତ୍ୟାନୁଶୀଳନ ଏ ସମିତିର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

ଶ୍ରୀଯୁକ୍ତ ମଧୁସୂଦନ ପଣ୍ଡା ହେଡ଼ମାଷ୍ଟର ସରୁପଲ, ଓ ପୁରୁଷ୍ୟପତ କାଶୀନାଥ ମହାପାତ୍ର ହେଡ଼ପଣ୍ଡିତ ସମ୍ପାଦକ ଅବଲମ୍ବନ କରି ସୁକାର୍ଯ୍ୟ ସାଧନ କରି ଅଛନ୍ତି । କଲେଜ ଦୁଇବର୍ଷ ହେଲା ଅଧ୍ୟବସାୟୀ ସମ୍ପାଦକ ମହାଶୟଙ୍କର ଅଦମ୍ୟ ସହିତ ସର୍ମିଳିତ ବଡ଼ବଡ଼ ଉନ୍ନତ ସାଧନ ହୋଇଅଛି ଏଣୁ ଉକ୍ତ ମହାଶୟଙ୍କର ଦୀର୍ଘଜୀବନ କାମନା କରୁଅଛୁ ।

ସବ୍ଇନସ୍ପେକ୍ଟର ଶ୍ରୀଯୁକ୍ତ ବାବୁ ନୂସିଂହଲାଲ ମଜୁମଦାର ଏମ୍, ଏ, ବି, ଏଲ ନାମକ ଜଣେ ଉଚ୍ଚ କଲିକତାରୁ ଆସି ଏଠାରେ ଓକିଲାତି କରୁଅଛନ୍ତି ।

---

## ପତ୍ରପ୍ରେରକଙ୍କ ପ୍ରତି

ଶ୍ରୀ ରଙ୍ଗାଧର ଦାସ ହେଡ୍‌ପଣ୍ଡିତ—କେତୋଟି ସ୍କୁଲ ଉଠିବାର ଉଦ୍ଦେଶ୍ୟପୂର୍ବକ ଆସନ୍ତା ଶ୍ରୀପଞ୍ଚମୀ ପର୍ଣ୍ଣିମାରେ ଶୁକ୍ରବାର ନ ହୋଇ ଗୁରୁବାର ହେବାର ସ୍ଥିର କରି କହିଁର ଅନ୍ୟଥା କୌଣସି ହେତୁ ଥିଲେ ତାହା ଜାଣିବାକାରଣ ସ୍ମାର୍ତ୍ତବର୍ଗଙ୍କୁ ବିନୀତପ୍ରାର୍ଥନା କରୁଅଛନ୍ତି । ମାଘ ପାଞ୍ଜିରେ ଯେଉଁ ମୁଦ୍ରିତ ହୋଇଅଛି ତାହା କହେବୁ ଅପ୍ରମାଣ ସେକଥା ବିଷ୍ଣୁ ଲେଖି ଜାହାନ୍ତି,

ଶ୍ରୀ ଯଶୋଦାନନ୍ଦନ ମହାପାତ୍ର —ତାଏମି ଅଲଭ୍ରାମର ଅଖଣ୍ଡଳେଶ୍ୱର ମହାଦେବଙ୍କ ପୁଷ୍କରିଣୀର ଏକଦିଗର ଅତି ଭାଙ୍ଗି ଯିବାରୁ ଗତାୟାତର ବଡ଼ କଷ୍ଟ ହେବାର ଲେଖିଅଛନ୍ତି । ଯେବେ ତାହା ସାଧାରଣ ବାଟ ହୋଇଥାଏ ତେବେ ଜିଲ୍ଲା ବୋର୍ଡରେ ଦରଖାସ୍ତ କଲେ ମରାମତ ହୋଇପାରେ ।

ଶ୍ରୀ କପିଳେଶ୍ୱର ମିଶ୍ର—ସ୍ଥାନାଭାବରୁ ଆପଣଙ୍କର ନବ ବର୍ଷ ଉପଲକ୍ଷରେ ରଚିତ ପଦ୍ୟ ପ୍ରକାଶ କରିବାକୁ ଅକ୍ଷମ ହେଲୁ ।

ଜଣେ ଭଦ୍ରଲୋକ—ଜମିଦାର ଅନେକ ପ୍ରଜାଙ୍କ ଉପରେ ଅତ୍ୟାଚାର କରୁଥିବା ସ୍ଥଳେ ଯେବେ କେହି କଟୁର ଅଦାଲତରେ ପ୍ରତିକାର ଖୋଜିବାର ସାହସ କଲୁ ନାହାନ୍ତି ତେବେ ଅନିଷ୍ଟିତ ଅଭିଯୋଗ ସମ୍ବାଦପତ୍ରରେ ପ୍ରକାଶଦ୍ୱାରା କିଛି ଫଳ ହେବ ନାହିଁ । ଯାହାଙ୍କ ଉପରେ ଅତ୍ୟାଚାର ହୋଇଅଛି ସେମାନେ ଆପଣା ନାମ ଧାମ ସହିତ ଅତ୍ୟାଚାରର ବୃତ୍ତାନ୍ତ ପୋଲିସରେ ଜଣାଇଲେ ତଦନ୍ତ ହୋଇପାରେ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନନୀୟ ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ କର-କମଳେଷୁ

ମହାଶୟ !

ଭବଦୀୟ ଜନନ୍ଦୋହିନୀ ପତ୍ରିକାର ଏକପାର୍ଶ୍ୱରେ ତଲଲିଖିତ କତିପୟ ପଂକ୍ତିକୁ ସ୍ଥାନଦାନ କରିବାକୁ ଅନୁକୂଳ ହେଲେ ମହୋପକୃତ ହେବି ।

ଏହି ରାଜଧାନୀରେ ମୁଁ ଗୃହଦିବସ ଅବସ୍ଥିତ କରି ମାନ୍ୟବର ଯଶୋଧନ ସୁପ୍ରଶଂସିତ ପଣ୍ଡିତବର ଶ୍ରୀଲ ଶ୍ରୀଯୁକ୍ତ ରାଜା ଶ୍ରୀ ୭ ବିଶ୍ୱନାଥଦେବ ବର୍ମଙ୍କର ନିର୍ଦ୍ଦୋଷ ସ୍ଵକୃତ ରଚନା ପ୍ରଣାଳୀ ଏବଂ ନୈଷଧ ସମାଲୋଚନା ପରିଦର୍ଶନ କରି ଆଉ ତଦୀୟ ଶ୍ରୀମତୀ ପଟ୍ଟମହିଷୀଙ୍କ ବିରଚିତ ସୁଶ୍ରାବ୍ୟ, ସୁଲଳିତ ସର୍ବାଙ୍ଗସୁନ୍ଦର ବିବିଧ ସଙ୍ଗୀତମାନ ନୃତ୍ୟକାରମାନଙ୍କ ମୁଖରୁ ଶ୍ରୀ ଗୋବିନ୍ଦଜୀଉଙ୍କ ସନ୍ନିଧିରେ ଶ୍ରବଣ କରି ଅତ୍ୟନ୍ତ କୌତୂହଳାକ୍ରାନ୍ତ ହେଲି । ଏଥିପୂର୍ବେ କେବେ କୌଣସି ରାଜରମଣୀଙ୍କ ରଚିତ ମୋହର ଶ୍ରୁତି ପଥରେ ପତିତ ହୋଇ ନ ଥିଲା । ଏତାଦୃଶ ପାତ୍ର ପାତ୍ରୀଙ୍କ ଘଟଣା ଦୁର୍ଲ୍ଲଭତମ ବୋଲି କହିଲେ ଅଣୁମାତ୍ର ଅତ୍ୟୁକ୍ତି ହେବ ନାହିଁ ।

ଅନୁନ୍ୟୁ ତ୍ରିଂଶତ୍ ବର୍ଷପୂର୍ବେ ଯେଉଁ ରାଜଧାନୀ କେବଳ ଦୁର୍ଗମ ପର୍ବତାଚ୍ଛାଦିତ ନିକୃଷ୍ଟ ଶ୍ରେଣୀର ଅତ୍ୟଳ୍ପ ପରିମିତ ବଂଶନିର୍ମିତ କତିପୟ ଗୃହର ଆଧାର ଥିଲା ତାହା ଆଜି ଏ ମହାତ୍ମାଙ୍କ ପ୍ରାକ୍ତନ ଜନିତ ସୁକୃତ ପ୍ରଭାବରେ ଦ୍ୱିତଳ ଏବଂ ତ୍ରିତଳ ବିଶିଷ୍ଟ ଧବଳ ଅଟ୍ଟାଳିକାମାଳାରେ ସୌନ୍ଦର୍ଯ୍ୟ ସମ୍ପାଦନ କରି ମାନସ ହରଣ କରୁଅଛି ଧନ୍ୟ ଏହାଙ୍କ ସୁକୃତ ।

ଅଠଗଡ଼ ରାଜଧାନୀ } ବଶମ୍ବଦ
୨୫।୧୨।୧୯୦୦ } ଶ୍ରୀ ପାଚେଶ୍ୱର ସେନାପତି

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀବାବୁ ପଦ୍ମନାଭ ସତପଥୀ | କଟକ | ଟ ୧ ୯ |
| " ନେତ୍ରାନନ୍ଦ ଦାସ ତହସିଲଦାର ନଳେଜପୁର | | ଟ ୦ ( |
| " କୈଳାସଚନ୍ଦ୍ର ରାୟ ମହାଶୟ | ଦେହୁରୀ | ଟ ୦ ( ୯ |
| " ଦାଶରଥି ରାଉତ | ଗଣପଡ଼ା | ଟ ୭ ( |
| " ଗୌରଚରଣ ମହାନ୍ତି | ପୁରୀ | ଟ ୦ |
| " ଶ୍ୟାମଚରଣ ସାହୁ ଜମିଦାର | କୋଡ଼ାଲ | ଟ ୧ ( |
| ରାଜା ଶ୍ରୀ କିଶୋରଚନ୍ଦ୍ର ଚନ୍ଦ୍ରକେତୁଦେବ ଚନ୍ଦନ ରାମ୍ଭାମ | | ଟ ୪ ( |
| ମୂନସି ଫାଜିଲ ମହମ୍ମଦ | ନୟାଗଡ଼ | ଟ ୦ ( |
| ଶ୍ରୀ ବାବୁ ଶ୍ୟାମସୁନ୍ଦର ବସୁ | ରତ୍ନଗିରି ସମ୍ବଲପୁର | ଟ ୦ ( |
| " ଶ୍ୟାମାଚରଣ ପଟ୍ଟନାୟକ | କୋରଣ | ଟ ୦ |

Split by PDF Splitter



ସଭା । ତା । ୦୬ ୨ ଖଣ୍ଡ    ୧ ॥୯
ଶ୍ରୀବାବୁ ବୈକୁଣ୍ଠନାଥ ଶତପଥୀ    କଟକ    ୧ ॥୯
„ ସଭା ନୀଳମଣି ଦାସ    ମାହାଙ୍ଗା    ୧ ୭ (
„ ତ୍ରିଲୋଚନ ଉପାଧ୍ୟାୟ    ବାଲେଶ୍ୱର    ୧ ॥୯
„ କୃଷ୍ଣଚନ୍ଦ୍ରଚନ୍ଦନ ମହାପାତ୍ର    ବାଲେଶ୍ୱର    ୧ ॥ (
„ ଜନ୍ମଜୟ ମହାପାତ୍ର    ବଡ଼ପଡ଼ା ଉରିଆଗଡ଼ା    ୨୯

## ବିଜ୍ଞାପନ ।

# ଉତ୍କଳସାହିତ୍ୟ ପ୍ରେସ ।

## ନୂତନ ସ୍ଥାପିତ ହୋଇଅଛି ।

ଏଠାରେ ଓଡ଼ିଆ ଓ ଇଂରାଜୀରେ ସକଳ ପ୍ରକାର ଛାପାକାର୍ଯ୍ୟ ଉତ୍କୃଷ୍ଟରୂପେ ଓ ଉଚିତ ମୂଲ୍ୟରେ ନିର୍ବାହିତ ହେବାର ବ୍ୟବସ୍ଥା ହୋଇଅଛି ।

# ଉତ୍କଳ ସାହିତ୍ୟ ।

ମାସିକ ପତ୍ର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨୯

ଦରିଦ୍ର ଛାତ୍ରମାନଙ୍କ ନିମନ୍ତେ ଟ ୧୯

ଚତୁର୍ଥବର୍ଷ ଚଳୁଅଛି । ନୂତନ ଗ୍ରାହକମାନଙ୍କୁ ବର୍ଷାରମ୍ଭରୁ ସମସ୍ତ ସଂଖ୍ୟାମାନ ଦିଆଯାଇ ପାରିବ ।

ବାଲୁବଜାର କଟକ } ଶ୍ରୀ ବିଶ୍ୱନାଥକର
୧୭।୧।୧୯୦୧ } ଉତ୍କଳସାହିତ୍ୟ ସମ୍ପାଦକ

## NOTICE.

Tenders are invited for the excavation and improvement of the tanks at Jemadaipur, Turang and in the compound of the Deputy Commissoner's residence at Angul worth Rs. 3,175 in all, Rs. 300 this year and Rs. 300 this year respectively. The tanks are all in the same station.

Copies of specification will be supplied on application at this office or may be seen from the Local Fund Sub-Overseer at Angul.

Tenders must be inclosed in a sealed envelope endorsed "Tenders for tanks" and delivered at this office on or before the 31st January 1901.

The undersigned does not bind himself to accept the lowest or any tender.

Office at Dhenkanal } Gopal Chandra Das
10—1—1901. } *H. C. & Accountant,*
*for District Engineer*
ANGUL.

# FOR SALE,

A house situated in Theenconia Bagicha consisting of 8 rooms walls kacha pucca thatched roof with out houses and garden attached. For particulars apply to the Editor of Utkal Dipika.

ଏ ନଗର ତିନକୋଣିଆ ବଗିଚାରେ ଗୋଟିଏ ଛପର କୋଠି ବିକ୍ରୟ ହେବାର ଅଛି । ତହିଁରେ ଆଠ କୋଠରି ଅଛି । କାନ୍ଥ ଇଟାର କଞ୍ଚା ଗାନ୍ଥିଣି । ତହିଁ ସଂଲଗ୍ନରେ ବାହାର ଘର ଓ ବଗିଚା ଅଛି । ବିସ୍ତାରିତ ବିବରଣ ଜାଣିବା ପାଇଁ ଉତ୍କଳ ଦୀପିକାର ସମ୍ପାଦକଙ୍କୁ ଆବେଦନ କର ।

## ଚିକିତ୍ସା ଜଗତର ସେହି ଉଜ୍ଜ୍ୱଳ ରତ୍ନ ! !

## ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଡ୍ୟାନ୍ ଜିନ !!!

ଅନେକଙ୍କର ବିଶ୍ୱାସ ଥିଲା ପାରଦ ଓ ଗରମିର ବିଷ ଶରୀରରେ ପ୍ରବେଶ ହେଲେ ତାହିଁରେ ତାହା ଦୂରୀଭୂତ ହୁଏ ନାହିଁ କିନ୍ତୁ ଡ୍ୟାନ୍ ଜିନ୍ ପ୍ରାୟ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୂର କରୁଅଛି ଅନେକ ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାନ ଜିନ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାରଦର ଘା, ଗରମିର ଘା, କାଉଁର, ଭଗନ୍ଦର, ବାଘୀ, ନାଲିଘା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ହାତ ଓ ଗୋଡ଼ତଳର ଚମଛଡ଼ିବା, ବସ୍ତ୍ରପଦ ଜ୍ୱାଳା, ଚମ୍ପରୁ ଜଳ ପଡ଼ିବା, ମୁଣ୍ଡଧରା, ମୁଣ୍ଡବୁଲାଇବା, ମସ୍ତିଷ୍କ ଜ୍ୱାଳାକରିବା, କୁଷ୍ଠିଆ, କାଛୁ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ ସୂତାପର ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଅଧିକ୍ୟ, ଇନ୍ଦ୍ରିୟଶକ୍ତି ହୀନତା, ଅସ୍ୱାଭାବିକ ବୀର୍ଯ୍ୟସ୍ଖଳନ, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

**ସ୍ତ୍ରୀବ୍ୟାଧି** ଯଥା;—କଷ୍ଟରଜ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ କାଳେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାନ୍ ଜିନ୍ ବ୍ରହ୍ମାସ୍ତ୍ର ସ୍ୱରୂପ ।

ଡ୍ୟାନ୍ ଜିନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ, ଶରୀରରେ ନୂତନ ରକ୍ତ ଜଣିକା ହୃଷ୍ଟିକର ସବଳ ଓ ପୁଷ୍ଟି କରେ ।

ଡ୍ୟାନ୍‌ଜିନ୍‌ସାଲସାପରି ଲୋକଙ୍କୁ ଶୁଷି ରଖେ ନାହିଁ । ଡ୍ୟାନ୍ ଜିନ୍‌ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ ।

ଡ୍ୟାନ୍ ଜିନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରାଯାଏ । ୧ ବୋତଲ ଔଷଧ ୧୫ ଦିନ ବ୍ୟବହାର କରାଯାଏ ।

ମୂଲ୍ୟ ।

ପ୍ରତିବୋତଲ ଟ ୧॥    ୬ ବୋତଲ ଟ ୭॥
୩ „ ଟ ୪୯    ୧୨ „ ଟ ୧୪୯

ପ୍ୟାକିଂ ୧ଠାରୁ ୩ବୋତଲ ଟ୦। ଅଣା, ୪ଠାରୁ ୧୨ବୋତଲ ଟ୦।୵ ଅଣା; ଡାକମାସୁଲ ସ୍ୱତନ୍ତ୍ର ଏକମାତ୍ର ଆବିଷ୍କାରକ ।

ଡାକ୍ତର ଜେ, ଟୀ, ମାର୍ଟିନ । ସୋଲ ଏଜେଣ୍ଟ—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଆଇ, ବି, ଜି, ଏଣ୍ଡକୋଂ
୨୩।୨ନମ୍ବର ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା

## ବିଜ୍ଞାପନ ।

ମହାତ୍ମା ବିଷ୍ଣୁପୁରୀଙ୍କ ଭାଗବତ ତୋଳାଗ୍ରନ୍ଥ

### ଭକ୍ତିରତ୍ନାବଳୀ

ଅନ୍ୱୟ ୰ଶ୍ରୀଧରସ୍ୱାମୀଙ୍କ ଟୀକା ଏବଂ ୰ରାମଦାସଙ୍କ ଉତ୍କଳ ପଦ୍ୟାନୁବାଦ ସହିତ ପ୍ରକାଶିତ ହୋଇ କଟକ ପ୍ରିଣ୍ଟିଂକୋମ୍ପାନୀ ଓ ଅରୁଣୋଦୟ ପ୍ରେସ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

୧୨ ଖଣ୍ଡ ଭାଗବତ କିଣିଲେ ଯାହା
ଏ ଗ୍ରନ୍ଥରୁ ଖଣ୍ଡିଏ କିଣିଲେ ତାହା
କାରଣ
ଭାଗବତ ସାରବସ୍ତୁ ଏ ଗ୍ରନ୍ଥ ନବନୀତ
ପୁସ୍ତକ ଦେଖିଲେ ଜଣାଯିବ
ମୂଲ୍ୟ ଏକଟଙ୍କା ମାତ୍ର ।

ଆମ୍ଭମାନଙ୍କର ଦସ୍ତଖତ ମୋହର ଦେଖି ବହି କିଣିବାକୁ ହେବ । ବିନା ମୋହରର ବହି କିଣି ଧରାଇ ଦେଲେ ପ୍ରତିଖଣ୍ଡ ପାଇଁ ପୁରସ୍କାର ଟ ୨ ( ଦୁଇ ) ଟଙ୍କା ମିଳିବ ।

୧୨।୧୨।୧୯୦୦    ଶ୍ରୀ ଗୋପାଳବଲ୍ଲଭଦାସ ।

Digitized by srujanika@gmail.com

NEW YORK LIFE INSURNCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*


## ବିଜ୍ଞାପନ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସନ ୧୯୦୧ ମସିହା ଜାନୁୟାରୀମାସ ତା ୨୧ ଊଣ ମୁତାବକ ଓଡିଆ ମାଘ ୧୯ ନ ସୋମବାର ଦିବା ଘ ୨ ଘଣ୍ଟା ସମୟରେ କଟକ ମ୍ୟୁନିସିପାଲିଟି ଅଧୀନସ୍ଥ ନିମ୍ନଲିଖିତ ଘାଟ ଓ ପାଉଣ୍ଡମାନ ପ୍ରକାଶ୍ୟ ନିଲାମଦ୍ଵାରା ସନ ୧୯୦୧—୧୯୦୨ ସନ ସକାଶେ ଇଜାରା ଦିଆଯିବ । ଯେଉଁମାନେ ଉକ୍ତ ଘାଟ ଓ ପାଉଣ୍ଡର ଇଜାରା ନେବାକୁ ଇଚ୍ଛା କରୁଥିବେ ସେମାନେ ଉପରୋକ୍ତ ତାରିଖ ଓ ସମୟରେ କଟକ ମ୍ୟୁନିସିପଲ ଅଫିସରେ ହାଜର ହୋଇ ନିଲାମ ଡାକିବେ । ସର୍ବୋଚ୍ଚ ନିଲାମ ଡାକ ଗ୍ରହଣ କରାଯାଇ ପାରେ । ନିଲାମ ଖରିଦଦାର ସଙ୍ଗତିପନ୍ନ ଓ ମର୍ଯ୍ୟାଦାବନ୍ତ ହେବା ଆବଶ୍ୟକ । ନିଲାମ ଖରିଦଦାରଙ୍କୁ ନିଲାମ ଜମାର ଏକଚତୁର୍ଥାଂଶ ନିଲାମ ଗ୍ରହଣ କାଳମାନଙ୍କେ ତତ୍କାଳ ଦେବାକୁ ହେବ । ନିଲାମ ସମ୍ବନ୍ଧୀୟ ଆଉ ଯାହା ଜାଣିବାକୁ ଆବଶ୍ୟକ ହେବ ମ୍ୟୁନିସିପଲ ଅଫିସରେ ତଲ୍ଲାସ କଲେ ସମସ୍ତେ ବୁଝି ପାରିବେ । ଇତି ।

| | |
|---|---|
| ୧ ଜୋବରା ଘାଟ | ୧ ସଦରପାଉଣ୍ଡ ଲାଲବାଗ |
| ୨ କାଠଯୋଡି ଘାଟ | ୨ ପୁରୀଘାଟ ପାଉଣ୍ଡ |
| ୩ ଗଡ଼ ଘାଟ | ୩ ରାଣୀହାଟ ପାଉଣ୍ଡ |
| ୪ ଲମ୍ବା ଘାଟ | ୪ ଦୋଲମୁଣ୍ଡେଇ ପାଉଣ୍ଡ |
| ୫ ତହଁଥା ଘାଟ | ୫ ଚାଟକଚଣ୍ଡି ପାଉଣ୍ଡ |
| | ୬ ଭଗବତସାହୀ ପାଉଣ୍ଡ |

Cuttack Municipal office —1—1901. } KAMSANKAR ROY.
*Vice Chairman*
Cuttack Municipality.





## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ଵାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥା:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଚଉଦ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମुग୍ଧକର । ନାମ—ଯୁଇଫୁଲ; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ; ହ୍ଵାଇଟ ରୋଜ୍; ବସରା ରୋଜ୍; ହେଲିଓଟ୍ରୋପ; କୁମୁଦିନୀ; ମିଲିଫ୍ଲୁର; ଜକିକ୍ଲବ; ପାରଜାତକୁସୁମ; ଇଉକୋଲୋନ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୟାଟର ବଡ଼ଶିଶି ଚଉଦଅଣା, ସାନଶିଶି ଆଠଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଇହାକୁ ମିଶାଇ ଦେଲେ ଗୁଣ୍ଡି ମହକିପଡିବ । ମୂଲ୍ୟ ପ୍ରତି ଶିଶି ଆଠଅଣା ।

### ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଜିଞ୍ଜର ସିରପ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ରୋଜଭାଇନ ସିରପ୍ ଏକଟଙ୍କା ।

### ଗୋଲାପଜଳ ।

ପ୍ରତି ଶିଶି ଦେଢଟଙ୍କା ।

ପତ୍ର ଲେଖିଲେ ଡାକଦ୍ଵାରା ବା ରେଲଦ୍ଵାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ସାହେବ-ସୁବାମାନଙ୍କଦ୍ଵାରା ଏହି ଦ୍ରବ୍ୟମାନ ବ୍ୟବହୃତ, ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

ଏଚ ବସୁ
୬୨ ନମ୍ବର ବହୁବଜାର ଷ୍ଟ୍ରୀଟ
କଲିକତା } H. BOSE, 62 Bow Bazar Street Calcutta.

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ

| | |
|---|---|
| ଧାଡିପ୍ରତି | ଟ ୦ ୬ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ଖର୍ଚ୍ଚ ଟ ୦ ୩ ଣାରୁ ଊଣା ହେବ ନାହିଁ ।

ଦ୍ଵିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର [illegible] ... ପ୍ରିଣ୍ଟିଙ୍ଗ କମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୩୬ ଭ | ତା ୧୭ ରେ ଶରତ ଜାନୁଆରୀ ସନ ୧୯୦୧ ମସିହା । ମୁ । ୬ହି ୧୪ ଉ ମାଘ ସନ ୧୩୦୮ ସାଲ ଶନିବାର | ଅଗ୍ରୀମ ଟ ୩୧
ସ ୪ ସଂ | | ପଶ୍ଚାଦେୟ ଟ ୩୧

ORISSA ART WARES.



The automatic OTTORDAN with GOLABPAS and PANDAN combined is a patent. The plate is meant for pan the roses are receptacles of UTTER and the peacock throws out the rose water automatically when a button is pressed. The roses and the peacock have gold stars. The plate and the roses can be removed and the plate can be used for other purposes.

Price Rs. 140
Apply to Manager Orissa Art Wares Mission Road Cuttack.

" ଓଡ଼ିଶା ଶିଳ୍ପାଗାର "

ରୂପାରେ ଖଚିତ ରୂପାର ଥାଳି ଉପରେ ପାନଦାନ, ଅତରଦାନ ଓ ଗୋଲାବପାସ ଏହା ଧାରରେ ରହିଅଛି, ଯେଉଁ ପ୍ରତ୍ୟେକ ଅରକାଷ୍ଠ ସକଳ ପ୍ରାପ୍ତ ପଦାର୍ଥ ଅଟେ । ଏହାର ଅଲୀଟି ପାନଦାନ, ଗୋଲାବ ଫୁଲମାନ, ଅତରର ଆଧାର ଓ ସର୍ବୋପରେ ଗୋଟିଏ ସୁନ୍ଦର ମୟୂର ବସିଅଛି ଯେ ତହିଁ ତଳେ ଏକ ସ୍ଥାନରେ ଲାଗିଥିବା ଘୁଣ୍ଡି ଟିପିଲେ ମୟୂର ମୁଖରୁ ଗୋଲାପଜଳ ନିଃସୃତ ହୁଏ, ମୟୂର ପୁଚ୍ଛରେ ଓ ଗୋଲାବ ଫୁଲ ପାଖୁଡ଼ା-ମାନଙ୍କରେ ସୁନାର ତାରାମାନ ଖଞ୍ଜା ହୋଇଅଛି । ଇଚ୍ଛାମତେ ଥାଳି ଓ ଅତରଦାନ ସବୁ ଅଲଗା କରିହୋଇ ପାରେ ଏବଂ ଥାଳିର ଅନ୍ୟ ବ୍ୟବହାର ହୋଇ ପାରେ ।

ମୂଲ୍ୟ ଟ ୧୪୦୧ ଙ୍କା

ଗ୍ରାହକମାନେ ଓଡ଼ିଶା ଶିଳ୍ପା-ଗାରର ମାନେଜର । ସା । କଟକ ମେଡ଼୍ କଟକଙ୍କ ନିକଟରେ ଚିଠି ଦେଲେ ପାଇ ପାରିବେ ।

## ବିଜ୍ଞାପନ ।

### ନୂତନ ପଞ୍ଜିକା

ଶକାବ୍ଦା ୧୮୨୩ ସନ ୧୩୦୮ ଓ ୧୩୦୯ ଇଂରାଜୀ ସନ ୧୯୦୧ ଓ ୧୯୦୨ ପୂର୍ବପରି କଟକ ତ୍ରିଶଂଧର୍ମାନନ୍ଦଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
|---|---|
| ବଡ଼ | ଟ ୦ । |
| ଛୋଟ | ଟ ୦ ୧୬ |

ମୋଫସଲ ଲୋକଙ୍କୁ ଡାକମାସୁଲ ଟ ୦ / ଯେଉଁମାନଙ୍କର ରେଲ କମ୍ପାନୀମାନଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ଗତ ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଅନ୍ୟୂର ୨,୮୬୨ ବୃଦ୍ଧି ହୋଇ ୨,୩୩,୧୧୧ ହୋଇଥିଲା । ବୃଦ୍ଧି ମାନ୍ଦ୍ରାଜ ଓ ବମ୍ବେର ଏହି ଦୁଇ ପ୍ରଦେଶରେ ଘଟିଅଛି ଏବଂ ମାନ୍ଦ୍ରାଜରେ କେବଳ ଲୋକମାନଙ୍କୁ ବିନା କାର୍ଯ୍ୟରେ ଅର୍ଥାତ୍ ଦାତବ୍ୟ ଭାବରେ ସାହାଯ୍ୟ ଦିଆଯାଉ ଅଛି ।

———

ମାନ୍ଦ୍ରାଜର ଲୁଟନ୍ୟାଣ୍ଟ ଗବର୍ଣ୍ଣର ସର୍ ଆରଥର ହାଭଲକ ବାହାଦୁର କାର୍ଯ୍ୟ ତ୍ୟାଗ କରିବାର ଅବ୍ୟବହିତ ପୂର୍ବେ ମାନ୍ଦ୍ରାଜ ବ୍ୟବସ୍ଥାପକ ସଭା-

Digitized by srujanika@gmail.com

ରେ ବନ୍ଧବନ୍ଧ ହୋଇଥିବା ହିନ୍ଦୁବାଳକଙ୍କର ବିଦ୍ୟାଅର୍ଜିତ ଧନ ସମ୍ବନ୍ଧୀୟ ଆଇନକୁ ନାମଞ୍ଜୁର କରି ଅନେକଙ୍କର କୃତଜ୍ଞତାଭାଜନ ହୋଇଅଛନ୍ତି । ଏହି ଆଇନ ସମ୍ପର୍କରେ ଭାରି ଆନ୍ଦୋଳନ ହୋଇଥିଲା ।

— — — —

ପେଟେଲିଗପ୍ଲେଗ କଲିକତାରେ ଊଣା ନ ହୋଇ ବରଂ ବୃଦ୍ଧି ଉପରେ ଅଛି ଅର୍ଥାତ ଦୈନିକ ଆକ୍ରମଣ ଓ ମୃତ୍ୟୁ ୨୦ରୁ ୨୭ ପର୍ଯ୍ୟନ୍ତ ବଢିଅଛି । ବଙ୍ଗଳାହତାର ମୁଙ୍ଗେର, ସାହାବାଦ ଜାଗ୍ଗା ପ୍ରଭୃତିରେ ବଡ଼ ମାଡିଅଛି । ବମ୍ବେଇରେ ଦୈନିକ ଆକ୍ରମଣ ପଞ୍ଚାଶରୁ ଊର୍ଦ୍ଧ୍ୱ ହୋଇଅଛି । ପଞ୍ଜାବରୁ ଏକାବେଳେ ପ୍ଲେଗ ବିଦୂରିତ ହୋଇ ନାହିଁ ।

———

କଲିକତାର ଲର୍ଡ଼ପାଦ୍ରି ଗତମାସ ତା ୯ ରଖରୁ ମୋଫସଲ ଭ୍ରମଣରେ ବାହାରିଅଛନ୍ତି । ସେ ଦକ୍ଷିଣରେ ଲଙ୍କାଦ୍ୱୀପ ପର୍ଯ୍ୟନ୍ତ ଯାଇ ସେଠାରୁ ଲେଉଟାଣି ମାନାଜ ବଙ୍ଗାଲୋର ଓ ହାଇଦରାବାଦରେ ଅବସ୍ଥାନ କରି ଆସନ୍ତା ମାର୍ଚ୍ଚମାସ ତା ୯ ରଖରେ କଲିକତାରେ ପହଞ୍ଚିବେ । ଓଡ଼ିଶା ମଧ୍ୟରେ କେବଳ ଖୋରଧା ଷ୍ଟେସନ ଅର୍ଥାତ୍ କଟକଠାରେ ତା ୧ ରଖ ମାର୍ଚ୍ଚରେ ପହଞ୍ଚି ତହିଁ ଅପରଦିନ ବାହାରି ଯିବେ । କଟକର ଭାଗ୍ୟ ସିଝି ନାହିଁ ।

———

ଗତ ସୋମବାର ଏଠା କଲେକ୍ଟରୀ କଚେରୀରେ ରାଜସ୍ୱ ବାକି ନିମନ୍ତେ ଗୋ ୧୭ ଗୋ ମହାଲ ନିଲାମ ହେଲା । ଅନେକ ମହାଲ ବାକିରେ ଯାଉଥିଲା ମାତ୍ର କଲେକ୍ଟର ସାହେବ ଓ ତାହାଙ୍କର ମୋଫସଲ ଗସ୍ତ ସମୟରେ ତହିଁର ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ଗାରେଟ ସାହେବ ବାକି ଟଙ୍କା ଗ୍ରହଣପୂର୍ବକ ଛାଡ଼ି ଦେଲେ । ସୁତରାଂ ଯେଉଁମାନେ ନିତାନ୍ତ ବିଲମ୍ବ କଲେ ତାହାଙ୍କର କେବଳ ନିଲାମ ହେଲା । ୨୭ ମହାଲ ଛଡ଼ା ଆଉ ସମସ୍ତ ଦଶଗୁଣାରୁ ଅଧିକ ଏବଂ ଗୋଟିଏ ମଧ୍ୟକଛ । ପ୍ରା । କଇମୁଲ ସଦରଜମା ଟ ୧୯ ପ୍ରାପ୍ତ ଗ ୭୦ ଶ। ଅର୍ଥାତ୍ ଟ ୭୧୦ ଟଙ୍କାରେ ନିଲାମ ହେଲା ।

———

କଲିକତା ବିଶ୍ୱବିଦ୍ୟାଳୟର ଏମ୍, ଏ, ଓ ବି, ଏଲ ପରୀକ୍ଷାର ଫଳ ବାହାରିଅଛି । ବି, ଏଲ ପରୀକ୍ଷାରେ ଏଠା ରେଭେନସା କଲେଜର ନାମ ଅଛି ନାହିଁ । ଏମ୍, ଏ ପରୀକ୍ଷାରେ ଏଠା କଲେଜରୁ ନ ୩ ଣ ଉପସ୍ଥିତ ହୋଇଥିଲେ ତହିଁ ମଧ୍ୟରୁ ନ ୨ ଣ ଯଥା—ବ୍ରଜଭୂଷଣ ଗଙ୍ଗୋପାଧ୍ୟାୟ ଇଂରାଜୀ ଭାଷା ୩ୟ ଶ୍ରେଣୀରେ ଏବଂ ଇଜାବେଲା ସାମୁଏଲ୍ସ ଉଦ୍ଭିଦବିଦ୍ୟା ୨ୟ ଶ୍ରେଣୀରେ ପାସ କରିଅଛନ୍ତି । ଇଂରାଜୀଭାଷା ୧ମ ଶ୍ରେଣୀ ଏକାବେଳେ ଶୂନ୍ୟ ଏବଂ ୨ୟ ଶ୍ରେଣୀରେ କେବଳ ନ ୭ ଣ । ଏଠାର ଫଳ ସନ୍ତୋଷଜନକ ଅଟେ ।

———

ଦୁର୍ଭିକ୍ଷ ସମିତିର ଏକ ମାତ୍ର ଦେଶୀୟ ସଭ୍ୟ ଜୟପୁରର ଦେବାନ୍ ରାୟ କାନ୍ତିଚନ୍ଦ୍ର ମୁଖୁର୍ଯ୍ୟା ବାହାଦୁର ସି, ଆଇ, ଇ, ପରଲୋକ ପ୍ରାପ୍ତ ହେବାରୁ ତାହାଙ୍କ ସ୍ଥାନରେ କିଷନଗଡ଼ର ଜଣେ ରାଜସଭାସଦ ଓ ଦେବାନ୍ ରାୟ ଶ୍ୟାମସୁନ୍ଦର ଲାଲ ବାହାଦୁର ନିଯୁକ୍ତ ହୋଇଅଛନ୍ତି । ରାୟ କାନ୍ତିଚନ୍ଦ୍ର ବାହାଦୁର ବୃଦ୍ଧ ହୋଇଥିଲେ । କେବଳ ସାଧାରଣ ହିତାର୍ଥେ ଦୁର୍ଭିକ୍ଷସମିତିରେ ଯୋଗ ଦେଇ କାର୍ଯ୍ୟୋପଲକ୍ଷରେ ଶୀତକାଳରେ ନାନାଦି ସ୍ଥାନ ଭ୍ରମଣ ଓ ପରିଶ୍ରମ କରିବାରୁ ବାତ କଫରୋଗରେ ମରି ପଡିଲେ । ବଡ ଦୁଃଖର ବିଷୟ ଅଟେ । ତାହାଙ୍କର ଯୋଗ୍ୟତା ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ ତାହାଙ୍କ ମୃତ୍ୟୁରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ଅତ୍ୟନ୍ତ ଦୁଃଖିତ ଥିବାର ଇଣ୍ଡିଆ ଗେଜେଟରେ ଘୋଷଣା ଦେଇଅଛନ୍ତି ଏବଂ ତହିଁରେ ତାହାଙ୍କର ଗୁଣ କୀର୍ତ୍ତନ କରିଅଛନ୍ତି ।

———

ଗତ ଡିସେମ୍ବରମାସ ଶେଷଦିନରେ ବଙ୍ଗୀୟ ଏକାଉଣ୍ଟାଣ୍ଟ ଜେନେରଲଙ୍କ ଖାତାରେ ଯେଉଁ ପାଣ୍ଠି ବା ବ୍ୟକ୍ତିବିଶେଷର ଯେତେ ଟଙ୍କା ଜମା ଥିଲା ତହିଁର ତାଲିକା ଗତପୂର୍ବ କଲିକତା ଗେଜେଟରେ ବାହାରିଅଛି । ଓଡ଼ିଶାର ସରକାରୀ କର୍ମଚାରୀଙ୍କର ଜାମିନ ଓ ଦାଦାପଣ୍ଡି ବାବଦ ଟଙ୍କା ଛଡ଼ା ଅନ୍ୟ ଯେ ସବୁ ଟଙ୍କା ଜମା ଅଛି ତାହା ନିମ୍ନେ ଉଦ୍ଧୃତ ହେଲା ଯଥା;—

| ଜିଲ୍ଲା | ନାମ | |
|---|---|---|
| କଟକ | ମଧୁପୁର ନାବାଲଗ | ଟ ୨୫,୦୦୦ |
| " | ରାଜା ପଦ୍ମନାଭ ଦଳକା | ଟ ୮୨,୩୦୦ |
| " | କନିକା ନାବାଲଗ | ଟ ୧,୧୯,୦୦୦ |
| " | ରାଜା ନରସିଂହପୁର | ଟ ୧୯,୦୦୦ |
| " | ମହାରାଜା ଢେଙ୍କାନାଳ | ଟ ୨,୬୩,୦୦୦ |
| | ବ୍ରଜସୁନ୍ଦର ଦାସ | ଟ ୫,୦୦୦ |
| ପୁରୀ | ମଲଘାଟି ନାବାଲଗ | ଟ ୨,୦୦୦ |
| " | ଗେଡ଼ଙ୍ଗ " | ଟ ୨,୫୦୦ |
| ବାଲେଶ୍ୱର | କୈଲାଷ୍ଟନ୍ [illegible] | ୧,୦୦୦ |

———

ବହୁଏତର ବସନ୍ତଙ୍କ ସହିତେ ହିନ୍ଦୁସମାଜର ଗୋଟିଏ ନିୟମ ସଂଶୋଧିତ ହେବାର ଆରମ୍ଭ ହୋଇଅଛି । ସେ ଏକ ବକ୍ତୃତାରେ ହିନ୍ଦୁମାନଙ୍କୁ ସେମାନଙ୍କର ବିବାହ ସମ୍ବନ୍ଧୀୟ ଗୋଟିଏ ପ୍ରାଚୀନ ବ୍ୟବସ୍ଥା ସ୍ମରଣ କରାଇ ଦେଇ ତାହା ଅବଲମ୍ବନ କରିବାକୁ ଅନୁରୋଧ କରିଥିଲେ । ସେ ବ୍ୟବସ୍ଥା ଏହିକି ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ହିନ୍ଦୁ ବାଳକମାନେ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ତଦନ୍ତର ବିବାହ କରୁଥିଲେ । ତଦନୁସାରେ ବନାରସର ହିନ୍ଦୁ କଲେଜର କର୍ତ୍ତୃପକ୍ଷମାନେ ଆପାତତଃ ନିୟମ କରିଅଛନ୍ତି କି ଯେଉଁ ବାଳକ ବିବାହ କରିବ ସେ କଲେଜର ମଧ୍ୟମ ଶ୍ରେଣୀମାନଙ୍କରେ ପଢିପାରିବ ନାହିଁ । ଅତଃପର ଉଚ୍ଚଶ୍ରେଣୀ ସମ୍ବନ୍ଧରେ ମଧ୍ୟ ଏହି ନିୟମ ପ୍ରଚଳିତ ହେବାର ସ୍ଥିର ହୋଇଅଛି । ସମସ୍ତ ବିଦ୍ୟାଳୟରେ ଏପରି ନିୟମ ହେବା ଉଚିତ । ତାହା ହେଲେ ଅଭିଭାବକମାନେ ଅର୍ଥଲୋଭରେ ଶିକ୍ଷାର୍ଥୀ ବାଳକମାନଙ୍କର ବିବାହ ଦେବାକୁ ଅଗ୍ରସର ହେବେ ନାହିଁ ଏବଂ ଯୋଗ୍ୟ ବର ନିମନ୍ତେ କନ୍ୟାକର୍ତ୍ତାଙ୍କୁ ସର୍ବକାଳ ଗୃହେ ବସିବାକୁ ହେବ । ସୁତରାଂ ଅନିଷ୍ଟକର ବାଲ୍ୟବିବାହ ଏବଂ ତହିଁର ଆନୁଷଙ୍ଗିକ ଅପରିମିତ ଅର୍ଥବ୍ୟୟ ଅନେକ ପରିମାଣରେ ନିବାରିତ ହେବ ।

———

ବମ୍ବେଇ ହାଇକୋର୍ଟର ଦେଶୀୟ ବିଚାରପତି ମାନ୍ୟବର ମହାଦେବ ଗୋବିନ୍ଦ ରାଣା ଡେ ଗତ ସପ୍ତାହରେ ପରଲୋକ ଗମନ କଲେ । ଏହି ଶୋକ ସମ୍ବାଦରେ ସମସ୍ତ ଭାରତ ଦୁଃଖିତ । କାରଣ ସେ ଜଣେ ଭାରତର ଉଜ୍ଜ୍ୱଳ ନକ୍ଷତ୍ର ଥିଲେ । ସେ ଯେମନ୍ତ ବିଦ୍ୱାନ୍ ଓ ବିଚକ୍ଷଣ ତେମନ୍ତ ସ୍ୱଦେଶାନୁରାଗୀ ଓ ହିତାକାଂକ୍ଷୀ ଥିଲେ । ଦେଶ ବିଦେଶରେ ତାହାଙ୍କର ନାମ ବିଖ୍ୟାତ ଏବଂ ଗବର୍ଣ୍ଣମେଣ୍ଟ ଓ ଜନ ସାଧାରଣଙ୍କଠାରେ ତାହାଙ୍କର ସମାନ ସୁଖ୍ୟାତି । ସେ ସନ ୧୮୪୨ ସାଲରେ ବମ୍ବେଇ ପ୍ରଦେଶର [illegible] ଜିଲ୍ଲାରେ ଜନ୍ମଗ୍ରହଣ କରି ୧୪ ବର୍ଷ ବୟସରେ ଇଂରାଜୀ ବିଦ୍ୟାଳୟରେ ଭରତି ହୋଇ ସନ ୧୮୬୩ ସାଲରେ ଏମ୍, ଏ, ଏବଂ ତହିଁ ପରବର୍ଷ ଏଲ୍,ଏଲ୍, ବି,

Split by PDF Splitter
Digitized by srujanika@gmail.com

ପରୀକ୍ଷାରେ ଅତ୍ୟନ୍ତ ସୁଖ୍ୟାତି ସହିତ ଉତ୍ତୀର୍ଣ୍ଣ ହୋଇଥିଲେ । ବହୁକାଳ ଶିକ୍ଷା ବିଭାଗରେ ସରକାରୀ ଅନୁବାଦକର କାର୍ଯ୍ୟ କରି ନିଜ ପ୍ରତିଭା ବଳେ କ୍ରମଶଃ ଉନ୍ନତି ଲାଭ କରି କ୍ରମେ ପୁନାର ଶ୍ରେଷ୍ଠ ଆଦାଲତର ଜଜ ଓ ଶେଷରେ ହାଇକୋର୍ଟର ଜଜ ହୋଇଥିଲେ । ଗବର୍ଣ୍ଣମେଣ୍ଟ ତାହାଙ୍କର ଅମୂଲ୍ୟ ଗୁଣ ଦେଖି ପ୍ରଦେଶୀୟ ବ୍ୟବସ୍ଥାପକ ସଭାର ସଭ୍ୟ ଏବଂ ସମୟରେ ନାନା ସମିତିରେ ନିଯୁକ୍ତ କରିଥିଲେ । ସମାଜ ସଂସ୍କାର ବିଷୟରେ ତାହାଙ୍କର ଅତ୍ୟନ୍ତ ମନୋଯୋଗ ଥିଲା । ସଂକ୍ଷେପରେ ସେ ଶିକ୍ଷିତ ସମାଜର ଜଣେ ଆଦର୍ଶ ଥିଲେ ଏବଂ ସେ ପେନସନ ନେଇ ସ୍ୱଦେଶର ସେବାରେ ଶେଷକାଳ କଟାଇବେ ବୋଲି ବଡ଼ ଆଶା ଥିଲା । ଈଶ୍ୱରଙ୍କ ଇଚ୍ଛାପ୍ରତି କାହାର ବଳ ନାହିଁ । ବ ୫୭ ବର୍ଷ ବୟସରେ ସେ ମର୍ତ୍ତ୍ୟଭୂମି ଛାଡ଼ିଗଲେ । ଈଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ କରନ୍ତୁ । ତାହାଙ୍କର ବିୟୋଗରେ ବମ୍ବେର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଏକଦିନ ବନ୍ଦ ହୋଇଥିଲା ।

---

ଦକ୍ଷିଣ ଭାରତ ଭ୍ରମଣ ଉପଲକ୍ଷରେ ମହାମାନ୍ୟ ବଡ଼ଲାଟ କର୍ଜନ ବାହାଦୁର ତାଞ୍ଜୋର ରାଜ୍ୟ ଦର୍ଶନ କାଳରେ ସେଠାର ଲୋକମାନେ ତାହାଙ୍କୁ ଯେଉଁ ଅଭିନନ୍ଦନପତ୍ର ପ୍ରଦାନ କରିଥିଲେ ତହିଁରୁ ଅନ୍ୟାନ୍ୟ ବିଷୟ ମଧ୍ୟରେ ଧର୍ମାର୍ଥ ଦାନ ସମ୍ପତ୍ତିର ରକ୍ଷା ବିଷୟରେ ସୁବ୍ୟବସ୍ଥା କରି ଦେବାର ପ୍ରାର୍ଥନା କରିଥିଲେ । ସେ ପ୍ରସଙ୍ଗର ଉତ୍ତରରେ ମହାମାନ୍ୟ ମହୋଦୟ କୁହାଇ ଦେଲେ ଯେ ଧର୍ମସମ୍ବନ୍ଧରେ ସରକାର ସମ୍ପୂର୍ଣ୍ଣରୂପେ ନିରପେକ୍ଷ ରହିବାର ଯେଉଁ ନୀତି ଅନୁସରି ଆସୁଅଛନ୍ତି ତହିଁର ବିନ୍ଦୁମାତ୍ର ବ୍ୟତିକ୍ରମ କରିବା ଉଚିତ ନୁହେ । ଅଛି ଏକ ଧର୍ମସମ୍ପର୍କୀୟ ମନ୍ଦିରାଦିର ବ୍ୟାପାରରେ ହସ୍ତକ୍ଷେପ କଲେ ତାଲି ଅନ୍ୟ ଧର୍ମସମ୍ବନ୍ଧରେ ସେହିପରି କରିବା ସମ୍ଭବ ହୋଇପାରେ ଏବଂ ତହିଁର ସାଧାରଣ ବିଶ୍ୱାସ ସ୍ଥିର ରହି ପାରନ୍ତା ନାହିଁ । ବିଶେଷତଃ ମାନ୍ଦ୍ରାଜର ପାଣ୍ଡୁଲିପିରେ ଯେପରି କମିଟୀ ଗଠିତ ହେବାର ପ୍ରସ୍ତାବ ହୋଇଥିଲା ତାହା ଯେ ଅପରିଜନକ ହେବ ଏମନ୍ତ ବୋଲି ଯାଇ ନ ପାରେ ଏବଂ ସଦାବ୍ରତ ସମ୍ପତ୍ତି ରହିତ ଅନ୍ୟାନ୍ୟ ଅତିଶେ ନିବାରଣ ପ୍ରତି ପ୍ରଚଳିତ ଆଇନର ବିଧାନମାନ ଯଥେଷ୍ଟ ନୁହେ ଏହା ମଧ୍ୟ ନିରୂପମରୂପେ ପ୍ରତିପନ୍ନ ହୋଇ ନାହିଁ । ସେ ସମସ୍ତ ଅନ୍ୟାୟ କାର୍ଯ୍ୟ ଦମନ କରିବାନ୍ତେ ନିର୍ଦିଷ୍ଟ ଲୋକମାନେ ଏକ ଯୋଗରେ ଚେଷ୍ଟା କରୁଅଛନ୍ତି ମାତ୍ର ଜନସାଧାରଣଙ୍କର ତହିଁରେ ଆସ୍ଥା ନାହିଁ । ମହାମାନ୍ୟ ଲର୍ଡ଼ କର୍ଜନଙ୍କ ତୁଲ୍ୟ ବିଚକ୍ଷଣ ଶାସନକର୍ତ୍ତାଙ୍କ ମୁଖରୁ ଏମନ୍ତ ଉତ୍ତର ବାହାରିବ ଏହା ଆମ୍ଭେମାନେ ଆଶା କରି ନ ଥିଲୁଁ । ତାହାଙ୍କ ଉତ୍ତରରୁ ସ୍ପଷ୍ଟ ଜଣା ଯାଉଅଛି ଯେ ସେ ଲୋକଙ୍କ ପ୍ରାର୍ଥନା ଭ୍ରମରୂପେ ଚିନ୍ତା କରି ନାହାନ୍ତି । ସମ୍ପ୍ରଦାୟ ବିଶେଷର ଧର୍ମରେ ହସ୍ତକ୍ଷେପ କରିବା ଏବଂ ସାଧାରଣ ଧର୍ମାର୍ଥ ସମ୍ପତ୍ତି ସୁରକ୍ଷାର ବ୍ୟବସ୍ଥା କରିବା ଏକକଥା ନୁହେ । ଲୋକଙ୍କର ଗୁହାରି ଏତିକି ଯେ ଧର୍ମାର୍ଥ ସମ୍ପତ୍ତି ରକ୍ଷାନିମନ୍ତେ ଯେଉଁ ଆଇନ ପ୍ରଚଳିତ ଅଛି ତାହା ଅଚଳ ଅଟେ ଏବଂ ଉଦାସ ଲୋକେ ବାଞ୍ଛିତ ପ୍ରତିକାର ପାଇପାରୁ ନାହାନ୍ତି । ସେ ଆଇନ ଯେ ଅଚଳ ତହିଁର ପ୍ରମାଣ ଏହି ଯେ ସନ ୧୮୬୩ ସାଲରୁ ସେ ଆଇନ ଜାରି ହୋଇଥିଲେହେଁ ମାଲିକମାନଙ୍କର ଅନ୍ୟାୟ ଆଚରଣ ବୃଦ୍ଧି ବିନା ଊଣା ହେବାକୁ ନାହିଁ ଓ ସେ ସମ୍ପତ୍ତିମାନ କ୍ରମଶଃ କ୍ଷୟପ୍ରାପ୍ତ ହେଉଅଛି । ଲର୍ଡ଼ କର୍ଜନ ବାହାଦୁର ଯେବେ ଅଳ୍ପ କଷ୍ଟ ନ କରି ସେହି ଆଇନକୁ ଏପରି ଭାବରେ ସଂଶୋଧନ କରିଦେବେ ଯେ ମାଲିକମାନେ ଆୟବ୍ୟୟର ବାର୍ଷିକ ହିସାବ ଅଦାଲତରେ ଦାଖଲ କରିବେ, ସରକାରୀ ଲୋକଦ୍ୱାରା ସେ ହିସାବ ନିୟମିତରୂପେ ପରୀକ୍ଷା ହେବ ଏବଂ ଯାହାର ଇଚ୍ଛା ହେବ ସେ ଅଦାଲତର ଅନୁମନୁସାରେ ଫିସ୍ ଦେଇ ହେସାବର ନକଲ ନେଇପାରିବ ତାହା ହେଲେ ଅପବ୍ୟୟ ଓ ଅନ୍ୟାୟ ନିବାରଣର ସମୁଚିତ ପ୍ରତିକାର ହେବ ଏବଂ ସର୍ବସାଧାରଣ ସନ୍ତୁଷ୍ଟ ହେବେ ।

---

## ରାଜରାଜେଶ୍ୱରୀ ଭିକ୍ଟୋରିଆ ।

ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ଅତ୍ୟନ୍ତ ପୀଡ଼ିତ ଥିବାର ସମ୍ବାଦ ହଠାତ୍ ତାରଯୋଗେ ପ୍ରଚାର ହେବାରୁ ତାହାଙ୍କର ବିଶାଳ ସାମ୍ରାଜ୍ୟର ଅନ୍ୟାନ୍ୟ ଦେଶ ସହିତ ଭାରତବାସୀମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି ଏବଂ ସମସ୍ତେ ଏକ ମନରେ ତାହାଙ୍କର ଆରୋଗ୍ୟ କାମନାରେ ଧର୍ମାନୁଷ୍ଠାନରେ ପ୍ରବୃତ୍ତ ହୋଇ ଅତ୍ୟନ୍ତ ଉଦ୍‌ବେଗ ଚିତ୍ତରେ ସମ୍ବାଦକୁ ଚାହିଁ ବସିଥିଲେ । ଗତ ରବିବାର କଲିକତାର ସମସ୍ତ ଧର୍ମମନ୍ଦିରରେ ଆରୋଗ୍ୟ କାମନାରେ ବିଶେଷ ପ୍ରାର୍ଥନା ହୋଇଥିଲା । ଭାରତର ନାନା ପ୍ରଧାନ ନଗରର ଲୋକମାନେ ସେହିପରି ଅନୁଷ୍ଠାନ କରିଅଛନ୍ତି । କଲିକତାରେ ଗତ ରବିବାର ଖ୍ରୀଷ୍ଟିୟାନମାନଙ୍କର ଏବଂ ସୋମବାର ହିନ୍ଦୁ ଓ ମୁସଲମାନ ଧର୍ମମନ୍ଦିରମାନଙ୍କରେ ବିଶେଷ ଉପାସନା ହୋଇଥିଲା । ହିନ୍ଦୁମାନଙ୍କ ପକ୍ଷରୁ ଭୂକୈଳାସସ୍ଥ ନକୁଳେଶ୍ୱର ମହାଦେବଙ୍କଠାରେ ଅଭିଷେକ, କାଳୀଘାଟରେ ପୂଜା, ହୋମ, ଶ୍ରୀମଧୁସୂଦନଙ୍କଠାରେ ହରିର ଲୁଟ, ବ୍ରାହ୍ମଣ କଙ୍ଗାଳ ପ୍ରଭୃତି ଭୋଜନ, ନାମସଂକୀର୍ତ୍ତନ ଇତ୍ୟାଦି ହୋଇଥିଲା । ସାହାଜାଦା ମହମ୍ମଦ ବକ୍ତିୟାର ସାହାଙ୍କ ମସଜିଦରେ ଇଦର ଉତ୍ସବ ରୀତିରୁ ବିଶେଷ ଉପାସନା ହୋଇଥିଲା ଏବଂ ତହିଁ ପୂର୍ବ ଦିନ ଟିପୁର ମସଜିଦରେ ୭ ହଜାର ମୁସଲମାନ ଏବଂ ଅନ୍ୟାନ୍ୟ ମସଜିଦରେ ଅନେକ ମୁସଲମାନ ଆରୋଗ୍ୟ ପ୍ରାର୍ଥନା କରିଥିଲେ । ମାତ୍ର ହାୟ ! ବିଶ୍ୱନିୟନ୍ତା ହରିଙ୍କର ଇଚ୍ଛା ଭିନ୍ନ ପ୍ରକାର ହେଲା । ପୁଣ୍ୟବତୀ ମହାରାଜ୍ଞୀ ଭିକ୍ଟୋରିଆ ଗତ ମଙ୍ଗଳବାର ସନ୍ଧ୍ୟା ସମୟରେ ସ୍ୱର୍ଗାରୋହଣ କଲେ । ଗତ ବୁଧବାର ଏହି ଦାରୁଣ ଶୋକସମ୍ବାଦ ସମସ୍ତ ନଗରରେ ପ୍ରଚାର ହେଲା ଏବଂ ସମସ୍ତଶ୍ରେଣୀର ପ୍ରଜାବର୍ଗ ଅଗାଧ ଶୋକସାଗରରେ ବୁଡ଼ିଗଲେ । ପୁଣି ହଠାତ ଏ ଦୁଃସମ୍ବାଦ ଉପସ୍ଥିତ ହେବାରୁ ବଜ୍ରାଘାତପ୍ରାପ୍ତ ଲୋକଙ୍କୁ ବ୍ୟଥିତ କରୁଅଛି ! ଗତ ସପ୍ତାହରେ ଏ ପତ୍ରିକା ପ୍ରକାଶ ହେବାବେଳେ ଆମ୍ଭେମାନେ ପୀଡ଼ାର ସମ୍ବାଦ କିଛି ଜାଣି ନ ଥିଲୁଁ । ପ୍ରକୃତରେ ସେ ଗତ ପୂର୍ବ ବୁଧବାରପର୍ଯ୍ୟନ୍ତ ସ୍ୱାଭାବିକ ସୁସ୍ଥତା ଭୋଗ କରୁଥିଲେ । ତହିଁ ଆରଦିନଠାରୁ ଶ୍ରୀଅଙ୍ଗର ଗ୍ଲାନି ଅନୁଭବ ହେଲା ଏବଂ କ୍ରମେ ଭୟଙ୍କରରୂପେ ବୃଦ୍ଧି ପାଇଲା । ଚିକିତ୍ସକମାନେ ଚତୁର୍ଦ୍ଦିଗରୁ ଆହୂତ ହୋଇ ଯଥାସାଧ୍ୟ ଚେଷ୍ଟା ଓ ଯତ୍ନ କଲେ । ତା ୨୧ ରିଖ ସୋମବାର କିଛି ସୁଲକ୍ଷଣ ଦେଖାଯାଇଥିଲା ମାତ୍ର ତାହା ସ୍ଥାୟୀକାଳ ରହିଲା ନାହିଁ । ପକ୍ଷାଘାତ ବାତରେ ବାକ୍ୟ ରୁଦ୍ଧ ହୋଇଗଲା ଏବଂ ଆହାର ମଧ୍ୟ କଣ୍ଠରେ ଗଲା ନାହିଁ । ପୀଡ଼ାର ସମ୍ବାଦ ପାଇ ରାଜପରିବାରସ୍ଥ ବ୍ୟକ୍ତି ଓ ରାଜମନ୍ତ୍ରିମାନେ ଚତୁର୍ଦ୍ଦିଗରୁ ପ୍ରାସାଦରେ ଏକତ୍ରିତ ହେଲେ ଏବଂ ଜରମାନର ସମ୍ରାଟ ବ୍ୟସ୍ତ ହୋଇ ଶୁଣିବା କ୍ଷଣି ସ୍ୱରାଜ୍ୟରୁ ଆସି ରାଣୀଙ୍କ ଭବନରେ ଉପସ୍ଥିତ ହେଲେ । ସେବା ଶୁଶ୍ରୂଷା ଓ ଚିକିତ୍ସାର ଅବଧି ରହିଲା ନାହିଁ । ମାତ୍ର କାଳର ନିୟମ ଖଣ୍ଡନ କରିବାକୁ କିଏ ସମର୍ଥ ! ମହା ପୁଣ୍ୟବତୀ ଭିକ୍ଟୋରିଆ ଆପଣାର ପୁତ୍ର ପୌତ୍ର ଓ ଅପର ସ୍ୱଜନ ବର୍ଗ ଓ ମନ୍ତ୍ରୀବର୍ଗ ପରିବେଷ୍ଟିତ ହୋଇ ଆନନ୍ଦରେ ନଶ୍ୱର ଦେହ

Split by PDF Splitter
Digitized by srujanika@gmail.com

ପଞ୍ଚତ୍ୱଗତ କରି ଅନନ୍ତଧାମକୁ ଗମନ କଲେ । ଏହାର ସଂବାଦ ଜାଣିବା ସଙ୍ଗେ ଏ ଦେଶ୍ମ ଏବଦନ ସମସ୍ତଙ୍କ ଶୋକ ହରିବାକୁ ହେବ ।

ଗ୍ରେଟବ୍ରିଟେନ୍ ଇଂଲଣ୍ଡର ବୃଟୀଶ ଦ୍ୱୀପପୁଞ୍ଜ ଭାରତବର୍ଷ ଏବଂ କ୍ଷୁଦ୍ର ଯୁକ୍ତରାଜ୍ୟର ଅଧୀଶ୍ୱରୀ ହେଲେହେଁ ପୃଥିବୀର ଅପର ଭିନ୍ନ ମହାଦେଶରେ ତାହାଙ୍କର ରାଜ୍ୟ ବିସ୍ତୃତ ହୋଇଅଛି ଏବଂ ତାହାଙ୍କର ମୃତ୍ୟୁରେ ଏମନ୍ତ ବୃହତ୍ ରାଜ୍ୟ ଖଣ୍ଡର ପ୍ରଜାବର୍ଗ ପର୍ଯ୍ୟନ୍ତ ଦୁଃଖିତ ହୋଇ ଅଛନ୍ତି ତହିଁର ପରମାଣ ତାହାଙ୍କର ସ୍ୱଭାବ ଯୁବତୀ ସମୟରେ ସନ ୧୮୩୭ ସାଲରେ ପ୍ରଜାମାନେ ଯେଉଁ ମହା ଭକ୍ତି କରିଥିଲେ ତହିଁରୁ ଅନାୟାସରେ ବୁଝା ଯାଉଅଛି । ସେହି ବର୍ତ୍ତମାନ ଲୋକେ ଯେବେ ଅବଗତ ଥିଲେ ତାହାଙ୍କ ବିଚ୍ଛେଦରେ କେତେ ଦୂର ଦୁଃଖିତ ଏହା ବୋଲିବା ବାହୁଲ୍ୟ । ସେ କେବଳ ରାଜ୍ୟାଧୀଶ୍ୱରୀ ହେତୁ ପ୍ରଜାଙ୍କର ପ୍ରଗାଢ଼ ସ୍ନେହ ଓ ଭକ୍ତି ଆକର୍ଷଣ କରିଥିଲେ ଏହା ନୁହେ ଜଣେ ଆଦର୍ଶନାରୀ ସ୍ୱରୂପ ସ୍ୱକୀୟ ମହୀ ଜଗତରେ ସକଳ ପ୍ରକାର ମନ ହରଣ କରିଥିଲେ । ତାହାଙ୍କର ଯଥାପୂର୍ଣ୍ଣ ଦୀର୍ଘକାଳ ଲେଖିବାର ସ୍ଥାନ ଏ ପତ୍ରିକାରେ ନାହିଁ ଏବଂ ତହିଁର ପ୍ରୟୋଜନ ମଧ୍ୟ ଦେଖୁ ନାହିଁ କାରଣ ତାହା କାହାରି ଅବିଦିତ ନାହିଁ । ସଂକ୍ଷେପରେ ଏତିକି ବୋଲିବା ଯଥେଷ୍ଟ ଯେ ସେ ସନ ୧୮୧୯ ସାଲ ମଇମାସରେ ଜନ୍ମ ଏବଂ ସନ ୧୮୩୭ ସାଲ ଜୁନମାସରେ ଇଂଲଣ୍ଡର ସିଂହାସନ ପ୍ରାପ୍ତ ହୋଇଥିଲେ । ସୁତରାଂ ୮୨ ବର୍ଷ ବୟସ ଜୀବନ ଓ ୬୩ ବର୍ଷରୁ ଊର୍ଦ୍ଧ୍ୱ କାଳର ରାଜ୍ୟ ଭୋଗ କରି ଏବଂ ସୁଯୋଗ୍ୟ ଉତ୍ତରାଧିକାରୀ ସହିତ ପୁତ୍ରକନ୍ୟାଦି ବୃହତ୍ ପରିବାର ରଖି ପ୍ରସ୍ଥାନ କଲେ ଏହା ସାମାନ୍ୟ ସୌଭାଗ୍ୟର ବିଷୟ ନୁହଇ । ଏହା ଯେ ପୂର୍ବଜନ୍ମର ଅନେକ ପୁଣ୍ୟ ତପସ୍ୟାର ଫଳ ଏହା ସମସ୍ତେ ସ୍ୱୀକାର କରିବେ । ଏତେ ଦୀର୍ଘକାଳ ରାଜ୍ୟଭୋଗ ଇଂଲଣ୍ଡର ପ୍ରାୟ କୌଣସି ରାଜା କରି ନ ଥିଲେ ଏବଂ କେବଳ ଭୋଗ ନୁହେଁ ତାହାଙ୍କ ସମୟରେ ଅନେକ ରାଜ୍ୟ ବୃଦ୍ଧି ଓ ଶାସନର ଦର୍ପ ବୃଦ୍ଧି ହୋଇ ପ୍ରଜାପୁଞ୍ଜର ଉନ୍ନତି ହୋଇଥିଲେ । ଏହାଙ୍କର ଜନ୍ମ ସାର୍ଥକ ଓ ଜୀବନ ଧନ୍ୟ । ପରମେଶ୍ୱର ତାହାଙ୍କର ପବିତ୍ର ଆତ୍ମାର ମଙ୍ଗଳବିଧାନ କରନ୍ତୁ ଏବଂ ତାହାଙ୍କର ପରିବାରବର୍ଗଙ୍କ କଲ୍ୟାଣ କରନ୍ତୁ ଏହି ଅମ୍ଭମାନଙ୍କର ପ୍ରାର୍ଥନା ।

ସ୍ୱର୍ଗୀୟା ଭିକ୍ଟୋରିୟାଙ୍କର ଜ୍ୟେଷ୍ଠ ପୁତ୍ର ମହାମାନ୍ୟ ଆଲବର୍ଟ ଏଡୱାର୍ଡ ସନ ୧୮୪୧ ସାଲ ନବେମ୍ବର ମାସରେ ଜନ୍ମ ଓ ସନ ୧୮୬୩ ସାଲରେ ବିବାହ ହୋଇଥିଲେ । ବର୍ତ୍ତମାନ ତାହାଙ୍କର ବୟସ ବ ୬୦ ବର୍ଷ ଭୋଗ ହେଉଅଛି । ତାହାଙ୍କର ପାଞ୍ଚୋଟି ପୁତ୍ର କନ୍ୟା ଏବଂ ପୌତ୍ରାଦି ହୋଇଅଛନ୍ତି । ଏମନ୍ତ ପ୍ରବୀଣ ବୟସ ଓ ପରିପକ୍ୱ ବୁଦ୍ଧିରେ ଭୂଷିତ ହୋଇ ସେ ସିଂହାସନ ଲାଭ କଲେ ବଡ଼ ଆନନ୍ଦର ବିଷୟ ଅଟେ । ସେ ଯୌବନର ପ୍ରଥମକାଳରେ ଭାରତ ଭ୍ରମଣରେ ଆଗମନ ହୋଇ ଅମ୍ଭମାନଙ୍କୁ ଦର୍ଶନ ଦେଇଅଛନ୍ତି । ଭାଗ୍ୟକ୍ରମେ ସେ ଅମ୍ଭମାନଙ୍କର ସମ୍ରାଟ ହେଲେ ଏଥିରୁ ଏକାନ୍ତ ଆଶା ହେଉଅଛୁ ଯେ ସେ ଅମ୍ଭମାନଙ୍କର ମଙ୍ଗଳ ନିମନ୍ତେ ବିଶେଷ ଯତ୍ନ କରିବେ । ସମ୍ରାଜ୍ଞୀଙ୍କର ଦୃଷ୍ଟିର ଗୁଣମାନ ତାହାଙ୍କଠାରେ ପ୍ରତ୍ୟକ୍ଷ ହେବ ଏବଂ ବିଶାଳ ରାଜ୍ୟ ପାଳନରେ ସେ ସେହିପରିବା ଉତ୍ତୋଷିତ ସଫଳ ହେବେ ସମସ୍ତ ପ୍ରଜାଙ୍କର ଏହି ଆଶା ଏବଂ ପ୍ରଭୁ ତାହା ସଫଳ କରିବେ ।

---

## ମୟୂରଭଞ୍ଜ ।

ଓଡ଼ିଶା ଗଡ଼ଜାତ ମଧ୍ୟରେ ମୟୂରଭଞ୍ଜ ସର୍ବାପେକ୍ଷା ବୃହତ୍ ରାଜ୍ୟ ଅଟେ । ତହିଁର ବର୍ତ୍ତମାନ ଅଧିପତି ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ଜଣେ ସୁଦକ୍ଷ ଶାସନକର୍ତ୍ତା ଏବଂ ଉନ୍ନତ ପ୍ରଣାଳୀରେ ରାଜକାର୍ଯ୍ୟ ନିର୍ବାହ କରିବା ବିଷୟରେ ସର୍ବଦା ମନୋଯୋଗୀ । ସେ ପ୍ରାୟ ଗତ ପାଞ୍ଚ ବର୍ଷରୁ ସ୍ୱରାଜ୍ୟର ଶାସନ ଓ ଉନ୍ନତିର ଫଳାଫଳ ସମସ୍ତ ବିଷୟର ବାର୍ଷିକ ବିବରଣ ଇଂରାଜୀ ଭାଷାରେ ପୁସ୍ତକାକାରରେ ପ୍ରକାଶ କରାଉ ଅଛନ୍ତି । ସନ ୧୮୯୮।୯୯ ଅର୍ଥାତ୍ ସନ ୧୮୯୯ ସାଲ ମାର୍ଚ୍ଚ ମାସ ତା ୩୧ ରିଖରେ ଶେଷ ହେବା ବର୍ଷର ବିବରଣ ପୁସ୍ତକ ଅଳ୍ପଦିନ ହେଲା ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁ । ଓଡ଼ିଶା ଗଡ଼ଜାତ ସମ୍ବନ୍ଧର ସଂକ୍ଷେପ ବାର୍ଷିକ ବିବରଣ ପ୍ରତିବର୍ଷ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ବାର୍ଷିକ ବିବରଣର ଏକ ଅଧ୍ୟାୟର ଅନ୍ତର୍ଗତ ହୋଇଅଛି । ଗୋଟିଏ ପ୍ରଦେଶର ବାର୍ଷିକ ବିବରଣ ଅତି ବୃହତ୍ ବ୍ୟାପାର ହେଲେହେଁ ସନ ୧୮୯୮।୯୯ ସାଲର ବିବରଣ ଛପା ହୋଇ ଗତ ମଇ ମାସରେ ବାହାରିଥିଲା । ସେହି ବର୍ଷର ମୟୂରଭଞ୍ଜର ବାର୍ଷିକ ବିବରଣ ଏବେ ଡିସେମ୍ବରରେ ବାହାରିବା ଭଲ ହେଲା ନାହିଁ ।

ଗୋଟିଏ ଜିଲ୍ଲାର ଯେପରି ମହକୁମା ମୟୂରଭଞ୍ଜରେ ତହିଁର ଅଧିକାଂଶ ମହକୁମା ଅଛି ଏବଂ ସେ ସବୁର ବିବରଣ ସଙ୍କଳନପୂର୍ବକ ଗୋଟିଏ ପୁସ୍ତକରେ ଛପା କରି ପ୍ରକାଶ କରିବା ଅବଶ୍ୟ ସମୟ ଓ ପରିଶ୍ରମସାପେକ୍ଷ ମାତ୍ର ମହାରାଜା ଯେତେବେଳେ ତହିଁରେ ମନୋଯୋଗୀ ହୋଇଅଛନ୍ତି ସେତେବେଳେ ତାହା ଶୀଘ୍ର ପ୍ରକାଶର ଆଦେଶ ଦେଲେ ବିଫଳ ହେବ ନାହିଁ ।

ଏହି ବାର୍ଷିକ ବିବରଣ ଗବର୍ଣ୍ଣମେଣ୍ଟଙ୍କର ବାର୍ଷିକ ବିବରଣର ଅନୁକରଣରେ ଲିଖିତ ହୋଇଅଛି ଏବଂ ପ୍ରତ୍ୟେକ ମହକୁମାର ଜ୍ଞାତବ୍ୟ ବିଷୟମାନ ବିସ୍ତାରିତରୂପେ ବର୍ଣ୍ଣିତ ହୋଇଅଛି । ଏହାର ଭାଷା, ଅକ୍ଷର ଏବଂ ବର୍ଣ୍ଣନା ସୁନ୍ଦର ଅଟେ । ପ୍ରତ୍ୟେକ ମହକୁମାର ସଂକ୍ଷେପ ବିବରଣ ସୁଦ୍ଧା ପାଠକମାନଙ୍କୁ ଜଣାଇବାର ସ୍ଥାନ ଓ ଅବକାଶ ନ ଦେଖି କେତୋଟି ମହକୁମାର ସଂକ୍ଷେପ ବିଷୟ ନିମ୍ନେ ପ୍ରକାଶ କଲୁଁ ।—

ପୋଲିସ ବିଭାଗ ପ୍ରୋଜୟାର ପୋଲିସଦଳ ୧୭୫ ଣ ମଧ୍ୟରେ ସୁପରିଣ୍ଟେଣ୍ଡେଣ୍ଟଠାରୁ ସବଇନସ୍ପେକ୍ଟର ପର୍ଯ୍ୟନ୍ତ ୧୮ ଣ କର୍ମଚାରୀ ଏବଂ ଅନ୍ୟ ସମସ୍ତ ହେଡ଼ କନଷ୍ଟେବଲ ଓ କନଷ୍ଟେବଲ ଅଛନ୍ତି । ଏମାନଙ୍କ ଭିତରେ କେତେକଣ ଗ୍ରାମର ଓ ଚୌକିଦାର ଅଛନ୍ତି । ପୋଲିସ ଏହାର ମୋଟ ବ୍ୟୟ ୧୫,୬୫୯ ଏବଂ ତହିଁ ପୂର୍ବ ବର୍ଷରେ ବ୍ୟୟ ୧୬,୩୪୫ ଟଙ୍କା ଥିଲା ୭୨୦ ମଧ୍ୟ ଧର୍ତ୍ତବ୍ୟ ମାମଲାର ସମ୍ବାଦ ପୋଲିସଠାରେ ଦିଆ ଯାଇଥିଲା ଏବଂ ତହିଁ ପୂର୍ବ ବର୍ଷର ସଂଖ୍ୟା ୭୦୪ ଥିଲା । ଚୋରି ମାଲ ବାହାର କରିବାରେ ପୋଲିସ ଅଧିକ କୃତକାର୍ଯ୍ୟ ହୋଇଥିବାର ଜଣାଯାଏ କାରଣ ପୂର୍ବ ବର୍ଷ ୯୩,୯୦୧ ଟଙ୍କାର ମାଲ ମଧ୍ୟରୁ ପୋଲିସ ୨,୧୦୩ ଟଙ୍କା ପୁନଃ ପ୍ରାପ୍ତ କରିଥିବା ସ୍ଥଳେ ଏବର୍ଷ ୫,୩୩୧ ଟଙ୍କା ମଧ୍ୟରୁ ୫,୩୩୫ ଟଙ୍କା ପୁନଃ ପ୍ରାପ୍ତ କରିଅଛନ୍ତି । ଆତ୍ମହତ୍ୟା ଓ ଅକସ୍ମାତ୍ ମୃତ୍ୟୁ ଗତ ବର୍ଷ ୨୨୪ ରୁ ଏ ବର୍ଷ ୩୪୧ ହେବା ଦୁଃଖର ବିଷୟ ଅଟେ ମାତ୍ର ତଦ୍ଦ୍ୱାରା ଜଣାଯାଏ ଯେ ଏହା ପୋଲିସ ଅନୁସନ୍ଧାନର ଉତ୍କୃଷ୍ଟତାର ଫଳ ଅଟେ ।

ବିଚାରକାର୍ଯ୍ୟର ତାଲିକା ନିମ୍ନେ ପ୍ରକାଶିତ ହେଲା ।—

| | ଉପସ୍ଥିତ | ନିଷ୍ପତ୍ତି |
|---|---|---|
| ଫୌଜଦାରୀ | ୮୯୮ | ୮୩୩ |
| ଦେୱାନୀ | ୨୩୯ | ୧୮୫ |
| ରେଭନ୍ୟୁ | ୧,୩୦୨ | ୧,୪୧୦ |

Split by PDF Splitter
Digitized by srujanika@gmail.com

Split by PDF Splitter



ପୂର୍ବ ବର୍ଷର ବାକି, ଖାଜ ଚଳତିର ଉଦ୍ଧାର ହେବାରୁ ଉପସ୍ଥିତଠାରୁ କିସ୍ତି ସଂଖ୍ୟା ଅଧିକ ହୋଇଅଛି । ଦେବାନୀ ମୋକଦମା ମଧ୍ୟରେ ୧୧,୨୫ ସ୍ଥାବର ସମ୍ପତ୍ତି, ୧୪୫ ବନ୍ଧକ ଏବଂ ୪୧ ଋଣ ସମ୍ବନ୍ଧୀୟ ଅଟେ । ମୋକଦମା ଯଥାସମ୍ଭବ ଶୀଘ୍ର ନିଷ୍ପତ୍ତି ହେବାର ଜଣାଯାଏ ।

ଆୟ ଓ ବ୍ୟୟ—ଏ ଜିଲ୍ଲାର ଆୟ ବର୍ତ୍ତିତ ବର୍ଷରେ ଟ ୭,୨୨,୭୩୦ ୫ ୮ ଓ ତହିଁ ପୂର୍ବ ବର୍ଷର ଆୟ ଟ ୭,୭୫,୬୫୫ ।୫ ୧୧ ହୋଇଥିଲା । ଆୟ ମଧ୍ୟରେ ଭୂମିକର ଟ ୩,୭୫-୮୧ ୧ କା ଦଳିଲର ଟ ୧୬୨୨୧୮ ୧ କା ଅବକାରି ଟ ୬୧୩୫୧, ଷ୍ଟାମ୍ପ ଟ ୨୭୧୮୦ ୧ କା ଅଟେ । ଭୂମିକର ପୂର୍ବବର୍ଷଠାରୁ ଟ ୬୧୫, ୩୨ ୧ କା ଊଣା ଏବଂ ଦଳିଲ ଟ ୩୫୬୫୧ ଅଧିକ ହୋଇଥିଲା । ଭୂମିକର ମୋଟ ଜମା ଟ ୩,୩୭,୭୪୦ ୧ କା ଅଟେ । ଜଲର ଉତ୍ତମ ଫସଲ ହୋଇ ନ ଥିଲେ ମଧ୍ୟ ଜମିଦାରମାନଙ୍କଠାରେ ଅଧିକ ବାକି ପଡ଼ିଅଛି ।

ବ୍ୟୟ ବର୍ତ୍ତିତ ବର୍ଷରେ ଟ ୬,୭୧,୬୪୩ ୬ ଓ ତହିଁ ପୂର୍ବ ବର୍ଷ ଟ ୫,୯୪,୩-୧୨ ୧୯ ହୋଇଥିଲା । ରାଜାଙ୍କର ଭୂଲ ଖଜାନାର ଦବାବ ହେବାରୁ ଖରଚ ଅଧିକ ପଡ଼ିଥିଲା, ବର୍ଷ ଶେଷରେ ଖଜାଞ୍ଚିଖାନା ଟ ୬୨୫୧୩୦ ୧ କା ଉଦ୍ବୃତ୍ତଲରେ ଜମା ଥିଲା ।

ଶିକ୍ଷା—ସକଳ ଶ୍ରେଣୀର ବିଦ୍ୟାଳୟର ସଂଖ୍ୟା ୨୭୩ ଏବଂ ଛାତ୍ରସଂଖ୍ୟା ୫୬୧୩ ଓ ତହିଁ ମଧ୍ୟରେ ନିମ୍ନପ୍ରାଥମିକ ସ୍କୁଲ ସଂଖ୍ୟା ୨୩୧ ଓ ଛାତ୍ର ୩୬୧୨ ଅଟେ । ସ୍କୁଲ ଓ ଛାତ୍ରସଂଖ୍ୟା କ୍ରମଶଃ ବୃଦ୍ଧି ହେଉଅଛି ଏକ ସ୍କୁଲ ଯେସ ମଧ୍ୟ କ୍ରମଶଃ ଉନ୍ନତିଦ୍ୱାରା ଶିକ୍ଷା ବିଷୟରେ ଲୋକଙ୍କର ଅଧିକ ରୁଚି ଦେଖାଯାଉଅଛି । ଜିଲ୍ଲାସ୍କୁଲ ଶିକ୍ଷା କମିଟି ଗୋଟିଏ ସର୍ବେ ସ୍କୁଲ ଅଛି ଏବଂ ତହିଁରେ ୬ ୨ ଜଣ ପଢ଼ୁଅଛନ୍ତି । ଏହା ଛଡ଼ା କେଉଁ ବିଦ୍ୟାଳୟ ମଡଲ ସ୍କୁଲ ୨୧ ମୁଦ୍ର ବିଦ୍ୟାଳୟରେ ୧୨୪ ଛାତ୍ର ପଢ଼ୁଅଛନ୍ତି ।

ଲୋକଙ୍କର ଅବସ୍ଥା ସମ୍ବନ୍ଧରେ ଏଉଳି ଲେଖାଅଛି କି ସଡ଼କ ନିର୍ମାଣଦ୍ୱାରା ବାଣିଜ୍ୟ ଓ ଯାନ ନିର୍ମାଣଦ୍ୱାରା ଚଳର ସୁବିଧା, ବାଣିଜ୍ୟ ବ୍ୟବସାୟ ପ୍ରତି କୌଣସି ଅଟକ ନ ରହିବା ଏବଂ ଭୂମିକର ନ୍ୟାୟସଙ୍ଗତ ପ୍ରଚାର ହେବାରୁ ଲୋକଙ୍କର ସୁଖ ବୃଦ୍ଧି ହୋଇଅଛି । ମା.ଟ ବାଣିଜ୍ୟର ଚାଲିବା ବଳୁ ଦେଖିଲୁ ନାହିଁ ।

———

# ସାମ୍ବାଦିକ ସମ୍ବାଦ ।

କଲିକତା-ଗେଜେଟ୍ ।

ହୁଗ୍ଲିରେ ଥିବା ଜ୍ୟୋ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟରର ବାବୁ ହରଭୂଷଣ ଦେ ପର୍ଯ୍ୟବେକ୍ଷଣ ସବର ମହକୁମାରେ ଅବସ୍ଥାପିତ ହେଲେ ।

ସବ୍ ଡେପୁଟି କଲେକ୍ଟର ବାବୁ ଦେବେନ୍ଦ୍ରନାଥ ବସୁ କଟକ ଜଗ ଅଳ ଜଲର ସହକାରି ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହେଲେ ।

ଉଦଣ ପ୍ରଗନାର ସବଡେପୁଟି କଲେକ୍ଟର ବାବୁ ଅମୃତ ଶିଖରି ମୂର୍ତ୍ତି ବାଲେଶ୍ୱର ଜିଲାର ଏକସାଇଜ ଡେପୁଟି କଲେକ୍ଟର କାର୍ଯ୍ୟଭାର ପ୍ରାପ୍ତ ହେଲେ ।

———

ଏ ସପ୍ତାହରେ ଅକାଳ ବରଷାଳ ଏବଂ ଶୀତ ଅତ୍ୟନ୍ତ ପ୍ରବଳ ହୋଇଅଛି । ସାଧାରଣ ସ୍ୱାସ୍ଥ୍ୟ ମନ୍ଦ ନୁହେ ।

କଲକାତା ଏଠା ଫୁଲଫଳାଦିର ପ୍ରଦର୍ଶନୀ ଫିଟିଅଛି । ସରକାରୀ ସମାଚାରରୁ ଜଣାଯାଏ ଯେ ତହିଁର ପୁଷ୍ପ ପ୍ରଦର୍ଶନୀ ଭଲ ହୋଇଅଛି । ପ୍ରଦର୍ଶନର ବ୍ୟାପାର ନୂତନ ଆଗାମୀକୁ ପ୍ରକାଶ କରିବାର ଇଚ୍ଛା ରହିଲା ।

ଉଦ୍ଧ ଓ ତ୍ରିପୁରାର ଉପକୂଳରେ ଜ ୩୪ ହ କଟେର ଜଳ ହେବାରୁ ଅନେକ ଲୋକ ଏ ନଗରରୁ ୩୨ ଗ୍ରାମକୁ ଚାହାନ୍ତି ଯାଉଅଛନ୍ତି ।

ହିନ୍ଦୁ ସମାଜର ଉତ୍ସବ ଉପଲକ୍ଷରେ ବାବୁ ମଧୁସୂଦନ ଗୁପ୍ତ ଏଠା ଶନିବାର ସଭାଗୃହରେ ବକ୍ତୃତା ପ୍ରଦାନ କରିଥିଲେ ଏବଂ ସ୍କୁଲର ଛାତ୍ରମାନଙ୍କୁ ପୁରସ୍କାର ଦିଆଯାଇଥିଲା ।

ମାନ୍ଦ୍ରାଜ ପ୍ରଦେଶର ଏକ ଜଣ ଦେଶୀୟ ପ୍ରାପ୍ତ ସ୍କୁଲ ଉପସ୍ଥିତ ନମ୍ବର ଶ୍ରୀ ସି, କେ, ସେଠୀ ଗତ ଉଦୟାର ଓ ବୁଧବାର କଲେଜ ଗୃହରେ ବକ୍ତୃତା ପ୍ରଦାନ କରିଥିଲେ ।

ବରବକଠାରୁ ଦୁଇଜଣ ବଙ୍ଗାଳୀ ଏଠା ଜଳଦ୍ୱାର ଚଳନ୍ତି ଛବ ଏବ କାଳାଚୋଳର ଗୀତ ବେଶାଳ ଓ ଶୁଣାଇ ଲୋକଙ୍କ ସନ୍ତୁଷ୍ଟ କରୁଅଛନ୍ତି ।

କଲିକତାରେ ଯେଉଁ ଲକ୍ଷ ଟଙ୍କା ଖରଚ ହେବ ତାହାର ସ୍ୱର୍ଣ୍ଣପଦକ ପୁରସ୍କାର ଦେବା କାରଣ ବଲିକତା ବିଶ୍ୱବିଦ୍ୟାଳୟର ଉପାଧି ପରୀକ୍ଷାରେ ସଫଳ ଛାତ୍ରଙ୍କ ପାଇଁ ଶତ ମୁଦ୍ରା ୫ ୨୫୦୦ ଟା ଦାନ କରିଅଛନ୍ତି । ତାହାର ମୂଳ-ଧନ ରଖା ଯିବ ଓ ବାର୍ଷିକ ସୁଧରୁ ପଦକ ଅର୍ପିତ ହେବ ।

ଓଡ଼ିଶାର ନରାଜଗା ଜଗରରୁ ଉତ୍କଳାଭିମୁଖେ ଯାତ୍ରା କରିବାର ସମ୍ବାଦ ମିଳିଲା ।

ଗାଜୀପୁରର ଏକଜଣ ମୁସ୍ଲିମ ଶଣ୍ଢୋଷ ବାବୁଙ୍କ ମୋକଦମାରେ ସାକ୍ଷି ଦଣ୍ଡ ପାଇ ହାଇକୋର୍ଟରେ ଅପିଲ କରିଅଛନ୍ତି ।

ଡିସେମ୍ବର ମାସରେ ୬,୪୪,୮୩୦ ଗେଲନ ବନ୍ଦିତ ତେଲ ଭାରତରୁ ବଙ୍ଗଳା ଦେଶକୁ ଆମଦାନି ହୋଇଅଛି । ଏହାର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ଉଠେ ଦୁଃଖଦେଶ ଶ୍ରେଣୀକୁ ଏହି ତେଲ ବାହାର ହୋଇଅଛି ।

ଦ୍ୱିତୀୟ ନ୍ୟାୟଧାରକଙ୍କ ପ୍ରଧାନ ମନ୍ତ୍ରୀ ରୋହିଲଖଣ୍ଡ କଙ୍କଣି ଦେବୋତ୍ତର ସମ୍ପତ୍ତି ନଷ୍ଟ କରୁଥିବା ବେ ନାଶଣୀ ବେଲରେ ସମ୍ମାନ ଓ ଚାନ୍ଦାରେ ଚାନ୍ଦିଲ ଦିଗ୍ୱିଜୟୀ ଜିମେଶାଙ୍କ ଚକ୍ଷୁ ପ୍ରଧାନ ମନ୍ତ୍ରୀ ପଦ ପ୍ରାର୍ଥୀ ହୋଇ ଆବେଦନ କରିଅଛନ୍ତି ।

ବର୍ତ୍ତମାନର ଅବଧିକୁ ହଜ ବାବୁ କୋଟଶ୍ୱର ଦତ୍ତ ମିତ୍ରଙ୍କ ନିକଟରେ ଏହି ମୋକଦମାର ବିଚାର ହେବ ।

ଶୀତ ଏଥର ସୁରଠାରେ ଅଧିକ ଦକ୍ଷିଣ ଭୂଭାଗରେ ଲେଖଲେ ବ ୪ ହାତ ଯାହି ଉପରେ ବରଫ ସ୍ତୂପ ପଡ଼ିଅଛି ୧୨୦ ଜଣର ମୃତ୍ୟୁ ହବାର ଜଣା ଅଛି ।

ବଙ୍ଗୀୟ ଶିକ୍ଷା ଦପ୍ତରର ଅଧ୍ୟକ୍ଷ ପେଡ଼ଲର ସାହେବ ବ୍ୟବସ୍ଥା କରିଅଛନ୍ତି ଯେ ଏ ବର୍ଷ ସରକାରୀ ବଦୋଳସ୍ୱମାଜ ଦୁର୍ଗାପୂଜାରେ ତା ୧୨ ଇଶ ଅକ୍ଟୋବରଠାରୁ ତା ୨ ଇଶ ନବେମ୍ବର ପର୍ଯ୍ୟନ୍ତ ଓ ୨୨ ଇ ଅର ଗ୍ରୀଷ୍ମାବକାଶ ତା ୨୨ଇଶ ସେପ୍ଟେମ୍ବରଠାରୁ ତା ୨୨ ଇଶ ଜୁନ ପର୍ଯ୍ୟନ୍ତ ବନ୍ଦ ରହିବ ।

ରାଜ୍ୟମାନଙ୍କର ଗୀରଜେଶିଆ କର୍ଚ୍ଚିତରେ ଚତ ପୋର ୪୦ ଲକ୍ଷ ଟଙ୍କା ବୃଦ୍ଧି ପାଇଲା । ଭୁରିଷ୍ଟର ଖାଲସାଙ୍କ ଏକବର୍ଷର ଖର୍ଚ୍ଚ ୯ କୋଟି ଟଙ୍କା ଓ ତାଙ୍କର ଜନନ ପରିଚ୍ଛଦ କାର୍ଯ୍ୟ ବର୍ଷରେ ୧୨ ଲକ୍ଷ ଟଙ୍କା । ଜନନୀ ଭ୍ରମଣକାଳରେ ୩ ହଜାର ପ୍ରସ୍ତୁତ ପୋଷାକ ସଙ୍ଗରେ ନେଇ ଯାଆନ୍ତି । ୬୦୦ ସ୍ତ୍ରୀ ଓ ୧୨୦୦ ମନ୍ତ୍ରୀମାନଙ୍କ ସଙ୍ଗରେ ଯିବା ଆସିବା ହୋଇଥାଏ ।

ରାମଗଡ଼ଜିଲ୍ଲାର କୋଟାଲିତନ୍ତ ଘୋଷ ବଲିକତାର ଏକ ମହାଜନଠାରୁ ମିଥ୍ୟା ବନ୍ଧକ ଦେଇ ପ୍ରବଞ୍ଚନା କ୍ରମେ ୫ ୨୦୫୦ ଟା ଋଣ କରିଥିବାରୁ ଅଲିପୁର ଡେପୁଟି ମେଜେଷ୍ଟ୍ରେଟଙ୍କ ଦରବାରରେ ମା ୧୬ ସକଠିନଦଣ୍ଡ ପାଇଅଛି । —ଶ୍ରୋତାମାନେ ସାବଧାନ !

ତେଲିବିପଡ଼ାର ଜମିଦାରଙ୍କ ନାଏବ ଏକ ଉତ୍ତର ଅନ୍ୟାୟ ଦଣ୍ଡ ଅଂଶ ଲଇ ଯାହାଠାରୁ ୫ ୫୦୦ ଟାଇ ବିସ୍ତରେ ଲେଖାଇ ନେଇଥିବା ଅପରାଧରେ ୬ ୨୦୦ଟାଇ ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛନ୍ତି ।

ଗୋଆଠାରୁ ଖ୍ରୀଷ୍ଟିୟାନ ସନ୍ନ୍ୟାସୀ ଫ୍ରାନ୍‌ସିସ୍‌କୋ ଜେଭିୟରଙ୍କ ମୃତଦେହ ପ୍ରଦର୍ଶିତ ହୋଇଥିବାରୁ ତାଙ୍କର ଶବର ଦର୍ଶନ କରି ଜ ୭ ଣ ଲୋକ ଅରୋଗ୍ୟଲାଭ କରି ଥିବାର ଶୁଣାଯାଏ ଏମାନଙ୍କ ମଧ୍ୟରେ ଜଣେ ହିନ୍ଦୁ ସେ ସନ୍ନ୍ୟାସୀଙ୍କ ଶବ ଦର୍ଶନ କରି ଏଥାହେତୁରେ ହେଉ ନିମନ୍ତେ ଶୋଇଥିବାର କହୁଅଛି ଏବଂ ଏ ମତ । ଖ୍ରୀଷ୍ଟିୟାନ୍‌ମାନଙ୍କର ଏଥର ଲାଭ ହେଉ ଅଛି ।

ସରୋବରର ବୃଷ୍ଟି ଅଭିଗରୁ ଲକ୍ଷ୍ମୀ ବୋର୍ଡମାନେ ଜାନ ଗ୍ରାମର ଶସ୍ୟ ରଳ ମିଳି ଅମଦାନି କରୁ ଜମି ।ରଶ୍ମିଜଙ୍କ ଉଚିତ ମୂଲ୍ୟରେ ଯୋଗାଇବା କମିଟି ଏକ ପ୍ରସ୍ତାବ ହୋଇ ଅଛି ।

ଇଂଲଣ୍ଡ ଏବ ୟୁରୋପରେ ଶୀତ ଅତ୍ୟନ୍ତ ପ୍ରବଳ ହୋଇଅଛି ଏବ ବରଫପାତରେ ଯୋଗେ ରେଲ ଷ୍ଟେସନମାନ ବୋଧ ପଡ଼ିଅଛି । ପ୍ୟାରିସ ନଗରରେ ଏହିପରି ବାଧା-ବାସ ଜ ୯୦ ଣ ଲୋକ ମରୁ ପଡ଼ିଥିବାର ସମ୍ବାଦ ମିଳଇ ।

ମନ୍ଦ୍ରାଜର ମହାସଭା । ଚିନ୍ନଗୋପାଳଙ୍କ ଉତ୍କଳନଗରକୁ ଯାଉଅଛନ୍ତି । ସେଠା ହିନ୍ଦୁ, ମୁସଲମାନ, ଶିଖ ଏବଂ ଜୈନ ବାସୀମାନେ ମହାସଭାଙ୍କର ସମ୍ମୋଚିତ ଅଭ୍ୟର୍ଥନା କରୁଅଛନ୍ତି । ଅଗାମୀ ଫିବ୍ରୁଆରି ମାସ ତା ୨ ଇଶ ପର୍ଯ୍ୟନ୍ତ ମହାସଭା ସେଠାରେ ଅବସ୍ଥାନ କରିବେ ।

Digitized by srujanika@gmail.com

ମୁ ଙ୍ଗେର ଜଏଣ୍ଟ ମାଜିଷ୍ଟ୍ରେଟ ସେଠାର ଜଣେ ବେଳକକୁ ବ ୩ ୯ କେମ୍ବସ୍ତ କାରଦଣ୍ଡ ଦେଇଥିଲେ । ସେ ବେଳକର ଅପରାଧ ୬୦ ସେ ତାହାର ଜାମାତା ମହାମାରି ରୋଗରେ ଆକ୍ରାନ୍ତ ହେବାରୁ ସେ ତାହାକୁ ଡିସ୍ପେନ୍‌ସାରୀରେ ନ ଦେଇ କେଉଁଠାରେ ମୁ ଙ୍ଗେରରୁ ଅଣାଇ ନେଇ ଚିକିତ୍ସା କରାଇବାର ମାତ୍ର ଚାହିଁଲେ ନପାରିଲା । ଦଣ୍ଡଟା ଅତ୍ୟନ୍ତ କଠିନ ହୋଇ ନାହିଁ କି ?

କୋଷ୍ଟମାନ୍ ଡଜିକାରେ ପ୍ରକାଶିତ ହୋଇଅଛି ଯେ ଗୀବେଶେଲରୁ ସେଠାର ଲୋକମାନେ ଶୀଘ୍ର ଫେରି ଅଛିବା ଭଲି ସମ୍ଭାବନା ନାହିଁ । ସେମାନଙ୍କ ଉତ୍ତମ ସ୍ଥାନରେ ବାସ କରୁଅଛନ୍ତି ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ଭଲ ଅଛି ।

ରଙ୍ଗୁନଠାରୁ ପଞ୍ଚା ବରୁଆ କେଉଁସ୍ଥ ନାମକ ଜାହାଜ ପଦ୍ଧନସ୍ଥଠାରେ ମାଡଖାଇଥିବାର ସମ୍ବାଦ ମିଳିଛି । ଲିଭୁ ଜାହାଜର କପ୍ତାନ ସହିତ ୫୬ ଜଣ ଲୋକ ବୁଡିମରି ଯିବାର ଖବର ଛପି ।

ଶୀମାନ୍ତ ପ୍ରଦେଶର ସିପାହୀମାନେ ମଧ୍ୟ ଶୀତରେ ଅତ୍ୟନ୍ତ କଷ୍ଟ ପାଉଅଛନ୍ତି । ଶୀତ ଲୁଗା ଯୋଗାଇବାରେ ବିଳମ୍ବ ହେବା ହେତୁ କେଏଲଙ୍କର ୨୧୫ ଜଣ ସିପାହୀଙ୍କରେ ମଳ ପଡୁଅଛନ୍ତି ।

ଦେଶର ପ୍ରଧାନ ସମାଜିତ ଦୀପରୁ ସାହାଯ୍ୟର ସମ୍ବାଦ ମିଳିଛି । ପ୍ରକୃତ ସାହାଯ୍ୟ ର ୫୦,୦୦୦ ଟଙ୍କାଏ ବିଲମ୍ବ ଏ ମଧ୍ୟ ସେ ଦୁର୍ଭିକ୍ଷ ଘଟନା ହିଁ ହୁଏ ଶୀତରେ ସ୍ତ୍ରୀଙ୍କ ସାହାଯ୍ୟ ନିମନ୍ତେ ଧର୍ମ ନିଲ ହେବ ।

ଦୁର୍ଭିକ୍ଷ ହେତୁ ଗୋଆର ଗବର୍ଣ୍ଣମେଣ୍ଟ ଦ୍ୱାରା କଷ୍ଟଲୋକଙ୍କ କାର୍ଯ୍ୟ ବନ୍ଦ କରି ଖାଦ୍ୟ ଯୋଗାଇବାର ସମ୍ବାଦ ମିଳିଛି । ଯେଉଁ ସ୍ଥାନରେ ବର୍ତ୍ତମାନ କେବଳ ଚଳୁଅଛି ସେଠାରେ ଯଦି ବୃଷ୍ଟି ହେବାର ସମ୍ଭବ ଥାଏ ତେବେ କେବଳ ସେହି ସ୍ଥାନରେ କେବେଳେ କାର୍ଯ୍ୟ ହେବ ।

ପଞ୍ଜାବରେ ଶୀତ ଏତେ ବୃଦ୍ଧି ହୋଇଥିବା କାରଣ ଶିଙ୍ଗଳ ଲୋକେ ତଳିଅଇଲେ ମାତ୍ର ଗୋଟିଏ ଲୁଗା ଉପରୁ ପଡି ମାରି ପ୍ରାଣ ହରାଇଅଛନ୍ତି ।

## ବର୍ଷଣ ସମ୍ବାଦ ।

ଗ୍ରହଣର ଫଳ ସମ୍ବନ୍ଧରେ କଣ୍ଡକ୍ଟରମାନେ ଏ ଥରକୁ ଅତି ଭୟାନକ ହୋଇଥିବ କହିଥିଲେ ମାତ୍ର ସେଲଣ ଉପରେ ବ୍ୟର୍ଥ ହେଲା ଦେଖା ନ ଥିଲେ । ଏକଣ ଗୋଟିଏ ଅତି ବଡ ଘଟନା, ବୃଷ୍ଟି ହେଉଛି ମୋଟାମାନଙ୍କରେ କାହାରି ପର ଉପରେ ଥାଇ ଠିକ ଥାଇଅଛନ୍ତି । କ୍ରମଶଃ ଏମାନେ ରେଲ ଦେ ପଡ଼ଣୀ ବନ୍ଦାକୁ ଅଛନ୍ତି ।

ସେନଦେମ୍ କାର୍ଯ୍ୟ ପରିଦର୍ଶନ ନିମନ୍ତେ ଅଧ୍ୟାପକଙ୍କର ମାନନୀୟ ଉଚ୍ଚପଦସ୍ଥ ଡାକ୍ତରଙ୍କ ଅଫିସର ମହୋଦୟ ଗତ ମାସ ତୃତୀୟ ସପ୍ତାହରେ କଟକରେ ଅଛି ପୁରୁଣାଗଡର ଓ ଇନଷ୍ଟ୍ରେକ୍‌ଶନ୍ ଘରରେ ଉପଦେଶ ଦେଇପାରିଅଛନ୍ତି ।

ଦର୍ପଣର ବନ୍ଦୋବସ୍ତ କାର୍ଯ୍ୟ ଶେଷ ପ୍ରାୟ । ମାନ୍ୟବର ଡ, ସେ, ଅଫିସର ଶ୍ରୀଯୁକ୍ତ ବାବୁ ହରେକୃଷ୍ଣ ମହାନ୍ତି ମହୋଦୟ କର୍ମ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀରେ ଦରଖାସ୍ତ କରୁଅଛନ୍ତି ।

## ପୁରୀ—ସଂବାଦ ।

ପୂର୍ବରୁ ପ୍ରକାଶିତ ଅଛି ଯେ ସ୍ୱର୍ଗ ମହାରାଜା ଶ୍ରୀଯୁକ୍ତ ଦେବକୀ ହୋଇ ରାହାଙ୍କୁ "ପଟ୍ଟାମହାଦେବୀ" ଶ୍ରୀକୃଷ୍ଣ ପଦବୀ ପ୍ରଦାନ କରନ୍ତି ସେ ଜଗନ୍ନାଥ ମହାପ୍ରଭୁଙ୍କର ପ୍ରଥାନ ସେବା କରନ୍ତି; ସେ ଜନ୍ମିକି ନୈବେଦ୍ୟ ଅନ୍ତୁ ମହା- ପ୍ରସାଦ ପୂଜା କରିବା ନିମନ୍ତେ ତାଙ୍କୁ ୧୦୦୧ ଟଙ୍କା ପୁରସ୍କାର ଦେଇ ସୁଦର୍ଶନ ଶାଗୀ ବାନ୍ଧିଥିଲେ, ବହୁ ଦିନ ନାହିଁ ଛଡ଼ା ସ୍ଥନ ଯେ ଏହିପରି କରିବାକୁ ଇଚ୍ଛା ନ ହେବାରୁ ଭୋଗପୂଜା ସେବକ ଦ୍ୱାରା ସମ୍ପାଦିତ ନ ପାଇବାରୁ ଚରିତ୍ରଗୁଣ ମଧ୍ୟରେ ଜଗନ୍ନାଥଙ୍କ ପବିତ୍ର ଜାତ ହେବାର ଆଶଙ୍କା ଉପସ୍ଥିତ ହେଲା; ମାତ୍ର ଚଳନ୍ତିକରୁ ଗାଡିର ସ୍ୱତନ୍ତ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କର ଓ ୨୦ ଜଣ କନଷ୍ଟେବଲ ସେଠାରେ ଉପସ୍ଥିତ ହୋଇ ତାହା ନିବାରଣ କଲେ ଏବଂ କଟକରୁ ଶେଷ ନ ହୋଇବା ପର୍ଯ୍ୟନ୍ତ ସେହି ପୁରୁଣ ମଧ୍ୟରୁ ସେହି ପୂଜା କରାଯାଇ ନାହିଁ । ଏହା ମାମାସା କରି ରାଜା ହୀରା ଜଗାଡ଼ କଲେ । ଏଥି ଉପଲକ୍ଷରେ ମନ୍ଦିରରେ ବଡ଼ାଦାଣ୍ଡି ପ୍ରାୟ ୩ ୪ ଘଣ୍ଟା ସମୟରେ ବନ୍ଦ ହେଲା; ଅଳ୍ପ ଜଳଭୋଗ ଯାଇ ନ ପାରିବାରୁ ମୃତ୍ୟୁଭୀଷ ହେଲା ଏଥିରେ ଲୋକେ ଗାଡ଼ି ଚଳିବ ଜେଲ କହିଥିଲେ । ଏହା ଅକାଳ ଏକାନ୍ତ ଅପ୍ରାପର ବିଷୟ ଅଟେ ।

ଗତ ମାସ ତା ୧୬ ରଖ ପ୍ରାତଃ ୫ ୯ ଘଣ୍ଟା ସମୟରେ ଗୋପାଳଙ୍କରୁ ଗୋଟିଏ ଜାହାଜ ଅଛି ଏଠାରେ ଆସିଥିଲା । ଏଥିରେ ପ୍ରାୟ ୨ ହଜାର ଲୋକ ଅଛିବଉଛନ୍ତି ଏହି ବାଟରେ ରେଳ ଯୋଗେ ମଧ୍ୟ ବହୁତ ଯାତ୍ରୀ ଆସିଅଛନ୍ତି ।

ଅଳ୍ପ ଦିନ ହେଲା ଏ ନଗରକୁ ଜ ୧୨ ଜଣ ଦେଶୀ ଇଂରାଜୀ ଆଗମନ କରି ସ୍ୱଦେଶରୁ ଅନାଥ ବାଳକ ଓ ଗ୍ରାମ୍ୟ ଦ୍ରବ୍ୟ ସଂଗ୍ରହ କରୁଅଛନ୍ତି । ସେମାନେ ବହୁ ଅଧିକ ନ କରି ଗୋଟିଏ ଭଡାଘରର ଜାମା (କୋଟ) ପିନ୍ଧାଇ ବସିଅଛନ୍ତି । ସେମାନଙ୍କର ବେଶ ବେଣୀ କାହାର ଘଟେ । ଏହା ଅନେକଙ୍କର ସନ୍ଦେହ ଉତ୍ପନ୍ନ କରେ । ଯାହାହେଉ ଜଗନ୍ନାଥଙ୍କ କୃପା ଏବଂ ରେଳପଥରୁ ପୁରୀ ବହୁ ଲୋକ ଏବଂ ଅପ୍ରତ୍ୟାଶିତ ଦର୍ଶନ କରୁଅଛି ।

ଜ ୨୮ ଣ ପୋଲିସ ସବିନିଷ୍ଟ୍ରେଟ ବିଚାରରେ ଆଜ୍ଞା- ପାଳନ ନିମନ୍ତେ ଭଲ କାମ ସବଇନସ୍ପେକ୍ଟରଙ୍କ ପଦରୁ ଇସ୍ତଫା ଦେଇଥିଲେ; ମାତ୍ର ପୁନର୍ବାର ସେମାନଙ୍କ ସବଇନ- ସ୍ପେକ୍ଟରି ପଦରୁ ସେ ତ୍ୟାଗ କରି ଦେଇ ଅଛନ୍ତି । ଏହା ଅତ୍ୟନ୍ତ ଦୁଃଖର ବିଷୟ ।

ଏଠା ଜିଲ୍ଲା ସ୍କୁଲର ହେଡ଼ ମାଷ୍ଟର ଶ୍ରୀଯୁକ୍ତ ଅବିନାଶଚନ୍ଦ୍ର ସେନ ମହାଶୟ ବହୁଦିନ ଲାଗି ଛୁଟିରେ ଯାଇଥିଲେ ତାଙ୍କ ସ୍ଥାନରେ ଜିଲ୍ଲା ସ୍କୁଲର ୨ୟ ଶିକ୍ଷକ ମହାଶୟ ହେଡ଼ ମାଷ୍ଟର କାର୍ଯ୍ୟ କରୁଥିଲେ; ମାତ୍ର ଶ୍ରୀଯୁକ୍ତ ବାବୁ ରଘୁନାଥ ବନ୍ଦୋପାଧ୍ୟାୟ ଜଗନ୍ନାଥ ତା ୨୬ ରେ ସ୍କୁଲ ସ୍କୁଲ କାର୍ଯ୍ୟ ନିର୍ବାହ କରୁଅଛନ୍ତି । ଲୋକଙ୍କୁ ଏ ମହାଶୟ ଅତ୍ୟନ୍ତ କର୍ତ୍ତବ୍ୟ ରାଜି ପୁଣି ମଙ୍ଗଳ କରନ୍ତେ ।

ଅଳ୍ପକାଳ ମୋଫସଲ ଓ ସହର ପ୍ରଜାମାନଙ୍କରେ ଭୂତଳ ପ୍ରାବୃଷ୍ଟିକ ରୋଗ ସ୍ୱରରେ ବଢ଼ିଅଛି । ଧନ୍ୟ ଭୂଇଁ ! ଧନ୍ୟ ଭୁବନ ବଂଶର ସଙ୍କଟ ଜନକ ମର୍ମ୍ମ !

ଅବସର ପ୍ରାପ୍ତ ମାଜିଷ୍ଟ୍ରେଟ ମିଃ ଲୁକର ସାହେବ ମହୋଦୟଙ୍କର ମୋଫସଲ ଭ୍ରମଣ ଶେଷ ହୋଇ ନାହିଁ ।

ରେଳ ରାସ୍ତାଠାରୁ ପୁରୀ ନଗରରେ ପ୍ରତ୍ୟହ ଗାଡ଼ି ଚଳୁଅଛି । ଯାତ୍ରୀଗଣ ପ୍ରଥମ ଯାତାୟାତ କରିବାରୁ ମହାପ୍ରସାଦ ସୁଲଭ ଦରରେ ଦୁର୍ଲଭ ହୋଇଅଛି ।

ମିଉନିସିପାଲିଟୀ ନୂତନ ଅନ୍ୟୟନେଣ୍ଟ ଭାଗରୁ ଯୁକ୍ତ ହୋଇ ପ୍ରସ୍ତୁତ ହେବାରୁ ଗତ ତା ୧୪ ରଖ ଭର୍ତ୍ତି ପାଇଁ ପୂର୍ବ ଅନେକ ପରିବା ଦରଖାସ୍ତ ମିଉନିସି- ପାଲଟୀରେ ଦାଖଲ ହୋଇଅଛି ।

ଏଠାରେ ଶୀତ ପଡ଼ୁଅଛି । ଅସୁସ୍ଥ ଲୋକ ଭଲ ଅଛନ୍ତି ।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଖାଣ୍ଡୁଆଳ ସାହୁ | କଟକ | ୫୧ |
| " ଲକ୍ଷ୍ମୀଧର ସାହୁ | ଅଠମଲ୍ଲିକ | ୫୩ |
| " ଭବାନୀ ପଟ୍ଟନାୟକ | ପାରଳାଖେମୁଣ୍ଡି | ୫୩ |
| " ଶ୍ରୀକୃଷ୍ଣ ଦାସ | ଗୋପିନାଥପୁର ପୁର | ୫୧ |
| " ସୁନ୍ଦରମଣି ଗୁପ୍ତ | କଂଜଣର | ୫୧୦ |
| ମୁନସି ସେଖ ନିମାଇ ମହମ୍ମଦ | ଭୁବନୁଲ୍ଲା | ୫୨ |
| ଶ୍ରୀ ବାବୁ ରାଧାଶ୍ୟାମ ଦାସ | କୃଷ୍ଣପାଟ | ୫୦ |
| " କର୍ମଚାରୀ ଦାଶ | ନିମ୍ବଳି | ୫୩ |
| ମୁନସି ମହମ୍ମଦ ଖାଁ ହେଡ଼ କ୍ଲର୍କ | ଗୋପାଳପୁର | ୫୩ |
| ଶ୍ରୀ ବାବୁ ରାମଚନ୍ଦ୍ର ମିଶ୍ର ଶିକ୍ଷକ | ଖଲ୍ଲିକୋଟଠାକୁରପୁର | ୫୧ |
| " ଦାମୋଦର ମହାନ୍ତି | ଅନୁଗୁଳ | ୫୩ |
| " ନୀଳକଣ୍ଠ ଦାସ | କେନ୍ଦୁଝର | ୫୨ |

## ବିଜ୍ଞାପନ ।

# ନୋଟିସ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଅତ୍ର ଲୋକେଲବୋର୍ଡ ଅଧୀନ ସମସ୍ତ ଫାଣ୍ଡି ଘାଟମାନ ଚଳିତ ସନ ଅପ୍ରେଲ ମାସଠାରୁ ଛଅ ବର୍ଷ ସକାଶ ପ୍ରକାଶ୍ୟ ଡାକ ନିଲାମରେ ଇଜାରା ଦିଆଯିବ । ଯେଉଁମାନେ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ଚଳିତ ସନ ଆଗାମୀ ଫିବ୍ରୁଆରୀ ମାସ ତା ୧୫ ରଖ । ମୁଃ ଫାଲ୍‌ଗୁନ ମାସ ତା ୮ ନ ରୋଜ ମଙ୍ଗଳବାର ଦିବା ୧୧ ଘଣ୍ଟା ସମୟରେ ଅତ୍ର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ନିଲାମ ଡାକ ପାରିବେ, ନିଲାମ ଶେଷ ପରେ ନିଲାମୀ ଜରସମନର ଏକ ଚୌଥି ଟଙ୍କା ଓ ପହିଲ କିସ୍ତିର ଟଙ୍କା ତତ୍କ୍ଷଣାତ୍ ଦାଖଲ କରିବେ । ତତ୍କ୍ଷଣାତ୍ ଦାଖଲ କରି ନ ପାରିଲେ ନିଲାମ ଅଇନର ସର୍ତ୍ତ ଅନୁସାରେ ପୁନଃ ନିଲାମର କ୍ଷତିପୂରଣ ଦେବାକୁ ବାଧ୍ୟ ହେବ । ନିଲାମ ସମ୍ବନ୍ଧେ ଅନ୍ୟ କିଛି ଜାଣିବାର ଆବଶ୍ୟକ ହେଲେ ଅତ୍ର ଲୋକେଲ- ବୋର୍ଡ ଅଫିସରେ ଉପସ୍ଥିତ ହୋଇ ବୁଝି ପାରିବେ । ଇତି । ତା ୧୬।୧।୧୯୦୧

### ଫେରିଘାଟ ।

| | |
|---|---|
| ୧ ଅଙ୍ଗେଶ୍ୱର | ୨ ବାଲିପଡ଼ାଲ |
| ୩ ବଡ଼ ଗୋବିନ୍ଦପୁର | ୪ ଦକ୍ଷିଣପୁର |
| ୫ ଅହଲ୍ୟାସ | ୬ ବରୁଣୀ |
| ୭ ବଳରାମପୁର | ୮ ବାଲିଚନ୍ଦ୍ରପୁର |
| ୯ ବୈଶ | ୧୦ ଚଉଘାଟ |
| ୧୧ ଧର୍ମଶାଳା | ୧୨ ଯଜେଣର |
| ୧୩ ବାଗବାଡ଼ | ୧୪ ଜୈତପୁର |

Digitized by srujanika@gmail.com

Split by PDF Splitter



| | |
|---|---|
| ୧୫ ଜଜରପୁର | ୧୬ ଝାଇପଡ଼ା |
| ୧୭ ଖଣ୍ଡିତର | ୧୮ କୁଲୁଡ଼ାଖାଲି |
| ୧୯ ମଲିପୁର | ୨୦ ହିଦାପୁର |
| ୨୧ ସୁକିନ୍ଦା | ୨୨ ଚାଷିକୋଟ |
| ୨୩ କୁହ୍ରିଆ | ୨୪ ବଡ଼ଚଣା |
| ୨୫ ଦର୍ପଣୀଗଡ଼ | |

Jajpur Local Boad's office, 15—1—1901. } *Vice Chairman.*

# ଉତ୍କଳସାହିତ୍ୟ ପ୍ରେସ ।

## ନୂତନ ସ୍ଥାପିତ ହୋଇଅଛି ।

ଏଠାରେ ଓଡ଼ିଆ ଓ ଇଂରାଜୀରେ ସକଳ ପ୍ରକାର ଛାପାକାର୍ଯ୍ୟ ନିୟମିତରୂପେ ଓ ଉଚିତ ମୂଲ୍ୟରେ ନିର୍ବାହିତ ହେବାର ବନ୍ଦୋବସ୍ତ ହୋଇଅଛି ।

# ଉତ୍କଳ ସାହିତ୍ୟ ।

ମାସିକ ପତ୍ର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨୧

ଦରିଦ୍ର ଛାତ୍ରମାନଙ୍କ ନିମିତ୍ତ ଟ ୧।

ଚତୁର୍ଥବର୍ଷ ଚାଲୁଅଛି । ନୂତନ ଗ୍ରାହକମାନଙ୍କୁ ବର୍ଷାରମ୍ଭରୁ ସମସ୍ତ ସଂଖ୍ୟାମାନ ଦିଆଯାଇ ପାରିବ ।

ବାଲୁବଜାର କଟକ } ଶ୍ରୀ ବିଶ୍ୱନାଥକର
୧୬।୧।୧୯୦୧ } ଉତ୍କଳସାହିତ୍ୟ ସମ୍ପାଦକ

## NOTICE.

Tenders are invited for the excavation and improvement of the tanks at Jemadaipur, Turang and in the compound of the Deputy Commissoner's residence at Angul worth Rs. 3,175 in all, Rs. 300 this year and Rs. 300 this year respectively. The tanks are all in the same station.

Copies of specification will be supplied on application at this office or may be seen from the Local Fund Sub-Overseer at Angul.

Tenders must be inclosed in a sealed envelope endorsed "Tenders for tanks" and delivered at this office on or before the 31st January 1901.

The undersigned does not bind himself to accept the lowest or any tender.

Office at Dhenanal
10—1—1901.
} Gopal Chandra Das
*H. C. & Accountant.*
*for District Engineer*
ANGUL.

# FOR SALE,

A house situated in Theenconia Bagicha consisting of 8 rooms walls kacha pucca thatched roof with out houses and garden attached. For particulars apply to the Editor of Utkal Dipika.

ଏ ନଗର ତିନିକୋଣିଆ ବଗିଚାରେ ଗୋଟିଏ ଛପର କୋଠି ବିକ୍ରୟ ହେବାର ଅଛି । ତହିଁରେ ଆଠ କୋଠରି ଅଛି । କାନ୍ଥ ଇଟାର କଚ୍ଚା ଗାନ୍ଥିଣି । ତହିଁ ସଂଲଗ୍ନରେ ବାହାର ଘର ଓ ବଗିଚା ଅଛି । ବିସ୍ତାରିତ ବିବରଣ ଜାଣିବା ପାଇଁ ଉତ୍କଳ ଦୀପିକାର ସମ୍ପାଦକଙ୍କୁ ଆବେଦନ କର ।

## ଚିକିତ୍ସା ଜଗତର ସେହି ଉଜ୍ଜ୍ୱଳ ରତ୍ନ ! ! ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଡ୍ୟାନ୍ ଜିନ୍ ! ! !

ଅନେକଙ୍କର ବିଶ୍ୱାସ ଥିଲା ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ ହେଲେ ତାହିଁରେ ତାହା ଦୂରୀଭୂତ ହୁଏ ନାହିଁ କିନ୍ତୁ ଡ୍ୟାନ ଜିନ୍ ପ୍ରାୟ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୂର କରୁଅଛି ଅତ ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାନ ଜିନ୍ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାରାର ଘା, ଗରମିର ଘା, ବାଘିର, ଉପଦଂଶ, ବାଘୀ, ନାଲିଘା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ଦାନ୍ତ ଓ ଗୋଡ଼ିର ଚମଗଡ଼ିବା, ହସ୍ତପଦ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ମୁଣ୍ଡଧରା, ମୁଣ୍ଡବୁଲାଇବା, ମସ୍ତିଷ୍କ ଜ୍ୱାଳାକରିବା, କୁଷ୍ଠ, ଖାଜୁ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ ଶୁକ୍ରାଦିର ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଆଧିକ୍ୟ, ରତିଶକ୍ତି କ୍ଷୀଣତା, ଇଚ୍ଛାବିରୁଦ୍ଧ ଶୁକ୍ରସ୍ଖଳନ, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

ସ୍ତ୍ରୀବ୍ୟାଧି । ଯଥା;—କଷ୍ଟରଜ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ କାଳେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାନ୍ ଜିନ୍ ବ୍ରହ୍ମାସ୍ତ୍ର ସ୍ୱରୂପ ।

ଡ୍ୟାନ୍ ଜିନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ଶରୀରରେ ନୂତନ ରକ୍ତ କଣିକା ସୃଷ୍ଟିକରି ସବଳ ଓ ପୁଷ୍ଟ କରେ ।

ଡ୍ୟାନ୍‌ଜିନ୍‌ସାଲସାପରି ରୋଗକୁ ଗୁପ୍ତ ରଖେ ନାହିଁ । ଡ୍ୟାନ୍ ଜିନ୍‌ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ ।

ଡ୍ୟାନ୍ ଜିନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରାଯାଏ । ୧ ବୋତଲ ଔଷଧ ଦି ୧୫ ଦିନ ବ୍ୟବହାର କରାଯାଏ ।

ମୂଲ୍ୟ ।

ପ୍ରତିବୋତଲ ଟ ୧।. ୬ ବୋତଲ ଟ ୭।.
୩ " ଟ ୪୧ ୧୨ " ଟ ୧୪୧

ପ୍ୟାକିଂ ୧ଠାରୁ ୩ବୋତଲ ଟ ୦।୰ ଅଣା, ୪ ଠାରୁ ୧୨ବୋତଲ ଟ ୦।୶ ଅଣା; ଡାକମାସୁଲ ସ୍ୱତନ୍ତ୍ର ଏକମାତ୍ର ଆବିଷ୍କାରକ ।

ଡାକ୍ତର ଜେ, ଟୀ, ମାର୍ଟିନ । ସୋଲ ଏଜେଣ୍ଟ—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଆର, ବି, ଜି, ଏଣ୍ଡ କୋଂ
୨୩୧ନମ୍ବର ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା

## ବିଜ୍ଞାପନ ।

ମହାତ୍ମା ବିଷ୍ଣୁପୁରୀଙ୍କ ଶ୍ରୀମଦ୍ଭାଗବତ ତୋଲାଗ୍ରନ୍ଥ

ଭକ୍ତିରତ୍ନାବଳୀ

ଅନ୍ୱୟ ୰ଶ୍ରୀଧରସ୍ୱାମୀଙ୍କ ଟୀକା ଏବଂ ୰ଶ୍ରୀମଦାସଙ୍କ ଉତ୍କଳ ପଦ୍ୟାନୁବାଦ ସହିତ ପ୍ରକାଶିତ ହୋଇ କଟକ ପ୍ରିଣ୍ଟିଂକୋମ୍ପାନୀ ଓ ଅରୁଣୋଦୟ ପ୍ରେସ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

୧୨ ଖଣ୍ଡ ଭାଗବତ କିଣିଲେ ଯାହା
ଏ ଗ୍ରନ୍ଥରୁ ଖଣ୍ଡିଏ କିଣିଲେ ତାହା
କାରଣ
ଭାଗବତର ସାରବିଧାନ ଏ ଗ୍ରନ୍ଥ କବମାନ
ପୁସ୍ତକ ଦେଖିଲେ ଜଣାଯିବ
ମୂଲ୍ୟ ଏକଟଙ୍କା ମାତ୍ର ।

ଆମ୍ଭମାନଙ୍କର ଦସ୍ତଖତ ମୋହର ଦେଖି ବହି କିଣିବାକୁ ହେବ । ବିନା ମୋହରରେ ବହି କେହି ଧରାଇ ଦେଲେ ପ୍ରତିଖଣ୍ଡ ପାଇଁ ପୁରସ୍କାର ଟ ୨ ( ଦୁଇ ) ଟଙ୍କା ମିଳିବ ।

୨୨।୧୨।୧୯୦୦ ଶ୍ରୀ ଗୋପାଳବଲ୍ଲଭଦାସ ।

Digitized by srujanika@gmail.com

**NEW YORK LIFE INSURNCE COMPANY.**

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*



## ବିଜ୍ଞାପନ ।

ନନ୍ମ୍ରାଇମେରୀ, ଅପରପ୍ରାଇମେରୀ, ଇଣ୍ଡିୟାନ୍ ସ୍କୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପୁସ୍ତକ ଯଥାସମ୍ଭବ ଶୀଘ୍ର ଭିପିରେ ପଠାଯାଏ । ନାନାପ୍ରକାର କାଗଜ, ପେନ୍ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।



## ନୃସିଂହପୁରାଣ ।

ଏ ଗ୍ରନ୍ଥ ପାଠକଲେ ପାଠକମାନେ ସାଂସାରିକ ଯାବତୀୟ କର୍ତ୍ତବ୍ୟ କାର୍ଯ୍ୟ ଉତ୍ତମରୂପେ ବୁଝି ପାରିବେ ବିଷୟ ଗୁଡ଼ିକ ସ୍ମରଣ ରଖି ତଦନୁଯାୟୀ ଚଳିଲେ ମୋକ୍ଷମାର୍ଗକୁ ଅତିକ୍ରମ କରି ପରମପଦ ଲଭି ପାରିବେ । ସମସ୍ତ ପୁରାଣର ସାର ବିଷୟମାନ ସରଳଭାଷାରେ ସୁସଙ୍ଗତରୂପେ ଏଥିରେ ସନ୍ନିବେଶିତ ହୋଇଅଛି । ଏହା ଗୃହସ୍ଥମାନଙ୍କର ଗୃହର ରତ୍ନସ୍ୱରୂପ ଅଟେ । ଅତଏବ ସୁଧୀମାନଙ୍କର ଏଥିରୁ ଖଣ୍ଡିଏ କ୍ରୟ କରି ପଢ଼ିବା ଓ ପଢ଼ାଇ ଶୁଣିବା ଉଚିତ । ଏହା ୭ ଖଣ୍ଡରେ ବିଭକ୍ତ । ପ୍ରତ୍ୟେକ ଖଣ୍ଡର ନାମ ଗ୍ରନ୍ଥକାର ଇହାଙ୍କର ନାମରେ ଉଲ୍ଲେଖ କରିଅଛନ୍ତି । ଏଥିର ୧ ମ ଇହାଙ୍କର ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ମୂଲ୍ୟ ଖ ୧ ଖଣ୍ଡ ଟ ।୰ ଡାକମାଶୁଲ ୵୦ ୧୬






## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧକ ଅଟେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:—
ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା,
ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା,
ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା,
ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ଏସେନ୍ସ ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଯୁଇମେଲୀ; ମଲ୍ଲୀ; ହାସ୍ନାହାନା; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ; ହ୍ୱାଇଟ ରୋଜ; ରସନ୍ ରୋଜ; ହେଲିଓଟ୍ରୋପ; ଭୂମିଚମ୍ପା; ମିଲଫ୍ଲୁର; ହେନାବ୍ଲୁସମ; ପାଉଡ଼ାରବ୍ଲୁସମ; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା; ଶୁଭ୍ର ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଅଳ୍ପ ମିଶାଇ ଦେଲେ ଗୁଣ୍ଡି ମହକିବ । ମୂଲ୍ୟ ପ୍ରତି ଶିଶି ଆଠଅଣା

### ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ପକ୍ଷରେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲିମନ ସିରପ ବାରଅଣା । ଜିଞ୍ଜର ସିରପ ବାରଅଣା । ଅରେଞ୍ଜ ସିରପ ବାରଅଣା । ପେନ ସିରପ ଏକଟଙ୍କା । ଗୋଲାପ ସିରପ ଏକଟଙ୍କା

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ଚିଠି ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗୀ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୵୦ ୰ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେବେ ଯୁକ୍ତ ହେଲେ ତହିଁର ଖର୍ଚ୍ଚ ଟ ୦ ୰ ଚାରି ଅଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।


ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ଗ୍ରାମ କଟକ ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୪୪ ଶ ଭାଗ
୪ ର୍ଥ ସଂଖ୍ୟା

[illegible] ସମ୍ବାଦ ୧୯୦୯ ସାଲ ଶନିବାର

ଅଗ୍ରୀମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧

ORISSA ART WARES.



The automatic OTTORDAN with GOLABPAS and PANDAN combined is a patent. The plate is meant for pan the roses are receptacles of OTTER and the peacock throws out the rose water automatically when a button is pressed. The roses and the peacock have gold stars. The plate and the roses can be removed and the plate can be used for other purposes.

Price Rs. 140

Apply to Manager Orissa Art Wares Mission Road Cuttack.

" ଓଡ଼ିଶା ଶିଳ୍ପାଗାର "

ଇଉରୋପୀୟ ଟଙ୍କରେ ପାନଦାନ, ଅତରଦାନ ଓ ଗୋଲାପପାସ ଏକାଧାରରେ ଗଢ଼ାଯାଇଅଛି, ଏଗୋଟିଏ ଚମତ୍କାର ସକଳ ଶ୍ରେଷ୍ଠ ପଦାର୍ଥ ଅଟେ । ଏହାର ଥାଳିଟି ପାନଦାନ, ଗୋଲାପ ଫୁଲମାନ, ଅତରର ଆଧାର ଓ ସର୍ବୋପରି ଗୋଟିଏ ସୁନ୍ଦର ମୟୂର ବସିଅଛି ଯେ ତାହା ତଳେ ଏକ ସ୍ପ୍ରିଙ୍ଗରେ ଲାଗିଥିବା ଚିହ୍ନ କି ଟିପିଲେ ମୟୂର ମୁଖରୁ ଗୋଲାପଜଳ ନିଃସୃତ ହୁଏ, ମୟୂର ପୃଷ୍ଠରେ ଓ ଗୋଲାପ ଫୁଲ ପାଖୁଡ଼ାମାନଙ୍କରେ ସୁନାର ତାରାମାନ ଲଗା ହୋଇଅଛି । ଇଚ୍ଛାମତେ ଥାଳି ଓ ଅତରଦାନ ସବୁ ଅଲଗା କରିଯାଇ ପାରେ ଏବଂ ଥାଳର ଅନ୍ୟ ବ୍ୟବହାର ହୋଇ ପାରେ ।

ମୂଲ୍ୟ ଟ ୧୪୦ ଙ୍କା

ଗ୍ରାହକମାନେ ଓଡ଼ିଶା ଶିଳ୍ପାଗାର ମାନେଜର । ମି । ଟେଲର ମେୟର କଟକଙ୍କ ନିକଟରେ ତତ୍ତ୍ୱ କଲେ ପାଇ ପାରିବେ ।

## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଶକାବ୍ଦା ୧୮୩୦ ସନ୍ ୧୩୦୮ ଓ ୧୩୦୯ ଇଂରାଜୀ ସନ ୧୯୦୮ ଓ ୧୯୦୯ ପଞ୍ଜିକା କଟକ ଶ୍ରୀ ଶଙ୍କର ମହାନ୍ତିଙ୍କ ଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
|---|---|
| ବଡ଼ | ଟ ୦। |
| ଛୋଟ | ଟ ୦୧୬ |

ମୋଫସଲ ଲୋକଙ୍କୁ ଡାକମାଶୁଲ ଟ ୦/ ଯେଉଁମାନଙ୍କର ରେଲ କମ୍ପା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଘୋଷଣା ପ୍ରଚାର କରିଅଛନ୍ତି କି ଅଦ୍ୟ ଉକ୍ତ ସ୍ୱର୍ଗୀୟ ମହାମାନ୍ୟବତୀ ମହାରାଜ୍ଞୀ [illegible] ଭିକ୍ଟୋରିଆ ଦେବୀଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମାଧା ହେବ । ମହାମାନ୍ୟ ମହୋଦୟ ଆଦେଶ ଦେଇଅଛନ୍ତି କି ଭାରତବର୍ଷସ୍ଥ ସମସ୍ତ ସରକାରୀ କଚେରୀ ଏହି ଶୋକ ସମୟରେ ଅଦ୍ୟ ବନ୍ଦ ହେବ ଏବଂ ସେ ଅନୁରୋଧ କରିଅଛନ୍ତି କି ଏହି ଉପଲକ୍ଷରେ ଏ ଦେଶ ରାଜେଶ୍ୱରୀ ମହୋଦୟାଙ୍କର ସମସ୍ତ ପ୍ରଜା ଯେତେଦୂର ସମ୍ଭବ ବ୍ୟବସାୟ ଆଦି କାର୍ଯ୍ୟରୁ ଶାନ୍ତ ହେବେ ।

Split by PDF Splitter
Digitized by srujanika@gmail.com

ମଧ୍ୟାହ୍ନକାଳରେ କଲିକତାର ସେଣ୍ଟପାଲ ଗିର୍ଜାରେ ସ୍ମରଣାର୍ଥ ଉପାସନା ହେବ । ମହାମାନ୍ୟ ଗବର୍ଣ୍ଣରଜେନେରଲ, ବଙ୍ଗଳାର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର, ଭାରତର ସୈନ୍ୟାଧ୍ୟକ୍ଷ, ହାଇକୋର୍ଟର ପ୍ରଧାନ ବିଚାରପତି, ବଡଲାଟଙ୍କର ସଭାର ସଭ୍ୟବୃନ୍ଦ ଏବଂ ହାଇକୋର୍ଟର ବିଚାରପତିମାନେ ସେଠାରେ ଉପସ୍ଥିତ ହେବେ ।

କଲିକତାର କେଲ୍ଲା ଏବଂ ଭାରତର ସମସ୍ତ ପ୍ରଧାନ ସୈନ୍ୟନିବାସ ଓ ସ୍ଥାନରେ ସ୍ୱର୍ଗୀୟା ମହୋଦୟାଙ୍କର ବୟଃକ୍ରମ ଅନୁସାରେ ଗୋ ୮୧ ଟା ତୋପଧ୍ୱନି ହେବ ଯେ ଶେଷ ତୋପର ଧ୍ୱନି ଠିକ ସୂର୍ଯ୍ୟାସ୍ତ ବେଳେ ହେବ ଏବଂ ସେହି ସମୟରେ ପତାକା ଓହ୍ଲାଇ ଦିଆଯିବ ।

---

ଭାରତନକ୍ଷତ୍ର ଓ ଭାରତସାମ୍ରାଜ୍ୟ ଉପାଧିମାନ ବିତରଣ ନିମନ୍ତେ ଆସନ୍ତା ଫେବୃୟାରିମାସ ତା ୨୨ ରିଖରେ ବଡଲାଟଙ୍କର କଲିକତାସ୍ଥ ରାଜପ୍ରାସାଦରେ ଅତି ସମାରୋହ ସହିତ ଗୋଟିଏ ଦରବାର ହେବାର ଘୋଷଣା ଦିଆ ଯାଇଥିଲା । ମାତ୍ର ରାଜରାଜେଶ୍ୱରୀଙ୍କର ଦୁଃଖୋଦକ ମୃତ୍ୟୁ ହେତୁ ସେହି ଦରବାର ବନ୍ଦ ହେବାର ସରକାରଙ୍କ ବିଜ୍ଞାପନ ବାହାରିଅଛି । ଆସନ୍ତା ଜାନୁୟାରିମାସ ତା ୨୪ ରିଖପର୍ଯ୍ୟନ୍ତ କୌଣସି ସରକାରୀ ଉତ୍ସବ ହେବ ନାହିଁ କାରଣ ଏବର୍ଷ ଶୋକ ପାଳନାର ସ୍ଥିର ହୋଇ ଅଛି ।

---

ଖଡ୍ଗପୁରର ନିକଟବର୍ତ୍ତୀ ଭୂମିଖଣ୍ଡ ଏବଂ ବଙ୍ଗଳା ନାଗପୁର ରେଲୱେକୁ ବନ୍ୟା ଜଳର ପ୍ରବଳ ବଢ଼ିରୁ ରକ୍ଷା କରିବା କାରଣ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଟ ୩,୩୭୯ ୯ ଙ୍କା ମଞ୍ଜୁର କରିଅଛନ୍ତି । ସନ ୧୮୯୮ ସାଲର ବଢ଼ିକାଳ ଯେତେ ଦୂର ଉଠିଥିଲା ତହିଁରୁ ଅଧିକ ପାଞ୍ଚ ଫୁଟ ଉଚ୍ଚ ବନ୍ଧ ନିର୍ମାଣ ହେବ ଏବଂ ସେ ଉଚ୍ଚ ବନ୍ଧ ଉପରେ ଓଡ଼ିଶା ଟ୍ରଙ୍କ ରୋଡ ବା ପ୍ରଧାନ ସଡ଼କ ଚାଲିଆସିବ । ଏଥିର ଅର୍ଦ୍ଧ ଖରଚ ବଙ୍ଗଳା ନାଗପୁର ରେଲୱେ କମ୍ପାନୀ ଏବଂ ବାକି ଅର୍ଦ୍ଧେ ସରକାର ଦେବେ ।

---

ଭାରତବର୍ଷରେ ଟେଲିଗ୍ରାଫ ବା ତାରସମ୍ବାଦ କାର୍ଯ୍ୟ ଅତ୍ୟନ୍ତ ବୃଦ୍ଧି ହେବାରୁ ଅଧିକା ତ ୪୦୦ ଶ ସିଗନାଲର ( ବାର୍ତ୍ତାଗ୍ରାହକ ) ନିଯୁକ୍ତ ହେବାର ବନ୍ଦୋବସ୍ତ ଲାଗିଅଛି । ଏଣେ ଟେଲିଗ୍ରାଫ୍ ବିଭାଗର ଦେଶୀୟ ସିଗନାଲରମାନେ ବଡଲାଟ ବାହାଦୁରଙ୍କ ନିକଟରେ ଆବେଦନ କରିଅଛନ୍ତି ଯେ ସେମାନେ ଇଉରୋପୀୟ ଓ ଇଉରେସୀୟ ସିଗନାଲରଙ୍କଠାରୁ ଯୋଗ୍ୟତାରେ ଊଣା ଅଥବା ସାମ୍ରାଜ୍ୟର ଦୂରବର୍ତ୍ତୀ ସ୍ଥାନକୁ ଯିବାକୁ ଅସମ୍ମତ ହେବାର ପ୍ରମାଣ ନ ଥିଲେହେଁ ସେମାନଙ୍କୁ ସ୍ଥାନୀୟ ଶ୍ରେଣୀରୁ ସାଧାରଣ ଶ୍ରେଣୀକୁ ପଦ ବୃଦ୍ଧି ଦିଆ ଯାଉ ନାହିଁ । ଭରସା କରୁଁ ମହାମାନ୍ୟ ମହୋଦୟ ଏଥିର ପ୍ରତିକାର କରିବେ ।

---

କଲିକତା ପଟଲଡାଙ୍ଗାର ବିଖ୍ୟାତ ମଲ୍ଲିକ ବଂଶର ବାବୁ ସତୀଶଚନ୍ଦ୍ର ବସୁ ମଲ୍ଲିକ ନିଜର ପୁତ୍ର ଜ୍ୟୋତିଷଚନ୍ଦ୍ର ମଲ୍ଲିକ ଅକାଳେ କାଳଗ୍ରସ୍ତ ହେବାରୁ " ଜ୍ୟୋତିଷଚନ୍ଦ୍ର ବସୁ ମଲ୍ଲିକ ଦାତବ୍ୟ ପାଣ୍ଠି " ନାମରେ ଗୋଟିଏ ପାଣ୍ଠି ସ୍ଥାପନ କରିଅଛନ୍ତି । ସେ ଆସନ୍ତା ଫେବୃୟାରି ମାସ ଆରମ୍ଭରୁ ପ୍ରତିମାସ ଟ ୩୦୦ ୯ ଙ୍କା ଲେଖାଏଁ ସେହି ପାଣ୍ଠିରେ ଜମା ଦେବେ ଏବଂ ତହିଁର ଅର୍ଦ୍ଧେ ଦରିଦ୍ର ଛାତ୍ରମାନଙ୍କ ପଢ଼ିବାର ସାହାଯ୍ୟ ଏବଂ ବାକି ଅର୍ଦ୍ଧେ ଦରିଦ୍ର ବିଧବା ଅନାଥ ଏବଂ ଅକ୍ଷମ ବ୍ୟକ୍ତିଙ୍କ ସାହାଯ୍ୟରେ ବିତରିତ ହେବ । ଦରିଦ୍ର ଛାତ୍ରମାନେ ପାଠ୍ୟପୁସ୍ତକ ଖରଚ, ପରୀକ୍ଷା ଫିସ ଅଥବା ସ୍କୁଲଫିସ ଓ ଖୋରାକି ନିମନ୍ତେ ମାସିକ ଖରଚ ପାଇବେ ଏବଂ ବିଧବା ପ୍ରଭୃତିଙ୍କୁ ପ୍ରୟୋଜନମତେ ଏକକାଳୀନ ବା ମାସିକ ଦାନ ଦିଆଯିବ । ସାହାଯ୍ୟପ୍ରାର୍ଥୀମାନେ ସହର କଲିକତା କାଷ୍ଟେଲ ମେଥର ଲେନ ନ ୪୧ ମ୍ବର ଭବନରେ ବାବୁ ସତୀଶଚନ୍ଦ୍ର ବସୁ ମଲ୍ଲିକ ଅଥବା କର୍ଣ୍ଣୱାଲିସ ଷ୍ଟ୍ରିଟ ନ ୧୬୧ ମ୍ବର ଭବନରେ ବାବୁ ଶୈଳେନ୍ଦ୍ରନାଥ ଦତ୍ତଙ୍କ ନିକଟକୁ ଉପଯୁକ୍ତ ସାର୍ଟିଫିକେଟ ସହିତ ଆବେଦନପତ୍ର ପଠାଇବେ । ଏ କାର୍ଯ୍ୟ ବହୁକାଳ ସନ୍ତୋଷଜନକରୂପେ ଚାଲିବାର ଦେଖା ଗଲେ ତହିଁର ଚିରସ୍ଥାୟୀ ବନ୍ଦୋବସ୍ତ ହେବ । ଏ ଗୋଟିଏ ପ୍ରଶଂସନୀୟ ଦାନ ଅଟେ ।

---

ଜୟପୁର ରାଜାଙ୍କ ଦେୱାନ ରାୟବାହାଦୁର କାନ୍ତିଚନ୍ଦ୍ର ମୁଖୋପାଧ୍ୟାୟଙ୍କର ମୃତ୍ୟୁସମ୍ବାଦ ଜଣାଇଅଛୁଁ । ପାଇୟୋନିୟର ନାମକ ଇଂରାଜୀ ସମ୍ବାଦପତ୍ରରେ ପାଠ କଲୁଁ ଯେ ରାୟବାହାଦୁର ଦୁର୍ଭିକ୍ଷ କମିଶନ ସଙ୍ଗେ ଭ୍ରମଣରେ ବହିର୍ଗତ ହେବା ପୂର୍ବେ କଲିକତାର କାଳୀମନ୍ଦିରକୁ ଦର୍ଶନାର୍ଥେ ଆସି ତାହାଙ୍କର ବୃଦ୍ଧା ମାତା ଓ ପରିବାରଙ୍କୁ ଡାକବଙ୍ଗ ଠାରେ ରଖିଗଲେ । ତାହାଙ୍କର ପଣ୍ଡାକୁ କହିଲେ ଯେ ବୃଦ୍ଧାବସ୍ଥା ହେତୁ ତାହାଙ୍କର ଶରୀର ଏମନ୍ତ ଦୁର୍ବଳ ହୋଇଅଛି ଯେ କମିଶନ ସଙ୍ଗରେ ଏତେ ଦୂର ବୁଲିବାର କଷ୍ଟ ସହି ପାରିବେ କି ନା ସନ୍ଦେହ ମାତ୍ର ତାହାଙ୍କ ମତରେ ଯୁବାକାଳର ତେଜ ହ୍ରାସ ହୋଇ ନାହିଁ ଏବଂ ଯେଉଁ ରାଜକାର୍ଯ୍ୟରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ତାହାଙ୍କୁ ନିଯୁକ୍ତ କରିଅଛନ୍ତି ତାହା ସମ୍ପାଦନ ଲାଗି କାରଣ ଜୀବନ ଦାନ କରିବାକୁ କାତର ନୁହନ୍ତି ଯେବେ ସେ କାର୍ଯ୍ୟ କରୁ କରୁ ପ୍ରାଣ ଯିବ ତେବେ ସେ ଆପଣା କର୍ତ୍ତବ୍ୟ ସାଧନରେ ପ୍ରାଣ ହରାଇଲେ ବୋଲି ଗୌରବ ମଣିବେ । କାଳୀଘାଟର ପଣ୍ଡା ଏ କଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରେ ବଡ଼ଲାଟ ବାହାଦୁର ସ୍ୱର୍ଗୀୟ ରାୟ ବାହାଦୁରଙ୍କର ଦୁଃଖିତା ମାତାଙ୍କ ନିକଟକୁ ସହାନୁଭୂତି ଓ ସାନ୍ତ୍ୱନାପତ୍ର ଲେଖିଅଛନ୍ତି ଏବଂ ଆଶା କରୁଅଛୁ ଯେ ଜୟପୁରର ମହାରାଜା ତାହାଙ୍କର ପରିବାରବର୍ଗଙ୍କୁ ପାସୋରିବେ ନାହିଁ । ସ୍ୱର୍ଗୀୟ ରାୟବାହାଦୁର କେମନ୍ତ କର୍ତ୍ତବ୍ୟପରାୟଣ ଥିଲେ ତାହାଙ୍କର ଉପରଲିଖିତ କଥାରୁ ଜଣା ଯାଉଅଛି । ତେବେ ଉଚ୍ଚାଦର୍ଶର ଲୋକ ନ ଥିଲେ କି ନାଗପୁରଠାରେ ତାହାଙ୍କର ଶବ ଶ୍ମଶାନକୁ ନେବା ସମୟରେ ଉତ୍ତର ପଶ୍ଚିମର ଲେଫ୍‌ଟେନାଣ୍ଟ-ମଧ୍ୟପ୍ରଦେଶର ଚିଫ କମିଶନର ସହିତ ଅନ୍ୟାନ୍ୟ ଉଚ୍ଚ କର୍ମଚାରୀମାନେ ଏବଂ ନାନାଶ୍ରେଣୀର ଦେଶୀୟ ଲୋକ ତାହାଙ୍କ ପଶ୍ଚାଦ୍‌ଗାମୀ ହୋଇ ଥାନ୍ତେ ?

---

## କଟକ ପ୍ରଦର୍ଶନୀ ।

ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ ଯେ ଭାରତେଶ୍ୱରୀଙ୍କର ପରଲୋକ ଗମନ ଶୋକ ପଡ଼ିଯିବାରୁ ପ୍ରଦର୍ଶନୀ ସଙ୍ଗେ ଯେ ସମସ୍ତ ଆମୋଦ ପ୍ରମୋଦର କଥା ଥିଲା ସେ ସମସ୍ତ ପରିତ୍ୟକ୍ତ ହୋଇ ପ୍ରଦର୍ଶନୀ ମାତ୍ର ରହିଥିଲା । ତାହା ନିରୂପିତ ସମୟରେ ଫିଟି ତହିଁ ଅରନ୍ଧନ ଶେଷ ହୋଇଥିଲା ଓ ଦର୍ଶକଙ୍କ ସଂଖ୍ୟା ଊଣା ନ ହେଲେହେଁ ଶୋକହେତୁ ସେମାନଙ୍କର ମନର ପ୍ରଫୁଲ୍ଲତା ତେମନ୍ତ ନ ଥିଲା । ପ୍ରଦର୍ଶିତ ଦ୍ରବ୍ୟର ସଂଖ୍ୟା ଗତବର୍ଷ ୭୦୦ ରୁ ଏବର୍ଷ ଉଣା ଅଧିକ ଅର୍ଥାତ ୮୬ ହୋଇଥିଲା । ତଥାପି ଗତବର୍ଷପରି ସ୍ପୃହଣୀୟ ପ୍ରାଦର୍ଶ ଦୃଷ୍ଟି ଜଣା ଯାଉ ନ ଥିଲା । କୃଷିକାର୍ଯ୍ୟର ଉପ-

ଯୋଗାଁ ସମ୍ବାଦ ପତ୍ର କଲିକତାରୁ ଆସି ନ ଥିଲା । ଫୁଲ, ଫଳ ପତ୍ରବା ଇତ୍ୟାଦି ଯଥେଷ୍ଟ ପରିମାଣରେ ଆସିଥିଲା । ମାତ୍ର ହାତତିଆରି ଶିଳ୍ପଦ୍ରବ୍ୟ ମଧ୍ୟରେ ଗତ ବର୍ଷ ପରି କପା, ଚଦର, ପାଟ ଇତ୍ୟାଦିର ଲୁଗାମାନ ଦେଖିଲୁଁ ନାହିଁ । ଓଁ ମୟୂରଭାହୁଙ୍କର ଶିଳ୍ପାଗାରର ସୁନା ରୂପା ଶିଙ୍ଗର ଦ୍ରବ୍ୟ ଏବଂ ମାନ୍ଦ୍ରାଜର ଏଲୁମିନିୟମ ବାସନ ଏ ବର୍ଷଗର ମର୍ଯ୍ୟାଦା ରକ୍ଷା କରିଥିଲା ଏବଂ ଅନେକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଟାଇଲ ପ୍ରଭୃତି ମାଟିର ଦ୍ରବ୍ୟରେ କିଛି ଉନ୍ନତି ଦେଖାଗଲା ଏବଂ ଭୁବନେଶ୍ୱରର ଜଣେ ପଥରମିସ୍ତ୍ରୀଦ୍ୱାରା ପଥରରେ ଖୋଳା ହୋଇଥିବା କୋଡ଼ିଏ ମୂର୍ତ୍ତି ଦେଶୀୟ ପଥର କାରିଗରର ଉତ୍ତମ ପରିଚୟ ଦେଉଥିଲା । ଆମ୍ଭେମାନେ ନିବେଦନ କରୁଁ କି ଅନ୍ତତଃ ମାସେ ମାସ ପୂର୍ବରୁ ପ୍ରଦର୍ଶନୀର ବିଜ୍ଞାପନ ଶୁଭଅଙ୍କେ ବିତରଣ ହେବା ଏବଂ ନାନା ଶ୍ରେଣୀର ଲୋକଙ୍କୁ ଦ୍ରବ୍ୟ ଆଣିବାର ଯଥୋଚିତ ଉତ୍ସାହ ଦିଆ ନ ଗଲେ ପ୍ରଦର୍ଶନୀର ମୂଳ ଉଦ୍ଦେଶ୍ୟ ସଫଳ ହେବ ନାହିଁ । ଯଥା ସମୟରେ ଯାହା କଲେ ଏହାଦ୍ୱାରା ଅନେକ ଉପକାର ହେବାର ଆଶା ଦେଖାଯାଉଅଛି । ଅଧିକା ମଧ୍ୟରେ ଏଥର ନଡ଼ୁଆ ବଳଦ ଏବଂ ହଳସ୍ଥଳକ ପ୍ରଦର୍ଶିତ ହୋଇଥିଲା । ଭେଟାଦାତା ଛଡ଼ା ଅନ୍ୟମାନଙ୍କ ପ୍ରବେଶ ନିମନ୍ତେ ଟ ୧ ଙ୍କା ଲେଖାଏ ଟିକଟ ଏବର୍ଷ ପ୍ରଥମ ହୋଇଥିଲା ମାତ୍ର ତହିଁରେ ୫ ଶହଙ୍କାରୁ ଅଧିକ ଆୟ ହୋଇ ନାହିଁ । ଭେଟା ଦ୍ୱାରା ପ୍ରାୟ ଟ ୧୬୦୦ଙ୍କା ଆଦାୟ ହୋଇଅଛି ଏବଂ ଆଉ କିଛି ଆଦାୟ ହେବାକୁ ଅଛି ଖରଚ ୭।୮ ଶତ ଟଙ୍କାରୁ ଅଧିକ ହେବ ନାହିଁ । ସୁତରାଂ ପ୍ରଦର୍ଶନୀ ଯଥୋଚିତ ସାଧାରଣ ଉତ୍ସାହ ପାଉଅଛି । ଏହା ଚିରସ୍ଥାୟୀ ହେବା ଉଚିତ ।

---

## ଶୋକ ସମାଚାର ।

ଇଂଲଣ୍ଡର ମହାରାଣୀ ଏବଂ ଭାରତର ରାଜ-ରାଜେଶ୍ୱରୀ ଭିକ୍ଟୋରିଆଙ୍କର ପରଲୋକ ଗମନ ବାର୍ତ୍ତା ଗତ ସପ୍ତାହରେ ପ୍ରକାଶ କରିଅଛୁଁ ଏବଂ ତହିଁରେ ସମସ୍ତ ଭାରତବାସୀ ପ୍ରକୃତରେ ମାତୃ ବିୟୋଗ ତୁଲ୍ୟ ଘୋର ଦୁଃଖ ଅନୁଭବ କରୁଅଛନ୍ତି ବୋଲି ଜଣାଇଅଛୁଁ । ଏ ସପ୍ତାହରେ ନାନାସ୍ଥାନର ଲୋକଙ୍କର ଦୁଃଖ ଓ ସହାନୁଭୂତି ଜ୍ଞାପକତାର ସମ୍ବାଦରେ ସମ୍ବାଦପତ୍ରମାନ ପୂର୍ଣ୍ଣ, ସେ ସବୁ ଭିତରୁ ସମ୍ବାଦ ନୂତନ ରାଜେଶ୍ୱର ଏବଂ ରାଜ ପରିବାର-ବର୍ଗଙ୍କୁ ଗୋଚର କରିବା କାରଣ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ନିକଟକୁ ପ୍ରେରିତ ହୋଇଅଛି ଏବଂ ଏ ବ୍ୟାପାର କିଛି ଦିନ ଲାଗିରହିବ । ସ୍ୱର୍ଗୀୟା ଇଂଲଣ୍ଡେଶ୍ୱରୀ ଏବଂ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ଭାରତବାସିଙ୍କର ପ୍ରଗାଢ଼ ରାଜଭକ୍ତି ଓ ପ୍ରେମ ଏହା ଚୂଡ଼ାନ୍ତ ପ୍ରମାଣ ଅଟେ । ଓଡ଼ିଶାରୁ କଟକ ଅବନରବର୍ସକ୍ଲବ ଓଡ଼ିଶା ଆସୋସିଏସନ ଏବଂ କଟକ ଯାଜପୁର ଅନସ୍ଥଳ ଓ ବାଲେଶ୍ୱର ବାସିମାନଙ୍କର ଏପରି ତାରସମ୍ବାଦ ପ୍ରେରିତ ହୋଇଥିବାର ଦେଖିଲୁଁ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଆଦେଶ ଦେଇଅଛନ୍ତି ଯେ ସମସ୍ତ ସରକାରୀ କର୍ମଚାରୀମାନେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ଶୋକ କରିବେ ଏବଂ ପ୍ରଜାବର୍ଗଙ୍କୁ ମଧ୍ୟ ଶୋକ କରିବା କାରଣ ଅନୁରୋଧ କରୁଅଛନ୍ତି । ବିଲାତରେ କଳାପୋଷାକ ପିନ୍ଧିବାଦ୍ୱାରା ଶୋକ ପ୍ରକାଶ କରନ୍ତି । ଭାରତରେ ନାନା ଜାତିର ନାନା ରୀତି । ତହିଁ ମଧ୍ୟରେ ମୁସଲମାନଙ୍କର ଶୋକ ସମୟରେ ହରିଦ୍ରବର୍ଣ୍ଣର ପୋଷାକ ପିନ୍ଧିବାର ରୀତି ଅଛି ମାତ୍ର ହିନ୍ଦୁମାନଙ୍କର ସେପରି କିଛି ନାହିଁ । କେହି୨ ଯୋତା ନ ପିନ୍ଧିବାର ଅଥବା ଗୃହ ବଢ଼ାଇବାର କିମ୍ବା ଦାଢ଼ିମୋଚ କ୍ଷୌର କରିବାର ବନ୍ଦ କରନ୍ତି । ଫଳତଃ ସେ ଯାହା ହେଉ ଲୋକେ ଆନ୍ତରିକ ଦୁଃଖିତ ଥିବାର ପରିଚୟ ଦେବାକୁ ତ୍ରୁଟି କରୁନାହାନ୍ତି । ଶ୍ରୀପଞ୍ଚମୀଦିନ ମେଡିକଲସ୍କୁଲ ଏବଂ ଟ୍ରେନିଂସ୍କୁଲର ଛାତ୍ରମାନେ ଗତବର୍ଷପରି ସରସ୍ୱତୀ ପ୍ରତିମାମାନଙ୍କର ପୂଜା କରିଥିଲେ । ମାତ୍ର ତହିଁ ସଙ୍ଗେ ନାଟ୍ୟାଭିନୟ ପ୍ରଭୃତି ଯେ ସମସ୍ତ ଆମୋଦର ପ୍ରସ୍ତାବ ହୋଇଥିଲା ସେ ସମସ୍ତ ବନ୍ଦ କରିଦେଲେ । ଏଠା ପ୍ରଦର୍ଶନୀସଙ୍ଗରେ କେତେପ୍ରକାର ଆମୋଦ ପ୍ରମୋଦର ବନ୍ଦୋବସ୍ତ ହୋଇଥିଲା ମାତ୍ର ସେ ସମସ୍ତ ପରିତ୍ୟକ୍ତ ହେଲା । ମୋଫସଲରେ କୋଠପଦା ମଦନ୍ତୁ ପ୍ରତିବର୍ଷ ଶ୍ରୀପଞ୍ଚମୀ ପୂଜା ବଡ଼ ସମାରୋହ ସହିତ କରନ୍ତି । ଗତ ପୂଜା ପୂର୍ବ ଦିନ ସନ୍ଧ୍ୟାବେଳେ ଶୋକ ସମ୍ବାଦ ସେଠାରେ ପ୍ରକାଶ ହେବାରୁ ପୂଜାଦିନ ନାଚ ଇତ୍ୟାଦି ସମସ୍ତ ଉତ୍ସବ ବନ୍ଦ ହେଲା ଓ ସକଳ ଲୋକ ହାହାକାର କରିବାର ଦେଖାଗଲା । ଅନ୍ୟାନ୍ୟ କେତେ ସ୍ଥାନର ହିନ୍ଦୁ ଓ ମୁସଲମାନମାନେ ବିବାହାଦି ଉତ୍ସବ ଉପଲକ୍ଷରେ ନାଚ ଓ ତାମସା କରିବାର ବନ୍ଦ କରିଅଛନ୍ତି । ଅତଏବ ସାଧାରଣ ପ୍ରଜାବର୍ଗ ଗବର୍ଣ୍ଣମେଣ୍ଟ ଅନୁରୋଧ ରକ୍ଷା କରିବାରେ ତ୍ରୁଟି କରୁ ନାହାନ୍ତି ବରଂ ତହିଁ ପୂର୍ବରୁ ଶୋକ ପ୍ରକାଶ କରିଅଛନ୍ତି ।

ମହାରାଣୀ ଭିକ୍ଟୋରିଆଙ୍କର ଦେହ ତ୍ୟାଗରେ ଭାରତବାସିଙ୍କର ଅଧିକ ଦୁଃଖ ହେବା ଉଚିତ କାରଣ ସେ ଇଂଲଣ୍ଡର ମହାରାଣୀ ମାତ୍ର ଭାରତର ପ୍ରଥମ ସାମ୍ରାଜ୍ଞୀ ହୋଇ ଭାରତେଶ୍ୱରୀ ଉପାଧି ଧାରଣ କରିଥିଲେ । ଏହା ତାହାଙ୍କର ଭାରତ ପ୍ରତି ପ୍ରଗାଢ଼ ପ୍ରେମର ପ୍ରମାଣ ଅଟେ । ସେ ବୁଝିଥିଲେ ଯେ ଭାରତ ସହାଯେ ଇଂଲଣ୍ଡର ମହତ୍ତ୍ୱ ବଢ଼ିଅଛି ଏବଂ ଭାରତ ଇଂଲଣ୍ଡର ରାଜମୁକୁଟର ଉଜ୍ଜ୍ୱଳତମ ରତ୍ନ ଅଟେ । ଭାରତବର୍ଷକୁ ସେ ଏତେ ସ୍ନେହ କରୁଥିଲେ ଯେ ପ୍ରୌଢ଼-ବୟସରେ ଜଣେ ଭାରତ ସନ୍ତାନଙ୍କୁ ମର୍ଯ୍ୟାଦା ସହିତ ଆପଣା ପାଖରେ ଶିକ୍ଷକ ସ୍ୱରୂପ ରଖି ହିନ୍ଦୋସ୍ଥାନୀ ଭାଷା ଓ ଉର୍ଦ୍ଦୁ ଲେଖାପଢ଼ା ଶିଖିଥିଲେ ଏବଂ ସ୍ୱହସ୍ତରେ ସେ ଭାଷାରେ ପତ୍ରାଦି ଲେଖୁଥିଲେ । ଦୁର୍ଭିକ୍ଷ ମହାମାରୀ ବନ୍ୟା ପ୍ରଭୃତି କୌଣସି ଦୈବୀ ବିପଦ ଭାରତରେ ଉପସ୍ଥିତ ହେଲେ ସମ୍ବାଦ ପାଇବା ମାତ୍ର ସହାନୁଭୂତି ପତ୍ର ପଠାଉଥିଲେ ଏବଂ ସାହାଯ୍ୟ ଦାନର ବ୍ୟବସ୍ଥା କରିବାରେ ଘଣ୍ଟାଏ ବିଳମ୍ବ କରୁ ନ ଥିଲେ । ସିପାହୀ ବିଦ୍ରୋହ ଦମନ ଉତ୍ତାରୁ ଯେତେବେଳେ ଇଂଲଣ୍ଡର ଲୋକମାନେ ଏ ଦେଶୀୟ ଲୋକଙ୍କୁ ନାନାମତେ ଅବିଶ୍ୱାସ କରି କଠିନ ଶାସନର ବ୍ୟବସ୍ଥା କରିବା କାରଣ ପରାମର୍ଶ ଦେଉଥିଲେ ସେତେବେଳେ ଦୟାବତୀ ସ୍ୱର୍ଗୀୟା ଭାରତେଶ୍ୱରୀଙ୍କ ମନ ତହିଁରେ ବିଚଳିତ ହେଲା ନାହିଁ । ସେ ସ୍ୱହସ୍ତରେ ଶାସନ ଭାର ଗ୍ରହଣ କରିବାର ସ୍ଥିର କରି ଯେପରି ଘୋଷଣା ପତ୍ର ପ୍ରଚାର କରିଥିଲେ ତହିଁର ପାଣ୍ଡୁଲିପି ସେ ସ୍ୱୟଂ ସଂଶୋଧନ କରିଦେଇଥିଲେ ଏବଂ ଜାତି, ଧର୍ମ, ଓ ଜନ୍ମସ୍ଥାନ ନିର୍ବିଶେଷରେ ଯୋଗ୍ୟଲୋକଙ୍କୁ ଭାରତର ଉଚ୍ଚପଦମାନ ପ୍ରଦାନ କରିବା, କାହାରି ଧର୍ମ ପରି ଅପର ଧର୍ମାବଲମ୍ବିଙ୍କର ଧର୍ମ ବିଶ୍ୱାସ ପ୍ରତି ସମୁଚିତ ଆସ୍ଥା ଦେଖାଇବା, ଭୟ ଭ୍ରାନ୍ତି ବା କୁଶିକ୍ଷାରେ ପଡ଼ି ଯେଉଁମାନେ ରାଜଦ୍ରୋହୀ ହୋଇଥିଲେ ସେମାନଙ୍କୁ କ୍ଷମା ଦେଇ ପ୍ରକୃତ ଦୋଷିଙ୍କୁ ଦଣ୍ଡ ଦେବା ଇତ୍ୟାଦି କଥାମାନ ଘୋଷଣା ପତ୍ରମଧ୍ୟରେ ସେ ନିଜେ ଲେଖାଇ ଦେଇଥିଲେ । କେମନ୍ତ ନ୍ୟାୟ, କେମନ୍ତ ଧର୍ମ ବିଶ୍ୱାସ, କେମନ୍ତ ଦୟା ! ସେହି ଘୋଷଣା ପତ୍ର ଭାରତବାସିଙ୍କର ରକ୍ଷା ପତ୍ର ସନନ୍ଦ ଅଟେ ଏବଂ ଏହିପାଇଁ ଭାରତବାସିମାନେ ତାହାଙ୍କୁ ମନୁଷ୍ୟ ଦେହରେ ଦେବତା ଜ୍ଞାନ କରୁଥିଲେ । ଦୈବଶକ୍ତି ବିନା ଏତେ ବୃହତ୍ ରାଜ୍ୟ ନ୍ୟାୟ ଧର୍ମରେ ପାଳିବା ସାମାନ୍ୟ ଲୋକ

Split by PDF Splitter

Digitized by srujanika@gmail.com

ସ୍ଥିତ ସମ୍ଭବେ କି ? ଏହି ସମସ୍ତ ଗୁଣ ହେତୁ ମାତା ଭାରତେଶ୍ୱରୀଙ୍କୁ ଭାରତବାସିମାନେ ଆନ୍ତରିକ ଭକ୍ତି କରୁଥିଲେ ଏବଂ ମୋଫସଲର ଅଜ୍ଞ ଲୋକମାନେ ପୁଝା ବିପଦ ହେଲେ ମହାରାଣୀଙ୍କର ଦୋହାଇ ଦେଉଥିଲେ । ସେହି ମହାରାଣୀ ସେମାନଙ୍କୁ ଛାଡ଼ି ଯିବାରେ ସେମାନଙ୍କର ଶୋକ ଅଭିଷ୍ଟ ହେବା ବିଚିତ୍ର ନୁହେଁ ଏବଂ ପ୍ରକୃତରେ ତାହା ହୋଇଅଛି ।

ଗତ ସୋମବାର ସକାଳ ବେଳା ଏ ନଗରର ରେଭେନସା କଲେଜଗୃହରେ ଏ ନଗରବାସିଙ୍କର ଗୋଟିଏ ସଭା ହୋଇଥିଲା । ସମ୍ଭବତଃ ଏତା ଇଂରାଜୀଭାଷାରେ ବିଜ୍ଞାପନ ବାହାରିଥିବା ହେତୁ ଅଧିକ ଲୋକର ସମାଗମ ହୋଇ ନ ଥିଲେହେଁ ଇଉରୋପୀୟ ଏବଂ ଦେଶୀୟ ପ୍ରାୟ ସକଳ ଶ୍ରେଣୀର ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ଶ୍ରୀଯୁକ୍ତ ଜଜ ବ୍ରାଉନ ସାହେବ ସଭାପତିର କାର୍ଯ୍ୟ ନିର୍ବାହ କରିଥିଲେ । ମାନ୍ୟବର ବାବୁ ମଧୁସୂଦନ ଦାସ ଏବଂ ବାବୁ କାଳନ୍ଦ ମଜୁମଦାର ସୁନ୍ଦର ଓ ସଂକ୍ଷେପ ବକ୍ତୃତାଦ୍ୱାରା ରାଜେଶ୍ୱରୀ ଭିକ୍ଟୋରିୟାଙ୍କର ଗୁଣ କୀର୍ତ୍ତନ କରିଥିଲେ । ସଭା ସମ୍ମତିରେ ଶୋକ ଓ ସହାନୁଭୂତି ଜ୍ଞାପକତାର ସମ୍ବାଦ ମହାମାନ୍ୟ ବଡ଼ଲାଟଙ୍କ ନିକଟକୁ ପଠାଇବାର ଏବଂ ସ୍ୱର୍ଗୀୟା ସାମ୍ରାଜ୍ଞୀଙ୍କର ସ୍ମରଣାର୍ଥ କୀର୍ତ୍ତି ସ୍ଥାପନ ପ୍ରସଙ୍ଗ ବିଚାର ଓ ଉଦ୍ୟମ କରିବା ନିମନ୍ତେ ଗୋଟିଏ କମିଟି ବସିବାର ପ୍ରସ୍ତାବ ଧାର୍ଯ୍ୟ ହେଲା । କମିଟିର ସଭ୍ୟ ୧୯ ଜଣ ମନୋନୀତ ହୋଇଅଛନ୍ତି । ମାନ୍ୟବର ଦାସ ମହାଶୟ ଯଥାର୍ଥ କହିଅଛନ୍ତି କି ଇଂରାଜ ରାଜତ୍ୱରେ ଓଡ଼ିଶାର ଯେତେ ଉନ୍ନତି ହୋଇଅଛି ତାହା ସମସ୍ତ ସ୍ୱର୍ଗୀୟା ମହାରାଣୀଙ୍କ ସମୟରେ ଘଟିଅଛି । ଅତଏବ ଓଡ଼ିଶାରେ ତାହାଙ୍କର ନାମ ଚିରସ୍ମରଣାର୍ଥେ କିଛି ହେବା ନିତାନ୍ତ ଆବଶ୍ୟକ ।

ମହାପୁଣ୍ୟବତୀ ରାଜରାଜେଶ୍ୱରୀଙ୍କ ଦେହ ତ୍ୟାଗାନ୍ତେ ତିନିଦିନ ପର୍ଯ୍ୟନ୍ତ ଶବ ମୃତ୍ୟୁଶଯ୍ୟାରେ ସ୍ୱଭାବ ଭୂଷିତ ଓ ସୁରକ୍ଷିତ ହୋଇ ଉପରର ସାଟିନ ଲଗା ମଣ୍ଡିତ କାଷ୍ଠ ସିନ୍ଦୁକରେ ବନ୍ଦ ହୋଇ ଗୋଟିଏ ବେଦି ଉପରେ ଯଥୋଚିତ ସମ୍ମାନପୂର୍ବକ ରଖା ଯାଇଥିଲା । ଗତ କାଲି ସେଠାରୁ ମହାସମାରୋହ ସହିତ ଜଳ ଓ ସ୍ଥଳ ପଥରେ ଲଣ୍ଡନ ନଗର ବାଟେ ଉଇଣ୍ଡସର ପ୍ରାସାଦକୁ ନିଆ ହୋଇ ସେଠା ଗିର୍ଜା ଘରେ ରଖା ଯାଇଥିବ । କିମ୍ବାଳ ଶେଷ ଶ୍ରାଦ୍ଧକାର୍ଯ୍ୟ ସମାଧା ହେବ । ଆଗାମୀ ସୋମବାର ଅପରାହ୍ଣରେ ସମାଧି ଦିଆଯିବାର ସ୍ଥିର ହୋଇଅଛି । ଆଜି ଦିନ ପ୍ରକାଶ୍ୟ ଅନ୍ତ୍ୟେଷ୍ଟି କ୍ରିୟା ଶେଷ ହେବ ଏବଂ ସମସ୍ତେ ବ୍ୟବସାୟାଦି ବନ୍ଦ କରି ଏହି ମହାଶୋକ ବ୍ୟାପାରରେ ଯୋଗ ଦେବେ ବୋଲି କଚେରି ବନ୍ଦ ହୋଇଅଛି ।

---

## ଏଡ଼ୱାର୍ଡ଼ ୭ମ ।

ମନ୍ତ୍ରୀ ସଭାସ୍ଥିତ ଭାରତବର୍ଷର ଗବର୍ଣ୍ଣର ଜେନେରାଲ ବାହାଦୂର ଘୋଷଣା ପ୍ରଚାର କରିଅଛନ୍ତି କି ପ୍ରବଳ ପ୍ରତାପ ଏଡ଼ୱାର୍ଡ ସପ୍ତମ ଇଂଲଣ୍ଡର ରାଜା ଏବଂ ଭାରତବର୍ଷର ସମ୍ରାଟ୍ ହୋଇଅଛନ୍ତି । ବିଲାତର ତାରସମ୍ବାଦରୁ ପ୍ରକାଶ ଯେ ଗତ ତା ୨୪ ରଖରେ ବିଲାତର ରାଜଭବନରେ ମନ୍ତ୍ରିସମାଜ ପରିବେଷ୍ଟିତ ହୋଇ ଏଡ଼ୱାର୍ଡ ମହୋଦୟ ରାଜ ଶପଥ ଗ୍ରହଣ ଏବଂ ଏଡ଼ୱାର୍ଡ ସପ୍ତମ ନାମ ଧାରଣ କଲେ । ପ୍ରିଭିକାଉନସିଲଙ୍କୁ ସମ୍ବୋଧନ କରି କହିଲେ କି ତାହାଙ୍କର ସ୍ୱର୍ଗୀୟା ମାତାଙ୍କର ଇଚ୍ଛାନୁସାରେ ସେ ଉକ୍ତ ନାମ ଗ୍ରହଣ କଲେ ଆଲବର୍ଟ ନାମ ଗ୍ରହଣ କରିବାକୁ ତାହାଙ୍କର ନିଜର ଇଚ୍ଛା ଥିଲା । ମାତ୍ର ସେ ନାମ ତାହାଙ୍କର ପିତାଙ୍କର ଅଟେ ଓ ସେ ତହିଁର ଯୋଗ୍ୟ ହେବେ ନାହିଁ । କେବଳ ପିତାଙ୍କର ଉଚ୍ଚ ଆଦର୍ଶ ଅନୁକରଣ କରିବାକୁ ସେ ଚେଷ୍ଟା କରିବେ । ରାଜ୍ୟଭାର ଗ୍ରହଣ କରି ସେ ଯେଉଁ ବକ୍ତୃତା ପ୍ରଦାନ କଲେ ତହିଁରେ ମାତାଙ୍କର ପରଲୋକ ପ୍ରାପ୍ତି ଏବଂ ସେଥି ନିମନ୍ତେ ଜନସାଧାରଣଙ୍କଠାରୁ ସହାନୁଭୂତି ପାଇବାର ପ୍ରକାଶ କରି କହିଲେ କି "ଯେତେଦିନ ଦେହରେ ପ୍ରାଣ ଥିବ ଲୋକଙ୍କର ହିତ ଏବଂ ଉନ୍ନତି ସକାଶେ ଅହରହ ପରିଶ୍ରମ କରିବି ଏବଂ ଆମ୍ଭର ବିଶ୍ୱାସ ଯେ ପାର୍ଲିମେଣ୍ଟ ସଭା ଓ ଜନସାଧାରଣ କଠିନ ରାଜ କାର୍ଯ୍ୟ ନିର୍ବାହରେ ଆମ୍ଭଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବେ ।" ଏହି କଥାମାନ କହିବା ଏବଂ ପିତା, ମାତାଙ୍କର ଉଲ୍ଲେଖ କରିବାବେଳେ ନବରାଜଙ୍କର ନେତ୍ର ଯୁଗଳ ଅଶ୍ରୁ ପୂର୍ଣ୍ଣ ଏବଂ କଣ୍ଠରୁଦ୍ଧ ହୋଇଥିଲା । ଏ ସମସ୍ତ ତାହାଙ୍କର ମହତ୍ ଓ ସରଳ ହୃଦୟର ପରିଚୟ ଦେଉଅଛି । ଏଥିଉତ୍ତାରୁ ସେ "ଏଡ଼ୱାର୍ଡ ରାଜା" ବୋଲି ପ୍ରଥମ କାଗଜରେ ସ୍ୱାକ୍ଷର କଲେ । ତାହା ଖଣ୍ଡିଏ ବିଜ୍ଞାପନ ଓ ତହିଁର ମର୍ମ ଏହି କି ମହାରାଣୀଙ୍କର ମୃତ୍ୟୁ ସମୟରେ ଯେଉଁ ବ୍ୟକ୍ତିମାନେ ଯେ ଯେ ଅଧିକାର ଓ କାର୍ଯ୍ୟ ନିର୍ବାହ କରୁଥିଲେ ସେମାନେ ସେ ସବୁ ନିର୍ବାହ କରୁଥିବେ । ଏହି ସମସ୍ତ ଏବଂ ଅନ୍ୟାନ୍ୟ ବିଜ୍ଞାପନ ବିଲାତର ସରକାରୀ ଗେଜେଟରେ ସର୍ବସାଧାରଣଙ୍କ ଜାଣିବା କାରଣ ପ୍ରକାଶିତ ହୋଇଅଛି ।

ଭାରତରେ ମହାମାନ୍ୟ ଗବର୍ଣ୍ଣର ଜେନେରାଲଙ୍କର ଆଦେଶ ମତେ ଗତ ଶନିବାର ଅପରାହ୍ଣ ୩ ଟା ବେଳେ କଲିକତାର ଫୋର୍ଟ ଓ ସେହି ନଗରର ଟାଉନହଲ ଗୃହର ପାହାଚ ଉପରେ ଦଣ୍ଡାୟମାନ ହୋଇ ପ୍ରବଳ ପ୍ରତାପ ଏଡ଼ୱାର୍ଡ ସପ୍ତମ ଗ୍ରେଟ ବ୍ରିଟେନ ଓ ଆଏରଲଣ୍ଡର ରାଜା ଏବଂ ଭାରତର ସମ୍ରାଟ୍ ହେବାର ଘୋଷଣା ପତ୍ର ପାଠ କଲେ । ସେ ସମୟରେ ସେଠାରେ ସମସ୍ତ ସରକାରୀ କର୍ମଚାରୀ ବିଦେଶୀୟ ଶକ୍ତିମାନଙ୍କର ରାଜଦୂତ ଓ ଅନ୍ୟ ପ୍ରତିନିଧି ବର୍ଗ ଏବଂ ନାନା ଶ୍ରେଣୀର ଦେଶୀୟ ସମ୍ଭ୍ରାନ୍ତ ଓ ସାଧାରଣ ବ୍ୟକ୍ତିମାନେ ଉପସ୍ଥିତ ହୋଇ ଅତ୍ୟନ୍ତ ଉତ୍ସାହ ସହିତ ରାଜ ସମ୍ମାନରେ ଯୋଗ ଦେଇଥିଲେ । ମାନ୍ଦ୍ରାଜ ବମ୍ବେଇ ଏବଂ ଅନ୍ୟାନ୍ୟ ପ୍ରଦେଶର ପ୍ରଧାନ ନଗରମାନଙ୍କରେ ଏହିପରି ଘୋଷଣା ପତ୍ର ପ୍ରଚାର ହୋଇଅଛି । ସଂକ୍ଷେପରେ ନୂତନ ରାଜା ହେଲେ ଇଂଲଣ୍ଡର ରାଜନୀତି ଅନୁସାରେ ଯାହା ୨ କର୍ତ୍ତବ୍ୟ ସେ ସମସ୍ତ ପ୍ରତିପାଳିତ ହୋଇଅଛି ଏବଂ ଇଂରାଜ ସାମ୍ରାଜ୍ୟର ଅସଂଖ୍ୟ ପ୍ରଜାବର୍ଗ ନୂତନ ରାଜାଙ୍କୁ ଅତ୍ୟନ୍ତ ଉତ୍ସାହ ସହିତ ଗ୍ରହଣ କରି ଅନେକ ଭବିଷ୍ୟତ ଉନ୍ନତିର ଆଶା କରୁଅଛନ୍ତି ।

ନୂତନ ରାଜା ଏଡ଼ୱାର୍ଡଙ୍କ ରାଜତ୍ୱରେ ମଙ୍ଗଳର ଆଶା କରିବା କେବଳ କଥାର କଥା ନୁହେ, ତହିଁର ବିଶେଷ କାରଣ ଅଛି । ଯେମନ୍ତ ମାତା ସ୍ୱର୍ଗୀୟା ଭିକ୍ଟୋରିୟାଙ୍କର ରାଜଦଣ୍ଡ ଧାରଣ କରିବା ସେମନ୍ତ ତାହାଙ୍କର ସୁଯୋଗ୍ୟ ପୁତ୍ର ଏଡ଼ୱାର୍ଡଙ୍କର ରାଜା ହେବା ଇତିହାସର ଅପୂର୍ବ ଘଟଣା ଅଟେ । ଭିକ୍ଟୋରିୟା ଅତି ନବୀନ ଏମନ୍ତ କି ପ୍ରାୟ ବାଳକା ବୟସରେ ରାଜସିଂହାସନ ପ୍ରାପ୍ତ ହୋଇ ସ୍ୱାଭାବିକ ସଦ୍‌ଗୁଣମାନଙ୍କ ବଳରେ ଦୀର୍ଘକାଳ ରାଜ୍ୟ କରି ଯେଉଁ ଅକ୍ଷୟ କୀର୍ତ୍ତି ରଖି ଗଲେ ତାହା ଜଗତରେ ଦୁର୍ଲଭ ଏବଂ ତହିଁ ପାଇଁ ସମସ୍ତ ଜଗତ୍‌ବାସୀ ତାହାଙ୍କୁ ଧନ୍ୟ ୨ ବୋଲି ବାସ୍ତବ ବାଦୁଅଛନ୍ତି । ତାହାଙ୍କର ଜ୍ୟେଷ୍ଠ ପୁତ୍ର ପ୍ରିନ୍ସେସ ଏଡ଼ୱାର୍ଡ ୭ମଙ୍କଠାରେ ପ୍ରକୃତରେ ମାତା ପିତାଙ୍କର ସଦ୍‌ଗୁଣମାନ ନିହିତ ହୋଇଅଛି ଏବଂ ଦୀର୍ଘକାଳ ମାତାଙ୍କ ଶିକ୍ଷାଧୀନରେ ରହି ସମସ୍ତ ରାଜ କାର୍ଯ୍ୟରେ ସୁଶିକ୍ଷିତ

Digitized by srujanika@gmail.com

Split by PDF Splitter



ହୋଇଅଛନ୍ତି । ପ୍ରକୃତରେ ମାତା ଭିକ୍ଟୋରିୟା ସ୍ୱାମୀ ବିୟୋଗ ହେଉାରୁ ଯଥାର୍ଥ ହିନ୍ଦୁ ବିଧବା ସ୍ତ୍ରୀ ସାମାଜିକ ବ୍ୟାପାରରେ ଏକ ପ୍ରକାର ଉଦାସୀନ ରହି ସେ ସମସ୍ତର ଭାର ଜ୍ୟେଷ୍ଠପୁତ୍ରଙ୍କୁ ଅର୍ପଣ ପୂର୍ବକ ସ୍ୱୟଂ କେବଳ ଅବଶ୍ୟ କର୍ତ୍ତବ୍ୟ କଠିନ ରାଜ କାର୍ଯ୍ୟରେ ନିମଗ୍ନ ଥିଲେ । ରାଜା ଏଡୱାର୍ଡ ପ୍ରାୟ ବ ୪୦ ବର୍ଷ ଏ ସକଳ କାର୍ଯ୍ୟ ପ୍ରତିନିଧିରୂପେ ନିର୍ବାହ କରି ସମସ୍ତ ଶ୍ରେଣୀର ଲୋକଙ୍କର ପ୍ରୀତି ଓ ଭକ୍ତି ଆକର୍ଷଣ କରିଅଛନ୍ତି ଏବଂ ବ୍ରିଟିଶ ସାମ୍ରାଜ୍ୟର ନାନାସ୍ଥାନ ଓ ଅନ୍ୟାନ୍ୟ ସର୍ବତ୍ର ଭ୍ରମଣ କରି ଅଶେଷ ଅଭିଜ୍ଞତା ଲାଭ କରିଅଛନ୍ତି । ତାହାଙ୍କର ସ୍ୱଭାବ ଅତି ଉଦାର ଏବଂ ସକଳ ଶୁଭକର ବିଷୟରେ ସଦା ଅନୁରାଗୀ । ସମ୍ବାଦପତ୍ରରେ ପାଠ କରୁଅଛୁଁ ଯେ ସେ ଅବସର ସମୟରେ ସାମାଜିକ ଓ ଶୁଭକର ଅନୁଷ୍ଠାନରେ ଯୋଗଦେବା କାରଣ ନଗରକୁ ଆଗମନ କରୁଥିଲେହେଁ ପ୍ରାୟ ସର୍ବଦା ଆପଣାର ଜମିଦାରୀ ଅନ୍ତର୍ଗତ ସାନ୍ଦ୍ରିଙ୍ଘାମରେ ସପରିବାରରେ ବାସ କରୁଥିଲେ ଏବଂ ସେ ଅଞ୍ଚଳର ଲୋକଙ୍କ ସହିତ ଅତ୍ୟନ୍ତ ଆତ୍ମୀୟଭାବରେ ମିଶି ସେମାନଙ୍କର ଦୁଃଖ ସୁଖରେ ଏକାନ୍ତ ସହାନୁଭୂତି ଦେଖାଉଥିଲେ । ପ୍ରତିଦିନ କେତେଗୁଡ଼ାଏ ଭଦ୍ରଲୋକଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ସହିତ ଭୋଜନ କରୁଥିଲେ ଏବଂ ଅତିଥି ସତ୍କାରରେ ସେ ସ୍ୱୟଂ ଓ ତାହାଙ୍କ ସ୍ତ୍ରୀ ଅତ୍ୟନ୍ତ ମନୋଯୋଗୀ ଥିଲେ । ପ୍ରତିଦିନ ପ୍ରାତଃକାଳରେ ଉଠି ନିତ୍ୟକର୍ମ ଓ ଅତ୍ୟାବଶ୍ୟକ କାର୍ଯ୍ୟ ଶେଷ କରି ଯେଉଁମାନେ ତାହାଙ୍କ ସହିତ ସାକ୍ଷାତ କରିବାକୁ ଆସିଥାନ୍ତି ସେମାନଙ୍କୁ ସଙ୍ଗେ ନେଇ ଉଦ୍ୟାନ, ଆଦର୍ଶ କ୍ଷେତ୍ର, ଅଶ୍ୱଶାଳା ପ୍ରଭୃତି ଯାହାର ଯହିଁରେ ଅଭିଳାଷ ଦେଖାଇ ବୁଲନ୍ତି । ତାହାଙ୍କର ଆଦର୍ଶକ୍ଷେତ୍ରର ପରିମାଣ ମା ୬୦ ଶ ଏବଂ ବୈଜ୍ଞାନିକ ମତରେ କୃଷିକାର୍ଯ୍ୟର ଉନ୍ନତି କାରଣ ଯେ ସମସ୍ତ କଳ ଓ ଯନ୍ତ୍ର ବର୍ତ୍ତମାନ ପ୍ରଚଳିତ ହୋଇଅଛି ସେ ସମସ୍ତ ତାହାଙ୍କ କ୍ଷେତ୍ରରେ ଅଛି । ଜଣେ ବିଚକ୍ଷଣ କୃଷକ ପ୍ରାୟ ସେ ସମସ୍ତ ଯନ୍ତ୍ରାଦିର କ୍ରିୟା ସେ ନିପୁଣରୂପେ ବୁଝିଅଛନ୍ତି ଏବଂ ଦର୍ଶକଙ୍କୁ ବୁଝାଇ ଦେଇ ସନ୍ତୁଷ୍ଟ କରନ୍ତି । ଉଦ୍ୟାନ ଅଶ୍ୱଶାଳା ପ୍ରଭୃତିର ସକଳ ବିଷୟରେ ତାହାଙ୍କର ଅଭିଜ୍ଞତା ପ୍ରଶଂସନୀୟ ଅଟେ । ରାଜକୀୟ ବିଷୟ ଭାବନା ସେ ସମୟରେ ତାହାଙ୍କର କାର୍ଯ୍ୟ ନ ଥିଲା ସୁତରାଂ ତହିଁରୁ ଅନ୍ତର ରହୁଥିଲେ । ତାହାଙ୍କର ସହଧର୍ମିଣୀ ଅର୍ଥାତ ବର୍ତ୍ତମାନର ରାଜ୍ଞୀ ମଧ୍ୟ ଯେମନ୍ତ ଗୁଣବତୀ ତେମନ୍ତ ସରଳହୃଦୟା ଓ ପ୍ରିୟଭାଷିଣୀ । ଗୃହକାର୍ଯ୍ୟ ଉପରେ ତାହାଙ୍କର ସର୍ବଦା ଦୃଷ୍ଟି ଏବଂ ପ୍ରତିବାସିମାନଙ୍କଠାରେ ଏତେ ସ୍ନେହ ଯେ ବେଳେ ବେଳେ ପଦବ୍ରଜେ ସେମାନଙ୍କ ଘର ବୁଲି ଦେଖନ୍ତି । ଆମ୍ଭ ଦେଶର ରାଜକୁମାରମାନେ ବାଲ୍ୟକାଳରୁ ଅତି ଆଦରରେ ବଢ଼ି କ୍ରୀଡ଼ା ପ୍ରଭୃତି ବୃଥା ଆମୋଦରେ କାଳ କଟାନ୍ତି ଓ ଉପଯୁକ୍ତ ଶିକ୍ଷା ନ ପାଇବାରୁ କୌଣସି କାର୍ଯ୍ୟର ଯୋଗ୍ୟ ହୁଅନ୍ତି ନାହିଁ । ସୁତରାଂ, ସମୟରେ ରାଜା ହେଲେ କେବଳ ପାର୍ଶ୍ୱଲୋକଙ୍କ କଥାରେ ଚାଲନ୍ତି । ଇଂରାଜ ଅମଳରେ ସେ ରୀତି କ୍ରମେ ଉଣା ପଡ଼ି ଆସୁଅଛି । ମାତ୍ର ଉତ୍ତରୋତ୍ତର ବ୍ୟବସ୍ଥା ଭଲ ପ୍ରକାର । ବିଶେଷତଃ ଆମ୍ଭମାନଙ୍କର ବର୍ତ୍ତମାନ ରାଜା ସକଳ ବିଷୟରେ ପରିପକ୍ୱତା ଲାଭ କରି ଏବଂ ଯୌବନ-ସୁଲଭ ଚଞ୍ଚଳତାକୁ ଅତିକ୍ରମ କରି ଧୀର ପ୍ରଶାନ୍ତ ବହୁଦର୍ଶୀ ବୟସରେ ସିଂହାସନାରୂଢ଼ ହୋଇଅଛନ୍ତି ଏହା ଆମ୍ଭମାନଙ୍କର ପରମଭାଗ୍ୟ ଏବଂ ଆଶା ହେଉଅଛି ଏହାଙ୍କଦ୍ୱାରା ଅଶେଷ କଲ୍ୟାଣ ସାଧିତ ହେବ । ଏପରି ରାଜା ହେବ । ବିରଳ ଘଟନା ଅଟେ ।

---

# ସାପ୍ତାହିକ ସମ୍ବାଦ

## କଲିକତା-ଗେଜେଟ୍ ।

ସବଜଜ ବାବୁ ବହ୍ନିଚନ୍ଦ୍ର ମଲ୍ଲିକ ୨ ସପ୍ତାହର ଛୁଟି ପ୍ରାପ୍ତ ହେଲେ ।

ମୁନସଫ ବାବୁ ଅଶୁତୋଷ ବାନାର୍ଜି ୨ ମାସ ପ୍ରିଭିଲେଜ ଛୁଟି ପ୍ରାପ୍ତ ହେଲେ ।

ଢାକାର ଅତିରିକ୍ତ ମୁନସଫ ବାବୁ ମୋହିନୀମୋହନ ଘୋଷ ଫରିଦପୁର ଜିଲାର ମୁନସଫପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ମୁନସଫ ବାବୁ ଶ୍ରୀଶଚନ୍ଦ୍ର ଚୌଧୁରୀ ଢାକାର ଅତିରିକ୍ତ ମୁନସଫ ପଦରେ ନିଯୁକ୍ତ ହେଲେ । ବାବୁ ଅନ୍ୟ ଆଦେଶ ପର୍ଯ୍ୟନ୍ତ ଫରିଦପୁରର ମୁନସଫପଦରେ ନିଯୁକ୍ତ ଥିବେ ।

ଯାଜପୁରର ମୁନସଫ ବାବୁ ମହେନ୍ଦ୍ରନାଥ ମୁଖର୍ଜି ମା ୨ ସପ୍ତାହ ଛୁଟି ପ୍ରାପ୍ତ ହେଲେ ।

ବାବୁ ପଦ୍ମଚରଣ ବାନାର୍ଜି ଅବୈତନିକ ଭାବରେ କେନ୍ଦ୍ରାପଡ଼ା, ଲୋକାଲ ବୋର୍ଡର ସଭ୍ୟପଦରେ ନିଯୁକ୍ତ ହୋଇଅଛନ୍ତି ।

---

ଏ ସପ୍ତାହରେ ପୂର୍ବଭଳି ଏ ନଗରରେ ଅକାଳ ମେଘାଚ୍ଛନ୍ନ ହୋଇଥିଲା ମାତ୍ର ବୃଷ୍ଟି ହୋଇ ନାହିଁ । ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

ଶ୍ରୀମତୀ ମହାରାଣୀଙ୍କର ମୃତ୍ୟୁବାର୍ତ୍ତା ପ୍ରଚାରିତ ହେବାରୁ ଏଠାର କଲେକ୍ଟରୀ ଓ ଫୌଜଦାରୀ ଓ ମିଉନିସିପାଲିଟି କଚେରିମାନ ଗତ ବୁଧବାର ବନ୍ଦ ହୋଇଥିଲା ।

ଗତ ସୋମବାର ଏଠାର ଶ୍ରୀଯୁକ୍ତ ଜଜ ସାହେବ କଚେରୀରୁ ଅତି ସମସ୍ତ ଉକିଲ ଅଶେଷର ପ୍ରତିଭଙ୍କ ସଂସ୍ରବରେ ଭିକ୍ଟୋରିଆଙ୍କର ପରଲୋକ ଗମନରେ ଗଭୀର ଶୋକ ଓ ସହାନୁଭୂତି ପ୍ରକାଶ କରି ସେଦିନ କଚେରୀ ବନ୍ଦ କରି ଘରକୁ ଚାଲିଗଲେ । ପ୍ରଥମ ଦିନ କଲିକତାରେ ହାଇକୋର୍ଟର ପ୍ରଧାନ ବିଚାରପତି ସେହିପରି କରି ତାହା ବନ୍ଦ କରିଥିଲେ ।

ଗତ ମଙ୍ଗଳବାରଠାରୁ ଏଠା ଜଜ ସାହେବଙ୍କ ଆଦାଲତରେ ଦାଇରା ବିଚାର ଆରମ୍ଭ ହୋଇଅଛି ।

ଓଡ଼ିଶା ଗଡ଼ଜାତ ଅନ୍ତର୍ଗତ କରଦ ନୟାଗଡ଼ର ନାବାଳଗ ରାଜାଙ୍କର ଶୁଭବିବାହ ଅସନ୍ତା ଗୁରୁବାରଦିନ ଗଞ୍ଜାମ ଜେଲାର ଗଡ଼ ଜାଲୁବାର ଭୂତପୂର୍ବ ରାଜା ନବକିଶୋର ସିଂହଙ୍କର ଏକମାତ୍ର କନ୍ୟାଙ୍କ ସହିତ ସମ୍ପନ୍ନ ହେବ ।

ଓଡ଼ିଶା ଗଡ଼ଜାତ ଅନ୍ତର୍ଗତ ଆଠଗଡ଼ର ରାଜା ଅଗ୍ନିଷ୍ଟୋମ ନାମକ ଯଜ୍ଞ ଏଥି ସମାରୋହରେ କରିଥିଲେ । ଶ୍ରୀପଞ୍ଚମୀର ପୂର୍ବଦିନରୁ ଯଜ୍ଞ ଆରମ୍ଭ ହୋଇ ଗତ ବୁଧବାର ଶେଷ ହେଲା । ନାନାସ୍ଥାନରୁ ଅନେକ ବ୍ରାହ୍ମଣ ପଣ୍ଡିତ ଆମନ୍ତ୍ରିତ ହୋଇ ଆସିଥିଲେ ଏଥି ପ୍ରାୟ ଦେଢ଼ହଜାର ଟଙ୍କା ବ୍ୟୟ ହେବାର କଥିତ ହୁଅଇ ।

ପରଶୋର ମହକୁମାର ଜଣେ ସ୍ତ୍ରୀକୁ ପିତ୍ତ ଜନ୍ମିତ ନଙ୍ଗଳରେ ପକାଇ ଦେଇଥିବା ଅର ରୋଗରେ ପ୍ରାଣ ତ୍ୟାଗ କରିଥିଲେ । ଡାକ୍ତରଙ୍କ ସାର୍ଟିଫିକେଟରୁ ପିତ୍ତର ପ୍ରାବଲ୍ୟରେ ମୃତ୍ୟୁ ଘଟିବାର ପ୍ରକାଶ ହେବାରୁ ଜଏଣ୍ଟ ମାଜିଷ୍ଟ୍ରେଟ ତାହାକୁ ଛାଡ଼ିଦେଲେ ।

ସନ ୧୯୦୨ ସାଲର ପ୍ରବେଶିକା ପରୀକ୍ଷା ସେହି ବର୍ଷର ମାର୍ଚ୍ଚମାସ ତା ୩ ରିଖରେ ଏବଂ ଏଫ, ଏ, ଓ ବି, ଏ ପରୀକ୍ଷାମାନ ସେହି ମାସ ତା ୧୭ ରିଖରୁ ଆରମ୍ଭ ହେବ ।

## ଯାଜପୁର-ସମ୍ବାଦ ।

ଶ୍ରୀ ଶ୍ରୀମତୀ ମହାରାଣୀ ଭିକ୍ଟୋରିଆ ଦେବୀଙ୍କର ସ୍ୱର୍ଗାରୋହଣ ମୃତ୍ୟୁ ସମ୍ବାଦ ଏଠାରେ ପ୍ରକାଶ ହେବାରୁ ଗତ ତା ୨୪ ରିଖ ଗୁରୁବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ସବଡ଼ିଭିଜନ ଅଫିସର ହତାମଧ୍ୟରେ ଏକ ସଭା ଆହୂତ ହୋଇଥିଲା, ସଭାରେ ଏଠାକାର ସମସ୍ତ ଗବର୍ଣ୍ଣମେଣ୍ଟ ଅଫିସର, ଅନେକ ଉକିଲ ମୋକ୍ତାର, ଜମିଦାର, ଶିକ୍ଷକ ଆଦି ଅନେକ ଲୋକ ଉପସ୍ଥିତ ହୋଇଥିଲେ । ସଭାରୁ ଉକ୍ତ ଶୋକର ସହାନୁଭୂତି ପତ୍ର ଭାରତୀୟ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁରଙ୍କ ସମୀପକୁ ପଠାଯିବାର ସ୍ଥିର ହୋଇ ସଭା ଭଙ୍ଗ ହେଲା ।

ଜାନୁୟାରୀ ମାସ ତା ୭ ରିଖରେ ବାହୁଣୀ ନଦୀର ବନ୍ୟା ଜଳ ଜନାର୍ଦ୍ଦନ ଘାଟରେ ଅତି ଓ ଲାଖ ଅନ୍ୟ କେତେକ ଗ୍ରାମର ରବି ଫସଲ ନଷ୍ଟ କରିଥିବା ଓ ଉକ୍ତ ବ୍ରାହ୍ମଣୀର ଶାଖା ନଦୀ ପାଟଣ୍ଡା ନଦୀର ବନ୍ୟାଜଳ ସୁକିନ୍ଦା ପାଟ ମଧ୍ୟରେ ପ୍ରବେଶ କରି ପ୍ରାୟ ତିନି ହଜାର ମାଣ ଜମିର ଶୋରିଷ ଆଦି ଫସଲ ପଡ଼ି ନଷ୍ଟ ହୋଇଯାଇଅଛି । ଏପରି ଜଳ ବୃଦ୍ଧି ହେବାର କାରଣ ଏତେଦିନେ ପ୍ରକାଶ ହୋଇଅଛି ବ୍ରାହ୍ମଣୀ ନଦୀରେ ଜଳ ଅଧିକା ପୂର୍ବରୁ (ବ୍ରାହ୍ମଣୀର ଶାଖା) ପାଟଣ୍ଡା ନଦୀର ଅନତିଦୂରରେ କଟାଣ ଉଠିଥିଲା ଜଳ ପ୍ରବେଶ ନ ହେବା ପାଇଁ ଇରିଗେସନ ବିଭାଗର କର୍ମଚାରୀମାନେ ଯେଉଁ ବନ୍ଧ ଦେଇ ଥାଆନ୍ତି ତାହା ହେବେ ନଦୀର ଜଳ ବାହାରି ଯାଇଥାନ୍ତା ଏଥର ନଦୀରେ ଜଳ ଅଧିକ ସମୟରେ ଜଳ କଟାଣମାନ ବାନ୍ଧି ଦେବା ପାଇଁ ନ ଥିବାରୁ ଏହି ବିପଦ ଘଟିଲା କାରଣ ଏଥି ବୃଥା ଗଲା ନାହିଁ । ତଦନ୍ତ ହେବା ଆବଶ୍ୟକ ।

Digitized by srujanika@gmail.com

ମୂଳ ଦେହେଲ୍ ନାମକ ଇତଗଣା ସ୍କୁଲର ନ ୧୩।୧୪ ବର୍ଷ ବୟସ୍କ ଛତ୍ର ଗତ ଶ୍ରୀପଞ୍ଚମୀ ଦିନ ସ୍କୁଲକୁ ଯାଉଥିବା ସମୟରେ ଫକୀର ମଜବ ନାମକ ଏକ ପାଣି ହାଇଲେଇକୁ ନେହାଇ ଧାଇଲେ ଯାକୁ ଏକା ଗାଉଥିବାର ଦେଖି ତାହାଁ ଅଣ୍ଟାରୁ ରୂପାର ଗୋଟାଏ ଗୁନ୍ଥଣା ଓ ଗୁଣର ଅଦ ତାହାର କର ନେଇ ପଳାଇଗଲା । ଛାତ୍ର ପିତା ମାତା ଉଭୟରେ ଘରକୁ ନ ଯାଇଁ ଛତ୍ର ଫକୀର ଗୁଇବର ଅନୁଗମନ କର ଛଡିଯାରେ ସାପଣ୍ଡା ବନ୍ଦୀ କରୁଥିବା ସମୟରେ ଛନ୍ଦାଇ କର ଛତ୍ର ଘଟନା ପ୍ରକାଶ କରବାରୁ ଚୌକିଦାରକୁ ସମ୍ବାଦ ଦେଇ ଅଣାଇ ଛତ୍ର ଫକୀରମଜବକୁ ମାଲ ସହିତ ଥାନାରେ ଦେଲା ମୋକଦମା ତଦ୍ଵାରାଧୀନରେ ଅଛି ।

## ପୁରୀ-ସମ୍ବାଦ ।

ଗତ ସପ୍ତାହରେ " ଦୁଲାପଣ୍ଡା " ସମ୍ବନ୍ଧରେ ଯେଉଁ ବିଷୟ ଲେଖାଯାଇ ଅଛି ତାହା ଭ୍ରମାତ୍ମକ ଅଟେ । ଦୁଲାପଣ୍ଡା ପରିବର୍ତ୍ତେ " ତଲଛୋ " ହେବାର ଉଚିତ । ଦୁଲାପଣ୍ଡାଙ୍କ ମଧ୍ୟରେ କୌଣସି ବିବାଦ ହୋଇ ନାହିଁ । କେବଳ ତଲଛୋ ନିଯୋଗ ମଧ୍ୟରେ ବିବାଦ ଚାଲିଥିଲା ।

କଟକ ବଡ ଦେଉଳ ଶ୍ରେଣୀରୁ ମୁକାମରୁ ଅନୁଷ୍ଠ ଏକ ସରକାର କର୍ମଚାରୀଙ୍କ ଗରିର ଧର୍ମଶାଳା କିନିବା ହନୁମାନ ଦାସ ଓ ଜଗନ୍ନାଥ ଦାସ ନାମକ ଦୁଇଟା ଅଧିକାରୁ ପୁରୀ ଛାଉଣିବାସୀ କେତେକ ଲୋକେ ତାଙ୍କ ଅତଭିତ୍ତିବଡ କ୍ରୂର ସେବା ଜଗାଇବାର୍ଥ ଆହ୍ଵାନ କରି କେହାରୁ ସେ ବଶେଷ ଦକ୍ଷ ଅର୍ଥ ଉପାର୍ଜନ କଲେ । କିନ୍ତୁ ସେ ଯାହାଙ୍କୁ ଔଷଧ ପ୍ରଦାନ କରିଥିଲେ ସେମାନଙ୍କ ମଧ୍ୟରୁ କେହି ସଫଳ ନ ହୋଇ ଅଦ୍ୟ ପର୍ଯ୍ୟନ୍ତ ବିଶେଷ ଯାତନା ଭୋଗ କରି ଅନ୍ୟ ଚିକିତ୍ସକମାନ ଦ୍ଵାରା ଚିକିତ୍ସିତ ହେବାରୁ ପ୍ରାଣରକ୍ଷା କରୁଅଛନ୍ତି, ସ୍ଵୟଂ ଅପ୍ରେ ମଧ୍ୟ ଉକ୍ତ ମହାନୁଭବଙ୍କ ପାଖ ଉତ୍ତେଜିତ ହୋଇ ସନ୍ନିପାତାକ୍ରାନ୍ତ ହୋଇଥିଲେ । କେବଳ ଛାଉଣି ସୁଦକ୍ଷକ କୃଷ୍ଣଦେବଙ୍କ ନଡାନ୍ତିଙ୍କ ସୁଚିକିତ୍ସାଗୁଣରୁ ଅତି କଷ୍ଟରେ ମୃତ୍ୟୁ-ମୁଖରୁ ରକ୍ଷିତ ହୋଇ ଅଛନ୍ତି ।

ନେପାଳ ମନ୍ତ୍ରୀଙ୍କ ମାତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନାର୍ଥ ସମାଗମ କରି ସ୍ଵପକ୍ଷ ପୋଷକ ଶ୍ରୀ ଦଃ ବାବୁ ବଙ୍କିମଚନ୍ଦ୍ର ମୁଖୋପାଧ୍ୟାୟ ସୁରକ୍ଷିତ ହୋଇ ସ୍ଵୟଂ ଶ୍ରୀଜିଉଙ୍କ ସେବାଦି-କର୍ମ ଏବଂ ଯାତ୍ରାର୍ଥ ଓ ମଦର ମଧ୍ୟରେ ସ୍ଵର୍ଣ୍ଣ ଓ ରୌପ୍ୟମୁଦ୍ରା ବିତରଣ ଇତ୍ୟାଦି କ୍ଷେତ୍ରୋଚିତ କାର୍ଯ୍ୟ ସମାପନାନ୍ତେ ପ୍ରତ୍ୟାଗମନ କରିଅଛନ୍ତି ।

ହାଇକୋର୍ଟର ଜଜ୍ ଅନରେବଲ୍ ମାନ୍ୟବର ମିଃ ଚନ୍ଦ୍ରମାଧବ ଘୋଷ ମହାଶୟ ଦର୍ଶନାର୍ଥ ଆଗମନ କରି ନିର୍ଦ୍ଦ-ଘରେ ଦର୍ଶନାନ୍ତେ ପ୍ରତ୍ୟାଗମନ କରିଅଛନ୍ତି । ଗତ ବସନ୍ତପଞ୍ଚମୀ ଉତ୍ସବ ଦିବସରେ କଲିକତାବାସୀ କେତେକ ପ୍ରଧାନ ଅମଲା ଓ ମାନ୍ୟବାନ୍ ଲୋକ ଦର୍ଶନୋପଲକ୍ଷେ ଆସିଥିଲେ ।

ଏ ବର୍ଷ ଆଗାମୀ ଗୋବିନ୍ଦଦ୍ଵାଦଶୀରେ ଭାରି ଭିଡ ଅନ୍ୟାନ୍ୟ ଯୋଗମାନ ସମ୍ପୂର୍ଣ୍ଣରୂପେ ମିଳିତ ହୋଇଥିବାରୁ ବିଶେଷ ଯାତ୍ରୀ ହେବାର ସମ୍ଭବ ।

ଏ ବର୍ଷ ଗତ ଚନ୍ଦ୍ରଭାଗା ମେଳା ଉଦ୍ଦ୍ଵୀପନ ଯୋଗରେ ପଞ୍ଚକ ଥିଲେ ହେଁ ବିଶେଷ ଜନତା ହୋଇଥିଲା ।

ଗତ ପୂର୍ବ ସପ୍ତାହରେ ସ୍ଵ ଅନୁଷ୍ଠାନ ସମିତିର ପାତ୍ର ବନ୍ଦୀ-ଶାଳ ଭବନଶାଳାରେ ସୁତ ଛିନ୍ନ କରୁ ଅଗ୍ନି ଉଠାଇ ସ୍ଥାନିତ ହେବାରୁ କିଛି ସୁତ ସହ କେତେକ ଦ୍ରବ୍ୟ ଭସ୍ମୀଭୂତ ହୋଇଅଛି । ଅଧିକାଂଶ ଗୃହ ପକ୍କା ଥିବାରୁ ବିଶେଷ ଅନିଷ୍ଟ ହୋଇ ନାହିଁ ।

ପୁରୀକଲେକ୍ଟର ଶ୍ରୀମନ୍ତ କେଲେଟ୍ଟିସାହେବ ପରଲୋକ ସମ୍ବାଦ ଶ୍ରବଣ ପରେ ଦିନ ବଜାର ସମସ୍ତ ଦୁଃଖାର୍ତ୍ତରେ ମଗ୍ନ ହୋଇଅଛନ୍ତି ଏବଂ ତାହାଙ୍କର ଆତ୍ମାର କୁଶଳ ଏବଂ ପରିବାର-ବର୍ଗର ସାନ୍ତ୍ଵନାର୍ଥ ଶ୍ରୀ ଶ୍ରୀଜଗନ୍ନାଥ ଦେବଙ୍କଠାରେ ପ୍ରାର୍ଥନା କରୁଅଛନ୍ତି ।

ଗତ କେତେକ ଦିନ ଅଫେସମାନ ବନ୍ଦ ଥିବାରୁ ଅବକାଶ ଦ୍ରବ୍ୟର ଅପେକ୍ଷାକୃତ ମୂଲ୍ୟ ବୃଦ୍ଧି ହୋଇଥିଲା ।

ଜିଲ୍ଲା ସ୍କୁଲର ବାର୍ଷିକ ପରୀକ୍ଷା ଶେଷ ହୋଇଅଛି । କେବଳ କ୍ଲାସ ପ୍ରମୋସନ ବାକି ଅଛି

ବଲଙ୍ଗା ମୁକାମରେ ଏକ ଦୋକାନରେ ୫ ୧୩୦୭ ଟଙ୍କାର ଚୋରି ହୋଇଥିବାର ସମ୍ବାଦ ମିଳଇ । ପୁଲିସ ତଦନ୍ତ ଗମନାର୍ଥ ଯାଇଥିଲେ ।

ଏଠା କଲେକ୍ଟର ମହାଶୟଙ୍କ ନାମରେ ଏକ ବ୍ୟକ୍ତି ଗୁପ୍ତ ଲେଖା ମୋକଦ୍ଦମାର ବିଚାରାର୍ଥ ଦେଇଅଛି । ଶେଷଫଳ ପରେ ପ୍ରକାଶିତ ହେବ ।

ବର୍ତ୍ତମାନ ଓଲାଉଠା ସାମାନ୍ୟରୂପେ ଆରମ୍ଭ ହୋଇଅଛି ।

ଏଠାର ସୁପ୍ରସିଦ୍ଧ ଡାକ୍ତର ବାବୁ ସତ୍ୟଭଦ୍ର ସେନ ଗୁପ୍ତ ବହୁକାଳ ପୀଡ଼ା ହେତୁ କାର୍ଯ୍ୟରୁ ଅବସର ନେଇ ବଙ୍ଗଳାରେ ଅବସ୍ଥିତ ହୋଇଥିଲେ ଗତ ପୁରେଇ ବିଷୟ ଜାଣି ମହୋଦୟ ଏଥି ମଧ୍ୟରେ ଆରୋଗ୍ୟ ଲାଭ କରି ପୁଣି ଆସିଅଛନ୍ତି ।

ବସନ୍ତପଞ୍ଚମୀଠାରୁ ଶୀତ କିଛି ପଡ଼ୁଅଛି । ଇତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ

ମହାଶୟ !

ଗତରବିବାର ଅସ୍ମାକଙ୍କର ପରମପ୍ରଣମ୍ୟା ଶ୍ରୀମତୀ ମହାରାଣୀ ଭିକ୍ଟୋରିୟାଙ୍କ ଅସ୍ତଗତ ସମ୍ବାଦ ବୈଦ୍ୟୁତିକ ତାରଦ୍ଵାରା ଅବଗତ ହୋଇ ଦେଙ୍କାନାଳ ଗଡର ପ୍ରଧାନ ମ୍ୟାନେଜର ମାନ୍ୟବର ଶ୍ରୀଯୁକ୍ତ ବାବୁ ସ୍ଵଗଦାସ ନାୟକ ମହୋଦୟ ମହାରାଣୀ ମହୋଦୟାଙ୍କ ଅନ୍ତ୍ୟେଷ୍ଟି କାମନାରେ ଅଦ୍ୟ ଶ୍ରୀ ରଘୁନାଥଙ୍କ ମନ୍ଦିରରେ ଏକ ସହର ଅନ୍ନ, ସ୍ନାନ ଓ କପିଳାଶ୍ଵରରେ ବ୍ରାହ୍ମଣ ଭୋଜନ ଏବଂ ଅନ୍ୟାନ୍ୟ ଦେବାଳୟମାନଙ୍କରେ ଦେବତାଙ୍କ ଅର୍ଚ୍ଚନା କରାଇଥିଲେ । ମାତ୍ର ଅଭାବ ଦୁଃଖର ବିଷୟ ସେ ଅଦ୍ୟ ଦିନ ସ ୧୦ ଘଣ୍ଟା ସମୟରେ ତାହାଙ୍କର ଦାରୁଣ ମୃତ୍ୟୁସମ୍ବାଦ ଲୋକ ଦ୍ଵାରା ଅବଗତ ହୋଇ ସାଧାରଣ ଶୋକବିହ୍ଵଳ ହେଲେ ଏ ସ୍ଥାନର ଦୃଶ୍ୟକାର୍ଯ୍ୟ ଓ ବଦ୍ୟତ୍ରମାନ ଏବଂ ଦରବାରଘର ଇତ୍ୟାଦି ସମସ୍ତ କର୍ମଚାରୀମାନଙ୍କ ଛତ କରାଇବାରୁ ଅକାଳ ବିଜ ସମସ୍ତେ ଶୋକ ବହନ କରୁଅଛନ୍ତି ।

ଦେଙ୍କାନାଳ } ୨୫।୧।୧୯୦୧ } ଶ୍ରୀ ଗୌରାଙ୍ଗ ରାମଚନ୍ଦ୍ର ସାବନ୍ତ

---

ଶ୍ରୀମତୀ ଭିକ୍ଟୋରିୟା ରାଣୀଙ୍କ

ମରଣୋପଲକ୍ଷେ ଭାରତବାସୀ-

ମାନଙ୍କ ବିଳାପ—

ମହାଶୟ !

ମାତ ଭିକ୍ଟୋରିୟା ଭାରତ ଈଶ୍ଵରୀ ।
ମର୍ତ୍ତ୍ୟପୁର ତ୍ୟଜି ଗଲୁକି ସ୍ଵର୍ଗପୁରୀ ।
ତୋ ମରଣ ବାର୍ତ୍ତା ଶୁଣି ଭାରତ ପୁରେ ।
କାର୍ଯ୍ୟ ସ୍ତମ୍ଭିତ କାନ୍ଦୁଛନ୍ତି ଅନ୍ତରରେ ।
କାହାର ଆଶ୍ରା ନେଇଁ ଭବ ତା ପାଳିବ ।
କେଉଁ ମହାପୁରୁଷ ଦୁଃଖ ଲିଭାଇବ ।
ମାତୃହୀନ ଶିଶୁ ଯେସନ ଦୁଃଖିତ ।
ସେହିପରି ଦଶା ଆମ୍ଭର ହେଲାତ ।
ଆହା ରେ ଦଇବ କେଡ଼େ ଦଣ୍ଡ ଦେଲୁ ।
ତନ୍ତ୍ରାନଳେ ଆମ୍ଭ ପରାଣ ଦହିଲୁ ।
ଏବେ ଆମ୍ଭ ଦୁଃଖ ଶୁଣିବ କାନ ଦେଇ ।
କିଏ ବା ପାଳିବ ଅଭୟ ଦାନ ଦେଇ ।
କାହା ନିକଟରେ ଯାଇଁ ପଶିବୁ ଶରଣ ।
କିଏ ବା ଆମ୍ଭ ଦୁଃଖ କରିବ ମୋଚନ ।
ଥକାଇ ଯଷ୍ଟି ଭୂମି ଲୋଟେ ଗଡି ଦେଇ ।
କିପରି କହିବୁ ମା ସ୍ଵପ୍ନେ କଥ କହି ।
ସ୍ଵର୍ଗେ ଏବେ କାଳ ବନ୍ଧାଇଥିଲୁ ମାଇ ।
ଦୁଃଖ ସାଗରେ ଆଜ ଭସାଇ ଦେଲୁତ ।
କେଉଁ ଅପରାଧ ଦେଖିଣ ଆମ୍ଭର ।
ଆସ୍ତେ ଛାଡିଗଲୁ ମାତ ସ୍ଵର୍ଗପୁର ।
ଆଉ କି ଦେଖିବୁ ଏ ପାପ ନୟନରେ ।
ତୋର ପରିପାଳନ ଏ ଭବ ସଂସାରେ ।
ଅଠରଶତ ଛତିଶି ବରଷରେ ।
ସିଂହାସନେ ବସିଲୁ ବରଷ ଅଠରେ ।
ପ୍ରାୟ ଚଉଷଠି ବରଷ ରାଜ୍ୟ କଲୁ ।
ଭାରତ ପ୍ରଜାଙ୍କୁ ଅଭୟ ଦେଇଥିଲୁ ।
ସଜଳା ସଫଳା ଭାରତ ଗରିମା ।
ତୋର ସଙ୍ଗେ ସଙ୍ଗେ ଗୋ ଭିକ୍ଟୋରିୟା ମା ।
କେତେ ଯଶ କେତେ କୀର୍ତ୍ତି କରିଗଲୁ ।
ଅନ୍ତେ ବୋୟରଙ୍କ ରାଜ୍ୟତ ଜିଣିଲୁ ।
ତୋ ପଦ ପାଳନରେ ଲକ୍ଷ୍ମୀ ସରସ୍ଵତୀ ।
ଏହାପରୁ ଲଭିଲେ ସଂସାରେ ଉନ୍ନତି ।
ବୁଦ୍ଧିମତୀ, ଗୁଣବତୀ ନାମ-ମତି ।
ସ୍ଵର୍ଗରାଜ୍ୟେ ସୁଖେ ଆଜ ମହାରାଣୀ ।
ଧାର୍ମିକପଣେ ତୋତେ ଦେଇ ଡାକି ନେଇ ।
ଈଶ୍ଵରଙ୍କ କୃପାରେ ଭୁଞ୍ଜ ସ୍ଵର୍ଗଶିରୀ ।

ଈଶ୍ଵରଙ୍କ ସ୍ତୁତି ।

ଅହେ କୃପାମୟ ଜଗତ ଈଶ୍ଵର
ଅଗତିର ଗତି ଦୀନବନ୍ଧୁ ଲୋ ।
ଆମ୍ଭ ମହାରାଣୀ ଭିକ୍ଟୋରିୟା ଆଜ
ଯାଇଛନ୍ତି ଭୁଞ୍ଜିବାକୁ ସ୍ଵର୍ଗରାଜ୍ୟ ।
କୃପା କର ପ୍ରଭୁ ତାଙ୍କୁ ରକ୍ଷା କର ।
ଆମ୍ଭର ପ୍ରାର୍ଥନା ଏତିକି ମାତର ।

ଜଣେ ରାଜଭକ୍ତ

Split by PDF Splitter

Digitized by srujanika@gmail.com

Split by PDF Splitter



ମହାଶୟ !

ନିମ୍ନଲିଖିତ କ୍ଷୁଦ୍ର କବିତାଟି ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାର ପାର୍ଶ୍ୱରେ ସନ୍ନିବେଶିତ କରିବା ଆଜ୍ଞା ବର୍ଦ୍ଧିତ କରିବା ହେବେ—

କାହିଁ ଗଲୁ ମାତ    ମନ୍ଦାଇ ଜଗତ
ଗ୍ରାବଭେନ୍ଦ୍ରିଅ ଲେ ଭାଇ ।
ଅସ୍ତାଚଳ-ଉଦରେ    ରଖି ସମାଦରେ
କୋଟିର ଭାରତ ସନ୍ତ ! ୧ !
ସ୍ବର୍ଗରେ ରହି    ସନ୍ତାନଙ୍କୁ ସୁଖୀ
କର ଦୁଃଖୀ ଦୁଃଖ ଦୂର !
ସୁଶାସନ ଗୁଣ    ସମସ୍ତ ନିପୁଣ
ଗଣନା ନୁହେଁ ଅପାର ! ୨ !
ସର୍ବେ ସମଭାବ    ଦେଖାଇ ସ୍ବଭାବ
ସରଳତା ଔଦାର୍ଯ୍ୟତା ।
କରିଥିଲୁ ବଶ    ସବୁରି ମାନସ
କାହାର ନ ଥିଲା ଚିନ୍ତା ! ୩ !
କୋଟିକ ଆଦର୍ଶେ    ଏ ଭାରତବର୍ଷେ
ଉନ୍ନତ ହୋଇଲେ ଲୋକେ ।
ଗୋଟି ଗୋଟି କରି    କହିବ କେ ବାହୁ
ନ ସରବ ପୋଥି ଲେଖେ ! ୪ !
ଜଳ ସ୍ଥଳ ପଥେ    ଗତାଗତ ଅର୍ଥେ
ଚଳାଇ ଜାହାଜ ରେଳ ।
ଟେଲିଗ୍ରାଫ ତାର    ଦୂରରୁ ଅବାଧ
ସର୍ଜିଲ ଅନେକ କଳ ! ୫ !
ଏତେ ଗୁଣ୍ଡିମଣି    ଥିବ କେ ତୋ ସମ
ଖୋଜିଲେ ଭୂଭାଗରେ ।
କାହିଁ ଗଲୁ ଅତ    ଏ ଭବବ ଛେଡ଼
ମହାଦ ସାନ୍ତ ଶୋକରେ ! ୬ !
ତାଙ୍କ ଚିନ୍ତା ଘନ    ଦାକନ୍ତି ଘରତା
କାତେ କଇ ବଳ ନଦୀ ଗିରି ।
କାନ୍ଦୁଛନ୍ତି ପକ୍ଷି    ପଶୁ ନିଇମାକ୍ଷି
ହେଲେ ଗୋ ଅଖିଳେଶ୍ୱରୀ ! ୭ !
କଗତର ବାସ    କ୍ଷଣାଙ୍କୁ ଗ୍ରାସ
କରଇଲା ଶୋକ ସନ୍ତୁ ।
ଉତ୍ତରଣ ଜନ    କମ୍ପିକର ବଳ
କହୁଛୁ ବା ଭାଇ କହୁଁ ! ୮ !
ତୋ ପର ଜନନୀ    କରିଇ କେ ଶୁଣି
ଦୁଃଖୀ ହେବ କଣ ପାଇଁ ।
ଜଗତ ବରତା    ପରମଦେବୀଙ୍କୁ
ପ୍ରାପ୍ତ ହେଉ ଭଲ୍ଗା ନାଇଁ ! ୯

କେନ୍ଦ୍ରାପଡ଼ା । ୬।୨।୧୯୦୯    ଶ୍ରୀ ଲକ୍ଷ୍ମୀଧର ଦାସ
। ସା । ଜୟଇଞ୍ଜିର
। ଟା । କେନ୍ଦ୍ରାପଡ଼ା

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ ବାବୁ ସଚ୍ଚିଦାନନ୍ଦ | ମଧୁଶାସନ ବାଲିଅ | ଟ ୩ | ୧ |
| ମହନ୍ତ ହରେକୃଷ୍ଣ ଦାସ | ଗୋପ | ଟ ୩ | ( |
| ଶ୍ରୀ ବାବୁ ଶ୍ୟାମସୁନ୍ଦର ରଥଶର୍ମା | ବାଲିପଡ଼ା | ଟ ୩ | ( |
| " ଜନାର୍ଦ୍ଦନ ଜେନା | ପେଷ୍କାର କୁଜଙ୍ଗ | ଟ ୩ | ( |
| " ଅଭୟଚରଣ ପଟ୍ଟନାୟକ | କଲ୍ଲି | ଟ ୩ | ( |
| ମିଃ ଏଚ୍ଃ ବ କଟେଲ୍ ପୋଷ୍ଟଅଫିସ ଚାନ୍ଦପୁର | | ଟ ୩ | ( |
| ଶ୍ରୀ ବାବୁ ବଂଶୀଧର ପଟ୍ଟନାୟକ ଜଗପୁର | ଖୁଣ୍ଟାଗାଁ | ଟ ୩ | ( |
| " ଗୋଲୋକନାଥ ଜେନା | ଭଦ୍ରକ | ଟ ୩ | ( |
| ସାମନ୍ତ ରଘୁନାଥ ଦାସ ଜମିଦାର | ବାଲେଶ୍ୱର | ଟ ୨ | ( |
| ଶ୍ରୀଯୁକ୍ତ ମହାରାଜା ମୟୂରଭଞ୍ଜ | | ଟ ୩ | ( |
| ଶ୍ରୀବାବୁ କ୍ଷେତ୍ରମୋହନ ମହାନ୍ତି ଅଃ ନାଏବ ବାଲିକୁଦା | | ଟ ୩ | ( |

## ବିଜ୍ଞାପନ ।

### ଚିକିତ୍ସା ଜଗତର ସେହି ଉଜ୍ଜ୍ୱଳ ରତ୍ନ ! !
### ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଡ୍ୟାନ୍ ଜିନ !!!

ଅନେକଙ୍କର ବିଶ୍ୱାସ ଥିଲା ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ ହେଲେ କାହିଁରେ ତାହା ଦୂରୀଭୂତ ହୁଏ ନାହିଁ କିନ୍ତୁ ଡ୍ୟାନ୍ ଜିନ୍ ପ୍ରାୟ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୂର କରିଅଛି ଅନ ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାନ ଜିନ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାରାର ଘା, ଗରମିର ଘା, କାଙ୍କର, ଭଗନ୍ଦର, ବାଘି, ନାଲିଘା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ଦାନ୍ତ ଓ ଗୋଡ଼ିହାଡ଼ର ଚମକଡ଼ିବା, ହସ୍ତପଦ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ମୁଣ୍ଡବଥା, ମୁଣ୍ଡବୁଲାଇବା, ମସ୍ତିଷ୍କ ଜ୍ୱାଳା କରିବା, କୁଣ୍ଡିଆ, କାଛୁ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ୍ ସୂତାପରି ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର ପ୍ରସ୍ରାବର ଅଳ୍ପତା ବା ଆଧିକ୍ୟ, ଜୀବଶକ୍ତି ହୀନତା, ଉଷ୍ଣାଧିକ୍ୟ ସାର୍ଯ୍ୟହୀନତା, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

ସ୍ତ୍ରୀବ୍ୟାଧି । ଯଥା;—କଷ୍ଟରଜ, ବୃତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ କାଳେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାନ୍ ଜିନ୍ ବ୍ରହ୍ମାସ୍ତ୍ର ସ୍ୱରୂପ ।

ଡ୍ୟାନ୍ ଜିନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ଶରୀରରେ ନୂତନ ରକ୍ତ କଣିକା ସୃଷ୍ଟିକରି ସବଳ ଓ ପୁଷ୍ଟି କରେ ।

ଡ୍ୟାନ୍‌ଜିନ୍‌ଶାଲସାପରି ରୋଗକୁ ଚାପି ରଖେ ନାହିଁ । ଡ୍ୟାନ୍ ଜିନ୍‌ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ ।

ଡ୍ୟାନ୍ ଜିନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରାଯାଏ । ୧ ବୋତଲ ଔଷଧ ୧୫ ଦିନ ବ୍ୟବହାର କରାଯାଏ ।

ମୂଲ୍ୟ ।

ପ୍ରତିବୋତଲ ଟ ୧୷    ୬ ବୋତଲ ଟ ୭୷
୩    "    ଟ ୪୧    ୧୨    "    ଟ ୧୪୧

ପ୍ୟାକିଂ ୧ଠାରୁ ୩ବୋତଲ ଟ ।୷ ଅଣା, ୪ ଠାରୁ ୧୨ବୋତଲ ଟ ।୶୷ ଅଣା; ଡାକମାସୁଲ ସ୍ୱତନ୍ତ୍ର

ଏକମାତ୍ର ଆବିଷ୍କାରକ ।

ଡାକ୍ତର ଜେ, ଟୀ, ମାର୍ଟିନ । ସୋଲ ଏଜେଣ୍ଟ—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଆର, ବି, ଜି, ଏଣ୍ଡକୋଂ
୨୩।୧ ନମ୍ବର ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା,

## ଉତ୍କଳସାହିତ୍ୟ ପ୍ରେସ ।

### ନୂତନ ସ୍ଥାପିତ ହୋଇଅଛି ।

ଏଠାରେ ଓଡ଼ିଆ ଓ ଇଂରାଜୀରେ ସକଳ ପ୍ରକାର ଛାପାକାର୍ଯ୍ୟ ଜସୁମିତରୂପେ ଓ ସୁଲଭ ମୂଲ୍ୟରେ ନିର୍ବାହିତ ହେବାର ବ୍ୟବସ୍ଥା ହୋଇଅଛି ।

## ଉତ୍କଳ ସାହିତ୍ୟ ।

ମାସିକ ପତ୍ର ।

ଅଗ୍ରିମ ବାର୍ଷିକ ମୂଲ୍ୟ    ଟ ୨୧
ଦରିଦ୍ର ଛାତ୍ରମାନଙ୍କ ନିମନ୍ତେ ଟ ୧୧

ଚତୁର୍ଥବର୍ଷ ଚଳୁଅଛି । ନୂତନ ଗ୍ରାହକମାନଙ୍କୁ ବର୍ଷାରମ୍ଭରୁ ସମସ୍ତ ସଂଖ୍ୟାମାନ ଦିଆଯାଇ ପାରିବ ।

ବାଲୁବଜାର କଟକ । ୧୬।୧।୧୯୦୯    ଶ୍ରୀ ବିଶ୍ୱନାଥକର
ଉତ୍କଳସାହିତ୍ୟ ସମ୍ପାଦକ

Digitized by srujanika@gmail.com

Split by PDF Splitter



NEW YORK LIFE INSURNCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

## ନୋଟିସ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି କି ଜଜପୁର ଲୋକେଲବୋର୍ଡ ଅଧୀନ ସମସ୍ତ କାଞ୍ଜିହାଉସମାନ ଉକ୍ତ ସନ ଅପ୍ରେଲ ମାସଠାରୁ ଏକ ବର୍ଷ ଯାକ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ଦିଆଯିବ । ଯେଉଁମାନେ ନିଲାମଦ୍ୱାରା ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ସନ ଆଗାମୀ ଫିବ୍ରେରୀ ମାସ ତା ୧୯ ଲୁଣ । ମୁ। ଫାଲ୍ଗୁଣ ମାସ ଦ ୮ ନ ଦେବନ ମଙ୍ଗଳବାର ଦିବା ଘ ୧୧ ଟିକା ସମୟରେ ଜଜପୁର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ନିଲାମ ଡାକ ପାରିବେ ନିଲାମ ଶେଷ ପରେ ନିଲାମୀ ଜରିମାନର ଏକ ଚୌଥ ଟଙ୍କା ଓ ପହିଲା କିସ୍ତିର ଟଙ୍କା ତହସିଲରେ ଦାଖଲ କରିବେ । ଉକ୍ତ ଟଙ୍କା ଦାଖଲ କରି ନ ପାରିଲେ ନିଲାମ ରହିତର ସର୍ତ୍ତ ଅନୁସାରେ ସ୍ଥାନ ନିଲାମୀ ଅଙ୍ଗୀକୃତ ହେବାକୁ ବାଧ୍ୟ ହେବେ । ନିଲାମ ସମ୍ବନ୍ଧେ ଅନ୍ୟ ବନ୍ଦୋବସ୍ତ ଜାଣିବାର ଆବଶ୍ୟକ ହେଲେ ଜଜପୁର ଲୋକେଲବୋର୍ଡ ଅଫିସରେ ଉପସ୍ଥିତ ହୋଇ ବୁଝି ପାରିବେ । ଇତି । ତା ୧୬।୧।୧୯୦୧

କାଞ୍ଜିହାଉସ ।

| | |
|---|---|
| ୧ ଅରକ୍ଷପୁର | ୨ ବାଲିଅଗାଳ |
| ୩ ବଡ଼ ଗୋବିନ୍ଦପୁର | ୪ ବଞ୍ଚାରପୁର |
| ୫ ଅମ୍ବୁଲୀଘ | ୬ କାବୁରୀ |
| ୭ ବଲ୍ଲଭମପୁର | ୮ ଦାଶରଥପୁର |
| ୯ ବୈଶ | ୧୦ ରକୁଣୀ |
| ୧୧ ଧର୍ମଶାଳା | ୧୨ ଅଭୟଣ |
| ୧୩ ହାଥୀବାଡି | ୧୪ କୋରଇ |
| ୧୫ ଜଗତପୁର | ୧୬ ହାତପେଡ଼ା |
| ୧୭ ଖଣ୍ଡିତର | ୧୮ ଲକ୍ଷ୍ମୀଖାଲ |
| ୧୯ ମଲିପୁର | ୨୦ ବିନ୍ଦୁପୁର |
| ୨୧ ସୁକିନ୍ଦା | ୨୨ ଜାଗ୍ରିପୋଟ |
| ୨୩ ଭୁଝିଆ | ୨୪ ବଡ଼ଚଣା |
| ୨୫ ଦର୍ପଣୀଗଡ଼ | |

Jajpur Local Boad's office,
15—1—1901.

*Vice-Chairman.*




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଲୀନ

ଏହି ତୈଲ କେଶ ସମ୍ବର୍ଦ୍ଧନ କରେ। ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୃଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥା:— ସୁବାସିତ କୁନ୍ତଲୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଲୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଲୀନର ମୂଲ୍ୟ ଦୁଇ ଟଙ୍କା, ଚମ୍ପକଗନ୍ଧ କୁନ୍ତଲୀନର ମୂଲ୍ୟ ଦୁଇ ଟଙ୍କା ।

### ଏସେନ୍ସ ।

ସର୍ବ ପ୍ରକାର ନାନାବିଧ ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁଗନ୍ଧ ମନୋମୁଗ୍ଧକର । ନାମ—ଗ୍ଲୋରିଅସ୍ ମଲିକା; ଜାସମିନ; ଲିଲାକ; ଜୁଇ; ଚେରିବ୍ଲସମ୍; କାଳି ଗୋଲାପ; ବକୁଳ; ଶେଫାଳି; ମିଲ୍‌ଫ୍ଲାୱାର; କ୍ରିଷ୍ଟାଲ ବକେ; ଚମ୍ପକ; ଭାୟୋଲେଟ; ମ୍ୟାଗ୍ନୋଲିଆ; ହୋୱାଇଟ୍‌ରୋଜ ଇତ୍ୟାଦି । ମୂଲ୍ୟ ପ୍ରତି ଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲୋଟସ ଓଡ଼ ଟୋଏଲେଟ ବଡ଼ଶିଶି ଆଠଅଣା, ଛୋଟଶିଶି ଚାରିଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା; ମୁଷ୍କ ପମେଟମ ଚାରିଅଣା ।

### ଛାମ୍‌ପୁଗୀନ

ଏହା ସୁବାସିତ ଓ ସୁସ୍ୱାଦୁ ଉପାଦେୟ ଅପୂର୍ବ ସାମଗ୍ରୀ । ଗ୍ରୀଷ୍ମ ସମୟରେ ଲବଣ ମିଶାଇ ଦେଲେ ଉତ୍ତମ ସରବତ ହୁଏ । ମୂଲ୍ୟ ପ୍ରତି ଶିଶି ଆଠଅଣା ।

### ସକ୍କରିନ୍ ଅଥବା ସିରପ୍

ଗ୍ରୀଷ୍ମକାଳ ନିମନ୍ତେ ଏହାଠାରୁ ଉତ୍କୃଷ୍ଟତମ ଆଉ ନାହିଁ ।

ଲେମନ ସିରପ୍ ଚାରିଅଣା । ଲିଚୁର ସିରପ୍ ଚାରିଅଣା । ଅରେଞ୍ଜ ସିରପ୍ ଚାରିଅଣା । ପେଲ ସିରପ୍ ଏକଟଙ୍କା । ରୋଜ୍‌ଭିଉ ସିରପ୍ ଏକଟଙ୍କା ।

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ଯଦି କେହିଲେ ଡାକଦ୍ୱାରା ଭି ପି ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ସମ୍ଭ୍ରାନ୍ତ ଗୃହସ୍ଥମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରଦ୍ୱାରା ଓ ଡାକଖର୍ଚ୍ଚ ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>ନଂ ୬୨ ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE<br>62 Bow Bazar Street<br>Calcutta. |

କଟକରେ "ଉତ୍କଳ ସ୍ୱଦେଶୀ ସମିତି ଭଣ୍ଡାର"ରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବାର୍ଷିକ ଅଗ୍ରିମ ମୂଲ୍ୟ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା:—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୦ ୬ ୬ |
| ଅଧିକ୍ରମ | ୩ ୨ ୧ |
| ପୂର୍ଣ ଏକ ସ୍ତମ୍ଭ ୫ ୬ ୧ | |

ମାସ ଚଳିଲେ ବିଜ୍ଞାପନ ଦେଲେ ଅନୁଗ୍ରହରେ ରିହାତି ଖର୍ଚ୍ଚ ୫୦ ୧ ଶାରୁ ଭିଣ ହେବ କାହିଁ କି ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ନିଆଯିବ।

ଅଧିକ ଦିନ ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

ଏହି ଉତ୍କଳଦୀପିକା ... ପ୍ରେସରେ ... କଟକ ... ସମ୍ପାଦକଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com